

**'ରାମାୟଣ' ବିଭୀଷଣ ଭୂମିକାରେ ବିବେକ**

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-128 ◆TUESDAY ◆4 NOVEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୨୮ ◆ମଙ୍ଗଳବାର ◆୪ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


ଜୁକରବର୍ଗଙ୍କୁ ପଛରେ ପକାଇଲେ

## ୨୨ ବର୍ଷୀୟ ୩ ଯୁବକ ବିଶ୍ୱ ଅରବପତି

■ **ନୂଆଦିଲ୍ଲୀ, ୩।୧୧ (ଏଜେନ୍ସି):** ଭାରତୀୟ ବଂଶୋଦ୍ଭବ ଏବଂ ଆମେରିକାର ୨୨ ବର୍ଷୀୟ ତିନି ଯୁବକ ରେକର୍ଡ କରିଛନ୍ତି। ଏହି ତିନି ଜଣ ମେଟା ମାଲିକ ମାରକ ଜୁକରବର୍ଗଙ୍କୁ ପଛରେ ପକାଇ ଦେଇଛନ୍ତି। ମର୍କୋର କମ୍ପାନୀର ଏହି ତିନି ପ୍ରତିଷ୍ଠାତା ବିଶ୍ୱର ସବୁଠାରୁ ଯୁବ ଅରବପତି (ନିଜ ପ୍ରଚେଷ୍ଟା) ପାଲଟି ଯାଇଛନ୍ତି। ୨୦୦୮ରେ ୨୩ ବର୍ଷ ବୟସରେ ମାର୍କ ଜୁକରବର୍ଗ ଅରବପତି ତାଲିକାରେ ସାମିଲ ହୋଇଥିଲେ। କିନ୍ତୁ ଏବେ ଏଆଇ ନିଯୁକ୍ତି ଷ୍ଟାର୍ଟଅପ୍ 'ମର୍କୋର' ପ୍ରତିଷ୍ଠା କରିଥିବା ଉଚ୍ଚ ବିଦ୍ୟାଳୟର ତିନି ବନ୍ଧୁ ବ୍ରେଣ୍ଡନ ଫୁଡି, ଆଦର୍ଶ ହେରମଥ ଏବଂ ସୂର୍ଯ୍ୟା ମିଧା ଏହି ତାଲିକାରେ ସାମିଲ ହୋଇଛନ୍ତି।



ବିଶ୍ୱ ଅରବପତିରେ ୨ ଭାରତୀୟ

ଫୋର୍ବସର ରିପୋର୍ଟ ଅନୁଯାୟୀ, ସାନ୍ ଫ୍ରାନ୍‌ସିସ୍‌କୋ ସ୍ଥିତ ଏହି ଷ୍ଟାର୍ଟଅପ୍ ନିକଟରେ ୩୫ କୋଟି ଡଲାରର ପାଣ୍ଠି ସଂଗ୍ରହ କରିଥିଲା। ଏହା ଦ୍ୱାରା କମ୍ପାନୀର ମୂଲ୍ୟାଙ୍କନ ବଢ଼ି ୧୦ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ଏହି ପାଣ୍ଠି ହାସଲ ପରେ ଏଆଇ କମ୍ପାନୀର ସିଇଓ ବ୍ରେଣ୍ଡନ ଫୁଡି, ଏହାର ଭାରତୀୟ ବଂଶୋଦ୍ଭବ ସିଟିଓ ଆଦର୍ଶ ହେରମଥ ଏବଂ ବୋର୍ଡ ଅଧ୍ୟକ୍ଷ ସୂର୍ଯ୍ୟା ମିଧା ବିଶ୍ୱର ସବୁଠାରୁ କମ୍ ବୟସ୍କ ଅରବପତି ହୋଇଛନ୍ତି।

ନିଶାସକ୍ତ ଡ୍ରାଇଭର୍‌ର ଉନ୍ମତ୍ତ କାଣ୍ଡ

## ୨୦ଟି ଗାଡ଼ି ଉପରେ ଚଢ଼ାଇ ଦେଲା ଡମ୍ଫର, ୧୯ ମୃତ

■ **ଜୟପୁର, ୩।୧୧(ଏଜେନ୍ସି):** ରାଜସ୍ଥାନରେ ଆଜି ଏକ ଅଭାବନୀୟ ଦୁର୍ଘଟଣା ଦେଖିବାକୁ ମିଳିଛି। ଡମ୍ଫର ଟ୍ରକ ଚଳାଉଥିବା ଜଣେ ମଦ୍ୟପ ଡ୍ରାଇଭରର ତାଣ୍ଡବରେ ରକ୍ତରଞ୍ଜିତ ହୋଇଛି ଜୟପୁର ରାସ୍ତା। ଅତ୍ୟଧିକ ମଦପାନ କରି ସେ ଏମିତି ଟ୍ରକ ଚଳାଉଥିଲା ଯେ ତା ସାମନାରେ ଯିଏ ଆସିଲା, ତାକୁ ମଡ଼ାଇଚାଲିଲା। ଏମିତି ପାଞ୍ଚ କିଲୋମିଟର ଯାଏଁ ସେ ରଚିଥିଲା ଏମିତି ତାଣ୍ଡବ। ଯିଏ ଯେତେ ଅଟକାଇଲେ ବି ସେ ଶୁଣିନଥିଲା। ଶେଷରେ ବଡ଼ ଧରଣର ଦୁର୍ଘଟଣାର ସମ୍ମୁଖୀନ ହେବାପରେ ତାର ଗାଡ଼ି ଅଟକିଥିଲା। ତା ଟ୍ରକ ତଳେ ୨୦ରୁ ଅଧିକ ଗାଡ଼ି ଚାପି ହୋଇ ଚୂରମାର ହୋଇଯାଇଥିବା ବେଳେ ୧୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ୩୦ରୁ ଅଧିକ ଆହତ ହୋଇଛନ୍ତି। ଆହତମାନଙ୍କୁ ବିଭିନ୍ନ ମେଡିକାଲରେ ଭର୍ତ୍ତି କରାଯାଇଛି।



ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ ଯେ ଡ୍ରାଇଭର ଏତେ ମଦ ପିଇଥିଲା ଯେ ସେ ନିଜ ନିୟନ୍ତ୍ରଣରେ ନଥିଲା। ଗୋଟିଏ ପରେ ଗୋଟିଏ ଗାଡ଼ି ଉପରେ ଟ୍ରକ ଚଢ଼ିଯାଇଥିଲା। ଏଥିରେ ଅନେକ କାର ଏବଂ ଦୁଇ ଚକିଆ ଓ ତିନି ଚକିଆ ଯାନ ରହିଛି। ୫ କିଲୋମିଟର ▶ପୃଷ୍ଠା-୭

### ବିଜେପିକୁ ନବୀନଙ୍କ ଶାଣିତ ନିଶାଣ

# ମୋ ପ୍ରତି ବିଶ୍ୱାସଘାତକତା ହୋଇଛି







## 'ମିଛ ପ୍ରତିଶ୍ରୁତିର ଜବାବ ଦେବେ ନୂଆପଡ଼ାବାସୀ'

- ଭୋଟ ଚୋରି କରି ସରକାର ଗଢ଼ିଲେ; ଏବେ ପ୍ରାର୍ଥୀ ଚୋରି
- 'ଗେମ୍ ଚେଞ୍ଜର୍' ନୁହେଁ; ରାଜ୍ୟ ସରକାର ଖାଲି 'ନେମ୍ ଚେଞ୍ଜର୍'
- ବିଜେପି ସରକାର ମିଛ ପ୍ରଚାରରେ ହିରୋ; କାମରେ ଜିରୋ
- ରାଜ୍ୟ ସାରା ବିକାଶ କାମ ବନ୍ଦ, ସୀମା ଟପିଛି ନାରୀ ଅତ୍ୟାଚାର

■ **ନୂଆପଡ଼ା,୩।୧୧ (ସମିସ):** କୋମନାର ଧାନମଣ୍ଡି ପଡ଼ିଆଠାରେ ଆୟୋଜିତ ବିଶାଳ ସମାବେଶରେ ସିଧା ନିଶାଣ ସହ ବିଜେପିକୁ ଶାଣିତ ସମାଲୋଚନା କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି କେବଳ ପ୍ରଚାରରେ ହିରୋ ଓ କାମରେ ଜିରୋ ବୋଲି କହିବା ସହ ରାଜ୍ୟ ବିଜେପି ସରକାରକୁ 'ଗେମ୍ ଚେଞ୍ଜର' ନୁହେଁ; କେବଳ 'ନେମ୍ ଚେଞ୍ଜର' ବୋଲି କଟାକ୍ଷ କରିଛନ୍ତି।

ଉପନିର୍ବାଚନ ପ୍ରଚାର ଉପଲକ୍ଷେ ସୋମବାର ନୂଆପଡ଼ାର ତରବୋଡ଼ଠାରେ ଆୟୋଜିତ ବିଶାଳ ଜନସମାବେଶକୁ ସମ୍ବୋଧିତ କରି ନବୀନ କହିଥିଲେ, ମୋ ପ୍ରତି ବିଶ୍ୱାସଘାତକତା ହୋଇଛି। ପ୍ରଥମେ ଭୋଟ୍ ଚୋରି କରି ରାଜ୍ୟରେ ସରକାର ଗଢ଼ିଲେ, ଏବେ ପ୍ରାର୍ଥୀ ଚୋରି କରିଛନ୍ତି। ରାଜ୍ୟ ବିଜେପି ସରକାର କେବଳ ରଙ୍ଗମରା ସରକାର ବୋଲି ଉଲ୍ଲେଖ କରି ୩୦୦ ୟୁନିଟ୍ ମାଗଣା ବିଜୁଳି, ବୁଢ଼ାବୁଢ଼ୀଙ୍କୁ ୩୫୦୦ଟଙ୍କା ଭତ୍ତା, ସବୁ ପଞ୍ଚାୟତରେ ୧୦୦ ଯୁବକଙ୍କୁ ଚାକିରି, କଟ୍‌ନୀଛଟ୍‌ନୀ ବନ୍ଦ କରିବା ପାଇଁ ନିର୍ବାଚନ ସମୟରେ ବିଜେପି ଦେଇଥିବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ନବୀନ ପ୍ରଶ୍ନ କରିଥିଲେ। ସାଧାରଣ ଲୋକଙ୍କ ମନରେ ଏ ସରକାର ବିରୋଧରେ ଯେଉଁ କ୍ରୋଧ ଓ କ୍ଷୋଭ ସୃଷ୍ଟି ହୋଇଛି, ଉପନିର୍ବାଚନରେ ତାହା ପ୍ରତିଫଳିତ ହେବ। ଆସନ୍ତା ୧୧ରେ ନୂଆପଡ଼ାବାସୀ ରାଜ୍ୟ ବିଜେପିର ମିଛ ପ୍ରତିଶ୍ରୁତି ଓ ବିଶ୍ୱାସଘାତକତାର ଜବାବ ଦେବେ ଏବଂ ଶଙ୍ଖ ଚିହ୍ନରେ ଭୋଟଦେଇ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିଜୟୀ କରିବେ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଆଜି ସ୍ୱତନ୍ତ୍ର ବିମାନ ଯୋଗେ ନବୀନ ଗୋଟମା ଏୟାରଷ୍ଟ୍ରିପରେ ପହଞ୍ଚିବା ପରେ ହେଲିକପ୍ଟର ଯୋଗେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍‌ର ତରବୋଡ଼ ଅନ୍ତର୍ଗତ ଧାନମଣ୍ଡି ପଡିଆରେ ଆୟୋଜିତ ସମାବେଶରେ ପହଞ୍ଚିଥିଲେ। ନିଜ ଉଦ୍‌ବୋଧନରେ ପ୍ରଥମେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନୂଆପଡ଼ା ଜିଲ୍ଲା ଗଠନରେ ବିଜୁବାବୁଙ୍କ ଅବଦାନ ବିଷୟରେ ସ୍ମରଣ କରିଥିଲେ। ନବୀନ କହିଥିଲେ ଯେ ବିଜୁ ଜନତା ଦଳ ସରକାର ସମୟରେ ନୂଆପଡ଼ା ଜିଲ୍ଲାରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। ଗମନାଗମନ ପାଇଁ ବିଜୁ ଏକ୍ସପ୍ରେସ ୱେ' ନିର୍ମାଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ୧୦ ହଜାର ହେକ୍ଟରରୁ ଅଧିକ କ୍ଷେତକୁ ଜଳସେଚନ କରାଯାଇଛି। ଆମ ସରକାର ସମୟରେ ସୁନାବେଡ଼ା ଅଭୟାରଣ୍ୟର ଲୋକଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା; କିନ୍ତୁ ବିଜେପି ସରକାର ଆସିବା ପରେ ରାଜ୍ୟରେ ପରିସ୍ଥିତି ପୂରା ବଦଳି ଯାଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। ▶ପୃଷ୍ଠା-୭

## ଅନିଲ ଅମ୍ବାନୀଙ୍କ ବିଳାସପୂର୍ଣ୍ଣ ଅଟ୍ଟାଳିକା ଜବତ କଲା ଇଡି

### ୭,୫୦୦ କୋଟିର ସମ୍ପତ୍ତି ଜବତ କଲା ଇଡି

■ **ମୁମ୍ବଇ, ୩।୧୧ (ଏଜେନ୍ସି):** ବ୍ୟବସାୟୀ ଅନିଲ ଅମ୍ବାନୀଙ୍କ ସଙ୍କଟ ବଢ଼ିବାରେ ଲାଗିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅନିଲଙ୍କ ରିଲାଏନ୍ସ ଗ୍ରୁପ ସମ୍ବନ୍ଧିତ ୪୦ରୁ ଅଧିକ ସମ୍ପତ୍ତି ଜବତ କରିଛି। ଏହି ସମ୍ପତ୍ତିର ମୂଲ୍ୟ ପ୍ରାୟ ୭,୫୦୦ କୋଟି ଟଙ୍କା ହେବ। ଜବତ ସମ୍ପତ୍ତି ମଧ୍ୟରେ ମୁମ୍ବଇର ପାଲି ହିଲ୍ସ ସ୍ଥିତ ବିଳାସପୂର୍ଣ୍ଣ ଘର ଏବଂ ରିଲାଏନ୍ସ ଗ୍ରୁପ୍‌ର ୧୩୨ ଏକର ଜମି ସାମିଲ ରହିଛି। ଏହି ଜମି ନଭି ମୁମ୍ବଇ ସ୍ଥିତ ଧିରୁଭାଇ ଅମ୍ବାନୀ ନଲେଜ ସିଟି (ଡିଏକେସି)ରେ ରହିଛି। ଏହାର ମୂଲ୍ୟ ପ୍ରାୟ ୪.୪୬୨.୮୧ କୋଟି ଟଙ୍କା ହେବ।ଏହା ବ୍ୟତୀତ ଦିଲ୍ଲୀ, ନୋଏଡା, ଗାଜିଆବାଦ, ମୁମ୍ବଇ, ପୁନେ, ଥାନେ, ହାଇଦାରାବଦ, ଚେନ୍ନଇ, କାଞ୍ଚିପୁରମ ଏବଂ ଇଷ୍ଟ ଗୋଦାବରୀ ଭଳି ସହରରେ ଥିବା ସମ୍ପତ୍ତିକୁ ମଧ୍ୟ ଜବତ କରାଯାଇଛି।



ଏଥିରେ ରେସିଡେନସିଆଲ ୟୁନିଟ୍ସ, ଅଫିସ ସ୍ପେସ ଏବଂ ଲ୍ୟାଣ୍ଡ ପାର୍ସଲ ରହିଛି। ମନି ଲଣ୍ଡରିଂ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହା ୟେସ ବ୍ୟାଙ୍କ ସମ୍ବନ୍ଧିତ ଋଣର ଡାଇଭର୍ସନ ସମ୍ବନ୍ଧିତ। ଲୋକଙ୍କ ଟଙ୍କା ଆଦାୟ କରିବା ପାଇଁ ଅନିଲଙ୍କ ସମ୍ପତ୍ତିକୁ ଜବତ କରାଯାଇଛି ବୋଲି ଇଡି ପକ୍ଷରୁ କୁହାଯାଇଛି।

ଗତ ଅକ୍ଟୋବର ୩୧ ତାରିଖରେ ମନି ଲଣ୍ଡରିଂ ନିରୋଧି ଆଇନର ଧାରା ୫(୧) ଅନୁଯାୟୀ ସମ୍ପତ୍ତି ଜବତ କରିବାକୁ ଇଡି ▶ପୃଷ୍ଠା-୭

### ପୁଣି ଚୌଦ୍ୱାର ଜେଲ୍‌ରେ ଅଘଟଣ

## ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା

■ **କଟକ, ୩।୮ (ସମିସ):** ଚୌଦ୍ୱାର ସର୍କଲ ଜେଲରେ ଆଜି ପୁଣି ଏକ ଅଘଟଣ ଘଟିଛି। ଜେଲ୍ ଭିତରେ ଜଣେ ବିଚାରାଧୀନ କଏଦୀ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ, ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ବଡ଼ମାଳି ଗ୍ରାମର ପବିତ୍ର ସାହୁ (୪୪)। ପବିତ୍ର ଏକ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଜଡ଼ିତ ଥିଲେ। ମାସକ ତଳେ ତାଙ୍କୁ ଅନ୍ୟ ଏକ ଜେଲରୁ ଏଠାକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ସକାଳେ ଜେଲ ଭିତରେ ଥିବା ପାଇଖାନା ଘରେ ସେ ବେକରେ ଏକ ଗାମୁଛା ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଜେଲ କର୍ତ୍ତୃପକ୍ଷ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ, କେଉଁ କାରଣରୁ ପବିତ୍ର ଏପରି ଚରମ ପଦକ୍ଷେପ ନେଲେ, ତାହା ସ୍ପଷ୍ଟ ହୋଇପାରିନାହିଁ। ଖବର ପାଇ ଚୌଦ୍ୱାର ପୁଲିସ ଜେଲ୍‌ରେ ପହଞ୍ଚି ଘଟଣାର ତଦନ୍ତ କରୁଛି।

ଏ ସମ୍ପର୍କରେ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ରଘୁରାଜ ମାଝୀ କହିଛନ୍ତି, ଦିନ ଓ ରାତିରେ କଏଦୀଙ୍କୁ ଯାଞ୍ଚ କରାଯାଉଛି। ଜେଲ୍ ପରିସର ଭିତରେ ▶ପୃଷ୍ଠା-୭

### ମାମୁ ଘରେ ଖେଳ ହେଲା କାଳ

## ପାଇଖାନା ଟାଙ୍କିରେ ପଡ଼ି ଚାଲିଗଲା ୩ ଶିଶୁଙ୍କ ଜୀବନ



■ **ବଡ଼ମ୍ବା, ୩।୧୧ (ସମିସ):** କଟକ ଜିଲ୍ଲା ବଡ଼ମ୍ବା ଥାନା ଅନ୍ତର୍ଗତ ରଗଡ଼ିପଡ଼ା ଗାଁରେ ଏକ ହୃଦୟବିଦାରକ ଘଟଣା ଘଟିଛି। ଆଜି ଅପରାହ୍ଣରେ ଗ୍ରାମର ହରିଜନ ସାହି ପଛ ପାଖେ ଥିବା ଏକ ପାଇଖାନା ସେପ୍ଟିକ୍ ଟାଙ୍କିରେ ପଡ଼ି ୩ ଶିଶୁ ଅକାଳରେ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଦୁଇଜଣ ନାବାଳକ ଓ ଜଣେ ନାବାଳିକା। ସେମାନେ ହେଲେ, ବଡ଼ମ୍ବା ବ୍ଲକ ଅଧୀନ ପରଜାପଡ଼ା ପଞ୍ଚାୟତର ଇଚ୍ଛାପୁର ଗ୍ରାମର ଶୁଭମ ନାଏକ (୩), କୋଳେଶ୍ୱର ପଞ୍ଚାୟତ ଅଧୀନ ବଡ଼ବାରେଣା ଗ୍ରାମର ଶିବାନୀ ନାଏକ (୭) ଓ ଶିବୁ ନାଏକ (୫)। ସେମାନେ ମାମୁଘର ରଗଡ଼ିପଡ଼ା ଗାଁକୁ ବୁଲିବାକୁ ଆସିଥିଲେ। ଆଜି ସେମାନେ ଏକାଠି ଖେଳିବା ବେଳେ ଏହି ଅଘଟଣ ଘଟିଛି। ଏହି ଦୁଃଖଦ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିବା ବେଳେ ପରିବାର ଓ ଆତ୍ମୀୟସ୍ୱଜନଙ୍କ କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଛି। ▶ପୃଷ୍ଠା-୭

**ମୃତକଙ୍କ ମଧ୍ୟରେ ୨ ନାବାଳକ ଓ ଜଣେ ନାବାଳିକା**

### ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲା

## ସିଲିକନ୍ ଟେକ୍ ସିଇଓ ସୁରେଶ ଗିରଫ

■ **ଭୁବନେଶ୍ୱର,୩।୧୧(ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିଲିକନ୍ ଟେକ୍‌ର ସିଇଓ ସୁରେଶ ଚନ୍ଦ୍ର ନାୟକଙ୍କୁ ସୋମବାର ତାଙ୍କ ପଟିଆ ବାସଭବନରୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ। ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ପଞ୍ଚସପ୍ଟର ମୁଖ୍ୟ ଶଙ୍କର ପୃଷ୍ଟିଙ୍କ ବୟାନ ଓ ମିଳିଥିବା ପ୍ରମାଣ ଆଧାରରେ ତାଙ୍କୁ ଗିରଫ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ସୂଚନା ଦେଇଛି। ଉତ୍ତରାଖଣ୍ଡରୁ ଗିରଫ ହୋଇଥିବା ଶଙ୍କରଙ୍କୁ ଦିନ ତମାମ୍ ଜେରା ପରେ ଚାକିରି ବିକ୍ରି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ସୁରେଶଙ୍କ ସିଧାସଳଖ ଲିଙ୍କ୍ ଜାଣିବାକୁ ପାଇଥିଲା। ସୁରେଶ ଏକମାତ୍ର ଲୋକ, ଯେ କି ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତି, ପ୍ରିଣ୍ଟିଂ ଏବଂ ପରିବହନ ଦାୟିତ୍ୱରେ ଥିଲେ। ଏହାପରେ ସୁରେଶ ଓ ଶଙ୍କରଙ୍କୁ ଅଲଗା ଅଲଗା ପଚରାଉଚରା କରାଯାଇଥିଲା। ବୟାନରେ ତାଳମେଳ ନ ରହିବାରୁ ଉଭୟଙ୍କୁ ଏକସଙ୍ଗରେ ଜେରା କରାଯାଇଥିଲା। ଜେରା ବେଳେ ଏସ୍‌ଆଇ ଚାକିରି ଜାଲିଆତି ସମ୍ପର୍କରେ ବହୁତଥ୍ୟ କ୍ରାଇମ୍‌ବ୍ରାଞ୍ଚ ପାଇଛି। ସୁରେଶଙ୍କ ଗୁପ୍ତ ସୂଚନା ଓ ଶଙ୍କରଙ୍କ ନେଟ୍‌ୱାର୍କ ବଳରେ ରାଜ୍ୟରେ ଏତେ ବଡ ସ୍କାମ୍ ସମ୍ଭବ ହୋଇପାରିଲା ବୋଲି କ୍ରାଇମ୍‌ବ୍ରାଞ୍ଚ ଶେଷରେ ନିର୍ଯ୍ୟାସରେ ପହଞ୍ଚିଥିବା କୁହାଯାଇଛି।

**ସିଲିକନ୍‌ର ଗୁପ୍ତ ସୂଚନା ଓ ଶଙ୍କର ନେଟ୍‌ୱର୍କ ମାଧ୍ୟମରେ ସ୍କାମ୍**

**ଶଙ୍କରଙ୍କୁ ନୂଆଦିଲ୍ଲୀର କମ୍ପାନୀ ଗେଷ୍ଟ ହାଉସ୍‌ରେ ଲୁଚାଇଥିଲେ ସୁରେଶ: କ୍ରାଇମ୍‌ବ୍ରାଞ୍ଚ**



କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏସ୍‌ଆଇ ପରୀକ୍ଷା ପରିଚାଳନା ପାଇଁ ଓପିଆର୍‌ବି ପକ୍ଷରୁ କେନ୍ଦ୍ରୀୟ ପିଏସ୍‌ୟୁ ଆଇଟିଆଇକୁ ଦାୟିତ୍ୱ ଦିଆଯାଇଥିଲା। ପରେ ଆଇଟିଆଇ ଏହି ଦାୟିତ୍ୱ ସିଲିକନ୍‌କୁ ଦେଇଥିଲା। ସିଲିକନ୍ ଏହି ଦାୟିତ୍ୱ ଶଙ୍କର ପୃଷ୍ଟିଙ୍କ ଦ୍ୱାରା ପରିଚାଳିତ ▶ପୃଷ୍ଠା-୭

### ବ୍ରହ୍ମପୁର ଜେଲ୍‌ରେ ଶଙ୍କର, ସୁରେଶ

■ **ବ୍ରହ୍ମପୁର,୩।୧୧(ସମିସ):** ପୁଲିସ ଏସଆଇ ପରୀକ୍ଷା କେଲେଙ୍କାରୀ ଘଟଣାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିକୁ ନେପାଳ-ଉତ୍ତରାଖଣ୍ଡ ସୀମାନ୍ତରୁ କାବୁ କରିବା ପରେ କ୍ରାଇମବ୍ରାଞ୍ଚ କଟକରେ ଜେରା କରିଛି। ପରେ ଶଙ୍କରର ବୟାନ ଆଧାରରେ ସିଲିକନ ଟେକ୍‌ର ମାଲିକ ସୁରେଶ ନାୟକଙ୍କୁ ଗିରଫ କରାଯାଇଛି। ଫଳରେ ଏହି ମାମଲାରେ ଗିରଫ ସଂଖ୍ୟା ୧୨୫କୁ ବୃଦ୍ଧି ପାଇଛି। ଉଭୟ ଶଙ୍କର ଓ ସୁରେଶକୁ ଆଜି କଟକରୁ କଡ଼ା ସୁରକ୍ଷା ମଧ୍ୟରେ ବ୍ରହ୍ମପୁର ଅଣାଯାଇ ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ)ଙ୍କ କୋର୍ଟରେ ହାଜର କରାଯାଇଥିଲା। ଅଧିକ ଜେରା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟରେ ୭ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲା। କୋର୍ଟ ଜାମିନ ଆବେଦନକୁ ଖାରଜ କରିଦେବା ପରେ ଉଭୟଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ▶ପୃଷ୍ଠା-୭

**୭ଦିନ ରିମାଣ୍ଡ ପାଇଁ କୋର୍ଟରେ କ୍ରାଇମବ୍ରାଞ୍ଚର ଆବେଦନ**

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

## ପୁଲିସ କବ୍‌ଜାରେ ଉମା ଓ ସୁଟର୍ କୁରୁପତି

■ **ବ୍ରହ୍ମପୁର, ୩।୧୧(ସମିସ):** ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ମାଷ୍ଟରମାଇଣ୍ଡ ତଥା ଫେରାର୍ ଅଭିଯୁକ୍ତ ଉମା ବିଶୋୟୀ ଓ ସୁଟର୍ କୁରୁପତି ଭୂୟାଁ ପୁଲିସ ପଞ୍ଝାରେ। ପୂର୍ବରୁ ଉଭୟଙ୍କ ସମ୍ପର୍କରେ ପୁଲିସ କୌଣସି ସୁରାକ ପାଇ ପାରିନଥିବା ବେଳେ ହଠାତ୍ ସେମାନଙ୍କ ଆତ୍ମସମର୍ପଣକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ସୂଚନାନୁସାରେ, ଉମା ଓ କୁରୁପତି ବ୍ରହ୍ମପୁର ପୁଲିସ ମୁଖ୍ୟାଳୟ ସମ୍ମୁଖରେ କୌଣସି ଏକ ଗାଡ଼ିରୁ ଓହ୍ଲାଇଥିଲେ। ପରେ ଉଭୟ ମୁଖ୍ୟଫାଟକ ଅତିକ୍ରମ କରି ଚାଲିଚାଲି ଯାଇ ଆତ୍ମସମର୍ପଣ କରିଥିବା ନେଇ ଆଲୋଚନା ହେଉଛି। ଆଗକୁ ନୂଆପଡ଼ା ଉପ-ନିର୍ବାଚନ ଥିବା ବେଳେ ହଠାତ୍ ପୁଲିସ ଏସଆଇ ପରୀକ୍ଷା କେଲେଙ୍କାରୀ ଘଟଣାର ମୁଖ୍ୟ ଶଙ୍କର ପୃଷ୍ଟି ଓ ବର୍ତ୍ତମାନ ପୁଣି ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଉମା ଓ କୁରୁପତିଙ୍କ ଆତ୍ମସମର୍ପଣ ଭଳି ଘଟଣା ସମସ୍ତଙ୍କୁ ଚକିତ କରିଛି। କାରଣ ଉଭୟ ଘଟଣାରେ ଫେରାର୍ ଅଭିଯୁକ୍ତମାନେ ଦୀର୍ଘଦିନ ଫେରାର୍ ରହିବା ପରେ ହଠାତ୍ ଆତ୍ମ ସମର୍ପଣ କରିଥିବାରୁ ଏଭଳି ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ ମୁଖ୍ୟାଳୟରେ ଆତ୍ମସମର୍ପଣ କରିବା ପରେ ଉମା ଓ କୁରୁପତିଙ୍କୁ କଡ଼ା ସୁରକ୍ଷାବଳୟରେ ଗୋପାଳପୁର ଥାନା ଇଲାକାରେ ଏକ ଗୁପ୍ତ ସ୍ଥାନରେ ରଖାଯାଇଛି। ସେମାନଙ୍କୁ ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ପଚରାଉଚରା କରୁଥିବା ଜଣାପଡ଼ିଛି। ଜେରା ସମୟରେ ପୁଲିସ ▶ପୃଷ୍ଠା-୭

# ପୂରା ଗାଁର ଋଣ ପରିଶୋଧ କଲେ ବ୍ୟବସାୟୀ



ଆମରେଲି, ୩।୧୧(ଏଜେନ୍ସି): ଗୁଜରାଟର ଆମରେଲି ଜିଲ୍ଲାରେ ରହୁଥିବା ଜଣେ ବ୍ୟବସାୟୀ ନିଜ ପୂରା ଗାଁକୁ ଋଣମୁକ୍ତ କରିଛନ୍ତି। ସାବରକୁଣ୍ଡଲା ତହସିଲ୍‌ର ଜିରା ଗାଁରେ ରହୁଥିବା ବାବୁଭାଇ ଜିରାୱାଲା ନାମକ ଏହି ବ୍ୟବସାୟୀ ନିଜର ଗାଁର ୨୯୦ ଜଣ କୃଷକଙ୍କ ଗତ ୩୦ ବର୍ଷର ସବୁ ଋଣ ପରିଶୋଧ କରିଛନ୍ତି। ଏହିକ୍ରମରେ ସେ ନିଜ ମାଙ୍କ ଶ୍ରାଦ୍ଧ ଦିବସରେ ୯୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ତାଙ୍କ ଏହି ଦାନ ଫଳାରେ ଗାଁର ସବୁ କୃଷକ ଏବେ ଋଣମୁକ୍ତ ହୋଇଛନ୍ତି। ୧୯୯୫ରୁ ଜିରା ସେବା ସହକାରୀ ମଣ୍ଡଳକୁ ନେଇ ଏକ ବଡ଼ ବିବାଦ ଗାଁରେ ଚାଲିଆସୁଥିଲା। ଏହି କମିଟିକୁ ସେବେକାର ପ୍ରଶାସକମାନେ କୃଷକଙ୍କ ନାମରେ ନକଲି ଋଣ ନେଇଥିଲେ। ଇତିମଧ୍ୟରେ ଏହି ଋଣ ବହୁଗୁଣା ବୃଦ୍ଧି ପାଇଥିଲା। କୃଷକଙ୍କ ଉପରେ ଋଣ ଭାର ୭ରୁ ୧୨ ଗୁଣା ବୃଦ୍ଧି ପାଇଥିଲା। ଏହି କାରଣରୁ ସରକାରଙ୍କଠାରୁ ବିଭିନ୍ନ ସହାୟତା, ଋଣ ଓ ଅନ୍ୟ ସୁବିଧା ସୁଯୋଗରୁ କୃଷକମାନେ ବଞ୍ଚିତ ହେଉଥିଲେ। ଗାଁର କୌଣସି କୃଷକଙ୍କୁ ବ୍ୟାଙ୍କ ମଧ୍ୟ ଋଣ ଦେଉ ନଥିଲା। ଫଳରେ କୃଷକମାନେ ସମସ୍ୟାରେ ପଡୁଥିଲେ। ଋଣ ପାଇଁ ଜମିର ଭାଗବଣ୍ଟା ମଧ୍ୟ ହୋଇପାରୁ ନଥିଲା। ଏଥିପାଇଁ ମୋ ମା ଚାହୁଁଥିଲେ ଯେ, ତାଙ୍କ ଗହଣା ବିକ୍ରି କରି କୃଷକଙ୍କ ଋଣ ପରିଶୋଧ କରିବାକୁ। ଶେଷରେ କୃଷକଙ୍କ ସବୁ ଋଣକୁ ପରିଶୋଧ କରିବାକୁ ଆମେ ସକ୍ଷମ ହୋଇଛୁ ବୋଲି ଜିରାୱାଲା କହିଛନ୍ତି। ଗାଁର କୃଷକଙ୍କ ଉପରେ ମୋଟ୍ ୮୯, ୮୯, ୨୦୯ ଲକ୍ଷ ଟଙ୍କା ଋଣ ଥିଲା ବୋଲି ସେ କହିଛନ୍ତି। କୃଷକମାନଙ୍କୁ ନୋ ଡିୟୁ ଅର୍ଥାତ ଋଣମୁକ୍ତ ହେବାର ପ୍ରମାଣପତ୍ର ପ୍ରଦାନ କରାଯିବା ପରେ ସାରା ଗାଁ ଖୁସିରେ ଭାବପ୍ରବଣ ହୋଇଉଠିଥିଲା। କୃଷକଙ୍କ ଆଖିରେ ଆନନ୍ଦର ଲୁହ ଦେଖିବାକୁ ମିଳିଥିଲା।

# ନକଲି ବୈଜ୍ଞାନିକ ବିଦେଶରୁ ପାଉଥିଲେ କୋଟି କୋଟି ଟଙ୍କା



ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଭାବା ଅଟୋମିକ ରିସର୍ଚ୍ଚ ସେଣ୍ଟର (ବିଏଆରସି)ର ବୈଜ୍ଞାନିକ ଭାବେ ନିଜକୁ ଦର୍ଶାଉଥିବା ଅଖତାର ହୁସେନ ନାମକ ଜଣେ ୬୦ ବର୍ଷୀୟ ବ୍ୟକ୍ତି ଦେଶ ବାହରୁ କୋଟି କୋଟି ଟଙ୍କା ପାଉଥିଲେ। ସେ ୧୯୯୫ରୁ ଅର୍ଥାତ ୩୦ ବର୍ଷଧରି ଏହି ଅର୍ଥ ପାଉଥିôବାର ତଥ୍ୟ ସାମ୍ନାକୁ ଆସିଛି। ସେ ନିଜକୁ ବିଏଆରସିର ଜଣେ ବରିଷ୍ଠ ବୈଜ୍ଞାନିକ ଭାବେ ପରିଚୟ ଦେଇ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ସ୍ଥାନକୁ ଯାଉଥିଲେ। ତାଙ୍କଠାରୁ ୧୦ଟି ନକ୍ସା ଓ ପରମାଣୁ ଅସ୍ତ୍ର ସହିତ ଜଡିତ କିଛି ସମ୍ବେଦନଶୀଳ କାଗଜପତ୍ର ଜବତ କରିଛି। ସେ ଝଡଖଣ୍ଡର ଜାମସେଦପୁର ମୂଳ ବାସିନ୍ଦା। ପୁଲିସ ଅଖତାରଙ୍କଠାରୁ ଏକାଧିକ ନକଲି ପାସପୋର୍ଟ, ଆଧାର କାର୍ଡ, ପାନକାର୍ଡ ଓ ବିଏଆରସିର ପରିଚୟପତ୍ର ଜବତ କରିଥିଲା। କିଛି ପରିଚୟ ପତ୍ରରେ ତାଙ୍କ ନା ଅଲୀ ରାଜା ଓ ଆଲେକଜାଣ୍ଡ ପାଲମର ବୋଲି ଉଲ୍ଲେଖ ରହିଛି। ଅଖତାର ଓ ତା'ର ଭାଇ ଆଦିଲ୍ ମିଳିତ ଭାବେ ୧୯୯୫ରୁ ବିଦେଶରୁ ଟଙ୍କା ପାଉଥିଲେ ବୋଲି ମୁମ୍ବଇ କ୍ରାଇମବ୍ରାଞ୍ଚ୍ କହିଛି। ଖାସ୍ କରି ୨୦୦୦ ପରଠାରୁ ସେ କୋଟି କୋଟି ଟଙ୍କା ହାସଲ କରୁଥିଲେ। ଅଖତାର ନାରେ ଗୁପ୍ତ ବ୍ୟାଙ୍କ ଆକାଉଣ୍ଟ ଥିବା ଜଣା ପଡ଼ିଛି ଓ ବହୁ ପରିମାଣରେ ଅର୍ଥ ନେଣଦେଣ ହେବା ନେଇ ପୁଲିସ ତଥ୍ୟ ହାସଲ କରିଛି। ଅଖତାର ସହ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ସହ ସମ୍ପର୍କ ଅଛି ବୋଲି ସନ୍ଦେହ କରାଯାଉଛି। ୧୯୯୬ରେ ଅଖତାର ନିଜର ପୈତୃକ ସମ୍ପତି ବିକ୍ରି କରିଦେଇଥିଲା। କିନ୍ତୁ ଏହି ପୁରୁଣା ଠିକଣାକୁ ଆଧାର କରି ନକଲି କାଗଜପତ୍ର ହାସଲ କରିଥିଲା। ଏହି ନକଲି ଦସ୍ତାବିଜ ସହ ଦୁହେଁ ଏକାଧିକବାର ବିଦେଶ ଗସ୍ତ କରିଥିଲେ।

## ଆଫଗାନରେ ଭୂକମ୍ପ; ୨୦ ମୃତ

କାବୁଲ୍, ୩।୧୧(ଏଜେନ୍ସି): ଆଫଗାନିସ୍ତାନରେ ଗତ ରାତିରେ ୬.୩ ତୀବ୍ରତାର ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଉତ୍ତର ଆଫଗାନିସ୍ତାନର ମଜାରେ-ଇ-ଶରିଫ୍‌ରେ ଏହି ଭୂକମ୍ପ ଆସିବାରୁ ୨୦ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩୨୦ ଜଣ ଆହତ ହୋଇଛନ୍ତି ବୋଲି ତାଲିବାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ମଜାରେ-ଇ- ସରିଫ୍‌ର ଖଲ୍‌ମ ସହରଠାରୁ ୨୩ କିମି ଦୂରରେ ଭୂକମ୍ପର କେନ୍ଦ୍ର ଥିଲା ବୋଲି ନ୍ୟାସନାଲ ସେଣ୍ଟର ଫର ସିସ୍‌ମୋଲୋଜି (ଏନସିଏସ୍) ତରଫରୁ ସୂଚନା ଦିଆଯାଇଛି। ରବିବାର ରାତି ୧ଟାରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା ବୋଲି ୟୁନାଇଟେଡ ଷ୍ଟେଟ୍‌ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) କହିଛି। ମାଜାରେ-ଇ- ସିରଫ୍‌ର ବ୍ଲୁ ମସଜିଦ ମଧ୍ୟ ଏଥିରେ କ୍ଷତିଗ୍ରସ୍ତ ହୋଇଛି। ଏହି ମସଜିଦ ଆଫଗାନିସ୍ତାନର ସବୁଠାରୁ ପବିତ୍ର ଧାର୍ମିକ ସ୍ଥଳି ବିବେଚିତ ହୋଇଥାଏ। ଏଠାରେ ମହାପୁରୁଷ ମହମ୍ମଦଙ୍କ ସମ୍ପର୍କୀୟ ଭାଇଙ୍କର ସମାଧି ରହିଛି ବୋଲି ବିଶ୍ୱାସ କରାଯାଏ। ଏହି ସହରରେ ୫, ୨୩, ୦୦୦ ଲୋକ ରହୁଛନ୍ତି। ୧୫୦୦ ଶତାବ୍ଦୀରେ ଏହି ମସ୍‌ଜିତ ନିର୍ମାଣ କରାଯାଇଥିଲା। ଭୂକମ୍ପର ବିଭିନ୍ନ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗତ ଅଗଷ୍ଟରେ ମଧ୍ୟ ଆଫଗାନିସ୍ତାନରେ ଏକାଧିକବାର ଭୂକମ୍ପ ଆସିଥିଲା ଓ ଏଥିରେ ୨, ୨୦୦ ଲୋକ ମୃତ୍ୟୁବରଣ କରିଥିଲେ। ଭୂକମ୍ପ ପୀଡିତଙ୍କୁ ଉଦ୍ଧାର କରିବାକୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ବିମାନବନ୍ଦର ନିକଟରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

କୋଏମ୍ବାଟୁର, ୩।୧୧(ଏଜେନ୍ସି): ତାମିଲନାଡୁର କୋଏମ୍ବାଟୁର ବିମାନବନ୍ଦରରେ ରବିବାର ରାତିରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ଛାତ୍ରୀଙ୍କୁ ୩ ଜଣ ବ୍ୟକ୍ତି ଗଣଦୁଷ୍କର୍ମ କରିଛନ୍ତି। ପୀଡିତା ରାତି ୧୧ଟାରେ ନିଜର ଜଣେ ବନ୍ଧୁଙ୍କ ସହ କାର୍‌ରେ ବସିଥିବା ବେଳେ ୩ ଅଭିଯୁକ୍ତ ସେଠାରେ ପହଞ୍ଚିଥିଲେ। ବନ୍ଧୁଙ୍କୁ ଆକ୍ରମଣ କରିବା ପରେ ଛାତ୍ରୀଙ୍କୁ ଜୋର ଜବରଦସ୍ତି କାର୍ ବାହରକୁ ଆଣି ସେଠାରୁ ଶୂନସାନ ସ୍ଥାନକୁ ନେଇଯାଇ ଏହି କାଣ୍ଡ ଘଟାଇଥିଲେ। ଦୁଷ୍କର୍ମ କରିବା ପରେ ଅଭିଯୁକ୍ତମାନେ ଛାତ୍ରୀଙ୍କୁ ସେଠାରେ ଛାଡି ଦେଇ ଚାଲିଯାଇଥିଲେ। ଆହତ ହୋଇଥିବା ଛାତ୍ରୀଙ୍କ ବନ୍ଧୁ ପୁଲିସକୁ ଏ ନେଇ ସୂଚନା ଦେଇଥିଲେ। ପୁଲିସ ରାତିସାରା ଛାତ୍ରୀଙ୍କୁ ଖୋଜିବା ପରେ ତାଙ୍କୁ ବିମାନ ବନ୍ଦରଠାରୁ ଏକ କିମି ଦୂରରେ ଏକ ଘରୋଇ କଲେଜ ପାଖରେ ବେହୋଶ ଅବସ୍ଥାରେ ଉଦ୍ଧାର କରିଥିଲା। ଛାତ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ବନ୍ଧୁଙ୍କର କୋଏମ୍ବାଟୁର ମେଡିକାଲ କଲେଜରେ ଚିକିତ୍ସା କରାଯାଉଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ୭ଟି ଟିମ୍ ଗଠନ କରିଛି। ଏହି ୩ ଜଣ ଘଟଣା ଘଟାଇବା ପୂର୍ବରୁ ଏକ ବାଇକ୍ ଚୋରି କରିଥିଲେ ବୋଲି ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି। ଏବେ ଏହି ଘଟଣା ନେଇ ରାଜନୀତି ଆରମ୍ଭ ହୋଇଛି। ତାମିଲନାଡୁରେ ଏମ୍‌କେ ଷ୍ଟାଲିନ ସରକାରଙ୍କ ବିରୋଧରେ ଆଇନ ଶୃଙ୍ଖଳା ସ୍ଥିତି ଭୁଶୁଡି ପଡ଼ିବା ନେଇ ବିରୋଧୀ ଦଳ ଅଭିଯୋଗ ଆଣିଛନ୍ତି।

## ଦିଲ୍ଲୀ ପ୍ରଦୂଷଣ : ରିପୋର୍ଟ ମାଗିଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଦିଲ୍ଲୀ- ଏନ୍‌ସିଆରରେ ଦିନକୁ ଦିନ ବୃଦ୍ଧି ପାଉଥିବା ପ୍ରଦୂଷଣ ନେଇ ସୁପ୍ରିମକୋର୍ଟରେ ସୋମବାର ଶୁଣାଣି ହୋଇଥିଲା। କୋର୍ଟ ଏ ନେଇ ସରକାରଙ୍କଠାରୁ ରିପୋର୍ଟ ମାଗିଛନ୍ତି। ଦୀପାବଳି ପରେ ପ୍ରଦୂଷଣ ବହୁ ଗୁଣରେ ବୃଦ୍ଧି ପାଇଛି। ବାୟୁଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ୍)କୁ ଏ ସଂକ୍ରାନ୍ତରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ବିଆର ଗଭାଇ ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଏମ୍‌ସି ମେହେଟା ମାମଲାର ଶୁଣାଣି କରୁଥିଲା। ବରିଷ୍ଠ ଓକିଲ ତଥା ନ୍ୟାୟମିତ୍ର ଅପରାଜିତା ସିଂ କୋର୍ଟଙ୍କୁ କହିଥିଲେ ଯେ, ଦୀପାବଳି ଦିନ ୩୭ରୁ କେବଳ ୯ଟି ଏୟାର କ୍ୱାଲିଟି ମନିଟରିଂ ଷ୍ଟେସନ ଲାଗତର କାର୍ଯ୍ୟ କରୁଥିଲା। ଯଦି ଏହା କାମ କରୁନାହିଁ, ତେବେ ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି) କେତେବେଳେ ଲାଗୁ କରାଯିବ ତାହା କିପରି ଜାଣିବା ବୋଲି ସେ ପ୍ରଶ୍ନ କରିଛନ୍ତି। ଏପର୍ଯ୍ୟନ୍ତ ପ୍ରଦୂଷଣ ରୋକିବାକୁ କି ପଦକ୍ଷେପ ସବୁ ନିଆଯାଇଛି ସେ ନେଇ କୋର୍ଟ ସିଏକ୍ୟୁଏମ୍‌କୁ ପ୍ରଶ୍ନ ପଚାରିଛନ୍ତି। ପ୍ରଦୂଷଣ ଭୟଙ୍କର ସ୍ଥିତିରେ ପହଞ୍ଚିବା ପୂର୍ବରୁ ଆଗୁଆ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉ ବୋଲି କୋର୍ଟ କହିଛନ୍ତି। ଉଲ୍ଲେଖଥାଉ କି, ଦିପାବଳୀ ପରେ ଦିଲ୍ଲୀର ଅଧିକାଂଶ ସ୍ଥାନରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ପାର କରିଥିଲା ଓ ବାୟୁରେ ଛୋଟ ଛୋଟ ଧୂଳିକଣା (ପିଏମ୍ ୨.୫) ଗତ ୫ ବର୍ଷ ମଧ୍ୟରେ ସର୍ବାଧିକ ବୃଦ୍ଧି ପାଇଥିଲା।

# ଲୁଚାଛପାରେ ଚାଲିଛି ପରମାଣୁ ପରୀକ୍ଷା !

ୱାଶିଂଟନ୍, ୩।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ସମସ୍ତଙ୍କୁ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ପରମାଣୁ ଅସ୍ତ୍ର ପରୀକ୍ଷଣ ନେଇ ସେ ଏଥର ମନ୍ତବ୍ୟ ଦେଇ ହଇଚଇ ସୃଷ୍ଟି କରିଛନ୍ତି। ପାକିସ୍ତାନ ପରମାଣୁ ଅସ୍ତ୍ର ପରୀକ୍ଷା କରୁଛି ବୋଲି ସେ କହିଛନ୍ତି। ରବିବାର ସିବିଏସ୍ ନ୍ୟୁଜିକୁ ସାକ୍ଷାତ୍‌କାର ଦେବା ଅବସରରେ ସେ ଏହି କଥା କହିଛନ୍ତି। ପୁଣିଥରେ ଆମେରିକାକୁ ପରମାଣୁ ପରୀକ୍ଷଣ ଆରମ୍ଭ କରିବାର ଅବଶ୍ୟକତା ଅଛି ବୋଲି ସେ କହିଛନ୍ତି। ଆମେରିକା ପାଖରେ ପର୍ଯ୍ୟାପ୍ତ ପରିମାଣର ପରମାଣୁ ଅସ୍ତ୍ର ରହିଛି। ଏହି ଅସ୍ତ୍ରକୁ ବ୍ୟବହାର କରି ଆମେରିକା ବିଶ୍ୱକୁ ୧୫୦ଥର ଧ୍ୱଂସ କରିବାର କ୍ଷମତା ରଖିଛି ବୋଲି ସେ ଦାବି କରିଛନ୍ତି। ଉତ୍ତର କୋରିଆକୁ ବାଦ୍ ଦେଲେ ଆଉ କୌଣସି ଦେଶ ପରମାଣୁ ପରୀକ୍ଷା କରୁନାହାନ୍ତି। ତେଣୁ ଆମେରିକା କାହିଁକି ପରୀକ୍ଷା କରିବ ବୋଲି ପ୍ରଶ୍ନ ହେବାରୁ ଟ୍ରମ୍ପ କହିଛନ୍ତି ଯେ, ପାକିସ୍ତାନ ଓ ଚୀନ୍ ଗୁପ୍ତ ଭାବେ ପରୀକ୍ଷା କରୁଛନ୍ତି। କିନ୍ତୁ ବିଶ୍ୱକୁ ଏ ନେଇ କୌଣସି ସୂଚନା ମିଳିନାହିଁ। ଟ୍ରମ୍ପ ପୂର୍ବରୁ ମଧ୍ୟ ପ୍ରତିରକ୍ଷା ମନ୍ତ୍ରଣାଳୟ (ପେଣ୍ଟାଗନ)କୁ ପରମାଣୁ ଅସ୍ତ୍ର ପରୀକ୍ଷା ଆରମ୍ଭ କରିବା ପାଇଁ ଆଦେଶ ଦେଇସାରିଛନ୍ତି।



■ ପାକିସ୍ତାନ, ଚୀନର ମୁଖା ଖୋଲିଲେ ଟ୍ରମ୍ପ

■ ବିଶ୍ୱକୁ ୧୫୦ଥର ଧ୍ୱଂସ କରିବା ପାଇଁ ପରମାଣୁ ଅସ୍ତ୍ର ଆମ ପାଖରେ ରହିଛି

ସେ ପୁଣିଥରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧକୁ ରୋକିବାରେ ବଡ଼ ଭୂମିକା ନିର୍ବାହ କରିଛନ୍ତି ବୋଲି କହିଛନ୍ତି। ଦକ୍ଷିଣ ଏସିଆର ଏହି ଦୁଇ ଦେଶ ମଧ୍ୟରେ ପରମାଣୁ ଯୁଦ୍ଧ ହେବାର ଅବକାସ ସୃଷ୍ଟି ହୋଇଥିଲା। ଯଦି ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ନ କରାଇଥାନ୍ତି, ତାହେଲେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁ ବରଣ କରିଥାନ୍ତେ ବୋଲି ସେ ଏହି ସାକ୍ଷାତକାରରେ କହିଛନ୍ତି। ମଧ୍ୟସ୍ଥତା କରିବା ପରେ ସ୍ଥିତି ଶାନ୍ତ ହୋଇଥିଲା ଓ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଆଗକୁ ବଢ଼ି ନଥିଲା। ପୂର୍ବରୁ ମଧ୍ୟ ଟ୍ରମ୍ପ ଏ ନେଇ ଏକାଧିକ ବାର ଦାବି କରିଆସିଛନ୍ତି। ସେ ମୋଟ ଉପରେ ୭୦ଥର ଏପରି ଦାବି କରିଛନ୍ତି। ଗତ ସପ୍ତାହରେ ଟ୍ରମ୍ପ ଦକ୍ଷିଣ କୋରିଆରେ ଏପରି ଦାବି କରିଥିଲେ। ଭାରତ ଓ ପାକିସ୍ତାନ ଉପରେ ୨୫୦ ପ୍ରତିଶତ ଟାରିଫ ଲାଗୁ କରିବାକୁ ଧମକ ଦେବା ପରେ ଦୁଇ ଦେଶ ଫୋନ୍ କରି ଅସ୍ତ୍ରବିରତି ନେଇ ସହମିତ ପ୍ରକାଶ କରିଥିଲେ। ସେହିପରି ସେ ଚୀନ୍ ଓ ତାଇୱାନ ନେଇ ନିଜର ମତ ରଖିଥିଲେ। ଯଦି ତାଇୱାନ ଉପରେ ଚୀନ୍ ଆକ୍ରମଣ କରେ ତେବେ ଗମ୍ଭୀର ପରିଣାମ ଭୋଗିବାକୁ ହେବ ବୋଲି ସେ କହିଥିଲେ। ସେ ମଧ୍ୟ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କୁ ପ୍ରଶଂସା କରିଥିଲେ। ଯଦି ଆମେରିକା ପରମାଣୁ ପରୀକ୍ଷା କରେ ତେବେ ୩ ଦଶନ୍ଧି ପରେ ଏପରି ହେବ। ଚୀନ୍ ଓ ରୁଷ୍ ଏପରି କରୁଥିବାରୁ ଆମେରିକା ମଧ୍ୟ ପରମାଣୁ ଅସ୍ତ୍ର ପରୀକ୍ଷା କରିବା ଯଥାର୍ଥ ହେବ ବୋଲି ସେ କହିଥିଲେ।

## ଡିଜିଟାଲ ଆରେଷ୍ଟ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ



ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଦେଶବ୍ୟାପୀ ଡିଜିଟାଲ ଆରେଷ୍ଟ ଓ ସାଇବର ଠକେଇ ମାମଲା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସୁପ୍ରିମକୋର୍ଟ ଅସନ୍ତୋଷ ଜାହିର କରିଛନ୍ତି। ସରକାର ସାଇବର ଠକେଇ ସହ ଜଡିତ ତଥ୍ୟ ଦେଇଥିଲେ। ଦେଶବ୍ୟାପୀ ଏହି ଠକେଇରେ ପୀଡିତମାନଙ୍କଠାରୁ ପାଖାପାଖି ୩ ହଜାର କୋଟି ଟଙ୍କା ଲୁଟି ନିଆଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା। ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଏହି ମାମଲାକୁ କଠୋରତା ସହ ମୁକାବିଲା କରିବାକୁ ହେବ। ଦେଶର ୩ ହଜାର କୋଟି ଟଙ୍କାର ସାଇବର ଠକେଇ ହେବା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ଓ ଚିନ୍ତାଜନକ ବୋଲି କୋର୍ଟ କହିଛନ୍ତି। ଏନେଇ ଖୁବ୍‌ଶୀଘ୍ର ଦିଶା ନିର୍ଦ୍ଦେଶ ଜାରି କରାଯିବ।

ପୂର୍ବରୁ ଅକ୍ଟୋବର ୨୭ରେ ହୋଇଥିବା ଶୁଣାଣିରେ ସବୁ ରାଜ୍ୟରେ ହୋଇଥିବା ଡିଜିଟାଲ ଆରେଷ୍ଟ ସମ୍ପର୍କିତ ଏଫ୍ଆଇଆରର ସମ୍ପର୍କରେ ସୂଚନା ମାଗିଥିଲେ। ଏଥିସହ ସିବିଆଇ ପାଖରେ ଏହି ମାମଲାଗୁଡିକର ଯାଞ୍ଚ ପାଇଁ ପର୍ଯ୍ୟାପ୍ତ ସଂଶାଧନ ଅଛି କି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। କେନ୍ଦ୍ର ଗୃହମନ୍ତ୍ରଣାଳୟ ଓ ସିବିଆଇ ଏ ନେଇ କୋର୍ଟଙ୍କୁ ଏକ ଲଫାପାରେ ବନ୍ଦ ହୋଇଥିବା ରିପୋର୍ଟ ପ୍ରଦାନ କରିଥିଲେ।

■ ୩ ହଜାର କୋଟିର ସାଇବର ଠକେଇ

■ କଡ଼ା କାର୍ଯ୍ୟାନୁଷ୍ଠାନ ଜରୁରୀ

ଗୃହ ମନ୍ତ୍ରଣାଳୟ ଭିନ୍ନ ଭିନ୍ନ ବିଭାଗ ଏ ନେଇ କାର୍ଯ୍ୟ କରୁଛନ୍ତି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୦ରେ ହେବ ବୋଲି କୋର୍ଟ କହିଛନ୍ତି। ଉଲ୍ଲେଖଥାଉ କି, ହରିୟାଣାର ଏକ ବୃଦ୍ଧ ଦମ୍ପତି ସେପ୍ଟେମ୍ବର ୩ରୁ ୧୬ ମଧ୍ୟରେ ୧.୦୫ କୋଟି ଟଙ୍କାର ସାଇବର ଠକେଇର ଶିକାର ହୋଇଥିଲେ। ଏ ନେଇ ଏହି ଦମ୍ପତି ସେପ୍ଟେମ୍ବର ୨୧ରେ ମୁଖ୍ୟ ବିଚାରପତି ଭିଆର ଗଭାଇଙ୍କୁ ଚିଠି ଲେଖି ଜଣାଇଥିଲେ। ଏହାପରେ କୋର୍ଟ ନିଜର ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

## ତେଲଙ୍ଗାନାରେ ବସ୍-ଡମ୍ଫର ଧକ୍କା; ୧୯ ମୃତ

ରଙ୍ଗାରେଡ୍ଡୀ, ୩।୧୧(ଏଜେନ୍ସି): ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲାରେ ସୋମବାର ସକାଳେ ହାଇଦରାବାଦ- ବିଜାପୁର ରାଜପଥରେ ଏକ ଭୟଙ୍କର ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ତେଲଙ୍ଗାନା ରୋଡ ଟ୍ରାନ୍ସପୋର୍ଟ କର୍ପୋରେସନ (ଟିଏସ୍ଆରଟିସି)ର ଏକ ବସ ଓ ଗୋଡି ତଥା କଂକ୍ରିଟ୍ ଭର୍ତ୍ତି ଏକ ଡମ୍ଫର ମଧ୍ୟରେ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ୧୯ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୦ ମାସର ଏକ ଶିଶୁ ସହ ୧୦ ଜଣ ମହିଳା ଓ ଦୁଇ ଗାଡ଼ିର ଡ୍ରାଇଭର ସାମିଲ ଅଛନ୍ତି। ଆହତଙ୍କୁ ଭିନ୍ନ ଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ହାଇଦରାବାଦ୍‌ଠାରୁ ୬୦ କିମି ଦୂରରେ ଥିବା ଚେଭେଲା ଥାନା କ୍ଷେତ୍ରର ଖାନ୍‌ପୁର ଗେଟ୍ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏହି ବସ୍ ବିକାରବାଦ ଜିଲ୍ଲାର ତନ୍ଦୁରରୁ ହାଇଦରାବାଦ ଯାଉଥିଲା। ଭୁଲ ଦିଗରୁ ଆସୁଥିବା ଏହି ଡମ୍ଫର ବସ୍‌କୁ ଏତେ ଜୋରରେ ଧକ୍କା ଦେଇଥିଲା ଯେ, ବସ୍ ପୁରାପୂରି କ୍ଷତିଗ୍ରସ୍ତ ହୋଇଥିଲା। ଡମ୍ଫରରେ ଥିବା ଗୋଡି ବସ୍‌ରେ ବସିଥିବା ଯାତ୍ରୀଙ୍କ ଉପରେ ପଡ଼ିଥିଲା। ଫଳରେ କେତେଜଣ ଯାତ୍ରୀ ଗୋଡି ଭିତରେ ଦବି ଯାଇଥିଲେ। ଏହି ଘଟଣାର ହୃଦୟ ବିଦାରକ ଦୃଶ୍ୟର ଭିଡିଓ ଏବେ ସାମ୍ନାକୁ ଆସିଛି। ଗୋଡି ତଳେ ଦବି ରହିଥିବା ଯାତ୍ରୀ ସାହାଯ୍ୟ ପାଇଁ ଚିତ୍କାର କରୁଥିବା ଦେଖାଯାଇଛି। ସୂଚନା ପାଇଁ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବାହାର କରୁଛନ୍ତି। ମୃତଦେହଗୁଡିକୁ ବାହର କରିବାକୁ ଉଦ୍ଧାରକାରୀ ଦଳକୁ ବସ୍‌କୁ କାଟିବାକୁ ପଡୁଛି। ଡ୍ରାଇଭର ଓ ତାଙ୍କ ସିଟ୍‌ର ପଛଭାଗ ଅଂଶ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ବସିଥିବା ଯାତ୍ରୀମାନେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହି ଦୁର୍ଘଟଣାକୁ ତେଲଙ୍ଗାନା ସରକରା ଗମ୍ଭୀରତା ସହ ଗ୍ରହଣ କରି ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଭୀଷଣ ଭିଡ଼ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଥିରେ ଦୁଃଖ ପ୍ରକାଶ କରିଛନ୍ତି।

## ଅଶ୍ଳୀଳ ଭିଡିଓ ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩।୧୧(ଏଜେନ୍ସି): ଅଶ୍ଳୀଳ ତଥା ପର୍ଣ୍ଣ ଭିଡିଓକୁ ନିଷିଦ୍ଧ କରିବା ନେଇ ହୋଇଥିବା ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଏହିକ୍ରମରେ କୋର୍ଟ ନୋପାଳରେ ହୋଇଥିବା ଜେନ- ଜେଡ ଆନ୍ଦୋଳନର ଉଦାହରଣ ଦେଇଛନ୍ତି। ନେପାଳରେ ସୋସିଆଲ ମିଡିଆକୁ ନିଷିଦ୍ଧ କରିବା ପରେ କ'ଣ ହେଲା, ତାହା ଦେଖନ୍ତୁ ବୋଲି କୋର୍ଟ କହିଛନ୍ତି। ତେବେ ମୁଖ୍ୟ ବିଚାରପତି ବିଆର ଗଭାଇଙ୍କ ଅଧ୍ୟକ୍ଷତା କରୁଥିବା ଖଣ୍ଡପୀଠ କହିଛନ୍ତି ଯେ, ପର୍ଣ୍ଣୋଗ୍ରାଫି ନେଇ ହୋଇଥିବା ଆବେଦନର ଶୁଣାଣି ୪ ସପ୍ତାହ ପରେ କରାଯିବ। ଉଲ୍ଲେଖ ଯୋଗ୍ୟ ଯେ, ନଭେମ୍ବରେ ୨୩ରେ ହେବାକୁ ଥିବା ଏହି ଶୁଣାଣି ପୂର୍ବରୁ ଗଭାଇ ନିଜ ପଦରୁ ଅବସର ନେଇ ସାରିଥିବେ। ଏହି ଆବେଦନରେ କେନ୍ଦ୍ର ସରକାର ଅଶ୍ଳୀଳ କଣ୍ଟେଟ୍ ଉପରେ ନିଷେଧାଦେଶ ଜାରି କରିବା ନେଇ ପଲିସି ଆଣିବାକୁ ଦାବି କରାଯାଇଥିଲା। ଏଥିସହ ଛୋଟପିଲାଙ୍କ ନିକଟରେ ଏହି କଣ୍ଟେଟ୍ ନ ପହଞ୍ଚିବ ଯେଭଳି ସେ ନେଇ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ପବ୍ଲିକ୍ ପ୍ଲାଟଫର୍ମରେ ଏହି ଭିଡିଓ ହଟାଇବାକୁ ଦାବି କରାଯାଇଛି।

## ଟ୍ରମ୍ପଙ୍କ ଲୋକପ୍ରିୟତା ୧୮ ପ୍ରତିଶତ କମିଛି

ୱାଶିଂଟନ, ୩।୧୧(ଏଜେନ୍ସି): ନଭେମ୍ବର ୫ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଗୋଟିଏ ବର୍ଷ ପୂରଣ କରିବ। କିନ୍ତୁ ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ନଭେମ୍ବର ୪ରେ ସେ ସବୁଠାରୁ ବଡ଼ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଏହି ଦିନ ଆମେରିକାର ନ୍ୟୁୟର୍କ ସିଟିର ମେୟର ନିର୍ବାଚନ ଆୟୋଜନ ହେବ। ଏଥିସହ ଭିର୍ଜିନିଆ ଓ ନ୍ୟୁଜର୍ସି ରାଜ୍ୟରେ ଗର୍ଭନର ଓ ବିଧାନସଭା ନିର୍ବାଚନ ହେବ। ଗତ ଗୋଟିଏ ବର୍ଷ ହେବ ଟ୍ରମ୍ପଙ୍କ ନେଟ୍ ଆପ୍ରୁଭାଲ ରେଟିଂ ଅର୍ଥାତ ଲୋକପ୍ରିୟତା ନଭେମ୍ବର ଆରମ୍ଭରେ ୧୮ ପତିଶତ ତଳକୁ ଖସିଛି।

ଏହା ପୂର୍ବତନ ରାଷ୍ଟ୍ରପତି ଓବାମା ଓ ଜୋ ବାଇଡେନଙ୍କ ପ୍ରଥମ ବର୍ଷ ତୁଳନାରେ ବହୁତ କମ୍ ସାବ୍ୟସ୍ତ ହୋଇଛି। ଓବାମା ପ୍ରଥମବର୍ଷ ଶେଷରେ ଏହା ୩ ପ୍ରତିଶତ ଓ ବାଇଡେନଙ୍କ ୭ ପ୍ରତିଶତ କମ୍ ହୋଇଥିଲା। ୱାସିଂଟନଠାରୁ ଆରମ୍ଭ କରି ଭିର୍ଜିନିଆ ଓ ନ୍ୟୁୟର୍କ ପର୍ଯ୍ୟନ୍ତ ସମସ୍ତଙ୍କ ନଜର ଏହି ନିର୍ବାଚନ ଉପରେ ରହିଛି। ଆମେରିକାର ଜନସାଧରଣ ଟ୍ରମ୍ପଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଅଛନ୍ତି କି ନା ତାହା ଏହି ନିର୍ବାଚନ ହିଁ ସ୍ପଷ୍ଟ କରିବ। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଏହାକୁ ନୀତିଗତ ଦୃଢ଼ତା ବିବେଚନା କରୁଥିବା ବେଳେ ବିରୋଧୀ ଡେମୋକ୍ରାଟ୍ସ ଏହାକୁ 'ମିନି ରେଫ୍ରେଣ୍ଡମ' ବା ଲଘୁ ଜନମତ ବୋଲି କହିଛି। ଉଲ୍ଲେଖଥାଉ କି, ନ୍ୟୁୟର୍କ ମେୟର ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀ ତଥା ଯୁବନେତା ଜୋହରାନ ମମଦାନୀ (୩୩) ଏବ ବଡ଼ ଚେହେରା ଭାବେ ଉଦୟ ହୋଇଛନ୍ତି। ସେ ନ୍ୟୁୟର୍କ ଷ୍ଟେଟ ଆସେମ୍ବ୍ଲିର ସଦସ୍ୟ ଅଛନ୍ତି। ଜୋହରାନ ଆଫ୍ରିକାର ୟୁଗାଣ୍ଡାର ଲେଖକ ମହମୁଦ ମମ୍‌ଦାନୀ ଓ ଭାରତୀୟ ଫିଲ୍ମ ନିର୍ଦ୍ଦେଶିକା ମୀରା ନାଏରଙ୍କ ପୁଅ। ମମଦାନୀ ଏବେ ୧୪ ପ୍ରତିଶତର ବଡ଼ ଅନ୍ତରରେ ଆଗରେ ରହିଛନ୍ତି। ନିର୍ବାଚନରେ ମମଦାନୀଙ୍କ ବିରୋଧରେ ୬୭ ବର୍ଷୀୟ ପୂର୍ବତନ ଗଭର୍ନର ଆଣ୍ଡ୍ରୁ କୁମୋ ଅବତୀର୍ଣ୍ଣ ହୋଇଛନ୍ତି। ଯଦି ମମ୍‌ଦାନୀ ମେୟର ଭାବେ ନିର୍ବାଚିତ ହେଉଛନ୍ତି ତେବେ, ନ୍ୟୁୟର୍କକୁ ସଂଘୀୟ ସହାୟତା ପାଣ୍ଠି ବନ୍ଦ କରିବାକୁ ଟ୍ରମ୍ପ ପୂର୍ବରୁ ଧମକ ଦେଇସାରିଛନ୍ତି।

## ଅନନ୍ତ ସିଂହଙ୍କ ପାଇଁ ଭୋଟ ମାଗିଲେ କେନ୍ଦ୍ରମନ୍ତ୍ରୀ



ପାଟନା, ୩।୧୧ (ଏଜେନ୍ସି): ଯାହା ଅନ୍ୟ କେଉଁଠି ଦେଖିବାକୁ ମିଳି ନ ଥାଏ ତାହା ରାଜନୀତିରେ ଦେଖାଯାଇଥାଏ। ଏହାର ନିଛକ ଦୃଶ୍ୟ ବିହାରରୁ ସାମ୍‌ନାକୁ ଆସିଛି। ଗ୍ୟାଙ୍ଗଷ୍ଟାର ରାଜନୀତିକୁ ଆସି ନିର୍ବାଚନ ଲଢୁଛନ୍ତି। ଆଉ ଧଳା ପୋଷାକ ତଳେ ରହି ଲୋକେ କଳା ସାମ୍ରାଜ୍ୟ ଚଳାଉଛନ୍ତି। ଏଭଳି ଦୁଇ ନେତା ହେଉଛନ୍ତି ଦୁଲାରଚାନ୍ଦ ଯାଦବ ଏବଂ ବାହୁବଳୀ ଅନନ୍ତ ସିଂହ ଓରଫ ଛୋଟେ ସରକାର। ଗ୍ୟାଙ୍ଗଷ୍ଟାରରୁ ରାଜନେତା ପାଲଟି ଥିବା ଆରଜେଡି ନେତା ଦୁଲାରଚାନ୍ଦଙ୍କ ହତ୍ୟା ମାମଲାରେ ମୋକାମାର କ୍ଷମତାସୀନ ଜେଡିୟୁ ପ୍ରାର୍ଥୀ ତଥା ବାହୁବଳୀ ତଥା ଛୋଟେ ସରକାର ଅନନ୍ତ ସିଂହଙ୍କୁ ଗିରଫ କରାଯାଇଛି। ମାତ୍ର ଏହି କାର୍ଯ୍ୟାନୁଷ୍ଠାନର ଦିନକ ପରେ ଅନନ୍ତଙ୍କ ପାଇଁ ପ୍ରଚାର କରିବାକୁ ମୋକାମାରେ ଅନେକ ହେଭିୱେଟ ପହଞ୍ଚି ଯାଇଛନ୍ତି। ଏହି ଆସନର ପ୍ରଚାରପ୍ରସାର ଦାୟିତ୍ୱ କେନ୍ଦ୍ରମନ୍ତ୍ରୀ ତଥା ଜେଡିୟୁ ନେତା ଲଲନ ସିଂହ ନିଜ ହାତକୁ ନେଇଛନ୍ତି। ସେ ସୋମବାର ଅନନ୍ତ ସିଂହଙ୍କ ପାଇଁ ପ୍ରଚାର କରି ଭୋଟ ଭିକ୍ଷା କରିଛନ୍ତି। ଖାଲି ସେତିକି ନୁହେଁ, ଉପମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ସମ୍ରାଟ ଚୌଧୁରୀ ମଧ୍ୟ ଆଜି ମୋକାମାରେ ରୋଡ୍ ଶୋ' କରିଛନ୍ତି।

ଲଲନ ସିଂହ କହିଛନ୍ତି ଯେ ଅନନ୍ତ ଜେଲ୍ ଯିବା ପରେ ଦାୟିତ୍ୱ ବଢ଼ି ଯାଇଛି। ଜଣେ ଜଣେ ବ୍ୟକ୍ତିଙ୍କୁ ଅନନ୍ତ ସିଂହ ହୋଇ ନିର୍ବାଚନ ଲଢ଼ିବାକୁ ହେବ। ସେହିପରି ଅନନ୍ତଙ୍କୁ ଜେଲ୍ ପଠାଇବା ପାଇଁ ଷଡ଼ଯନ୍ତ୍ର କରାଯାଇଛି ବୋଲି ସେ ଦାବି କରିଛନ୍ତି। ସେହିପରି ବିଜେପି ସାଂସଦ ବୃଜଭୂଷଣ ଶରଣ ସିଂହ ମଧ୍ୟ ଅନନ୍ତଙ୍କ ସପକ୍ଷରେ ବାହାରିଛନ୍ତି। ସେ ଏହି ବାହୁବଳୀଙ୍କୁ ନିର୍ଦ୍ଦୋଷ କହିଛନ୍ତି। ତାଙ୍କ ବିରୋଧରେ ମିଥ୍ୟା ଏତଲା ଦାଏର କରାଯାଇଥିବା କୁହାଯାଉଛି। ତେବେ ନିଜ ସରକାର ଥିବାବେଳେ ଛୋଟେ ସରକାରଙ୍କ ବିରୋଧରେ ମିଥ୍ୟା ଏତଲା କେମିତି ଦାଏର କରାଯାଇପାରିବ ବୋଲି ପ୍ରଶ୍ନ ଉଠୁଛି।

## ପରସ୍ପର ବିରୋଧରେ ମଇଦାନକୁ ଓହ୍ଲାଇଲେ ଦୁଇ ଭାଇ

ବିହାରର ସବୁଠାରୁ ହଟ୍ ସିଟ୍ ମହୁଆ ଏବଂ ରାଘୋପୁରରେ ଆରଜେଡି ମୁଖ୍ୟ ଲାଲୁ ଯାଦବଙ୍କ ଦୁଇ ପୁଅ ମୈଦାନକୁ ଓହ୍ଲାଇଛନ୍ତି। ଏହି ଦୁଇ ଆସନ ଦୁଇ ଭାଇଙ୍କ ମଧ୍ୟରେ ଲଢେଇର କ୍ଷେତ୍ର ପାଲଟି ଯାଇଛି। ପ୍ରେମ ବିବାହକୁ ନେଇ ବଡ଼ ପୁଅ ତେଜପ୍ରତାପଙ୍କୁ ୬ ବର୍ଷ ପାଇଁ ଦଳରୁ ବାହାରି କରିଦେଇଥିବା ଲାଲୁଙ୍କ ନିମନ୍ତେ ସେ ହିଁ କଣ୍ଟା ପାଲଟି ଯାଇଛନ୍ତି। ଲାଲୁଙ୍କ ସାନ ପୁଅ ତେଜସ୍ୱୀ ହେଲିକପ୍ଟରରୁ ମହୁଆରେ ଓହ୍ଲାଇ ଭୋଟ ମାଗିବାରୁ ରାଜନୈତିକ ଚିତ୍ର ବଦଳି ଯାଇଛି। ମହୁଆରୁ ବଡ଼ ଭାଇ ତେଜପ୍ରତାପଙ୍କ ବିରୋଧରେ ତେଜସ୍ୱୀ ଭୋଟ ମାଗିଛନ୍ତି। ଏହାର ପ୍ରତି ବଦଳରେ ସାନ ଭାଇ ତେଜସ୍ୱୀଙ୍କ ନିର୍ବାଚନ କ୍ଷେତ୍ର ରାଘୋପୁରର ୨ଟି ସ୍ଥାନରେ ହେଲିକପ୍ଟର ଓହ୍ଲାଇ ଜବାବ ଦେବେ ବୋଲି ତେଜପ୍ରତାପ କହିଛନ୍ତି। ଦୁଇ ଭାଇଙ୍କ ବିବାଦ ଖୋଲାଖୋଲି ଭାବେ ସାମ୍‌ନାକୁ ଆସିଯାଇଛି।

ସୂଚନା ଅନୁଯାୟୀ ଘରୁ ଏବଂ ଦଳରୁ ବାହାର କରାଯିବା ପରେ ତେଜପ୍ରତାପ ଜନଶକ୍ତି ଜନତା ପାର୍ଟି ଗଢିଛନ୍ତି। ସେ ବୈଶାଳୀର ମହୁଆ ସିଟ୍‌ରୁ ଲଢୁଛନ୍ତି। ସେହିପରି ତେଜସ୍ୱୀ ବିରୋଧୀଙ୍କ ମହାମେଣ୍ଟ ଇଣ୍ଡିଆର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅଛନ୍ତି। ସେ ମହୁଆରେ କହିଥିଲେ ଯେ ଦଳଠାରୁ ବଡ଼ କେହି ନୁହେଁ। ଦଳ ହିଁ ତାଙ୍କର ବାପାମାଆ। ଦଳ ଅଛି ତ ସବୁ ଅଛି; ଦଳ ନ ଥିଲେ କିଛି ନାହିଁ। ଏହାର ଜବାବରେ ତେଜପ୍ରତାପ କହିଛନ୍ତି ଯେ ଜନତାଙ୍କଠାରୁ ବଡ଼ କେହି ନୁହେଁ ବୋଲି ମୋର ବାଲୁତ ଭାଇ ବୁଝିବା ଦରକାର। ଜନତା ହିଁ ମାଲିକ। ଗଣତନ୍ତ୍ରରେ କୌଣସି ପାର୍ଟି କିମ୍ବା ପରିବାର ନୁହେଁ, ଜନତା ହିଁ ସବୁଠୁ ବଡ଼।







ଉପନିର୍ବାଚନ ପାଇଁ ସୋମବାର ନୂଆପଡ଼ାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ସଭା

# ତ୍ରିବିକ୍ରମ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୩।୧୧(ସମିସ): କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତଥା ପଞ୍ଚୁକର ଦ୍ୱିତୀୟ ଦିବସରେ ସୋମବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବା ଡାଳିକିଆ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ଅବକାଶ ନୀତି ଶେଷ ହେବା ପରେ ଠାକୁରମାନଙ୍କ ତ୍ରିବିକ୍ରମ ବେଶ କରାଯାଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀମସ୍ତକରେ ସୋଲ, କନା, ବେତ, ଜମ୍ଭୁରା, କଇଁଥ ଅଠା ଇତ୍ୟାଦିରେ ନିର୍ମିତ ଦୁଇଟି ଚୂଳ ଲାଗି ହୋଇଥିଲା। ଏହି ଚୂଳରେ ସୋଲ, ଜରି ଓ ରଙ୍ଗ ଲଗାଯାଇ ପ୍ରସ୍ତୁତ ବହୁତ ଫୁଲ ଶ୍ରୀମସ୍ତକରେ ସଜା ଯାଇଥିଲା। ଏଥିରେ ସୁନାର କିଆ ମଧ୍ୟ ଖଞ୍ଜା ଯାଇଥିଲା। ଏଥିସହ ଅନେକ ସୁବର୍ଣ୍ଣ ଅଳଙ୍କାରରେ ଠାକୁରଙ୍କୁ ବିଭୂଷିତ କରାଯାଇଥିଲା। ଶ୍ରୀଜଗନ୍ନାଥ ଶଙ୍ଖ, ଚକ୍ର ଏବଂ ଶ୍ରୀବଳଭଦ୍ର ହଳ, ମୂଷଳ ଧାରଣ କରିଥିଲେ। ଏହା ଅତ୍ୟନ୍ତ ମନୋମୁଗ୍ଧକର ବେଶ। ଏହି ବେଶକୁ ଶ୍ରଦ୍ଧାଳୁ ତ୍ରୟୋଦଶୀ ତିଥିରେ ଦର୍ଶନ କଲେ ଅପାର କରୁଣା ଲାଭ କରିବା ସହ ଅଶେଷ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ମଙ୍ଗଳବାର ମହାପ୍ରଭୁଙ୍କର ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହେବ।

# ଶ୍ରୀମନ୍ଦିରରୁ ଡାଲ୍‌ଡା ଘିଅ ଜବତ

ପୁରୀ, ୩।୧୧(ସମିସ): ଶ୍ରୀମନ୍ଦିର ମଧ୍ୟରେ କେବଳ ଓମ୍‌ଫେଡ୍ ଘିଅ ବ୍ୟବହାର ହେବ। ଅନ୍ୟ କୌଣସି ପ୍ରକାର ଘିଅ ବ୍ୟବହାର କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ସ୍ଥିର କରିଥିଲା। ଏ ସଂକ୍ରାନ୍ତରେ ସୁଆର ମହାସୁଆର ସେବକଙ୍କୁ ନିର୍ଦ୍ଦେଶ ବି ଦିଆଯାଇଥିଲା। ହେଲେ



ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୋମବାର ଶ୍ରୀମନ୍ଦିର ଭିତରୁ ଡାଲଡା ଘିଅ ଜବତ କରାଯାଇଛି। ଜଣେ ମହାସୁଆର ସେବକ ଏହି ନିର୍ଦ୍ଦେଶର ଉଲ୍ଲଂଘନ କରିଥିବାରୁ ତାଙ୍କୁ ଶ୍ରୀମନ୍ଦିର

- କେବଳ ଓମ୍‌ଫେଡ ଘିଅ ବ୍ୟବହାର ଲାଗି ଥିଲା ନିର୍ଦ୍ଦେଶ
- ଉଲ୍ଲଂଘନକାରୀ ମହାସୁଆର ସେବକଙ୍କୁ କୈଫିୟତ ତଲବ

ପ୍ରଶାସନ କୈଫିୟତ ତଲବ କରିଛି। କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ମହାପ୍ରସାଦ ହେଉ କିମ୍ବା ଶୁଖିଲି ଭୋଗ; ସବୁଥିରେ କେବଳ ଓମଫେଡ୍ ଘିଅ ବ୍ୟବହାର କରାଯିବ। ପୂର୍ବରୁ ବିଭିନ୍ନ ପ୍ରକାର ନିମ୍ନମାନର ଘିଅ ବ୍ୟବହାର କରାଯାଉଥିବା ବାରମ୍ବାର ଅଭିଯୋଗ ଆସିବା ପରେ ପରିଚାଳନା କମିଟି ଏହି ନିଷ୍ପତ୍ତି ନେଇଥିଲା। ତେଣୁ ଏନେଇ ସହଯୋଗ କରିବାକୁ ଗତବର୍ଷ ଅକ୍ଟୋବର ୨୪ ତାରିଖରେ ଓମ୍‌ଫେଡକୁ ଅନୁରୋଧ କରିଥିଲେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ। ଶ୍ରୀମନ୍ଦିରର ଆବଶ୍ୟକତାକୁ ନଜରରେ ରଖି ମନ୍ଦିର ପାଇଁ ଏକ ସ୍ୱତନ୍ତ୍ର ଡିପୋ ଖୋଲାଯିବା ନେଇ ଓମଫେଡ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଥିଲେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମଧ୍ୟକୁ ଓମଫେଡ୍ ବ୍ୟତୀତ ଯେପରି ଅନ୍ୟ କୌଣସି ଘିଅ ପ୍ରବେଶ ନ କରେ, ସେଥିପ୍ରତି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟ ପ୍ରଶାସକ। ତଦନୁସାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଆର ମହାସୁଆର ନିଯୋଗକୁ ଜଣାଇ ଦିଆଯାଇଥିଲା। ବରିଷ୍ଠ ସୁପରଭାଇଜର ଏବଂ କମାଣ୍ଡର୍ ଏଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଥିଲା। ଏଥିରେ କୌଣସି ପ୍ରକାର ବ୍ୟତିକ୍ରମକୁ ବରଦାସ୍ତ କରାଯିବ ନାହିଁ। ଅନ୍ୟ ଛାପ ଘିଅ ଶ୍ରୀମନ୍ଦିରକୁ ନେବାକୁ ଚେଷ୍ଟା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରି ଦିଆଯାଇଥିଲା। ଏହାସତ୍ତ୍ୱେ ସୋମବାର ପବିତ୍ର କାର୍ତ୍ତିକ ମାସ ପଞ୍ଚୁକରେ ଶ୍ରୀମନ୍ଦିର ଭିତରୁ ଡାଲ୍‌ଡା ଘିଅ ଜବତ ହୋଇଛି।

# ମନିସୁଖ ସିକ୍ୟୁରିଟି ସଂସ୍ଥା: ଓଡ଼ିଶାରୁ ଠକିଛି ୫ଶହ କୋଟି

ଭୁବନେଶ୍ୱର,୩।୧୧(ସମିସ): ୨ ମାସରେ ମୂଳଧନ ଦୁଇଗୁଣା କରିଦେବାର ଲୋଭ ଦେଖାଇ 'ମନିସୁଖ ସିକ୍ୟୁରିଟି' ନାମକ ଏକ ସଂସ୍ଥା ଓଡ଼ିଶାରୁ ୫ଶହ କୋଟି ଠକିନେଇଛି। ଏନେଇ ଥାନାରେ ଅଭିଯୋଗ କଲେ ମଧ୍ୟ ପୁଲିସ ଶୁଣୁନି। ଅଭିଯୁକ୍ତମାନଙ୍କୁ ଧରିବା ତ ଦୂରର କଥା, ତଦନ୍ତ ବି କରୁନାହିଁ। ଏପରି ଅଭିଯୋଗ ଆଣି ଭଦ୍ରକ ଜିଲ୍ଲା ଚାରିଗାଁର ପ୍ରହଲ୍ଲାଦ ସେଠୀ ରାଜ୍ୟ ମାନବାଧିକାର କମିସନ୍ (ଓଏଚ୍‌ଆର୍‌ସି)ର ଦ୍ୱାରସ୍ଥ ହୋଇଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଗତ ୨୦୨୪ ଜୁଲାଇ ୧୩ ତାରିଖରେ ସେ ଏ ସଂପର୍କରେ ଭଦ୍ରକ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ତଦନ୍ତ କରିବା ପରିବର୍ତ୍ତେ ହାତ ବାନ୍ଧି ଚୁପ୍ ବସିଛି। ଏହାର ଫାଇଦା ନେଇ ଅଭିଯୁକ୍ତମାନେ ବାହାରେ ବସି ଜଣଙ୍କ ପରେ ଜଣଙ୍କୁ ଠକି ଚାଲିଛନ୍ତି। ଏହି ଘଟଣାରେ ଆୟୋଗ ଅସନ୍ତୋଷ ପ୍ରକାଶ କରିବା ସହ ଭଦ୍ରକ ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆସନ୍ତା ୧୫ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ କହିଛନ୍ତି। ରିପୋର୍ଟ ନଦେଲେ ଆୟୋଗ ନିଜଆଡୁ ମାମଲାର ଅନ୍ତିମ ରାୟ ପ୍ରକାଶ କରିବେ ବୋଲି ଜଣାପଡ଼ିଛି।

'ମନିସୁଖ ସୁକ୍ୟୁରିଟି ଫାଇନାନ୍ସ ଲିମିଟେଡ୍'ର ଦିଲ୍ଲୀରେ ଅଫିସ୍ ରହିଛି। ସଂସ୍ଥା ଏଠାରେ ଲୋକଙ୍କୁ ଠକିବା ପାଇଁ ଯୋଜନା କରି ଲୋଭନୀୟ ଅଫର୍ ରଖିଥିଲା। ମନିସୁଖ ସିକ୍ୟୁରିଟ୍ ଆପ୍‌ରେ ଟଙ୍କା ଲଗାଇଲେ ତାହା ୨ ମାସରେ ଦୁଇଗୁଣା ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଲୋଭରେ ପଡ଼ି ଓଡ଼ିଶାର ଏକାଧିକ ଲୋକ ଏଥିରେ ନିବେଶ କରିଥିଲେ। ହେଲେ, ଲାଭ ଦୂର କଥା, ମୂଳ ବି ମିଳିଲାନି।

- ପୁଲିସ ଶୁଣିଲାନି, ଓଏଚ୍‌ଆରସିଙ୍କ ଦ୍ୱାରସ୍ଥ ହେଲେ ଯୁବକ
- ଭଦ୍ରକ ଏସ୍‌ପିଙ୍କୁ ଜବାବ ତଲବ; ୧୫ ସୁଦ୍ଧା ରିପୋର୍ଟ ଦେବେ
- ଦେଶରୁ ୧୦ ହଜାର କୋଟିର ଠକିଛି ସଂସ୍ଥା

ଶେଷରେ ଆପ୍‌ଟି ମଧ୍ୟ ବନ୍ଦ ହୋଇଯାଇଥିଲା। ଖାଲି ଓଡ଼ିଶା ନୁହେଁ, ଏହି ସଂସ୍ଥା ୧୦ ହଜାର କୋଟି ଟଙ୍କା ଠକେଇ କରିଛି।

ଭଦ୍ରକର ପ୍ରହଲ୍ଲାଦ ନାମକ ଜଣେ ଯୁବକ ମଧ୍ୟ ଏହି ସଂସ୍ଥା ଦ୍ୱାରା ଠକେଇର ଶିକାର ହୋଇଛନ୍ତି। ସଂସ୍ଥା ତାଙ୍କଠାରୁ ୩୩ଲକ୍ଷ ୭୮ ହଜାର ଟଙ୍କା ଠକି ନେଇଛି। ପ୍ରହଲ୍ଲାଦଙ୍କ କହିବା କଥା, ତାଙ୍କ ହ୍ୱାଟ୍ସଆପ୍‌କୁ ପ୍ରଥମେ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ମନିସୁଖ ସିକ୍ୟୁରିଟି ସଂସ୍ଥା ଆପ୍‌ରେ ଟଙ୍କା ଲଗାଇଲେ, ଦୁଇଗୁଣା ଅର୍ଥ ମିଳିବ ବୋଲି ସେଥିରେ କୁହାଯାଇଥିଲା। ମେସେଜ୍ ଆସିଥିବା ଫୋନ୍ ନମ୍ବରକୁ କଲ୍ କରିବା ପରେ ଠକ ତାଙ୍କୁ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଆଡ୍ କରିଥିଲେ। ଏହାପରେ ସେଠାରେ ତାଙ୍କୁ ମନିସୁଖ ସିକ୍ୟୁରିଟି ଆପ୍‌କୁ ଡାଉନ୍‌ଲୋଡ୍ କରି ଟଙ୍କା ବିନିଯୋଗ କରିବାକୁ କୁହାଯାଇଥିଲା। ଆଗପଛ ବିଚାର ନ କରି ସେ ୩୩ଲକ୍ଷ ୭୮ହଜାର ଟଙ୍କା ବିନିଯୋଗ କରିଥିଲେ। ବଦଳରେ ସଂସ୍ଥା ତାଙ୍କୁ ୧କୋଟି ୧୪ଲକ୍ଷ ଟଙ୍କା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଦୁଇ ମାସ ପରେ ସେ ଆପ୍‌ରୁ ଆଉ ଟଙ୍କା ଉଠାଇ ପାରିନଥିଲେ। ପ୍ରହଲ୍ଲାଦ ଠକାମିର ଶିକାର ହୋଇଥିବା ଜାଣିବା ପରେ ୨୦୨୪ରେ ଭଦ୍ରକ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ବହୁ ଦିନ ବିତିଯାଇଥିଲେ ମଧ୍ୟ ପୁଲିସର ତଦନ୍ତ କିଛି ଆଗକୁ ବଢ଼ି ନଥିବାରୁ ସେ ରାଜ୍ୟ ମାନବାଧିକାର କମିସନ୍‌ଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ଧାନ ଖାଇବାରୁ ହାତୀକୁ ଗୁଳି କରି ହତ୍ୟା

ଭଞ୍ଜନଗର, ୩।୧୧ (ସମିସ): ବାଇବାଲି ଜଙ୍ଗଲର ବାଣିଆପଲ୍ଲୀ ଗାଁ ପାଖ ଜଙ୍ଗଲରେ ୧୫ ବର୍ଷୀୟ ଦନ୍ତା ହାତୀକୁ ଗୁଳି କରି ମାରିବା ଘଟଣାରେ ବନବିଭାଗ ଉମାକାନ୍ତ ପ୍ରଧାନ ଓରଫ୍ ନଣ୍ଡା (୫୦)କୁ ଗିରଫ କରିଛି। ତା' ପାଖରୁ ପୁଲିସ ୩ଟି ଦେଶୀ ବନ୍ଧୁକ ସହ ବିପୁଳ ପରିମାଣର ଦେଶୀ ଗୁଳି ଓ ବିସ୍ଫୋରକ ଜବତ କରାଯାଇଛି। ଏନେଇ ମୁଜାଗଡ଼ ରେଞ୍ଜ ପକ୍ଷରୁ ନମ୍ବର ଓଆର-୪୩୨/୨୫-୨୬ ରେ ଏକ ମାମଲା ରୁଜୁ ହୋଇଛି। ନଣ୍ଡାକୁ କୋର୍ଟଚାଲାଣ କରାଯିବ ବୋଲି ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ଗୁରୁବାର ରାତିରେ ଉମାକାନ୍ତ ନିଜ ଧାନଜମି ଜଗିବାକୁ ଯାଇଥିଲା। ସାଙ୍ଗରେ ଏକ ଦେଶୀ ବନ୍ଧୁକ ନେଇଥିଲା। ଏହି ସମୟରେ ୨୪ଟିକିଆ ଏକ ହାତୀପଲ ମଧ୍ୟରୁ ୨ଟି ହାତୀ ତା' ଧାନଜମିରେ ପଶିଥିଲେ। ହାତୀକୁ ଦେଖି ସେ ପ୍ରଥମେ ୨ଟି ବାଣ ଫୁଟାଇ ଘଉଡ଼ାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଏହା ପରେ ବି ହାତୀଦ୍ୱୟ ଜମିରୁ ନଯିବାରୁ ତା' ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ହାତରେ ଧରିଥିବା ବନ୍ଧୁକରୁ ଗୁଳି ଫୁଟାଇଥିଲା। ଏଥିରେ ଗୋଟିଏ ହାତୀ ଘଟଣାସ୍ଥଳରେ



ଟଳି ପଡ଼ିଥିଲା। ପରେ ସେ ଘଟଣାସ୍ଥଳରୁ ଖସି ଆସି ନିଜ ଜମି ପାଖରେ ଏକ ବୁଦାମୂଳେ ବନ୍ଧୁକ ରଖି ପାଲ ଘୋଡ଼ାଇ ଦେଇଥିଲା।

ଶନିବାର ବନ ବିଭାଗ ହାତୀର ବ୍ୟବଚ୍ଛେଦ କରିବା ବେଳେ ଆଗପଟର ଡାହାଣ ଗୋଡ଼ ସନ୍ଧିରେ ଗୁଳିମାଡ଼ ହୋଇଥିବା ଦେଖିବାକୁ ପାଇଥିଲେ। ସେହିପରି, ଗୁଳି ବାଜିବା ପରେ ହାତୀଟି ଘଟଣାସ୍ଥଳରୁ ପାଖାପାଖି ୪ଶହ ମିଟର ଯିବା ପରେ ଟଳି ପଡ଼ିଥିବା

**ଅଭିଯୁକ୍ତ ଗିରଫ; ୩ ଦେଶୀ ବନ୍ଧୁକ ଓ ଗୁଳି ଜବତ**

ଅନୁମାନ କରାଯାଇଥିଲା। ଏହାର ତଦନ୍ତ କରି ବନ ବିଭାଗ ରବିବାର ରାତିରେ ବାଣିଆପଲ୍ଲୀ ଗାଁରେ ଚଢ଼ଉ କରି ଅଭିଯୁକ୍ତ ଉମାକାନ୍ତକୁ ଗିରଫ କରିଥିଲେ। ଏହି ଚଢ଼ଉରେ ଫରେଷ୍ଟର୍ ଟୁନା ମଳିକ, ବବୁଲ କୁମାର ସେଠୀ, ଅନୁପ କୁମାର ବିଷୋୟୀ ଓ ରାଜେନ୍ଦ୍ର ଦଳେଇଙ୍କ ସମେତ ବହୁ ଗଜସାଥୀ ସାମିଲ ଥିଲେ। ଆଜି ମୁଜାଗଡ଼ ରେଞ୍ଜ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସିଏଫ୍ ବିବେକ ଦାଶ, ବିମଳ ପ୍ରଧାନ ଓ ରେଞ୍ଜର୍ ବିମ୍ବାଧର ସାହୁ ଉପସ୍ଥିତ ଥିଲେ।

# ଆଜିଠୁ କମିବ ତାପମାତ୍ରା

ଭୁବନେଶ୍ୱର, ୩।୧୧(ସମିସ): ଆସନ୍ତା ଦୁଇ ଦିନ ଭିତରେ ରାଜ୍ୟର ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ଫଳରେ ଥଣ୍ଡା ବଢ଼ିବ। ବିଶେଷକରି, ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାରେ ଥଣ୍ଡାର ପ୍ରଭାବ ଅଧିକ ରହିବ। ବର୍ତ୍ତମାନ ଅଧିକାଂଶ ଅଞ୍ଚଳରେ ରାତି ତାପମାତ୍ରା ହାରାହାରି ୨୦ ଡିଗ୍ରୀ ମଧ୍ୟରେ ରହୁଛି। ଗତ ୨୪ ଘଣ୍ଟାରେ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୬ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୧୮ ଡିଗ୍ରୀ, ଫୁଲବାଣୀରେ ୧୮ ଡିଗ୍ରୀ, ଅନୁଗୁଳ ଓ ଭଦ୍ରକରେ ତାପମାତ୍ରା ୧୯ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଛି। ଅନ୍ୟପଟେ ମ୍ୟାଁମାର ଉପକୂଳରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟକୁ ଉତ୍ତରା ଶୁଷ୍କ ପବନ ଆସିବାରେ ମଧ୍ୟ ସ୍ଥିତି ସହାୟକ ହେଉଛି। ତେଣୁ, ରାଜ୍ୟକୁ ଉତ୍ତରା-ପଶ୍ଚିମ ଶୁଷ୍କ ଥଣ୍ଡା ବାୟୁ ପଶିବା ଯୋଗୁଁ ରାତିର ତାପମାତ୍ରା ହ୍ରାସ ହେବାରେ ଲାଗିଛି। ମ୍ୟାଁମାର୍ ଉପକୂଳରେ ଥିବା ଏହି ଲଘୁଚାପର କୌଣସି ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ। ଏହା ବାଂଲାଦେଶ ମୁହାଁ ହେବାର ସମ୍ଭାବନା ରହିଛି। ତେଣୁ ରାଜ୍ୟରେ ଆସନ୍ତା ୭ଦିନ ମଧ୍ୟରେ କାଁ ଭାଁ ଅଞ୍ଚଳକୁ ଛାଡ଼ିଦେଲେ ବାକି ସବୁ ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବାର ସମ୍ଭାବନା ରହିଛି।

# ଛାତ୍ରାବାସରେ ପଶି ଅନ୍ତେବାସୀଙ୍କ ସହ ଅପ୍ରାକୃତିକ ଯୌନ ସଂପର୍କ

**ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ**

ବାରିପଦା, ୩।୧୧(ସମିସ): ଆଦିବାସୀ ଛାତ୍ରାବାସରେ ପଶି ଛାତ୍ରଙ୍କ ସହ ଅପ୍ରାକୃତିକ ଯୌନ ସଂପର୍କ। ଜଣେ କି ୨ଜଣ ନୁହେଁ, ୯ଜଣ ଆଦିବାସୀ ଛାତ୍ରଙ୍କ ସହ ଏପରି କୁକର୍ମ କରିଥିବା ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ବାରିପଦା ସଦର ଥାନା ପୁଲିସ ଗିରଫ କରିଛି। ସେ ହେଲେ, ଶ୍ୟାମାଖୁଣ୍ଟା ବ୍ଲକ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସେନାପତି। ହରିଶ୍ଚନ୍ଦ୍ରପୁରସ୍ଥିତ ଭଞ୍ଜଭୂମି ସଂସ୍କୃତ ବିଦ୍ୟାଳୟର ଆଦିବାସୀ ଛାତ୍ରାବାସରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଏ ସଂପର୍କରେ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ସେବତୀ ମହାନ୍ତଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଭଞ୍ଜଭୂମି ସଂସ୍କୃତ ବିଦ୍ୟାଳୟର ଏକ ଶୌଚାଳୟ ନିର୍ମାଣ କାର୍ଯ୍ୟ ତଦାରଖ କରିବାକୁ ଯନ୍ତ୍ରୀ ଶ୍ରୀ ସେନାପତି ରବିବାର ଆସି ଅନ୍ତେବାସୀଙ୍କୁ ନାନା ଧମକଚମକ ଦେଇଥିଲେ। ସେହିଦିନ ସନ୍ଧ୍ୟା ସାଢ଼େ ୭ଟାରେ ପୁଣି ଯନ୍ତ୍ରୀଜଣକ ଛାତ୍ରାବାସକୁ ଆସି ଅନ୍ତେବାସୀଙ୍କ ସହ ମିଶି ଯାଇଥିଲେ। ପରେ କଥାବାର୍ତ୍ତା କରି ୯ଜଣ ନାବାଳକଙ୍କୁ ଅଫିସ କୋଠରିକୁ ନେଇ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ଏ ସମ୍ପର୍କରେ କାହାକୁ ଜଣାଇଲେ ସ୍କୁଲ ବନ୍ଦ କରିଦେବା ସହ ଜୀବନରୁ ମାରିଦେବାର ଧମକଚମକ ଦେଇଥିଲେ। ଏପରିକି, ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ନାଲିଆଖି ଦେଖାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣା ପଦାକୁ ଆସିବା ପରେ ଅଭିଭାବକମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବାରିପଦା ସଦର ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ କହିଛନ୍ତି, ଅଭିଯୋଗ କରିଥିବା ପ୍ରଧାନ ପଣ୍ଡିତ, ଛାତ୍ର, ବିଡିଓ ଓ ସଂପୃକ୍ତ ଯନ୍ତ୍ରୀଙ୍କୁ ପଚରାଉଚରା କରାଯିବା ସହ ସହ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

# ବାଘଛାଲ କାରବାରରେ ଆଇଏଏସ୍ ପୁଅ

ଭୁବନେଶ୍ୱର, ୩।୧୧(ସମିସ): କମିସନରେଟ୍ ପୁଲିସର ସ୍ୱତନ୍ତ୍ର ଅପରାଧ ଶାଖା (ଏସସିୟୁ) ଆଜି ଭୁବନେଶ୍ୱରରେ ଏକ ବାଘଛାଲ ରାକେଟ୍‌ର ପର୍ଦ୍ଦାଫାସ୍ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଡୁମୁଡୁମା ପଞ୍ଚସଖାନଗରର ରୋହିତ ମହାପାତ୍ର(୨୬),

- ଗ୍ରାହକ ବେଶରେ ମାଡ଼ି ବସିଲା ପୁଲିସ
- ମାଷ୍ଟରମାଇଣ୍ଡ ସମେତ ୩ ଗିରଫ
- ୩୦ ଲକ୍ଷରେ ହୋଇଥିଲା ଡିଲ୍
- କର୍ଣ୍ଣାଟକରୁ ଦିଲ୍ଲୀ ଯାଏଁ ଲମ୍ବିଛି ଚେର



ଭଞ୍ଜନଗରର ମନଜିତ୍ ସାବତ(୨୧) ଓ ଗଣ୍ଡମୁଣ୍ଡା ଅଞ୍ଚଳର ଶମ୍ଭୁ ବିଷୋୟୀ (୨୩)। ରୋହିତ ଏହାର ମାଷ୍ଟରମାଇଣ୍ଡ ବୋଲି ପୁଲିସ କହିଛି। ତେବେ ରୋହିତ କେନ୍ଦ୍ରରେ କାର୍ଯ୍ୟରତ ଜଣେ ଆଇଏଏସ୍ ଅଧିକାରୀଙ୍କ ପୁଅ ବୋଲି ପୁଲିସକୁ କହିଛି। ଏ ସଂପର୍କରେ ପୁଲିସ ଯାଞ୍ଚ ଚଳାଇଛି।

ପୁଲିସ ସୂଚନାନୁସାରେ, ଦୁଇ ତିନିଜଣ ବେପାରୀ ରାଜଧାନୀରେ ବାଘଛାଲ ଡିଲ୍ କରୁଥିବା ନେଇ ଏସ୍‌ସିୟୁକୁ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ତେଣୁ ସେମାନଙ୍କୁ ଧରିବା ପାଇଁ ଏସସିୟୁର ଟିମ୍ ଗ୍ରାହକ ବେଶ ଧାରଣ କରିଥିଲା। ଡିସିପି ଅନୁପ କାନୁନଗୋଙ୍କ ନେତୃତ୍ୱରେ ପୁଲିସର ଏକ ଟିମ୍ ବେପାରୀଙ୍କ କହିବା ଅନୁସାରେ ହୋଟେଲ ମେ' ଫେୟାର ନିକଟକୁ ଯାଇଥିଲା। ଅଭିଯୁକ୍ତମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ସାଙ୍ଗରେ ୫ଲକ୍ଷ ଟଙ୍କା ନେଇଥିଲେ। ମନଜିତ୍ ଓ ଶମ୍ଭୁ ସେଠାକୁ ଡିଲ୍ ପାଇଁ ଆସିଥିଲେ ହେଁ ସାଙ୍ଗରେ ବାଘଛାଲ ଆଣିନଥିଲେ। କିନ୍ତୁ ଆଖି ଆଗରେ ୫ଲକ୍ଷ ଟଙ୍କା ଦେଖି ଦୁଇଜଣଯାକ ଲୋଭରେ ପଡ଼ି ପୁଲିସ ଜାଲରେ ଛନ୍ଦି ହୋଇଯାଇଥିଲେ। ଛଦ୍ମବେଶୀ ପୁଲିସ ଟିମ୍‌କୁ ଅପେକ୍ଷା କରିବାକୁ କହି ଦୁହେଁ ସେଠାରୁ ପଳାଇଥିଲେ ଏବଂ କିଛି ସମୟ ପରେ ଏକ କଳରାପତରିଆ ବାଘଛାଲ ଧରି ଫେରିଥିଲେ। ଏହା ଦେଖି ପୁଲିସ ଟିମ୍ ଦୁହିଁଙ୍କୁ କାବୁ କରିବା ସହ କିଛି ଦୂରରେ ଥିବା ମାଷ୍ଟରମାଇଣ୍ଡ ରୋହିତକୁ ଧରିଥିଲା।

ଏହି ବାଘଛାଲ ଜବତ ହେବା ପରେ କର୍ଣ୍ଣାଟକ ଓ ଦିଲ୍ଲୀ ଲିଙ୍କ୍ ପଦାକୁ ଆସିଛି। ବାଘଟିର ବୟସ ୮/୯ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଏହା କର୍ଣ୍ଣାଟକରୁ ଆସିଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ପାଇଛି। ରାଉରକେଲାର ଜଣେ ବ୍ୟକ୍ତି ଏହାକୁ କର୍ଣ୍ଣାଟକରୁ ଓଡ଼ିଶା ଆଣିଥିଲା। ତା'ଠାରୁ ମନଜିତ୍ ଓ ଶମ୍ଭୁ ଆଣି ରୋହିତକୁ ଦେଇଥିଲେ।

ରୋହିତର ବାପା ଜଣେ ଆଇଏଏସ୍ ଅଧିକାରୀ ଓ ସେ କେନ୍ଦ୍ରରେ କାର୍ଯ୍ୟରତ ବୋଲି ସେ ପୁଲିସକୁ କହିଛି। ଏପରିକି, ତା' ପରିବାର ଦିଲ୍ଲୀରେ ରହୁଛନ୍ତି ବୋଲି ସେ କହିଛି। ରୋହିତ ଭୁବନେଶ୍ୱରରେ ରହୁଥିବା ବେଳେ ଅନେକ ସମୟ ଦିଲ୍ଲୀ ଯିବା ଆସିବା କରେ। ଦିଲ୍ଲୀର ଜଣେ ବ୍ୟବସାୟୀ ବାଘଛାଲ ବରାଦ କରିବାରୁ ରୋହିତ ଛାଲ ଯୋଗାଡ଼ କରିଥିଲା। ମୋଟ ୩୦ ଲକ୍ଷ ଟଙ୍କାରେ ଡିଲ୍ ହୋଇଥିଲା। ଦିଲ୍ଲୀରେ ପହଞ୍ଚାଇବା ପରେ ରୋହିତକୁ ୫ଲକ୍ଷ ଟଙ୍କା କମିସନ ମିଳିଥାନ୍ତା। କିନ୍ତୁ କୌଣସି କାରଣରୁ ଦିଲ୍ଲୀ ଡିଲ୍ ବିଳମ୍ବ ହେବାରୁ ରୋହିତ ବାଘଛାଲ ଧରି ଭୁବନେଶ୍ୱରରେ ଥିଲା। ଏହାରି ଭିତରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଗ୍ରାହକ ବେଶରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତେବେ କାରବାରରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି, ସେନେଇ ଖୋଳତାଡ଼ ଜାରି ରଖିଛି ପୁଲିସ। ଆବଶ୍ୟକ ପଡ଼ିଲେ, ରୋହିତକୁ ରିମାଣ୍ଡରେ ଅଣାଯିବ ବୋଲି ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ପାଟଣା ରେଞ୍ଜରେ ବୁଲୁଛି ବାଘ

କେନ୍ଦୁଝର/ତୁରୁମୁଙ୍ଗା, ୩।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ମାଛଗଡ଼ ବିଟ୍ ଅନ୍ତର୍ଗତ କେନ୍ଦୁଝର-ମୟୂରଭଞ୍ଜ ସୀମାର ଗୋପୀନାଥପୁରଠାରେ ଏକ ବାଘର ପାଦଚିହ୍ନ ଠାବ ହୋଇଛି। ଦୁଇ ଦିନ ତଳେ ୧୨ ସେଣ୍ଟିମିଟର୍ ବିଶିଷ୍ଟ ଏକ ବାଘ ପାଦଚିହ୍ନ ଠାବ ହେବା ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏପରିକି, କିଛି ସ୍ଥାନୀୟ

- ପାଦଚିହ୍ନ ଠାବ ପରେ ଆତଙ୍କ
- ବନ ବିଭାଗ ଲଗାଇଲା ୩୫ ଟ୍ରାପ୍ କ୍ୟାମେରା



ଲୋକ ବାଘକୁ ଦେଖିଥିବା ମଧ୍ୟ କହିଛନ୍ତି। ଫଳରେ ସନ୍ଧ୍ୟା ହେଲେ ତାଟିକବାଟ ପଡ଼ିଯାଉଛି। ଏପରି ସ୍ଥିତିରେ ବାଘକୁ ଧରିବା ପାଇଁ ବନ ବିଭାଗ ତନାଘନା ଆରମ୍ଭ କରିଦେଇଛି। ଅଟେଇ ସଂରକ୍ଷିତ ଜଙ୍ଗଲରେ ୩୫ଟି ଟ୍ରାପ୍ କ୍ୟାମେରା ଲଗାଯାଇଥିବା କେନ୍ଦୁଝର ଡିଏଫ୍‌ଓ ଏଚ୍.ଡି ଧନରାଜ ସୂଚନା ଦେଇଛନ୍ତି। ତେବେ ୨ଦିନ ମଧ୍ୟରେ ଏଯାଏଁ ଏଠାରେ ବାଘ ଦେଖାଯାଇ ନଥିବା ମଧ୍ୟ ସେ କହିଛନ୍ତି।

ଏହି ଅଞ୍ଚଳ ଏକ ବ୍ୟାଘ୍ର କରିଡର୍ ହୋଇଥିବାରୁ ସମୟ ସମୟରେ ଶିମିଳିପାଳରୁ ଅଟେଇ ଜଙ୍ଗଲକୁ ବାଘ ଆସି ପୁନର୍ବାର ଫେରି ଯାଇଥାନ୍ତି। ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବାଘ ପାଇଁ ଅଧିକ ତୃଣଭୋଜି ବନ୍ୟପ୍ରାଣୀ ରହିଥିବାରୁ ବାଘ ଏଠାକୁ ଆସିଥା'ନ୍ତି। ୨୦-୨୨ ମାସର ଏକ ବାଘ ଶିମିଳିପାଳରୁ ବାହାରି ବ୍ୟାଘ୍ର କରିଡର୍ ମଧ୍ୟରେ ଚଳପ୍ରଚଳ କରୁଥିବା ବନଖଣ୍ଡ ଅଧିକାରୀ କହିଛନ୍ତି। ବ୍ୟାଘ୍ର କରିଡର୍ ଶିମିଳିପାଳରୁ ଆରମ୍ଭ ହୋଇ ଠାକୁରମୁଣ୍ଡା, ଆନନ୍ଦପୁର, ସନ୍ତୋଷପୁର ସଂରକ୍ଷିତ ଜଙ୍ଗଲ, ଅଟେଇ ସଂରକ୍ଷିତ ଜଙ୍ଗଲ ଦେଇ ରେବଣା ଓ ସାତକୋଶିଆ ଯାଏ ଲମ୍ବିଛି। ସମୟ ବ୍ୟବଧାନରେ ଏହି କରିଡର୍ ଦେଇ ଅଟେଇ ଜଙ୍ଗଲକୁ ବାଘ ଆସି ପୁନର୍ବାର ଫେରି ଯାଉଥିବା ସେ କହିଛନ୍ତି। କେନ୍ଦୁଝର ଜିଲ୍ଲାର ଘଞ୍ଚ ଅଟେଇ ଜଙ୍ଗଲକୁ ବାଘ ଆସିବା ଏକ ଶୁଭ ସଙ୍କେତ ବୋଲି କହିବା ସହ ଏଥିପାଇଁ ବନବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ଡିଏଫ୍‌ଓ ଧନରାଜ କହିଛନ୍ତି।

ଅପରପକ୍ଷେ, ଲୋକଙ୍କ ଧନଜୀବନ ପ୍ରତି ବିପଦ ଥିବାରୁ ଆଖପାଖ ଅଞ୍ଚଳରେ ବନ ବିଭାଗ ଲୋକଙ୍କୁ ସତର୍କ କରାଇଛି। ଜଙ୍ଗଲ ଭିତରକୁ ନିଜେ ନ ଯିବା ସହ ଗୃହପାଳିତ ପଶୁଙ୍କୁ ମଧ୍ୟ ନ ଛାଡ଼ିବାକୁ ଗାଁ ଗାଁରେ ସଚେତନ କରାଯାଉଛି।

# ସୁନାପୁର ଡମ୍ପିଂୟାର୍ଡକୁ ଲୋକଙ୍କ ବିରୋଧ

## ସ୍ଥାନାନ୍ତର କରିବାକୁ ୧୫ ଦିନ ସମୟ ଦେଲେ



**କୋରାପୁଟ,୩।୧୧(ସମିସ):** କୋରାପୁଟ ମ୍ୟୁନିସିପାଲଟି ଅନ୍ତର୍ଗତ ୨୦ ନମ୍ବର ୱାର୍ଡରେ ରହିଥିବା ସୁନାପୁର ଠାରେ ଡମ୍ପିଂୟାର୍ଡ ରହିଥିବାରୁ ଆଜି ୱାର୍ଡବାସୀ ଏହାକୁ ବିରୋଧ କରି ମଇଳା ଆବର୍ଜନା ପକାଇବାକୁ ଦେଇ ନ ଥିଲେ। ଯଦ୍ୱାରା ସହରରୁ ଟ୍ରାକ୍ଟର ଯୋଗେ ଅଣାଯାଇଥିବା ମଇଳା ଆବର୍ଜନା ରାସ୍ତା ଉପରେ ଅଟକି ରହିଥିଲା। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର ପ୍ରମୁଖ ଘଟଣାସ୍ଥଳକୁ ଆସି ଲୋକମାନଙ୍କ ସହ ଆଲୋଚନା କରିଥିଲେ। ଏଠାରୁ ତୁରନ୍ତ ଡମ୍ପିଂୟାର୍ଡ ସ୍ଥାନାନ୍ତରିତ କରାଯାଉ ବୋଲି ଲୋକମାନଙ୍କ ପ୍ରାଥମିକ ଦାବି ରହିଥିଲା। ବହୁତ୍ ବୁଝାସୁଝା କରିବା ପରେ ସାହି ବାସିନ୍ଦା କର୍ତ୍ତୃପକ୍ଷଙ୍କୁ ୧୫ ଦିନ ସମୟ ଦେଇଥିଲେ।। ଏହି ସମୟ ମଧ୍ୟରେ ମଇଳା ଆବର୍ଜନା ସଫା କରିବେ ଏବଂ ଆଉ ଏଠାରେ ଡମ୍ପିଂୟାର୍ଡ କରିବେ ନାହିଁ ବୋଲି ପ୍ରତିଶ୍ରୁତି ମିଳିବା ପରେ ଟ୍ରାକ୍ଟରରେ ଥିବା ମଇଳା ଆବର୍ଜନା ପକାଇବାକୁ ସାହି ବାସିନ୍ଦା ଅନୁମତି ଦେଇଥିଲେ। ଡମ୍ପିଂୟାର୍ଡ ରହିଥିବା ସ୍ଥାନ ନିକଟରେ ହାଇସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ରହିଛି। ଏହାଦ୍ୱାରା ଏଠାରେ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୂଷା ମାନଙ୍କ ସହ ମଶା ମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଡମ୍ପିଂୟାର୍ଡ ଉଠାଇବାକୁ ୧୫ ଦିନ ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ନ ଉଠାଇଲେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯାଇ ଆନ୍ଦୋଳନ କରାଯିବ ବୋଲି ସାହି ବାସିନ୍ଦା ଚେତାବନୀ ଦେଇଛନ୍ତି। ଏଠାରେ ରହିଥିବା ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ରରେ ସାହି ଗୁଡିକରୁ ଆସୁଥିବା ଆବର୍ଜନା ପକାଯାଇ ଖତ ପ୍ରସ୍ତୁତ କରାଯାଉଥିଲା। କୋରାପୁଟ ପୌର ପରିଷଦର ଡମ୍ପିଂୟାର୍ଡ ଏକ ପ୍ରମୁଖ ସମସ୍ୟା ରହିଛି। ପ୍ରଥମେ ନିଜସ୍ୱ ଆକାଶଗୁଡ଼ା ଡମ୍ପିଂୟାର୍ଡରେ ମଇଳା ଆବର୍ଜନା ପାକାଯାଉଥିଲା। ସେଠାରେ ଲୋକମାନେ ବିରୋଧ କରିବାରୁ ରଥଶର୍ମା କଲୋନୀ ନିକଟରେ ରହିଥିବା ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ରରେ ସହରର ମଇଳା ଆବର୍ଜନା ପକାଯାଉଥିଲା। ସେଠାରେ ଚିକେନ ଗୁନିଆ ରୋଗରେ ଲୋକମାନେ ଆକ୍ରାନ୍ତ ହେବା ପରେ ଲୋକମାନେ ଘୋର ବିରୋଧ କରିଥିଲେ। ଏହାପରେ କିଛି ଉପାୟ ନ ପାଇ କର୍ତ୍ତୃପକ୍ଷ ରେଳବାଇ ଓଭରବ୍ରିଜ ନିକଟରେ ରହିଥିବା ଖାଲି ସ୍ଥାନରେ ମଇଳା ଆବର୍ଜନା ପକାଯାଇଥିଲା। ସେଠାରେ ମଧ୍ୟ ଲୋକମାନେ ବିରୋଧ କରିବା ପରେ ସୁନାପୁରରେ ଥିବା ମାଇକ୍ରୋ କଂପୋଷ୍ଟ କେନ୍ଦ୍ରରେ ମଇଳା ଆବର୍ଜନା ପକାଇଲେ। ସେଠାରେ ମଇଳା ଆବର୍ଜନା ଭର୍ତ୍ତି ହୋଇଯାଇଥିବାରୁ ନିକଟରେ ଥିବା ଏକ ଖାଲି ସ୍ଥାନରେ ପକାଇଲେ। ସେହି ସ୍ଥାନରେ ମଇଳା ଆବର୍ଜନା ପାହାଡ ସଦୃଶ ଠିଆ ହୋଇଛି। ସେଠାରେ ଏକ ପ୍ରକ୍ରିୟାକରଣ ୟୁନିଟ ମେସିନ ସ୍ଥାପନ କରାଯାଇଥିବା ଦେଖିବାକୁ ମିଳିଛି। କନ୍ଧସାହି ନିକଟରେ ଏକ ସରକାରୀ ଜାଗା ତହସିଲଦାରଙ୍କ ତରଫରୁ ପ୍ରଦାନ କରାଯାଇଛି। ରାସ୍ତା କାମ ଚାଲିଛି। ଆଉ ଅଳ୍ପ ଦିନ ମଧ୍ୟରେ ରାସ୍ତା କାମ ଶେଷ ହେବ ବୋଲି ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ କହିଛନ୍ତି। ରାସ୍ତା କାମ ଶେଷ ହେବା ପରେ ସେଠାରେ ସହରରୁ ବାହାରୁ ଥିବା ମଇଳା ଆବର୍ଜନା ପକାଯିବ। ତେଣୁ ସହରବାସୀ ପୌର ପରିଷଦକୁ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।

● ପୁଲିସ ଉପରୁ ଭରସା ତୁଟିଲା

# ଘରୋଇ ସୁରକ୍ଷା କର୍ମୀ ନିୟୋଜିତ କରିବେ କଲୋନୀ ବାସିନ୍ଦା

**ଜୟପୁର, ୩।୧୧(ସମିସ):** ଜୟପୁର ସହରରେ ଗତ ଶନିବାର ରାତିରେ କୁମ୍ଭାର ସାହି ଏଚ.କେ କୋଲନୀ ଅଞ୍ଚଳରେ ଏକାଧିକ ବନ୍ଦ ଗୃହର ତାଲା ଭାଙ୍ଗି ବିନା ଭୟରେ ଦୁର୍ବୃତ ମାନେ ଚୋରି କରିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ କଲୋନୀ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ପୁଲିସ ଉପରେ ଆସ୍ଥା ଓ ଭରସା ଉଠିଯାଇଛି। ତେଣୁ କୋଲନୀ ବାସିନ୍ଦା ଘରୋଇ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରିବାକୁ ନିଷ୍ପତି ଗ୍ରହଣ କରିଛନ୍ତି। କଲୋନୀ ବାସିନ୍ଦା ନିଜ ନିଜ ମଧ୍ୟରେ ଟଙ୍କା ଆଦାୟ କରିବା ସହ ସୁରକ୍ଷା କର୍ମୀଙ୍କୁ ମାସିକ ଦରମା ଦେବା ଚିନ୍ତା କରୁଥିବା ନେଇ ପ୍ରକାଶ କରିଛନ୍ତି। ଗତ ଶନିବାର ରାତ୍ରରେ କୁମ୍ଭାର ସାହି ଏଚ.କେ କୋଲନୀ ଅଞ୍ଚଳର ସଦ୍ୟବ୍ରତ ଦାଶଙ୍କ ବନ୍ଦ ଗୃହରେ ଚୋରି କରାଯିବା ପରେ ଉକ୍ତ ଅଞ୍ଚଳର ସୌମ୍ୟରଞ୍ଜନ ଦାସଙ୍କ ଘରେ ତାଲା ପଡିଥିବା ସୁଯୋଗ ପାଇ ଚୋର ଦଳ ଚୋରି କରିବାରେ ସଫଳ ହୋଇଥିଲେ। ସୌମ୍ୟରଞ୍ଜନଙ୍କ ଘରୁ ୫୦ ହଜାର ଟଙ୍କା, ଠାକୁର ଗୃହର ହୁଣ୍ଡି ଚୋରି କରିଥିବା ବେଳେ ଲକ୍ଷାଧିକ ଟଙ୍କାର ବିଦ୍ୟୁତ ଉପକରଣ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ମାନେ ଉକ୍ତ ଅଞ୍ଚଳର ଅନ୍ୟ ୩ଟି ଘରେ ଚୋରି କରିବାକୁ ଉଦ୍ୟମ କରିବା ସହ ବିଫଳ ହୋଇଥିବା ଜଣାପଡିଛି। ସେହିପରି ଗତକାଲି ରାତ୍ରିରେ ଏନ୍‌କେଟି ରୋଡ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଜନୈକ ବ୍ୟକ୍ତିଙ୍କ ଘରେ ପଶି ସୁନା ଅଳଙ୍କାର ଚୋରି କରିଥିବା ଅଭିଯୋଗ ହୋଇଛି। ଉକ୍ତ ବ୍ୟକ୍ତି ଜଣକ ଘରେ ତାଲା ପଡିଥିବା ଯୋଗୁଁ କେତେ ପରିମାଣରେ ଚୋରି ହୋଇଛି ତାହା ଆକଳନ ହୋଇ ପାରିନାହିଁ। ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା ସଠିକ ଭାବେ ହେଉନଥିବା ବେଳେ ଏବଂ ରାତ୍ରୀକାଳୀନ ବିଭିନ୍ନ ଛକରେ ରାତିରେ ହୋମଗାର୍ଡ ନିୟୋଜିତ କରାଯାଉନଥିବା ଯୋଗୁଁ ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି।

# ମଦ ଚାଲାଣ ଅଭିଯୋଗ

**ଜୟପୁର, ୩।୧୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଅବକାରୀ ବିଭାଗ ପକ୍ଷରୁ ଦୁଇଟି ସ୍ଥାନରେ ଚଢଉ କରାଯାଇ ସମୁଦାୟ ୧୨ ଲିଟର ବେଆଇନ ଦେଶୀ ମଦ ଚାଲାଣ ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛନ୍ତି। ପ୍ରଥମ ଘଟଣାରେ ଫାମ୍ପୁଣି ଗ୍ରାମର ହରିଜନ ସାହିର ବାସିନ୍ଦା ମହେଶ୍ୱର ହରିଜନ (୨୧) ଏକ ମଟରସାଇକେଲ ଟ୍ୟୁବରେ ୧୨ ଲିଟର ମଦ ନେଉଥିବା ବେଳେ ଅବକାରୀ ବିଭାଗ ଚଢ଼ଉ କରିବା ସହ ଗିରଫ କରିଥିଲେ ଏବଂ ମଦ ଜବତ କରିଛନ୍ତି। ସେହିପରି ବାର୍ଲାହାଣ୍ଡି ଗ୍ରାମ ଉପରେ ଚଢଉ କରାଯାଇ ବାସନ୍ତୀ ବିଶୋୟୀ (୩୧)ଙ୍କୁ ବେଆଇନ ଦେଶୀ ମଦ ବିକ୍ରି ଉଦ୍ଦେଶ୍ୟରେ ନେଉଥିବା ବେଳେ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୭ ଲିଟର ଦେଶୀ ମଦ ଜବତ କରିଛନ୍ତି। ଉଭୟ ଗିରଫ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଥାନା ଅଧିକାରୀ ଏସ.ଆଇ ସୁବ୍ରତ କେଶରୀ ହିରନ ସୂଚନା ଦେଇଛନ୍ତି।

# ‘ପରବ’ ଉଦ୍‌ଘାଟନୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



**ନନ୍ଦପୁର, ୩।୧୧ (ସମିସ):** ଚଳିତ ମାସ ୧୨ ତାରିଖରେ ଲକ୍ଷ୍ମୀପୁର ବ୍ଲକରୁ କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ ‘ପରବ’ ଉଦ୍‌ଘାଟନ ହେବ। ପ୍ରତିବର୍ଷ ଭୋଳି ଚଳିତ ବର୍ଷ ମଧ୍ୟ ଯୋଗ ଦେବା ପାଇଁ ସୋମବାର ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟର ସହିଦ ଲକ୍ଷ୍ମଣ ନାୟକ ସଭା ଗୃହ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ, ଏଇଇ ଝସକେତନ୍ ବେହେରା, ବିଧାୟକ ପ୍ରତିନିଧି କାମେଶ କାମୁଡି, ସିଡିପିଓ ମିନତିବାଲା ପଟ୍ଟନାୟକ, ଆଇଆଇସି ମମତା କୁମାରୀ ପଣ୍ଡା, ଜିପିଡିଓ ଦିବାକର ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ନନ୍ଦପୁରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ପୂର୍ବତନ ଏସ୍‌ଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ବିଶିଷ୍ଟ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ଆଦିବାସୀ ସଂଘ ସଭାପତି ଭଗବାନ ପେଟି÷ଆ, ଜଗନ୍ନାଥ ପାଙ୍ଗି, ସେକ ଗଫୁର, ସେକ ନୁର, ଜୟରାମ ଭୋଇ, ସାମାଜିକ କର୍ମୀ ମୁନା ଦଳପତି, କାର୍ଯ୍ୟନିର୍ବାହୀ ଅଧିକାର କୋମଳ ରାଓ ସ୍ମିଥ, ମହିଳା ସଭା ନେତ୍ରୀ ବିଜୟ ଲକ୍ଷ୍ମୀ ପଟ୍ଟନାୟକ, କୁନି ଦଳପତି, କାଞ୍ଚନ ଖେମୁଣ୍ଡୁ, ସାବିତ୍ର ନାୟକ ସମେତ ୨୩ ଗୋଟି ଗ୍ରାମ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ସଭ୍ୟା ଯୋଗ ଦେଇ ଚଳିତ ଜିଲ୍ଲାସ୍ତରୀୟ ପରବ ଉଦଘାଟନୀ ଉତ୍ସବରେ ଯୋଗ ଦେବା ନେଇ ଆଲୋଚନା କରାଯାଇଥିଲା। ୨୩ ଗୋଟି ଗ୍ରାମ ପଞ୍ଚାୟତରୁ କେତେ ଜଣ ଉତ୍ସବକୁ କେମିତି ଯିବେ ସେ ନେଇ ଆଲୋଚନା କରାଯାଇଥିଲା। ଏହି ନେଇ ଆଲୋଚନାରେ ସମସ୍ତଙ୍କ ମତାମତ ନିଆ ଯାଇଥିବା ବେଳେ ୧୨ ତାରିଖ ପୂର୍ବରୁ ଜିଲ୍ଲାସ୍ତରୀୟ ଉଦଘାଟନୀ ଉତ୍ସବକୁ ଯିବା ନିମନ୍ତେ ତାଲିକା ଚଡାନ୍ତ ପ୍ରକାଶ କରାଯିବ ବୋଲି ବ୍ଲକ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମ୍ୟାନେଜରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବିଷମ କଟକ,୩।୧୧(ସମିସ):** ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଚାଟିକଣା ସଦର ପଞ୍ଚାୟତର ଓଡିଶା ଗ୍ରାମୀଣ ବ୍ୟାଙ୍କର ମ୍ୟାନେଜର ଅମୀଅ ବୈରାଗୀ ଅନୁଷ୍ଠାନିକ ଭାବେ ଅବସରକାଳୀନ ବିଦାୟ ନେଇଛନ୍ତି। ଏହି ଅବସରରେ କୁର୍ଲି ପଞ୍ଚାୟତର ଉପର ଗଦଗଦା ପରିସରରେ ବ୍ୟାଙ୍କ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ସମ୍ବର୍ଦ୍ଧନା ସଭାରେ କୁର୍ଲି ସରପଞ୍ଚ ଶୁବର୍ଧନୀ ୱାଡାକା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭକ୍ତା ଭାବେ ପୂର୍ବତନ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ଅଶୋକ କୁମାର ଦାସ ଓ ମଞ୍ଚାସୀନ ଅତିଥି ଭାବେ ମକରଧ୍ୱଜ ଉତ୍ତରାସିଲ, ମାର୍କଣ୍ଡ ପଣ୍ଡା, ଧନେଶ୍ୱର ନିମାକା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅବସରପ୍ରାପ୍ତ ଶ୍ରୀ ବୈରାଗୀଙ୍କୁ ମଞ୍ଚାସୀନ ଅଥିତି ଓ ସ୍ଥାନୀୟ ଗ୍ରାମବାସୀ ଉତ୍ତରୀୟ ପ୍ରଦାନ କରିବା ସହ ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ସମ୍ବର୍ଦ୍ଧନା ସଭାରେ ଶ୍ରୀ ବୈରାଗୀଙ୍କ ପତ୍ନୀ ଦୁର୍ଗାବତୀ ବୈରାଗୀଙ୍କ ସମେତ ତାଙ୍କର ପୁଅ ଏବଂ ବହୁ ସାଙ୍ଗ ସାଥି ଉପସ୍ଥିତ ରହିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପ୍ରଶାନ୍ତ ସରଦାର ପରିଚାଳନା କରିଥିଲେ।



# ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

**ଜୟପୁର, ୩।୧୧(ସମିସ):** ଜୟପୁର ବ୍ଲକସ୍ଥିତ ଭଟାଛିଞ୍ଚି ଗ୍ରାମ ଠାରେ ନବ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଆୟୋଜନ ନିମନ୍ତେ ଆଜି ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଆସନ୍ତା ୮ ତାରିଖରେ କଳସ ଯାତ୍ରା ଓ ୯ ତାରିଖରେ ପୂର୍ବାହ୍ନ ୯ଟା ସମୟରେ ଯଜ୍ଞ ଶୁଭାରମ୍ଭ ହେବ। ଏହାର ପରିଚାଳନା ନିମନ୍ତେ ୭୦ ଜଣିଆ ପରିଚାଳନା କମିଟି ଗଠନ କରାଯାଇଛି। ଏହି ସପ୍ତସୂତ୍ରି କାର୍ଯକ୍ରମ ପ୍ରମୁଖ ନିରଞ୍ଜନ ପାଣିଗ୍ରାହିଙ୍କ ଦ୍ୱାରା ଯଜ୍ଞ ଆୟୋଜନ ନିମନ୍ତେ ଜାଗା ଚିହ୍ନଟ, ନକ୍ସା ପ୍ରସ୍ତୁତ କରାଯାଇଛି। ଗ୍ରାମବାସୀ ମାନଙ୍କ ମିଳିତ ସହଯୋଗରେ ପ୍ରାରମ୍ଭିକ ଶୁଭ ଖୁଣ୍ଟି ଓ ମାଙ୍ଗଳିକ ଦ୍ରବ୍ୟ ସ୍ଥାପନ କରାଯାଇଛି। ଏଥିରେ କୋରାପୁଟ ଜିଲ୍ଲା ସଂଯୋଜକ ସୁଶ୍ରୀ ରତ୍ନମ୍ବରା ପାତ୍ର, ଶୁଭଶ୍ରୀ ପାଣିଗ୍ରାହି,ପ୍ରଜ୍ଞା ପରିମିତା ପାଣିଗ୍ରାହି ଏବଂ ଗ୍ରାମବାସୀ ଯଜ୍ଞଶାଳା ନିର୍ମାଣ କାର୍ଯ ଶୁଭାରମ୍ଭ କରିଛନ୍ତ।

# ବିଧାୟକଙ୍କୁ ବଞ୍ଚାଇବା ପାଇଁ ବଳି ପଡ଼ିଲେ ପିଏସ୍‌ଓ: ପିତମ ପାଡି

**କୋରାପୁଟ,୩।୧୧(ସମିସ):** ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସଓ) ଙ୍କ ସର୍ଭିସ ରିଭଲଭରରୁ ଗୁଳି ଫୁଟିବା ଘଟଣାରେ ନୂଆପଡ଼ା ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାକୁ ଯାଇଥିବା କୋରାପୁଟ ବିଧାୟକ ରଘୁରାମ ମାଛ ବିବାଦ ଭିତରେ ଫସିଛନ୍ତି। ଲୋକଙ୍କୁ ଭୟଭୀତ କରାଇ ଭୋଟ ନେବା ପାଇଁ କୋରାପୁଟ ବିଧାୟକ ଶ୍ରୀ ମାଛ ନିଜେ ଗୁଳି ଫୁଟାଇ ପିଏସ୍‌ଓଙ୍କ ମୁଣ୍ଡରେ ଦୋଷ ଢ଼ାଳିଛନ୍ତି ବୋଲି ପଟ୍ଟାଙ୍ଗିର ପୂର୍ବତନ ବିଧାୟକ ପିତମ ପାଢ଼ୀ ଏବଂ କୋରାପୁଟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଅଭିଯୋଗ କରିଛନ୍ତି। କୋରାପୁଟ ପ୍ରେସ୍ କ୍ଲବରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପରୋକ୍ତ ଅଭିଯୋଗ ଉଠାଇ ପିଏସଓ ଜଣେ କର୍ମନିଷ୍ଠ ଓ ଦାୟିତ୍ୱ ସମ୍ପନ୍ନ ଯୁବକ, ସେ କେବେ ମଧ୍ୟ ଏଭଳି ଦାୟିତ୍ୱହିନ କାର୍ଯ୍ୟ କରିବେ ନାହିଁ, ବିଧାୟକଙ୍କୁ ବଞ୍ଚାଇବା ପାଇଁ ରାଜ୍ୟ ସରକାର ପିଏସଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇଥିବା ଅଭିଯୋଗ କରିଛନ୍ତି। କୋରାପୁଟ ବିଧାୟକ ଶ୍ରୀ ମାଛଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବା ସହ ଘଟଣାର ବିଚାର ବିଭାଗୀୟ ତଦନ୍ତ କରା ଯିବା ସହ ବିଧାୟକଙ୍କୁ ମଧ୍ୟ ତଦନ୍ତ ପରିସର କରିବାକୁ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ନୈତିକତା ଦୃଷ୍ଟିରୁ ବିଧାୟକ ଶ୍ରୀ ମାଛ ନିଜ ପଦରୁ ଇସ୍ତଫା ଦେଇ ତଦନ୍ତର ସମ୍ମୁଖୀନ ହେବାକୁ ପୂର୍ବତନ ବିଧାୟକ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଆହ୍ୱାନ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, କୋରାପୁଟ ବ୍ଲକ ବିଜେଡି ସଭାପତି ମଣ୍ଟୁ ବେନିଆ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# କାର୍ତ୍ତିକ ଶେଷ ସୋମବାର, ମନ୍ଦିରରେ ଭିଡ଼



**ଲକ୍ଷ୍ମୀପୁର, ୩।୧୧(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ବିଭିନ୍ନ ମନ୍ଦିର ଓ ଶୈବପୀଠରେ ଭିଡ଼ ଦେଖିବାକୁ ମିଳିଛି। କାର୍ତ୍ତିକ ମାସର ଶେଷ ସୋମବାର ଏଭଳି ଭିଡ ରହିଥିଲା। ହିନ୍ଦୁ ଧର୍ମରେ କାର୍ତ୍ତିକ ମାସ ହେଉଛି ଏକ ଧାର୍ମିକ ମାସ। ଏହି ମାସରେ ଧାର୍ମିକ ଭାବନା ରଖି ମାସ ସାରା ପୂଜାର୍ଚ୍ଚନା ଭକ୍ତ ମାନେ କରିଥାନ୍ତି। ଉକ୍ତ ମାସର ଶେଷ ସୋମବାର ହୋଇ ଥିବା ହେତୁ ଲକ୍ଷ୍ମୀପୁର ର ରାମ ମନ୍ଦିର, ଶିବ ମନ୍ଦିର, କୁଟୁଣି ପଦର ଆମ୍ବିଲିଆମ୍ବଗୁଡ଼ା ଇତ୍ୟାଦି ମନ୍ଦିର ମାନଙ୍କରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଲକ୍ଷ୍ମୀପୁର ରାମ ମନ୍ଦିରରେ ଦୀପରେ ଲେଖାଯାଇ ତିନି ଠାକୁରଙ୍କୁ ପୂଜାର୍ଚ୍ଚନା କଲା ପରେ ଆଳତୀ ଅର୍ପଣ କରାଯାଇ ତା ପରେ ଆକାଶ ଦୀପ ଉଦ୍ଦେଶ୍ୟରେ ଲାଗି ଥିଲା ଦୀପ। ଏହି ସମୟରେ ମହିଳା ମାନଙ୍କର ଭିଡ ଲାଗି ଥିଲା। ମହା ଆଡ଼ମ୍ବରରେ କାର୍ତ୍ତିକ ମାସର ଶେଷ ସୋମବାର ପାଳନ ହୋଇଥିଲା।

# ମଦ ବ୍ୟବସାୟୀଙ୍କ ବିରୋଧରେ ଏତଲା

**ପାପଡାହାଣ୍ଡି, ୩।୧୧(ସମିସ):** ପାପଡାହାଣ୍ଡି ବ୍ଲକ ଶରଶୀ ପଞ୍ଚାୟତର ପାଲପୁର ମୌଜା ପାଲପୁର, ନୂଆଗୁଡା, କଦମଗୁଡା ଆଦି ଅଞ୍ଚଳରେ ମଦ ବିକ୍ରି ନ କରିବା ନେଇ ତାଗିଦ ସତ୍ତ୍ୱେ ବ୍ୟାବସାୟୀ ଜଣକ ମଦ ବିକ୍ରି କରୁଥିବାରୁ ବ୍ୟବସାୟୀ ଧନସିଂ ଗୌଡ଼ଙ୍କ ନାଁରେ ଏତଲା ଦେଇଛନ୍ତି ମଣ୍ଡଳର ମହିଳା। ଗତକାଲି ବ୍ୟବସାୟୀ ଧନସିଂ ଏକ ବାଇକ୍‌ରେ ମଦ ନେବା ସମୟରେ ଗାଁ ଯୁବକଙ୍କ ହାତରେ ଧରାପଡ଼ିଥିଲେ। ମଦ ବିକ୍ରି ବନ୍ଦ ନେଇ ତାଗିଦ ସତ୍ତ୍ୱେ କାହିଁକି ମଦ ଆଣିଲେ ବୋଲି ଯୁବକ ମାନେ ପଚାରିବା ସହ ମହିଳା ମାନଙ୍କୁ ଜଣାଇଥିଲେ। ବ୍ୟବସାୟୀ ଜଣକ ଏହା ପରେ ବାଇକ ଧରି ଘଟଣାସ୍ଥଳରୁ ପଳାଇଥିଲେ। ବାରମ୍ବାର ଲୁଚାଛୁପାରେ ଅଞ୍ଚଳରେ ପୁଣି ମଦ ବିକ୍ରି ହେଉଥିବାରୁ ମହିଳା ମାନେ ପାପଡାହାଣ୍ଡି ଥାନାର ଦ୍ୱାରସ୍ଥ ହୋଇ ଏତଲା ଦେଇଛନ୍ତି। ଛଅ ମାସ ତଳେ ମୌଜାରେ ମଦ ବନ୍ଦ ନେଇ ମହିଳା ମାନେ ଅଣ୍ଟା ଭିଡିଥିଲେ। ମଦ ପିଇବାକୁ ବାରଣ ସହ ବିକ୍ରି ନ କରିବା ଲାଗି ତାଗିଦ ହୋଇଥିଲା। ଏହାସତ୍ତ୍ୱ ମଦ ବିକ୍ରି ହେଉଥିବାରୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବ୍ୟାବସାୟୀ ଜଣକ ଦୁଇ ମାସ ତଳେ ମହିଳା ମାନଙ୍କୁ ଦୁର୍ବ୍ୟବହାର ସହ ଗାଳି ଗୁଲଜ କରିଥିବା ଅଭିଯୋଗ ହୋଇଛି।

# ବିଦ୍ୟାଳୟ ପରିସରରେ ଛାୟା ବିଧାନସଭା

**ଉମରକୋଟ,୩।୧୧ (ସମିସ):** ଉମରକୋଟ ବ୍ଲକ ସ୍ଥିତ ପିଏମ ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଛାୟା ବିଧାନସଭା ଅନୁଷ୍ଠିତ ହୋଇଯାଇଛି। ଛାତ୍ର ଓ ଛାତ୍ରୀ ମାନଙ୍କ ମଧ୍ୟରୁ ଭବିଷ୍ୟତ ନେତାଙ୍କୁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସର୍ବ ପ୍ରଥମେ ରାଜ୍ୟପାଳଙ୍କ ଅଭିଭାଷଣ, ଦ୍ୱିତୀୟରେ ଦିବଂଗତ ବିଧାୟକଙ୍କ ନିମନ୍ତେ ଶୋକ ପ୍ରସ୍ତାବ ପାରିତ, ନୂତନ ବିଧାୟକ ଙ୍କ ଶପଥ ପାଠ ଓ ପରେ ପରେ ନୂତନ ଶିକ୍ଷା ନୀତି ୨୦୨୫ ସର୍ବ ସମ୍ମତି କ୍ରମେ ଛାୟା ବିଧାନସଭାରେ ପାରିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ ଙ୍କ ପ୍ରତେକ୍ଷ୍ୟ ତତ୍ୱାଭଧାନ ଓ ନିର୍ଦ୍ଦେଶନା ରେ ଏହି ଛାୟା ବିଧାନସଭା ଅନୁଷ୍ଠିତ ହୋଇଥିବା ବେଳେ ଅନୁଷ୍ଠାନ ର ଅନ୍ୟାନ ଶିକ୍ଷକ ନରେନ୍ଦ୍ର ହରିଜନ, ସଚିଦାନନ୍ଦ ମହାପାତ୍ର, କରୁଣାକର ମାଝୀ, ନିଖିଳ ଚନ୍ଦ୍ର ବିଶ୍ୱାସ, ସୁଧାଂଶୁ ଶେଖର ସାହୁ, ଶିବ ଶଙ୍କର ପତି, ଉତ୍ତମ ଦାସ, ଦେବ କୁମାର ଦେ, ଏମ ଡି ସରଫରାଜ, ନୀଳମ୍ବର ଯାନୀ, ପ୍ରଦୀପ ରାଉତ, ଜନ୍ମେଜୟ ପ୍ରସାଦ ସାହୁ, ଦୈମନ ଭତ୍ରା, ସଂଜିତ କୁମାର ସ୍ୱାଇଁ, କୋଲିନ ଦାସ, ସାଗରୀକା ବୈଦ୍ୟ, କୁମାରୀ ଅପର୍ଣ୍ଣା ଗୁରୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଘାସିଆ ପୂଜାରୀ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୈଷ୍ଣବ ଚରଣ ସେଠୀ ଓ କମିଟିର ସଦସ୍ୟ ଓ ସଦସ୍ୟା ମାନେ ଯୋଗ ଦେଇ ଭବିଷ୍ୟତର ନେତା ଓ ନେତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଛାତ୍ର ଓ ଛାତ୍ରୀ ମାନଙ୍କୁ ସମ୍ବିଧାନରେ ଥିବା ବିଧି ବ୍ୟବସ୍ଥା ତଥା ଏହାର ଅଙ୍ଗ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ସମ୍ପର୍କରେ ଅବଗତ କରାଇଥିଲେ।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥
ଦ୍ୱାଦଶାହ ଉପଲକ୍ଷେ
ଭାବପୂର୍ଣ୍ଣ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ କୁଶଳେଶ୍ୱର ସାହୁ
ପଦରପଡା, ତରଭା,ସୋନପୁର
ଆବିର୍ଭାବ: ୦୨.୦୪.୧୯୪୮ (ଚୈତ୍ର ଶୁକ୍ଳପକ୍ଷ ଶ୍ରୀରାମ ନବମୀ)
ତିରୋଧାନ: ୨୪.୧୦.୨୦୨୫ (କାର୍ତ୍ତିକ ଶୁକ୍ଳପକ୍ଷ ତୃତୀୟା)

ତୁମେ ଆମ ପାଇଁ ସବୁକିଛି ଥିଲ। ତୁମର ନିରନ୍ତର ଉତ୍ସର୍ଗ, ସ୍ନେହର ଛାୟା ଓ ଜ୍ଞାନର ମାର୍ଗଦର୍ଶନ ଆମ ଜୀବନକୁ ଆକାର ଦେଇଛି। ଆମେ କୃତଜ୍ଞ ଯେ ତୁମେ ଆମକୁ ସତ୍ୟ, ନ୍ୟାୟ ଓ ସହନଶୀଳତାର ପାଠ ଶିଖାଇଛ, ଆମର କଷ୍ଟରେ ସାଥୀ ହୋଇଛ ଏବଂ ସ୍ୱପ୍ନଗୁଡ଼ିକୁ ପୂରଣ କରିବାର ଶକ୍ତି ଦେଇଛ। ତୁମର ଅନୁପ୍ରେରଣା ଆମକୁ ସଦା ଚାଲିବାକୁ ଶିଖାଇଛି। ତୁମର ପ୍ରତି ଆମର ଅସୀମ କୃତଜ୍ଞତା - ତୁମେ ଆମର ଜୀବନର ଆଧାର ଥିଲ, ଥିବ ଓ ରହିବ। ଆଜି ଦ୍ୱାଦଶାହ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମା' ମେଟାକାନୀଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ପତ୍ନୀ - ଭଗବତୀ ସାହୁ, ପୁତ୍ର - କିର୍ତ୍ତିଚନ୍ଦ୍ର, ସୂର୍ଯ୍ୟନାରାୟଣ, ପୁତ୍ର ବଧୂ - ସରିତା, ବିଜୟଲକ୍ଷ୍ମୀ.
ଝିଅ - ଅନୁରାଧା, ମାମୀ, ଜ୍ୱାଇଁ - ମନୋରଞ୍ଜନ, ପ୍ରଶାନ୍ତ,
ନାତି ନାତୁଣୀ - ଶ୍ରେୟା, ଲିବୁନ, ସୁଦୀପ, ଶିବାଂଶ, ସାହୁ ପରିବାର ଓ ବନ୍ଧୁବର୍ଗ
ମା ମେଟାକାନୀ ଷ୍ଟୋନ କ୍ରସର

ସପ୍ତମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଜାତା ପାତ୍ର ଦେ
ସ୍ଥାନ- ଦେଉଳି ପମ୍ପୁଘଣ୍ଟା, ଜଳେଶ୍ୱର
ଆବିର୍ଭାବ - ୦୬.୦୩.୧୯୭୦
ତିରୋଧାନ - ୨୧.୧୧.୨୦୧୮
ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ।
ହେ ଦିବଂଗତ, ତୁମର ଅବର୍ତ୍ତମାନରେ ସଦା ତୁମକୁ ଝୁରୁଛି, ତୁମର ସ୍ୱାମୀ - ବିଦ୍ୟାପତି ଦେ, ଅଲିଅଳି କନ୍ୟା ମାମା, ଲିମା, ଗୁଡି, ଜ୍ୱାଇଁ ଦିପୁ ଓ ପରିବାର ବର୍ଗ।

# ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନରେ ଆଲୋଚନାଚକ୍ର

**ଜୟପୁର/ଲମତାପୁଟ, ୩।୧୧(ସମିସ):** ଜୟପୁର ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଆଦିବାସୀଙ୍କ ସ୍ୱାସ୍ଥ୍ୟ ସ୍ଥିରତା ପାଇଁ ଏକ ଦିନିକିଆ ଆଲୋଚନା ଲମତାପୁଟ ବ୍ଲକ କାର୍ଯ୍ୟାଳୟ ଠାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମେ ଲମତାପୁଟ ବ୍ଲକର ଚୟନ ହୋଇଥିବା ୧୦ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ୮ ଜଣ ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ, ୧୦ ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀ ଏବଂ ୩ ଜଣ ଆଇସିଡିଏସ ସୁପରଭାଇଜର ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ, ସମନ୍ୱିତ ଶିଶୁ ବିକାଶ ସେବା, ୟୁନିସେଫ ଏବଂ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ମିଳିତହୋଇ ଗର୍ଭବତୀ, ପ୍ରସୂତି ଏବଂ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଏବଂ ପୋଷଣ ଉପରେ କାର୍ଯ୍ୟ କରିବାକୁ ସହମତି ପ୍ରକାଶ କରିଥିଲେ। ରାଜ୍ୟ ପ୍ରକଳ୍ପ ସଂଯୋଜକ ଅସିତ ମାନସିଂହ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ଯଶ୍ମିନ୍ ମହାନ୍ତି ଏବଂ ବ୍ଲକ ସଂଯୋଜକ ରାଜଦୀପ ବେହେରା ଉପସ୍ଥିତ ରହି ସଚେତନ କରିଥିଲେ। ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ସ୍ପନ୍ଦନ ସ୍ଥିତପ୍ରଜ୍ଞା, ଭାରପ୍ରାପ୍ତ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଇନ୍ଦୁମତୀ ପାଣିଗ୍ରାହୀ, ପି.ଏଚଇଓ ଇତିଶ୍ରୀ ବିଶ୍ୱାଳ, ବିପିଏମ୍. ଅମ୍ବୁଜିନୀ ବାରିକ ଏବଂ ପୋଷଣ ବିଶେଷଜ୍ଞ ସତ୍ୟଶ୍ୱର ନାୟକ ଏନେଇ ବିସ୍ତୃତ ଭାବରେ ବୁଝାଇଥିଲେ।

# କ୍ଷତିପୂରଣ ଦାବିରେ ରାସ୍ତାରୋକ



**ଉମରକୋଟ,୩।୧୧(ସମିସ):** ଟ୍ରାକ୍ଟର ଦୁର୍ଘଟଣାରେ ନାବାଳକଙ୍କ ମୃତ୍ୟୁକୁ ନେଇ ଦର୍ଗାଗୁଡ଼ା ଠାରେ ଟାୟାର ଜାଳି ରାସ୍ତା ଅବରୋଧ। ଉମରକୋଟଠାରୁ ରାଇଘରକୁ ସଂଯୋଗ କରୁଥିବା ୪୦ ନମ୍ବର ରାଜ୍ୟ ରାଜପଥକୁ ଦର୍ଗାଗୁଡ଼ା ନିକଟରେ ଅବରୋଧ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଉମରକୋଟ ଥାନା ଅଧୀନସ୍ଥ ମୃତ ନାବାଳକ ଜଣକ ହେଲେ ଉମରକୋଟ ପୌରାଞ୍ଚଳ ଦର୍ଗାଗୁଡା ଗ୍ରାମର ଡମ୍ବରୁ ପୂଜାରୀ (୧୭)। ଡମ୍ବରୁ ସାଙ୍ଗ ମାନଙ୍କ ସହିତ ଟ୍ରାକ୍ଟର ସାହାଯ୍ୟରେ ବେହେଡା ପଞ୍ଚାୟତର ଲିମା ଗୁଡ଼ା ଗ୍ରାମକୁ ଯାଇଥିଲେ। ଫେରୁଥିବା ସମୟରେ ଲିମାଗୁଡ଼ା ନିକଟରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ବିଲ ମଧ୍ୟରେ ଓଲଟି ପଡ଼ିଥିଲା। ଗୁରୁତର ଅବସ୍ଥାରେ ସାଙ୍ଗ ମାନେ ଡମ୍ବରୁକୁ ଉଦ୍ଧାର କରି ଗାଡ଼ି ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ଡାକ୍ତରଖାନାରେ ଡାକ୍ତର ଡମ୍ବରୁକୁ ମୃତ ଘୋଷଣା କରିଥିଲେ। ଦର୍ଗାଗୁଡ଼ା ଗ୍ରାମବାସୀ ମୃତକଙ୍କ ପରିବାରକୁ କ୍ଷତିପୂରଣ, ନାବାଳକଙ୍କୁ ଟ୍ରାକ୍ଟରରେ ଶ୍ରମିକ ଭାବେ ନିୟୋଜିତ ନ କରିବା, ଟ୍ରାକ୍ଟରରେ ସ୍ୱୀକୃତିପ୍ରାପ୍ତ ଲାଇସେନ୍ସ ଥିବା ଗାଡ଼ି ଚାଳକଙ୍କୁ ଗାଡ଼ି ଚଳାଇବାକୁ ଦେବାର ଲିଖିତ ପ୍ରତିଶୃତି ଗାଡି ମାଲିକ ଦେବା ପରେ ଗ୍ରାମବାସୀ ଘଟଣା ସ୍ଥଳରୁ ଉଠିଥିଲେ।

## ୨୨ ବସ୍ତା ଆଳୁ ବିହନ

# ଅମଳ ହୋଇଛି ମାତ୍ର ୩ ବସ୍ତା, ଚାଷୀ ଚିନ୍ତାରେ



ପୋଡ଼ାଗଡ଼,୩।୧୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର ବିଭିନ୍ନ ପଞ୍ଚାୟତର ଆଳୁ ଅମଳ ହ୍ରାସକୁ ନେଇ ଚିନ୍ତାରେ ଚାଷୀ । ଦଶମନ୍ତପୁର ବ୍ଲକରେ ଖରିଫରେ ୨୨୭ ହେକ୍ଟରରେ ଆଳୁ ଚାଷ ହୋଇଛି । ହେକ୍ଟର ପିଛା ୧୫୦ କ୍ୱିଣ୍ଟାଲ ଲକ୍ଷ୍ୟ ରଖାଯାଇଥିଲା । ଉଦ୍ୟାନ କୃଷି ବିଭାଗ ପକ୍ଷରୁ ରିହାତିରେ ରାଜ୍ୟ ବିହନ ନିଗମ ଯୋଗାଇଥିବା ଆଳୁ ବିହନ ଚାଷୀଙ୍କୁ ପ୍ରଦାନ କରାଯାଇଥିଲା । ଆଳୁ ଗଛରେ ଭଲ ଫୁଲ ହୋଇଥିଲା । ତେବେ ଅମଳ ବେଳକୁ କିଛି ଚାଷୀଙ୍କର ପଚା ଓ ଛୋଟ ଛୋଟ ଆଳୁ ଅମଳ ହୋଇଥିବା ଅଭିଯୋଗ ହୋଇଛି । ଆଳୁ ଚାଷ କରି କ୍ଷତିଗ୍ରସ୍ତ ହୋଇଛନ୍ତି ବ୍ଲକ ପୋଡ଼ାଗଡ ଅଞ୍ଚଳର କୃଷ୍ଣ ମାଳି କ୍ଷତିଗ୍ରସ୍ତ ହୋଇଛନ୍ତି । ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପଟାମାଳି ଗୁଡାଥିବା ଜମିରେ ଆଳୁ ଚାଷ କରିଥିଲେ । ଭଲ ଗଛ ହେବା ସହ ଭଲ ଫୁଲ ଧରି ମନ ମହୁଥିଲା । ତେବେ ଅମଳ ବେଳକୁ ଉତ୍ପାଦନ ଦେଖି ଚିନ୍ତାରେ ରହିଯାଇଛନ୍ତି ରୂପକ । ଅମଳ ବେଳେ ଗଛରୁ ପଚା ଆଳୁ ବାହାରିଥିବା ବେଳେ କିଛି ଗଛରେ ଛୋଟ ଛୋଟ ଆଳୁ ଏବଂ ଯାହା ବି ଆଳୁ ଥିଲା ଗଛରେ ଆଳୁ ସଂଖ୍ୟା ବି ଢେର କମ ଥିଲା । ସେ ୨୨ ବସ୍ତା ଆଳୁ ବିହନ ବୁଣିଥିବା ବେଳେ ଅମଳ ବେଳକୁ ୨ରୁ ୩ ବସ୍ତା ଅମଳ ହୋଇଥିଲା । ଏଥିପାଇଁ ସେ ନିମ୍ନ ମାନର ବିହନକୁ ଦାୟୀ କରିଛନ୍ତି । ଦଶମନ୍ତପୁର ବ୍ଲକର ଅନେକ ଚାଷୀ ସମାନ ଦୁର୍ଦ୍ଦଶା ଭୋଗିଛନ୍ତି । ସମୀକ୍ଷକ ଶରତ ପଟ୍ଟନାୟକ କହିଛନ୍ତି ଜିଲ୍ଲାର ଶହ ଶହ ସଂଖ୍ୟାରେ ଚାଷୀ ଏପରି ଆଳୁ ଚାଷରେ କ୍ଷତିଗସ୍ତ ହୋଇଛନ୍ତି । ବ୍ଲକରେ ବର୍ଷକୁ ପ୍ରାୟ ୩୪୦୩ ବସ୍ତା ଆଳୁ ବିହନ ଆବଶ୍ୟକ ପଡୁଛି । ତେବେ ଏବେ ପର୍ଯ୍ୟନ୍ତ ବ୍ଲକ କିମ୍ବା ଜିଲ୍ଲାରେ ନିଜସ୍ୱ ବିହନ ତିଆରି କରିବାରେ ସକ୍ଷମ ହୋଇପାରି ନାହିଁ ବୋଲି ସେ କହିଛନ୍ତି । ଏ ନେଇ ଉଦ୍ୟାନ କୃଷି ବିଭାଗ ଉପ ନିର୍ଦ୍ଦେଶକ ସୁଦାମ ବିଶ୍ୱାଳଙ୍କ ସହ ଯୋଗାଯୋଗ କରିବାରୁ ଚଳିତ ବର୍ଷ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବୋଲି ସେ କହିଛନ୍ତି । ଚଳିତ ବର୍ଷ କିଛି ଚାଷୀ ବିହନ ବୁଣିବା ବେଳେ ଆଗ ପଛ ହୋଇ ବୁଣିଥିଲେ । ଜିଲ୍ଲାରେ ଖରିଫ ୧୦୦ ଦିନିଆ ଆଳୁ ଚାଷ ହେଉଛି । ବିହନ ବୁଣିବାର ୩୦ ଦିନ ପରେ ଆଳୁ ଗଛରେ ଫଳ ଧରିବା ଆରମ୍ଭ ହୋଇଥାଏ ।୩୦ ରୁ ୬୦ ଦିନ ମଧ୍ୟରେ ଆଳୁ ପରିପକ୍ୱତା ଲାଭ କରିଥାଏ । ତେବେ ଚଳିତ ବର୍ଷ ଫଳ ଧରିବା ସମୟରେ ଅଧିକ ବର୍ଷା ହେବାରୁ ଯେଉଁ କ୍ଷେତରେ ପାଣି ନିଷ୍କାସନର ବ୍ୟବସ୍ଥା ନାହିଁ ସେଠି ଖରାପ ହେବା ସହ ତାପମାତ୍ରାର ପରିବର୍ତ୍ତନ ବି ଆଳୁ ଉତ୍ପାଦନ କମିବାରେ ଏକ କାରଣ ବୋଲି ସେ କହିଛନ୍ତି । ଆଳୁ ଅମଳ ନେଇ କ୍ରପ ଡ୍ୟାମେଜ ରିପୋର୍ଟ ସଂଗ୍ରହ କରାଯିବ । ଯେଉଁ ଚାଷୀଙ୍କ ୩୩ ପ୍ରତିଶତରୁ ଅଧିକ ଖରାପ ହୋଇଥିବ ସେ ନେଇ ତଦନ୍ତ କରି ଆଗାମୀ ରବି ଋତୁରେ ଅଗ୍ରାଧିକାର ଭିତ୍ତିରେ ଉଦ୍ୟାନ ବିଭାଗର ବିଭିନ୍ନ ଯୋଜନାରେ ସାମିଲ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି । ଆସନ୍ତା ବର୍ଷରେ ଆଳୁ ବିହନ ଉତ୍ପାଦନ ପାଇଁ ସରକାର ପଦକ୍ଷେପ ନେଇଛନ୍ତି ବୋଲି ସେ କହିଛନ୍ତି । କୋରାପୁଟ ଜିଲ୍ଲାରେ ଆଳୁ ଚାଷୀ ମାନଙ୍କର କାହିଁକି ଉତ୍ପାଦନ ହ୍ରାସ ହେଲା ତାହାର ଜିଲ୍ଲା ପ୍ରଶାସନ ତୃତୀୟ ପକ୍ଷକୁ ନେଇ ତଦନ୍ତ କରିବାକୁ ଦାବି ହେଉଛି ।

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୫

ପୋଡ଼ାଗଡ଼,୩।୧୧(ସମିସ):



କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦମହକୁମା ରାଧାକୃଷ୍ଣ ଆଦିବାସୀ ଡିଗ୍ରୀ ମହାବିଦ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୫ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ୍ ଅଧକ୍ଷା ପୂର୍ଣ୍ଣିମା ଜାନି, ବ୍ଲକ ଉପାଧ୍ୟକ୍ଷ ଅରୁଣ କୁମାର ଚେଟି, ସାଂସଦ ପ୍ରତିନିଧି ପଙ୍କଜ କୁମାର ବାଘ, ଜିଲ୍ଲା ପରିଷଦ ସଭ୍ୟା ଲଳିତା ଜାନି ଏବଂ ଧନପତି ସାଉଁନ୍ତା, ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଲକ୍ଷ୍ମୀଧର ବେହେରା, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଧୀର କୁମାର ବେହେରା, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଅତିଥି ବୃନ୍ଦ ଯୋଗ ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ଆଗ୍ରହୀ ମତ୍ସ୍ୟଚାଷୀ, ପ୍ରାଣୀ ପାଳକ ଓ ଅନ୍ୟ ଚାଷୀମାନେ ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରିଥିଲେ । ଦଶମନ୍ତପୁର ବ୍ଲକର ସମସ୍ତ ପ୍ରାଣୀ ପାଳକ ଓ ମତ୍ସ୍ୟ ଚାଷୀ ମାନଙ୍କ ସହିତ ସମସ୍ତ ସରପଞ୍ଚ, ସମିତି ସଭ୍ୟ/ ସଭ୍ୟା ପ୍ରମୁଖ ରାଜନୈତିକ ଦଳର ବ୍ଲକ୍ ସ୍ତରୀୟ ପ୍ରତିନିଧି ଓ ଅଧିକାରୀ ମାନେ ଏବଂ ମିଡ଼ିଆ ଆସୋସିଏସନ ସଂଘର ସମସ୍ତ ସାମ୍ବାଦିକମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଆଜି ୯ ଜଣ ଚାଷୀଙ୍କୁ ମାନପତ୍ର, ସିଲ୍ଡ଼ ସହିତ ଉପଢୌକନ ଏବଂ ପ୍ରତ୍ୟେକଙ୍କୁ ୧୦୦୦ ଟଙ୍କା ଦେଇ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏତଦ୍ ବ୍ୟତୀତ ୧୦ ଜଣ ଚାଷୀଙ୍କୁ କାମଧେନୁ ଯୋଜନାରେ ଗାଈ ଓ ମଇଁଷି ପାଳନ ନିମନ୍ତେ, ବ୍ରଏଲର୍ ଫାର୍ମ ନିମନ୍ତେ, ଛେଳି ପାଳନ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରା ଯାଇଥିଲା । ଏହି ଅବସରରେ ଦଶମନ୍ତପୁର ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଡା. ସୁଧାକର ବେହେରା, ଡା. ଗୋପାଳ କୃଷ୍ଣ ଦଣ୍ଡପାଟ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଦର୍ଶନ ସାହୁ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ପ୍ରକାଶ ମହାନ୍ତି, ବ୍ଲକ୍ ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ ଏବଂ ଦଶମନ୍ତପୁର ବ୍ଲକ୍‌ର ସମସ୍ତ ପ୍ରାଣୀଧନ ନିରୀକ୍ଷକ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଯୋଗ ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ପ୍ରାୟ ୩୫୦ରୁ ଅଧିକ ଚାଷୀ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା ।

# ନଳକୂପରୁ ବାହାରୁଛି ଗୋଳିଆ ପାଣି



ବୈପାରିଗୁଡ଼ା,୩।୧୧(ସମିସ): ଗ୍ରାମାଞ୍ଚଳ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନାରେ ସରକାରଙ୍କ ପକ୍ଷରୁ ପ୍ରକଳ୍ପ ନିର୍ମାଣ କରାଯାଇଛି । ମାତ୍ର କେତେକ ପଞ୍ଚାୟତରେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ରାଜନେତାଙ୍କ ଦୂରଦୃଷ୍ଟି ଅଭାବରୁ ଲୋକେ ପାନୀୟ ଜଳ ପାଇଁ ହୀନସ୍ତା ଭୋଗୁଛନ୍ତି । ଗାଁ ନଳକୂପରୁ ଗଳିଆ ପାଣି ବାହାରୁଛି । ଫଳରେ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଉନାହାନ୍ତି । ବୈପାରିଗୁଡା ବ୍ଲକ କୋଲାର ପଞ୍ଚାୟତର ଟିକ୍ରାଗୁଡା ଗ୍ରାମରେ ଏପରି ଚିତ୍ର ଦେଖିବାକୁ ମିଳିଛି । ଟିକ୍ରାଗୁଡା ଗ୍ରାମରେ ୨୫ରୁ ଅଧିକ ପରିବାର ରହୁଛନ୍ତି । ଗ୍ରାମବାସୀଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ଗୋଟିଏ ନଳକୂପ ଖନନ କରାଯାଇଛି । ଏହି ନଳକୂପ ଉପରେ ଦେଢ଼ ଶହରୁ ଅଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ବହୁ ଦିନ ହେଲା ନଳକୂପରୁ ଗୋଳିଆ ପାଣି ବାହାରୁଥିବାରୁ ଲୋକେ ପାଣି ପାଇଁ ଡହଳବିକଳ ହେଉଛନ୍ତି । ନଳକୂପ ମରାମତି ପାଇଁ ବହୁବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି । ପାନୀୟ ଜଳ ସମସ୍ୟା ଲୋକଙ୍କ ଜଳକଷ୍ଟକୁ ଦୁଇଗୁଣିତ କରୁଛି । ତେଣୁ ନୂତନ ନଳକୂପ କିମ୍ବା ତୁରନ୍ତ ଅଚଳ ନଳକୂପଗୁଡ଼ିକୁ ମରାମତି କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଏନେଇ ସ୍ଥାନୀୟ କୋଲାର ସରପଞ୍ଚ ଜୟନ୍ତୀ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଗାଁ ପରିଦର୍ଶନ ସମୟରେ ପାଣି ସମସ୍ୟା ନ ଥିଲା । କିନ୍ତୁ ଏହି ସମସ୍ୟା ସମାଧାନ ପ୍ରତି ଦୃଷ୍ଟି ଦିଆଯିବ ।

# ଘର ତାଲା ଭାଙ୍ଗି ଚୋରି

ଜୟପୁର, ୩।୧୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର କୁମ୍ଭାର ସାହି ନିକଟସ୍ଥ ଏଚ.କେ କୋଲନୀରେ ବନ୍ଦ ରହିଥିବା ଘରର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା, ରୂପା ଅଳଙ୍କାର ସମେତ ଟଙ୍କା ଚୋରି ହୋଇଥିବା ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏଥିନେଇ ପୁଲିସ ଏକ ମାମଲା ରୁଜୁ କରିବା ସହ ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଏବଂ ସାଇଣ୍ଟିଫିକ ଦଳର ସହାୟତାରେ ଯାଞ୍ଚ ଆରମ୍ଭ କରିଛନ୍ତି । ଜୟପୁର ସହରରେ ପୁଲିସକୁ ଖାତିର ନ କରି ଗୃହର ତାଲାଭାଙ୍ଗି ଚୋରି ହେଉଥିବା ଘଟଣା ବାରମ୍ବାର ଘଟୁଛି । ଏହିପରି ପୁଲିସ ବିଭିନ୍ନ ସମୟରେ ଏହି ଲୁଟେରା ମାନଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରୁଛନ୍ତି । ଚୋରି ଏବଂ ଲୁଟ ମାମଲା ବୃଦ୍ଧି ପାଉବାରେ ଲାଗିଛି । ଏହିପରି ଗତ ୧ ତାରିଖରେ ରାତିରେ ଏଚ.କେ କୋଲନୀର ବାସିନ୍ଦା ସତ୍ୟବ୍ରତ ଦାଶ ଏବଂ ତାଙ୍କ ପରିବାର ଗୃହରେ ତାଲା ଦେଇ ବାହାରକୁ ଯାଇଥିଲେ । କିନ୍ତୁ ଏହାର ପରଦିନ ସାହି ପଡିଶା ତାଙ୍କର ଘରର ମୁଖ୍ୟ ଫାଟକ ଏବଂ କବାଟର ତାଲା ଭଙ୍ଗା ଯାଇଥିବା ନେଇ ସୂଚନା ଦେଇଥିଲେ । ଗତକାଲି ପରିବାର ଲୋକମାନେ ଘରକୁ ଫେରିବା ପରେ ଘର ଭିତରେ ରହିଥିବା ୫ଟି ଆଲମାରୀ ଭାଙ୍ଗି ପ୍ରାୟ ଲକ୍ଷାଧିକ ଟଙ୍କାର ୯ ତୋଳାର ସୁନା ଏବଂ କିଛି ରୂପା ଅଳଙ୍କାର ସମେତ ୨୫ ହଜାର ଟଙ୍କା ନେଇଥିବା ନେଇ ଏତଲା ଦେଇଥିଲେ । ଟାଉନଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଯାଞ୍ଚ କରିବା ସହ ସାଇଣ୍ଟିଫିକ ଦଳର ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି । ସିସି କ୍ୟାମେରାରେ ଲୁଟେରା ମାନେ କପଡ଼ାରେ ମୁହଁ ଢାଙ୍କିଥିବା ଦୃଶ୍ୟ ରହିଛି । ତଦନ୍ତକାରୀ ଅଧିକାରୀ ଭାବେ ଏସ୍ଆଇ ଦୀପକ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

# ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଘାଟିତ



ନନ୍ଦପୁର,୩।୧୧ (ସମିସ): ଆଜି ସ୍ଥାନୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନନ୍ଦପୁର ଠାରେ ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଏବିଇଓ ମମତାଜ୍ ଗୋମଙ୍ଗୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମହୋତ୍ସବରେ ମୁଖ୍ୟ ଅତିଥି ବିଡିଓ ଦୁର୍ଗା ପ୍ରସାଦ ଦୋରା, ମୁଖ୍ୟ ବକ୍ତା ସିଡିପିଓ ମୀନତିବାଳା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଡବ୍ଲୁଇଓ ନଗେନ ତ୍ରିପାଠୀ, ବିଇଓ ଭବାନୀ ନନ୍ଦନ ପଟ୍ଟନାୟକ, ହେଡ୍‌କ୍ୱାର୍ଟର ସିଆରସିସି ରାମକୃଷ୍ଣ ପାଢ଼ୀ, ଆଦର୍ଶ ବିଦ୍ୟାଳୟର ଅଧକ୍ଷ ନନ୍ଦ ଖରା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ସେଠୀ, ଓ ସ୍ୱତନ୍ତ୍ର ଅତିଥି ଭାବେ ନାଗେଶ୍ୱରୀ ବେହେରା ପ୍ରମୁଖ ମଞ୍ଚାସୀନ ହୋଇ ସଭାକୁ ମହିମା ମଣ୍ଡିତ କରିଥିଲେ । ନନ୍ଦପୁର ମଣ୍ଡଳ ଅଧୀନସ୍ଥ ୧୩ ଟି କ୍ଲଷ୍ଟରରୁ ମୋଟ ୪୫୦ ଛାତ୍ର ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ ନଜର ପ୍ରତିଭା ପ୍ରଦର୍ଶନ କରିଥିଲେ । କନିଷ୍ଠ ଓ ବରିଷ୍ଠ ବିଭାଗରେ ବକ୍ତୃତା, ବିତର୍କ, କୁଇଜ୍, ସଙ୍ଗୀତ, ସୃଜନଶୀଳ ଲିଖନ, ପ୍ରବନ୍ଧ, ଚିତ୍ରାଙ୍କନ, ତଥା ସାଂସ୍କୃତିକ ଭଳି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ କୃତି ଛାତ୍ର ଛାତ୍ରୀ ମାନଙ୍କ ଅତିଥି ମାନେ ପୁରସ୍କାର ଦେଇ ଉତ୍ସାହିତ କରିଥିଲେ । ସିଆରସିସି ମନୋଜ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଭଗବାନ ମହାପାତ୍ର, ଲମ୍ବୋଦର ବେହେରା, କେ. ସିତାରମେୟା, ବିଦ୍ୟାଧର ପାଣିଗ୍ରାହୀ, ଶାଶ୍ୱତୀ ବଳ, ପ୍ରଶାନ୍ତ ଖଣ୍ଡପାଣୀ, ନିରଞ୍ଜନ ମହାନନ୍ଦିଆ, ଶଶାଙ୍କ ଶେଖର ଜେନା ମଞ୍ଜୁସା ହନ୍ତାଳ, ଶିମାଞ୍ଚଳ ଦାସ ସୁରେନ୍ଦ୍ର ଦାସଙ୍କ ସହ କାର୍ଯ୍ୟକ୍ରମକୁ ଆସିଥିବା ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହାୟତାରେ ସୂଚାରୁ ରୂପେ ସମାପନ ହୋଇଥିଲା ।

# ଟ୍ରକ୍-କାର୍ ମୁହାଁମୁହିଁ, ୩ ଗୁରୁତର



ସେମିଳିଗୁଡ଼ା,୩।୧୧ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସହରର ଓଡ଼ିଆ ଅଫିସ ସମ୍ମୁଖରେ ଥିବା ଭାରତମାଳା ପ୍ରକଳ୍ପର ପ୍ରବେଶ ଦ୍ୱାରରେ ଏକ ଟ୍ରକ୍ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ୩ ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନଯାୟୀ, ଜଗଦଲପୁର ଅଞ୍ଚଳର ସତ୍ୟେନ୍ଦ୍ର ସିଂ, ଗୌତମ ରାଓ ଏବଂ ଉତ୍ତମ ଜେନା ଏକ କାର୍(ସିଜି ୧୭କେଟି ୭୩୫୮) ଯୋଗେ ଦେଓମାଳି ବୁଲିବାକୁ ଯାଉଥିଲେ । ତେବେ ସ୍ଥାନୀୟ ଓଡ଼ିଆ ଅଫିସ୍ ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ (ଓଡି ୧୦ପି ୬୨୨୯) ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ କାର୍‌ରେ ଥିବା ୩ ଜଣ ଗୁରୁତର ଆହତ ହୋଇଥିଲେ । ଖବର ପାଇ ସେମିଳିଗୁଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ ଗୁରୁତରଙ୍କ ଉଦ୍ଧାର କରି ସ୍ଥାନୀୟ ଲୋକ ସାହାଯ୍ୟରେ ସୁନାବେଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ କୋରାପୁଟ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣାରେ ଆହତ ୩ ଯୁବକ ଜଗଦଲପୁର ଟାଟା ମୋଟର ସୋ'ରୁମ୍‌ରେ କାମ କରୁଥିବା ସୂଚନା ମିଳିଛି ।

# ଶାରଦା ପରିବାର ପକ୍ଷରୁ ପ୍ରସାଦ ବିତରଣ



ନନ୍ଦପୁର,୩।୧୧(ସମିସ): ସିମିଳିଗୁଡା ଆୟାପ୍ପା ସ୍ୱାମୀ ମଣ୍ଡଳୀଙ୍କୁ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଅଛି କ୍ଷ ନନ୍ଦପୁର ସ୍ୱର୍ଗତ ଶାରଦା ପରିବାର ପକ୍ଷରୁ ନନ୍ଦପୁର ସ୍ଥିତି ସର୍ବେଶ୍ୱର୍ ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନନ୍ଦପୁର ସଦର ମହକୁମା ଓ ଶିମିଳିଗୁଡା ମଣ୍ଡଳୀରୁ ୩୫ରୁ ଅଧିକ ଆୟାପ୍ପା ସ୍ୱାମୀଙ୍କୁ ପ୍ରସାଦ ସେବନ କରାଯାଇଥିଲା । ପବିତ୍ର କାର୍ତ୍ତିକ ଶେଷ ସୋମବାରରେ ମନ୍ଦିର ପ୍ରାଙ୍ଗଣରେ ଏହି ଶୁଭ କାର୍ଯ୍ୟରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହ ବହୁ ବିଶିଷ୍ଟ ବ୍ୟକ୍ତି ସହପରିବାର ସହ ଯୋଗ ଦେଇଥଲେ । ଏହି କାର୍ଯ୍ୟକ୍ରମକୁ ସ୍ୱର୍ଗତ ସାରଦା ପରିବାରର ବାବୁଲି ସ୍ୱାମୀ, ଏମ୍ ପ୍ରସାଦ, ଏମ୍ ଚାଣ୍ଡି, ଯୁକେ ନବୀନ, ଯୁକେ ଦାଶୁ, କ୍ରାନ୍ତି ଭାଇ, ଅନିତା ଭଉଣୀ, ସୁନ୍ଦର ଦେବୀ, ରାଜୁ ଭାଇ ସୁନୀତା ଭଉଣୀ, କୌଶଲ୍ୟା ଭଉଣୀ, ନାନୁ ଭାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନାରୀଶକ୍ତି ସଚେତନତା ସଭା



ନବରଙ୍ଗପୁର,୩।୧୧(ସମିସ): ନବରଙ୍ଗପୁର ଜିଲ୍ଲାର ଅଗ୍ରଣୀ ମହିଳା ସଂଗଠନ ନାରୀ ଶକ୍ତି ଆନୁକୂଲ୍ୟରେ ବେହେରାଗୁଡ଼ା ଗ୍ରାମରେ ଏକ ସଚେତନତା ସଭା ଆୟୋଜନ କରାଯିବା ସହ ମା' ଭଉଣୀ ଶିଶୁ ଓ ଆବଶ୍ୟକତା ଥିବା ଲୋକମାନଙ୍କୁ ଶୀତବସ୍ତ୍ର ଓ ପୋଷାକ ବିତରଣ କରାଯାଇଥିଲା । ବାଲ୍ୟ ବିବାହ ଉଚ୍ଛେଦ, ନିଶାଦ୍ରବ୍ୟ ବର୍ଜନ, ସମସ୍ତଙ୍କ ପାଇଁ ଶିକ୍ଷାର ଆବଶ୍ୟକତା ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉପସ୍ଥିତ ମା' ଭଉଣୀ ଓ ଶିଶୁ ମାନଙ୍କୁ ବାଲ୍ୟ ବିବାହର ବିଭିନ୍ନ ପ୍ରତିକୂଳ ଦିଗ ସମ୍ପର୍କରେ ଆଲୋକପାତ କରିବା ସହ ଆଇନ ସମ୍ମତ ବୟସରେ ପରିବାରର ଝିଅଙ୍କୁ ବିବାହ ଦେବା ପାଇଁ ଅଭିଭାବକ ମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଘରର ମୁରବି କିମ୍ବା ଅନ୍ୟ କୌଣସି ସଦସ୍ୟ ମାନେ ମଦ, ତମାଖୁ ଓ ଅନ୍ୟ ନିଶାଦ୍ରବ୍ୟ ସେବନର ଅପକାରିତା ସମ୍ବନ୍ଧରେ ବୁଝାଇ ଏଥିରୁ ବିରତ ରହିବାକୁ ପରାମର୍ଶ ଦିଆଯାଇଥିଲା । ଶିକ୍ଷା ହିଁ ସମସ୍ତଙ୍କ ଉତ୍ତମ ଜୀବନ ଗଢିଥାଏ, ଏଥିପାଇଁ ସମସ୍ତ ଶିଶୁ ମାନଙ୍କୁ ନିଶ୍ଚିତ ଭାବରେ ବିଦ୍ୟାଳୟରେ ଯୋଗଦେଇ ପାଠପଢ଼ିବା ପାଇଁ ଅନୁରୋଧ କରାଯାଇଥିଲା । ସଂଗଠନର କୋଷାଧକ୍ଷା ମନୋରମା ମାଝୀ, ଅଧକ୍ଷା ସ୍ୱର୍ଣ୍ଣଲତା ପଟ୍ଟନାୟକ, ଉପାଧକ୍ଷା ସୋଫିଆ ବେଗମ, ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର, ଯୁଗ୍ମ ସମ୍ପାଦିକା ସାମା ଅହମ୍ମଦ, ଦୁର୍ଗା ପ୍ରସାଦ ପାଢ଼ୀ, ବବିତା ସାହୁ, ସାକିଲା ବେଗମ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ସଚେତନତାର ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

# ହୀରାଖଣ୍ଡ ଟ୍ରେନ୍‌ରୁ ଗଞ୍ଜେଇ ଜବତ, ଯୁବକ ଗିରଫ



କୋରାପୁଟ,୩।୧୧(ସମିସ): ଜଗଦଲପୁର ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନରୁ କୋରାପୁଟ ଆରପିଏଫ୍ ଏବଂ ଜିଆରପି ପୁଲିସ ୯ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଘଟଣାରେ ଜଣକୁ ଗିରଫ କରିଛି । ଗିରଫ ଯୁବକ ଜଣକ ଯାଜପୁର ଅଞ୍ଚଳ ବିନୋଦ କୁମାର ସାମଲ ବୋଲି ସୂଚନା ମିଳିଛି । କୋରାପୁଟ ଜିଆରପି ଥାନା ଓଆଇସି ସନ୍ତୋଷୀ ମହନ୍ତଙ୍କ ଠାରୁ ହସ୍ତଗତ ସୂଚନା ଅନୁଯାୟୀ ହୀରାଖଣ୍ଡ ଏକ୍ସପ୍ରେସରେ ଜୟପୁର ଠାରୁ ଗଞ୍ଜେଇ ନେଇ ଜଣେ ଯୁବକ ଭୁବନେଶ୍ୱର ଯାଉଥିବା ସୂଚନା ଜିଆରପି ଏବଂ ଆରପିଏଫ ପୁଲିସକୁ ମିଳିଥିଲା । ସୂଚନା ମିଳିବା ପରେ ଉଭୟ ଟିମ କୋରାପୁଟ ଷ୍ଟେସନରେ ସଜାଗ ରହିଥିଲେ । ଟ୍ରେନ କୋରାପୁଟ ଷ୍ଟେସନରେ ପହଞ୍ଚିବା ମାତ୍ରେ ଉଭୟ ଟିମ ଟ୍ରେନରେ ଚଢ଼ି ତଲାସି ନେଉଥିବା ବେଳେ ବିନୋଦଙ୍କ ଚାଲି ଚଳଣ ଦେଖି ସନ୍ଦେହ କରି ତାଙ୍କ ବ୍ୟାଗ୍ ଯାଞ୍ଚ କରିବା ପରେ ଗଞ୍ଜେଇ ଥିବା ଜଣା ପଡିଥିଲା । ବିନୋଦକୁ କୋରାପୁଟ ଜିଆରପି ଥାନାକୁ ନେଇ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଭବାନୀ ଶଙ୍କର ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ବ୍ୟାଗ ଖୋଲି ଗଞ୍ଜେଇ ଜବତ କରି ଓଜନ କରିବା ପରେ ସେଥିରେ ୯ କିଲୋଗ୍ରାମ ଗଞ୍ଜେଇ ଥିବା ଜଣା ପଡିଥିଲା । ଜିଆରପି ଥାନାରେ ବିନୋଦ କୁମାର ସାମଲଙ୍କ ବିରୁଦ୍ଧରେ ଏନଡିପିଏସ ଆକ୍ଟରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଜିଆରପି ଥାନା ଓଆଇସି ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି ।

# କାର୍ତ୍ତିକ ସୋମବାରରେ ମନ୍ଦିରରେ ଭିଡ଼



କୋଷାଗୁମୁଡ଼ା,୩।୧୧(ସମିସ): ପବିତ୍ର କାର୍ତ୍ତିକ ମାସର ଆଜି ହେଉଛି ଶେଷ ସୋମବାର । ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି । କୋଷାଗୁମୁଡା ବ୍ଲକର ଜୁନାପାଣି, ଟଙ୍ଗମନ୍ଦିର, ଛେଳିପଦର, ବୋରାଓଡ଼ାର ପାଣିଫୁଟା, କୋଡ଼ିଙ୍ଗା, ଡୁମାଦେଇ ଭଳି ଅନ୍ୟ ସବୁ ଶିବ ମନ୍ଦିରରେ ଆଜି ଶ୍ରଦ୍ଧାଳୁ ମାନେ ପ୍ରଭୁଙ୍କ ଦର୍ଶନ କରିଥିଲେ । ସେହିପରି କୋଡ଼ିଙ୍ଗା ସ୍ଥିତ ଜଗନ୍ନାଥ ମନ୍ଦିର, କୋଷାଗୁମୁଡା ଜଗନ୍ନାଥ ମନ୍ଦିରରେ ମଧ୍ୟ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ମନ୍ଦିର କମିଟି ଗୁଡିକ ଦର୍ଶନ ପାଇଁ ସୁବ୍ୟବସ୍ଥା କରିଥିବା ଦେଖିବାକୁ ମିଳିଥିଲା । ସେହିପରି ଏହି ମନ୍ଦିର ଗୁଡିକରେ କୋଷାଗୁମୁଡା ବ୍ଲକରୁ ଓ ଛତିଶଗଡ଼, କୋରାପୁଟ, କଳାହାଣ୍ଡିରୁ ବହୁ ଭକ୍ତଙ୍କ ସମାଗମ ହୋଇଥିବା ସାଧାରଣରେ ଦେଖିବାକୁ ମିଳିଥିଲା ।


# ଦରମା ଓ ଇପିଏଫ୍ ପାଇଁ କାଜୁ ନିଗମ ୱାଚ୍‌ମ୍ୟାନ୍‌ଙ୍କ ଧାରଣା

କୋରାପୁଟ,୩।୧୧(ସମିସ):



ଦୀର୍ଘ ୧୨ ବର୍ଷରୁ ଅଧିକ କାଳ ଚାକିରି କରିବା ପରେ ମଧ୍ୟ ଇପିଏଫରେ ଜମା ଟଙ୍କା ନ ମିଳିବା ଓ ଗତ ଦେଢ଼ ବର୍ଷର ଦରମା ପାଇ ନଥିବା ଅଭିଯୋଗ କରି କୋରାପୁଟ ଡିଭିଜନ କାଜୁ ନିଗମରେ କାର୍ଯ୍ୟରତ ୮ ଜଣ ୱାଚମ୍ୟାନ୍ ସୋମବାର ଠାରୁ ଧାରଣାରେ ବସିଛନ୍ତି । ସେମାନଙ୍କ ଦାବି ପୂରଣ ହେବା ଯାଏଁ ନିଗମ କର୍ତ୍ତୃପକ୍ଷଙ୍କ ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ଧାରଣାରେ ବସିଥିବା ଗିରିଧର ରାଜୁ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ ଲମତାପୁଟ, ଉମ୍ବେଲ, ଦେବତାହଞ୍ଜର, ପାଲିବା, ପାଡୁଆ, ପୁଜାରିପୁଟ ଅଞ୍ଚଳର ୮ ଜଣ ଯୁବକଙ୍କୁ ୨୦୧୩ ମସିହାରେ କାଜୁ ନିଗମ କୋରାପୁଟ ଡିଭିଜନର ତତ୍କାଳୀନ ଅଧିକାରୀ ମୋହନ ରାଓ, ସୁଦର୍ଶନ ସ୍ୱାଇଁ ଓ ସୁପର୍ଭାଇଜର ନିର୍ମଳ ପରିଜା କାଜୁ ବଗିଚା ଜଗିବାକୁ ୱାଚର ଭାବେ ନିଯୋଜିତ କରିଥିଲେ । ସେତେବେଳେ କୌଣସି ଲିଖିତ ଆଦେଶ ପତ୍ର ଦିଆଯାଇ ନଥିଲା । କାମ କରିବା ପାଇଁ ମୌଖିକ ଭାବେ କହିବା ପରେ କାମ କରି ନିୟମିତ ଦରମା ପାଉଥିଲୁ ଓ ଦରମାରୁ ନିୟମିତ ଇପିଏଫ କଟା ଯାଉଥିଲା ବୋଲି ଅନ୍ୟ ଜଣେ ୱାଚମେନ୍ ଦୁର୍ଯ୍ୟୋଧନ ମାଳି କହିଛନ୍ତି । କିନ୍ତୁ ବର୍ତ୍ତମାନ ଦେଢ଼ ବର୍ଷ ହେଲା ଆମକୁ ଦରମା ଦିଆ ଯାଉନାହିଁ । କିମ୍ବା ଇପିଏଫ ଉଠାଇବାକୁ ଚାହିଁଲେ ମଧ୍ୟ ତାହା ହେଇପାରୁ ନାହିଁ । ଆମ ପାଖରେ କୌଣସି ଲିଖିତ ଆଦେଶ ନଥିବା ବେଳେ ଅଫିସରେ ମଧ୍ୟ କୌଣସି ଫାଇଲ ନଥିବା କର୍ତ୍ତୃପକ୍ଷ ସେମାନଙ୍କୁ ଜଣାଇବା ସହ ବକେୟା ଦରମା ଓ ଇପିଏଫ୍ ଦେବାକୁ ପ୍ରତ୍ୟାଖ୍ୟାନ କରିଥିବା କହିଛନ୍ତି । ଅନ୍ୟ ପକ୍ଷରେ ବର୍ତ୍ତମାନ ନିଗମ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ପୁରୁଣା ଲୋକଙ୍କୁ କାମ ନ ଦେଇ ନୂଆ ୱାଚମେନ୍ ନିୟୋଜିତ କରିଥିବା ଅଭିଯୋଗ କରିଛନ୍ତି । ତେଣୁ ସେମାନଙ୍କ ସମସ୍ୟାର ସମାଧନ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବେ ବୋଲି ଧାରଣାରତ ୱାଚର୍ ଗିରିଧର ରାଜୁ, ପ୍ରଭାକର ପୁଜାରୀ, ଦୁର୍ଯୋଧନ ଖରା, ମୁକୁନ୍ଦ ଦାମୀ, ଲବ କୁଶ, ଡମ୍ବୁ ଖିଲ, ଟଙ୍କଧର ଖରା, କୈଳାଶ ସିଶା ପ୍ରମୁଖ କହିଛନ୍ତି । ଏ ସମ୍ପର୍କରେ ସେମାନେ ଗତମାସ ୨୩ ତାରିଖରେ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନଙ୍କୁ ଲିଖିତ ଅଭିଯୋଗ କରି ନ୍ୟାୟ ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ କୌଣସି ସୁଫଳ ମିଳିନଥିଲା, ତେଣୁ ଧାରଣା ଦେବାକୁ ବାଧ୍ୟ ହେଲେ ବୋଲି ପ୍ରତିକ୍ରିୟା ଦେଇଛନ୍ତି ।

# ସମ୍ପାଦକୀୟ



ପୃଥିବୀରେ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କ ପାଇଁ କେବଳ ରୁଟି ହିଁ ଭଗବାନ।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ବିଶ୍ୱ ବିଜୟିନୀ

ଅନୁଭବ ଓ ଅଭିଜ୍ଞତା ଦୃଷ୍ଟିରୁ ହରମନପ୍ରୀତଙ୍କ ଦଳ ଅଧିକ ପରିପକ୍ୱ ଓ ଶାଣିତ, ବିଶେଷକରି ସ୍ୱଦେଶ ମାଟିର ସହାନୁଭୂତି ଓ ସମର୍ଥନ ବିଶ୍ୱକପ ହାସଲରେ ସହାୟକ ହୋଇଛି। ପୂର୍ବରୁ ଏହିଦଳ ଦୁଇଥର ଫାଇନାଲ ଖେଳି ରନର୍ସଅପ ମଧ୍ୟ ହୋଇଛି। ତେଣୁ ଭାଷ୍ୟକାରମାନେ ଏହି ବିଜୟକୁ ୧୯୮୩ରେ କପିଳଦେବଙ୍କ ନେତୃତ୍ୱରେ ଭାରତର ବିଶ୍ୱକପ ହାସଲ ସହ କରୁଥିବା ତୁଳନା ଆଦୌ ସମୀଚୀନ ନୁହେଁ। ଫାଇନାଲରେ ଅବତୀର୍ଣ୍ଣ ହୋଇଥିବା ଦୁଇଦଳ ଦକ୍ଷିଣ ଆଫ୍ରିକା ଓ ଭାରତ ସେମିଫାଇନାଲରେ ଯଥାକ୍ରମେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆକୁ ପରାଜିତ କରିବାରେ ଯେଉଁ ଚମକ ଦେଖାଇଥିଲେ ତାହା ସେମାନଙ୍କ ଯୋଗ୍ୟତା ଓ ପରାକାଷ୍ଠାର ନିଦର୍ଶନ ବୋଲି କୁହାଯାଇପାରେ। କାରଣ ପରାଜିତ ଦୁଇଦଳ ହିଁ ଥିଲେ ଅସଲରେ ବିଶ୍ୱକପ ଦାବିଦାର। ଅଷ୍ଟ୍ରେଲିଆର ୩୩୯ ଲକ୍ଷ୍ୟର ଅନୁଧାବନ କରି ମ୍ୟାଚ ଜିତିବା ଭାରତ ପାଇଁ ଏତେ ସହଜ ନଥିଲା। ଅଧିନାୟକ ହରମନପ୍ରୀତଙ୍କ ଉପଯୋଗୀ ୮୯ରନ ସାଙ୍ଗକୁ ଜେମିମାଙ୍କ ଧୈର୍ଯ୍ୟପୂର୍ଣ୍ଣ ଅପରାଜିତ ୧୨୭ରନ ଭାରତକୁ ଫାଇନାଲରେ ପହଞ୍ଚାଇବାରେ ସହାୟକ ହୋଇଥିଲା। ଏହାଥିଲା ଏକଦିବସୀୟ ମହିଳା କ୍ରିକେଟ ଇତିହାସରେ ରେକର୍ଡ ଅନୁଧାବନ। ସେହିଭଳି ଦକ୍ଷିଣ ଆଫ୍ରିକା ମଧ୍ୟ ପ୍ରଥମେ ବ୍ୟାଟିଂ କରି ୩୧୯ ରନ କରିଥିଲା। ଇଂଲଣ୍ଡ ତାହାର ପିଛା କରି ମାତ୍ର ୧୯୪ରନ କରିବାକୁ ସମର୍ଥ ହୋଇଥିଲା।

ଫାଇନାଲରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟକ ଲୌରା ଉଇଲଭାର୍ଟ ପଶ୍ଚାତଧାବନ କରିବାକୁ ଉଚିତ ମଣି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲେ। ମ୍ୟାଚର ଗତି ଓ ପ୍ରକୃତି ଯାହା ସେଥିରେ ୩୦୦ରୁ ଊର୍ଦ୍ଧ୍ୱ ରନ ଲକ୍ଷ୍ୟ ଧାର୍ଯ୍ୟ ନକଲେ ଜିତିବା ଯେକୌଣସି ଦଳ ପକ୍ଷରେ ଏତେ ସହଜ ହେବ ନାହିଁ। ତେବେ ଓପନିଂ ବ୍ୟାଟର ଶେଫାଳି ଦଳ ପକ୍ଷରୁ ସର୍ବାଧିକ ୮୭ରନ ଓ ଦୀପ୍ତିଙ୍କ ଉପଯୋଗୀ ୫୮ରନ ଭାରତକୁ ୨୯୮ ପହଞ୍ଚାଇବାରେ ସହାୟକ ହୋଇଥିଲା।ଏହି ଲକ୍ଷ୍ୟର ପିଛା କରୁ କରୁ ଦକ୍ଷିଣ ଆଫ୍ରିକା ୪୫.୩ ଓଭରରେ ୨୪୬ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଅଧିନାୟକ ଲୌରା ଉଇଲଭାର୍ଟଙ୍କ ଚମକପ୍ରଦ ଶତକ ସତ୍ତ୍ୱେ ଦଳକୁ ସଫଳତା ମିଳିନଥିଲା। ଦଳ ପ୍ରଥମ ଥର ଫାଇନାଲକୁ ଉନ୍ନୀତ ହୋଇଥିବାରୁ ରନର୍ସଅପରେ ହିଁ ସନ୍ତୁଷ୍ଟ ହେବାକୁ ପଡ଼ିଲା। ଭାରତର ଏହି ବିଜୟ ପଛରେ ଶେଫାଳିଙ୍କ ୮୭ ରନ ଓ ଦୁଇଟି ଉଇକେଟ ହାସଲ ଦୃଷ୍ଟିରୁ ତାଙ୍କୁ ଶ୍ରେଷ୍ଠ ଖେଳାଳି ରୂପେ ସମ୍ମାନିତ କରାଯାଇଥିଲା। ଏହାସତ୍ତ୍ୱେ ଦୀପ୍ତିଙ୍କ ୫୮ ରନ ସାଙ୍ଗକୁ ୫ ଉଇକେଟ ହାସଲ କମ ଗୁରୁତ୍ୱପୂର୍ଣ୍ଣ ନୁହେଁ। ସର୍ବାଧିକ ୨୨ଉଇକେଟ ହାସଲ ସହ ୨୧୫ରନ ସଂଗ୍ରହ ସକାଶେ ସେ ଚଳିତ ବିଶ୍ୱକପର ଶ୍ରେଷ୍ଠ ଖେଳାଳିର ମର୍ଯ୍ୟାଦା ହାସଲ କରିଛନ୍ତି। ଯାହାହେଉ ଭାରତୀୟ ଦଳ ୫୨ରନରେ ଦକ୍ଷିଣ ଆଫ୍ରିକାକୁ ପରାଜିତ କରି ବିଶ୍ୱକପ ଚମ୍ପିୟାନ ହେବା କମ ଗୌରବର କଥା ନୁହେଁ।

ବିସିସିଆଇର ଘୋଷଣା ଅନୁଯାୟୀ ଭାରତୀୟ ମହିଳା କ୍ରିକେଟ ଦଳ ୧୨୫ କୋଟିଟଙ୍କା ପାଇବ। ଏହି ପୁରସ୍କାର ରାଶି ଯେତେ ବଡ଼କଥା ନୁହେଁ ବଡ଼କଥା ହେଲା ଆମ ଦେଶର ମହିଳା ଯେ ବିଶ୍ୱବିଜୟିନୀ ହୋଇପାରିବେ ତାହା ଏହି ବିଶ୍ୱକପ ଟୁର୍ଣ୍ଣାମେଣ୍ଟରେ ପ୍ରମାଣିତ ହୋଇଛି। ଆଗାମୀ ଦିନରେ ମହିଳା କ୍ରିକେଟ ପ୍ରତି ଆମଦେଶରେ ଆଗ୍ରହ ଓ ଆକର୍ଷଣ ବଢ଼ିବ। ଉନ୍ନତମାନର ମହିଳା କ୍ରିକେଟ ପାଇଁ କ୍ଷେତ୍ର ପ୍ରସ୍ତୁତିର ସୁଯୋଗ ଆହୁରି ବ୍ୟାପକ ହେବ ବୋଲି ଆଶା କରିବା।

## ଆଣ୍ଡ୍ରୁଙ୍କ ପରେ କିଏ?

ଜେଫ୍ରି ଏପିଷ୍ଟିନ୍‌ଙ୍କ ଯୌନ କେଲେଙ୍କାରୀ ସମଗ୍ର ବିଶ୍ୱର ହଟଚମଟ ସୃଷ୍ଟି କରିଥିଲା। ବିତ୍ତୀୟ ସହାୟତା ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଜର ପ୍ରତିଷ୍ଠା ଓ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏପିଷ୍ଟିନ୍ ଉଭୟ ରାଜନୈତିକ ଓ କର୍ପୋରେଟ୍ ଜଗତରେ ବିଶ୍ୱରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାବେ ଲୋକସଂପର୍କ ବଢ଼ାଇଥିଲେ। ବୈଭବ ପ୍ରାଚୁର୍ଯ୍ୟ ମଧ୍ୟରେ ଥିବା ଏପିଷ୍ଟିନ୍ ଯୌନ ଲାଳସାକୁ ଚରିତାର୍ଥ କରିବା ପାଇଁ ବ୍ୟଭିଚାରର ସମସ୍ତ ସୀମା ଅତିକ୍ରମ କରିଥିଲେ। ନିଜର ପ୍ରଭାବ ଓ ପ୍ରତିଷ୍ଠାର ଆଢୁଆଳରେ ତଥାକଥିତ ବନ୍ଧୁମାନଙ୍କ ସନ୍ତୁଷ୍ଟି ପାଇଁ ବିପୁଳ ବ୍ୟୟରେ ନାବାଳିକାଙ୍କୁ ସଂଗ୍ରହ କରି ଗୋପନ ଅଭିସାରର ପଥ ପରିଷ୍କାର କରିଥିଲେ। କିଛି ନିକଟତମ ସହଯୋଗୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ହୋଇଥିବାରୁ ଏହି ଘଟଣାକ୍ରମର ଭିଡିଓ ସୁଟିଙ୍ଗ ମଧ୍ୟ କରାଇଥିଲେ।

ତେବେ ଏପ୍ରକାର ଯୌନ ଶୋଷଣ ସବୁଦିନ ଲୁଚି ରହିପାରିବ ନାହିଁ। ନିର୍ଯ୍ୟାତନା ଓ ଶୋଷଣର ସମ୍ମୁଖୀନ ହୋଇଥିବା ଯୁବତୀ ଦିନେ ନା ଦିନେ ମୁହଁ ଖୋଲିବେ। ତାହା ହିଁ ଶେଷରେ ଘଟିଲା। ଏଫବିଆଇ ପକ୍ଷରୁ ତଦନ୍ତ ହେଲା। ପ୍ରବଳ ଚାପ ସତ୍ତ୍ୱେ ସେ ଦୋଷୀ ସାବ୍ୟସ୍ତ ହେଲେ ଏବଂ ତାଙ୍କୁ ୧୯ ମାସ କାରାଦଣ୍ଡାଦେଶ ଭୋଗିବାକୁ ପଡ଼ିଲା। ଶେଷରେ ସେ ଆତ୍ମହତ୍ୟା କଲେ ବୋଲି କୁହାଯାଇଥିଲେ ମଧ୍ୟ ତାହା ସନ୍ଦେହରୁ ଊର୍ଦ୍ଧ୍ୱରେ ଆସିପାରୁନାହିଁ। ଆମେରିକା ଦୁଇ ପରସ୍ପର ବିରୋଧୀ ଦଳର ନେତା ଏହି ଯୌନ ଶୋଷଣରେ ସଂପୃକ୍ତ ଥିବାରୁ ଏପିଷ୍ଟିନ୍‌ଙ୍କ କଳାକାରନାମାର ସବିଶେଷ ତଥ୍ୟ ପଦାକୁ ଆସିପାରିନାହିଁ। ଏ ସଂକ୍ରାନ୍ତରେ ଭିଡିଓ ରେକର୍ଡିଂ କେଉଁଠି ନା କେଉଁଠି ଲୁକ୍କାୟିତ ହୋଇ ରହିଛି। ତେଣୁ ନେତାଙ୍କ ମୁଣ୍ଡରୁ ବିବାଦ ହଟିନି। ବ୍ରିଟେନର ଯୁବରାଜ ଆଣ୍ଡ୍ରୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ ଏହି ଯୌନ କେଲେଙ୍କାରୀ ପୁଣି ଥରେ ପଦାକୁ ଆସିଛି। ଆମେରିକୀୟ ଯୁବତୀ ଭର୍ଜିନିଆ ଜେଫ୍ରି ମୁହଁ ଖୋଲିବାରୁ ଯୁବରାଜ ଆଣ୍ଡ୍ରୁ ବ୍ରିଟେନ ରାଜପରିବାର ପଦମର୍ଯ୍ୟାଦା ସମ୍ମାନରୁ ବଞ୍ଚିତ ହୋଇଛନ୍ତି। କିଛିଦିନ ତଳେ କିଙ୍ଗ ଚାର୍ଲସ୍ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଏହି ପ୍ରସଙ୍ଗକୁ କେନ୍ଦ୍ର କରି କଡ଼ା ବିରୋଧର ସମ୍ମୁଖୀନ ହୋଇଥିଲେ। ତେଣୁ ପ୍ରବଳ ଚାପର ବଶବର୍ତ୍ତୀ ହୋଇ ତୁରନ୍ତ ଆଣ୍ଡ୍ରୁଙ୍କ ଉପାଧି ପ୍ରତ୍ୟାହାର କରାଯିବା ସହ ୱିଣ୍ଡସର କାସଲ ବାସଗୃହରୁ ବିଦାୟ ନେବାକୁ କୁହାଯାଇଛି। ତାଙ୍କଠାରୁ ରାଜ ପରିବାରର ଉପାଧି ଓ ସମ୍ମାନ ପ୍ରତ୍ୟାହାର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି।

ଜେଫ୍ରିଙ୍କ ଭଳି ବହୁ ନାବାଳିକା ଏପିଷ୍ଟିନ୍‌ଙ୍କ ଯୌନ କେଲେଙ୍କାରୀର ଶିକାର ହୋଇଛନ୍ତି। ଆଗକୁ ଆଉ ଯେ କିଏ ମୁହଁ ଖୋଲିବ ତାହାର ସମ୍ଭାବନା ଊଣା। ତେବେ ଭିଡିଓ ରେକର୍ଡିଂକୁ ଯେ ନଷ୍ଟ କରାଯାଉଛି ଏକଥା ନୁହେଁ। ଏହା ବେଶୀବର୍ଷ ତଳର ଘଟଣା ନୁହେଁ। ଟ୍ରମ୍ପଙ୍କୁ ନେଇ ବାରମ୍ବାର କଥା ଉଠୁଥିଲେ ମଧ୍ୟ କ୍ଷମତାର ଚାପ ଓ ସାଲିସ ଉଭୟ ଏକ୍ଷେତ୍ରରେ କାମ କରୁଛି। ଗାଜା ବ୍ୟାପାରରେ ଟ୍ରମ୍ପଙ୍କ ଭୂମିକାକୁ ଲକ୍ଷ୍ୟ କଲେ ମୋସାଡର ଭୂମିକା ଆପେ ଆପେ ସନ୍ଦେହ ପରିସରକୁ ଆସି ଯାଉଛି।

# ସୃଜନାତ୍ମକ ବିନାଶ ବନାମ ସୃଜନାତ୍ମକ ସଂରକ୍ଷଣ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ପୁଞ୍ଜିବାଦୀ ଅର୍ଥନୀତି ତଥା ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରଗତି ପଛରେ ସୃଜନଶୀଳ ବା ସୃଜନାତ୍ମକ ବିନାଶ (କ୍ରିଏଟିଭ୍ ଡେଷ୍ଟ୍ରକସନ୍)ର ନିର୍ଣ୍ଣାୟକ ଭୂମିକା ଅବିସମ୍ବାଦିତ ବୋଲି ପ୍ରତିପାଦିତ କରି ୨୦୨୫ର ନୋବେଲ ପୁରସ୍କାରରେ ସମ୍ମାନିତ ହେଲେ ପ୍ରସିଦ୍ଧ ତିନି ଅର୍ଥନୀତିଜ୍ଞ ଜୋଏଲ୍ ମୋକିର୍, ଫିଲିପ୍ ଆଘିଅନ୍ ଓ ପିଟର୍ ହାଓଇଟ୍। ଏହି 'ସୃଜନାତ୍ମକ ବିନାଶ'ର ତତ୍ତ୍ୱଟି ପ୍ରଥମେ ଆମକୁ ଜଣାଇଥିଲେ 'ଜୋସେଫ୍ ସୁମ୍ପିଟର୍'। ଏ ବର୍ଷର ଏହି ଚର୍ଚ୍ଚିତ ନୋବେଲ୍ ବିଜେତାମାନେ ଏହି ନିଷ୍କର୍ଷଟିର ସତ୍ୟତା ତଥା ପ୍ରାମାଣିକତା ଗବେଷଣାଲବ୍ଧ ତଥ୍ୟନିଷ୍ଠ ଯୁକ୍ତି ଆଧାରରେ ଦୃଢ଼ତାର ସହ ସାବ୍ୟସ୍ତ କଲେ। ତେଣୁ ଏବେ ଆମ ବୁଦ୍ଧିଜୀବୀଙ୍କ ତୁଣ୍ଡରେ 'ସୃଜନାତ୍ମକ ବିନାଶ' ରୂପକ ଆପାତତଃ ବିପରୀତାଭାସ ତତ୍ତ୍ୱଟି ଏକ ଘୋଷାପଦ ପାଲଟି ସାରିଲାଣି। ଅନେକ ବି ମାତ୍ରାତିରିକ୍ତ ଉତ୍ସାହ ଦେଖାଇ କହିବାକୁ ଆରମ୍ଭ କଲେଣି ଯେ ପ୍ରତ୍ୟେକ ପ୍ରକାରର ସମୃଦ୍ଧି ବା ବିକାଶ, ତାହା ପ୍ରାକୃତିକ ହେଉ କି ମାନବଜୀବନକୈନ୍ଦ୍ରିକ ହେଉ, ର ଏହା ହେଉଛି ଏକମାତ୍ର ଉତ୍ପ୍ରେରକ।

ଏଥିରେ ବିସ୍ମିତ ହେବାର କାରଣ ଅବଶ୍ୟ ଥାଇ ନପାରେ। କାରଣ ଆମେ ପ୍ରତ୍ୟେକ ଜାଣିଛେ ଯେ ଘଞ୍ଚ ଅରଣ୍ୟଟିଏ ଅଗ୍ନିଦଗ୍ଧ ହେଲା ପରେ ନୂତନ ସବୁଜିମାର ସୃଷ୍ଟି ହୁଏ; ପୁରାତନ ସଂସ୍କୃତି ଓ ପରମ୍ପରା, ପୁରାତନ ଜ୍ଞାନରାଜିରୁ ବେଶ୍ କିଛିକୁ ନେପଥ୍ୟକୁ ହଟାଇ ଦେଇ ନୂତନ ସଂସ୍କୃତି, ପରମ୍ପରା ବା ଜ୍ଞାନରାଜିର ଅଭ୍ୟୁଦୟ ହୁଏ ଏବଂ ପୁରାତନ ପ୍ରବିଧି ବା ପ୍ରାବିଧିକ କୌଶଳର ସ୍ଥାନରେ ନୂତନ ପ୍ରବିଧି, ପ୍ରାବିଧିକ କୌଶଳର ଆବିଷ୍କାର ବା ଉଦ୍‌ଭାବନ ହୁଏ। କିନ୍ତୁ ଦୁର୍ଭାଗ୍ୟଜନକ କଥାଟି ହେଉଛି ଯେ ବର୍ତ୍ତମାନର ଏହି ଲଗାମହୀନ କାଳଖଣ୍ଡରେ ସଂକୀର୍ଣ୍ଣ, ବିଦ୍ୱେଷପୂର୍ଣ୍ଣ ମତାଦର୍ଶର ପ୍ରବକ୍ତା ଓ ଅନ୍ଧଭକ୍ତମାନେ ଆମ ଧର୍ମ, ସଂସ୍କୃତି ତଥା ଜ୍ଞାନପରମ୍ପରାରେ ଥିବା ସକଳ ପ୍ରକାରର ମୁକ୍ତ, ଉଦାର ଚିନ୍ତନ ଓ ସାର୍ବଜନୀନ ବିଚାରଧାରା ସର୍ବଦୌ ପରିତ୍ୟଜ୍ୟ ବୋଲି ଆମମାନଙ୍କୁ କହୁଛନ୍ତି। ଦେଶପ୍ରେମ, ଜାତିପ୍ରେମ ବା ସଂପ୍ରଦାୟପ୍ରେମର ଦ୍ୱାହି ଦେଇ ଚିରନ୍ତନୀ ମାନବୀୟ ଆଦର୍ଶ ବା ମୂଲ୍ୟବୋଧ ସବୁର ସ୍ଥାନରେ ଘୃଣା, ଅସୂୟା, ଅସହିଷ୍ଣୁତା, ଧର୍ମୀୟ ବିଭେଦର ବୀଜ ରୋପଣ କରିବାରେ ବିକୃତ ଉତ୍ସାହ ଦେଖାଇ ଚାଲିଛନ୍ତି। ଦୟା, କ୍ଷମା, ସମଭାବାପନ୍ନ, ବିଶ୍ୱପ୍ରେମ ଓ ସର୍ବଧର୍ମସମନ୍ୱୟୀ ଭାବଭାବନାଗୁଡ଼ିକୁ ଖର୍ବ, ମଳିନ, ନିଷ୍ପ୍ରଭ କିମ୍ବା ମୂଳପୋଛ କରିଦେବା ପାଇଁ ହୀନ ମସୁଧା ଚାଲିଛି ସର୍ବତ୍ର।

ଏମିତି ଭ୍ରଷ୍ଟ, ଭ୍ରାନ୍ତ ବିଚାରଧାରାର ତଥାକଥିତ ରାଷ୍ଟ୍ରପ୍ରେମୀ ବା ଧର୍ମପ୍ରେମୀମାନଙ୍କ ସହିତ ଆମ ବୁଦ୍ଧିଜୀବୀ, ଆମ ଜନବିଦ୍ୱାନମାନେ, ଏପରିକି ବିଜ୍ଞାନୀ ଓ ପ୍ରଯୁକ୍ତିବିଦ୍ୟା ବିଶାରଦମାନେ, ସ୍ୱର ମିଳାଇଥିବାର ଭୂରିଭୂରି ଦୃଷ୍ଟାନ୍ତ ଆମ ପାଖରେ। ଏପରି ଏକ ବିଷାକ୍ତ, ବିମର୍ଷକର ବାତାବରଣରେ ବିଚରା ସାଧାରଣ ଜନତା ଅତି ସହଜରେ ପ୍ରତାରିତ ହେବା ଆଦୌ ବିଚିତ୍ର ନୁହେଁ। ମାନବୀୟ ମୂଲ୍ୟବୋଧ, ଗଣତାନ୍ତ୍ରିକ ଆଦର୍ଶ ଓ ଧର୍ମନିରପେକ୍ଷ ବିଚାରଧାରା ସବୁକୁ ପୁରୁଣା, ଘଷରା, ଯୁଗଅନୁପଯୋଗୀ ବୋଲି କହି ଉଗ୍ର, ହିଂସ୍ର, ସାଂପ୍ରଦାୟିକ ମତାଦର୍ଶ ସବୁର ପରିପ୍ରସାର ପାଇଁ ନିରନ୍ତର ପ୍ରୟାସ କରୁଥିବା ନ୍ୟସ୍ତସ୍ୱାର୍ଥଗୋଷ୍ଠୀ ସୃଜନାତ୍ମକ ବିନାଶ ତତ୍ତ୍ୱଟିର ଅପପ୍ରୟୋଗ କରିବାର ସହସ୍ର ସମ୍ଭାବନା ଥିବା ପରି ସ୍ପଷ୍ଟ ବୋଧ ହୁଏ। ତେଣୁ ଏ ସନ୍ଦର୍ଭରେ ଏକ ବିକଳ୍ପ ଚିନ୍ତନର ଆବଶ୍ୟକତା ଅଛି, କାରଣ ପ୍ରତ୍ୟେକ କ୍ଷେତ୍ରରେ ସଂଘଟିତ ହେଉଥିବା ବିକାଶ, ପରିବର୍ଦ୍ଧନ ବା ନବପ୍ରବର୍ତ୍ତନ ପଛରେ ସୃଜନାତ୍ମକ ଧ୍ୱଂସ କି ବିନାଶ ଏକ ଅବଧାରିତ ପ୍ରକ୍ରିୟା ନୁହେଁ।

ଏ ଜୀବନ ଓ ଜଗତରେ ଏମିତି ଅନେକ କ୍ଷେତ୍ର ଅଛି, ଯେଉଁଠି ସୃଜନାତ୍ମକ ବିନାଶ ନୁହେଁ, ବରଂ ସୃଜନାତ୍ମକ ସଂରକ୍ଷଣ ମାଧ୍ୟମରେ ନୂତନକୁ ଆବାହନ ଓ ସ୍ୱାଗତ କରାଯାଇଥାଏ, ଯେଉଁଠି ବିକାଶ, ବିବର୍ତ୍ତନ କି ନବନବ ଉନ୍ମେଷମାନ ଅନବରତ ଘଟିଚାଲିଥାଏ ଧ୍ୱଂସ ବା ବିନାଶର ବିନା ସଂଘଟନାରେ। ନୂତନର ଆବାହନ, ନୂତନର ଧରାବତରଣ ପାଇଁ ଯାହାକିଛି ପ୍ରାଚୀନ, ଯାହାକିଛି ପୂର୍ବସୃଷ୍ଟ ବା ପୂର୍ବପ୍ରତିଷ୍ଠିତ ସେ ସବୁକୁ ସଂପୂର୍ଣ୍ଣ ବିନାଶ କରିବା ବା ନେପଥ୍ୟକୁ ଠେଲିଦେବା ସର୍ବଦା ଏକ ଅବଧାରିତ ସତ୍ୟ ନୁହେଁ। ଆଗକୁ ପାଦ ପକାଇ ଚାଲିବା ପାଇଁ ସର୍ବଦା ପଛର ସବୁ ପଦଚିହ୍ନକୁ ଲିଭାଇଦେବା ଆବଶ୍ୟକ ହୋଇନଥାଏ। ପ୍ରେମ, ମମତା, ଅନୁରାଗ ପରି ଆଦିମତମ ତଥା ସହଜାତ ମାନବୀୟ ପ୍ରବୃତ୍ତି ସବୁର କ୍ରମପ୍ରସ୍ଫୁଟନ ପାଇଁ ଲୋଡ଼ା ହେଉଛି ସୃଜନାତ୍ମକ ସଂରକ୍ଷଣ। ଅର୍ଥାତ୍ ଏହି ମାନବୀୟ ଭାବାବେଗ କ୍ରମଶଃ ଗଭୀରରୁ ଗଭୀରତର ହୋଇଥା'ନ୍ତି ପୂର୍ବର ସକଳ ସ୍ମୃତି, ସକଳ ଆବେଗକୁ ଅତୁଟ ରଖି। ପ୍ରଥମ ପ୍ରେମାନୁଭୂତିର ମଧୁଆବେଶକୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରି ପ୍ରେମ ତା'ର ସାର୍ଥକତା ସାଉଁଟି ନଥାଏ, ପୂର୍ଣ୍ଣତା ପ୍ରାପ୍ତ ହୋଇ ନ ଥାଏ। ମା'ର ବାତ୍ସଲ୍ୟ ପ୍ରେମ ସର୍ବଦା ହିଁ ରହିଥାଏ ଜାଜ୍ୱଲ୍ୟମାନ। ବୟସ୍କ ସନ୍ତାନ ପ୍ରତି ମା'ର ପ୍ରେମ ହେଉଛି ସ୍ମୃତି ଓ ଅଭିଜ୍ଞତାର ଆଧାରରେ ବିବର୍ତ୍ତିତ, ପରିପକ୍ୱ ହୋଇଥିବା ସେହି ବାତ୍ସଲ୍ୟ ପ୍ରେମ ମାତ୍ର। ବାତ୍ସଲ୍ୟ ପ୍ରେମ ଅନୁରୂପ ବି ଘନ ଆବେଗଦୀପ୍ତ ରୋମାଣ୍ଟିକ୍ ପ୍ରେମ, ଯା'ର ପ୍ରବାହ ଅବିଚ୍ଛିନ୍ନ ରହିଥାଏ ଅତୀତରୁ ବର୍ତ୍ତମାନ ଏବଂ ଯା'ର ଦୀପ୍ତି ସଂଚରିତ ହୋଇଚାଲିଥାଏ ପାହାନ୍ତା ପ୍ରହରର କୋମଳ ସୂର୍ଯ୍ୟାଲୋକର ଅବିଚ୍ଛିନ୍ନ କ୍ରମସଂଚରଣ ପରି। ପ୍ରେମ, ମମତା ଓ ଅନୁରାଗର ଅଙ୍ଗନ ହେଉଛି ହୃଦୟ ଏବଂ ହୃଦୟ ଜାଣେ ନାହିଁ 'ସୃଜନାତ୍ମକ ବିନାଶ'ର ଭାଷା। ହୃଦୟ କେବଳ ଜାଣେ 'ସୃଜନାତ୍ମକ ସଂରକ୍ଷଣ'ର ଭାଷା। ଏହା କେବଳ ବିଶ୍ୱାସ କରେ 'ସୃଜନାତ୍ମକ ବିକାଶ', 'ବିବର୍ତ୍ତନ' ଓ 'ସୃଜନାତ୍ମକ ପରିବର୍ଦ୍ଧନ'ରେ। ଫିନିକ୍ସ ପକ୍ଷୀ ପରି ପୁନର୍ଜନ୍ମ ନେବାକୁ, ପୁନଃ ସତେଜ ବା ଜୀବନ୍ତ ହେବାକୁ ମାନବୀୟ ପ୍ରେମ, ମମତା ଓ ଅନୁରାଗ କେବେହେଲେ ଲୋଡ଼ି ନ ଥା'ନ୍ତି ଆପଣା ଆପଣାର ଭସ୍ମ ପାଉଁଶ। ଏକ ଗୂଢ଼, ଗଭୀର ଦୃଷ୍ଟିରୁ ବିଚାର କଲେ ଆମେ ନିଶ୍ଚୟ ଉପଲବ୍ଧି କରିପାରିବା ଯେ ଆମ ଜୀବନର ମହାର୍ଘ ଭାବକ୍ଷେତ୍ର ପାଇଁ ସୃଜନଶୀଳ ବା ସୃଜନାତ୍ମକ ବିକାଶର ତତ୍ତ୍ୱଟି ପୂରାପୂରି ନିରାଧାର।

ଖାଲି ପ୍ରେମ ବା ମମତାର କ୍ଷେତ୍ର ନୁହେଁ, ମୈତ୍ରୀ, କରୁଣା, ସମ୍ବେଦନା ଓ ନୈତିକତା ପରି ଶ୍ରେଷ୍ଠତମ ମାନବୀୟ ମୂଲ୍ୟବୋଧ ସବୁର ବିକାଶ ବା ଯୁଗୋପଯୋଗୀ ରୂପାନ୍ତରଣ ପାଇଁ ଆବଶ୍ୟକ ହୋଇନଥାଏ କୌଣସି ପ୍ରକାର ବିନାଶର ପ୍ରକ୍ରିୟା। ଏ ସମସ୍ତ ମୂଲ୍ୟବୋଧର ଉତ୍ସ ହେଉଛି ମାନବର ଅନ୍ତର୍ମନ ବା ଚେତନା। ମାନବୀୟ ଚେତନାର କ୍ରମବିକାଶ ସହ ତାଳ ଦେଇ ବିବର୍ତ୍ତିତ ବା ବିକଶିତ ହୋଇଥାଏ ମୂଲ୍ୟବୋଧଭିତ୍ତିକ ମାନବଜୀବନ। ପ୍ରସ୍ତର ଯୁଗର ଅନ୍ଧାରି ବଳୟରୁ ଧୀରେ ଧୀରେ ସଚେତନତାର ଆଲୋକକୁ ଆସୁଥିବା ମଣିଷ ପ୍ରଥମେ କେବଳ ଆପଣାର ସୁରକ୍ଷା, ନିରାପତ୍ତା ନିଶ୍ଚିତ କରିବା ପାଇଁ କେତୋଟି ନୀତି, ନିୟମ ମାନିବାକୁ ଚାହିଁଥିବ ଏବଂ ପରେ ସେ ସବୁର ଉପଯୋଗିତା ତା' ପାଖରେ ସ୍ପଷ୍ଟ ହୋଇଯିବା ପରେ ସେ ବୁଝିଯାଇଥିବ ଯେ ସେ ନୀତି, ନିୟମ ବା ଲକ୍ଷ୍ମଣରେଖାମାନଙ୍କର ଉଲ୍ଲଙ୍ଘନ ତା'ର ଅସ୍ତିତ୍ୱ ପାଇଁ ବିପଜ୍ଜନକ। ମଣିଷ ତା'ର ସଭ୍ୟତାର ବ୍ରାହ୍ମ ମୁହୂର୍ତ୍ତରୁ ଏ ପର୍ଯ୍ୟନ୍ତ ମୈତ୍ରୀ, ପ୍ରୀତି, କରୁଣା ଓ ନୈତିକତା ଆଦି ମହନୀୟ ମାନବୀୟ ଭାବ, ନୀତି ବା ଆଦର୍ଶର ପରିପୁଷ୍ଟି କରିଆସିଛି ବିନା ସୃଜନାତ୍ମକ ବିନାଶ ତତ୍ତ୍ୱର ସଚେତନ ପ୍ରୟୋଗରେ। ପୁରାତନ ଆତ୍ମିକ ଭାବସଂପଦ, ପୁରାତନ ମୂଲ୍ୟବୋଧର ଧ୍ୱଂସସାଧନ ନୁହେଁ, ସଚେତନ ଅଙ୍ଗୀକାର ସଚେତନ ସଂରକ୍ଷଣ ମାଧ୍ୟମରେ ସେ ସବୁର ଦୃଢ଼ୀକରଣ ଓ ପରିବର୍ଦ୍ଧନ ହୋଇଥାଏ। ନ୍ୟାୟପ୍ରଦାନର ଦାୟରେ ଦୟା, କ୍ଷମା ବା କରୁଣାର ବିନାଶ କାମ୍ୟ ନୁହେଁ, ସାହସ ପ୍ରଦର୍ଶନ ପାଇଁ ନମ୍ରତା ବା ସଂବେଦନାର ବିନାଶ କାମ୍ୟ ନୁହେଁ କି ନିରପେକ୍ଷ ସତ୍ୟର ପ୍ରତିଷ୍ଠା ପାଇଁ ପ୍ରେମଭାବର ବିନାଶ କାମ୍ୟ ନୁହେଁ।

ଉତ୍ତରୋତ୍ତର ଭୌତିକ ତଥା ଅର୍ଥନୈତିକ ପ୍ରଗତିର ଧାରାରେ ସୃଜନାତ୍ମକ ଧ୍ୱଂସ ବା ବିନାଶ (କ୍ରିଏଟିଭ ଡେଷ୍ଟ୍ରକସନ୍)ର ପ୍ରାସଙ୍ଗିକତା ଅବଶ୍ୟ ଅନସ୍ୱୀକାର୍ଯ୍ୟ। ଅତ୍ୟାଧୁନିକ ପ୍ରଯୁକ୍ତିର ପ୍ରୟୋଗ, ଅତ୍ୟାଧୁନିକ ପ୍ରବିଧିମାନଙ୍କ ନିର୍ମାଣ, ବିନିର୍ମାଣ କ୍ରମରେ ଲିପ୍ତ ବିଶାରଦ, ବିଶେଷଜ୍ଞମାନେ ସୃଜନାତ୍ମକ ବିନାଶର ମନ୍ତ୍ରଟି ଉଚ୍ଚାରଣ କରି ପୁରୁଣାର ଯଜ୍ଞାନଳରେ ଆହୂତି ପ୍ରଦାନ କରୁଥା'ନ୍ତୁ। ନୂଆର ଧରାବତରଣ କରାଇ ଚାଲିଥା'ନ୍ତୁ, ନବପ୍ରବର୍ତ୍ତନ ମାଧ୍ୟମରେ। କିନ୍ତୁ ସକଳ ପ୍ରକାରର ବିକାଶ, ପରିବର୍ତ୍ତନ ବା ପରିବର୍ଦ୍ଧନ ପାଇଁ ପୁରାତନର ସମୂଳ ଉତ୍ପାଟନ, ସମୂଳ ବିସର୍ଜନ ଯେ ଅପରିହାର୍ଯ୍ୟ-ଏହା ଆଦୌ ଏକ ନିର୍ବିବାଦୀୟ ସତ୍ୟ ନୁହେଁ। ଆମେ ଯଦି ଏପରି ଭାବିବସିବା ଆମେ ମତାନ୍ଧ ହୋଇଯିବା, ଏକପ୍ରକାର ରୂଢ଼ିବାଦୀ ଧାରଣାର ଅନ୍ଧଭକ୍ତ ହୋଇଯିବା ଏବଂ ଜୀବନ ଓ ଜଗତ ପାଇଁ ଅତି ଶ୍ରେୟସ୍କର ଅନେକ ମହାର୍ଘ ଭାବସଂପଦ, ଅନେକ ମହାର୍ଘ ଗୁଣରାଜିର ବିନାଶପର୍ବର ପୁରୋଧା ହୋଇଯିବା, ଯେମିତି ହୋଇଚାଲିଛେ ଏବେ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଅାଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ

**ଡ. ଅଭିମନ୍ୟୁ ବରାଳ**

ଆମ ଜନ୍ମଭୂମି ଭାରତବର୍ଷ ପ୍ରାଚୀନ ସଂସ୍କୃତିସମ୍ପନ୍ନ ସଭ୍ୟ ଦେଶ। ଏ ଦେଶର ବେଦ, ବେଦାନ୍ତ, ଉପନିଷଦ, ପୁରାଣ, ଜ୍ୟୋତିଷ, ସାହିତ୍ୟ, ବ୍ୟାକରଣ, ନ୍ୟାୟ, ମୀମାଂସା, ଅର୍ଥନୀତି ଓ ରାଜନୀତି ଆଦି ଥିଲା ଉନ୍ନତତର। ନାଳନ୍ଦା, ତକ୍ଷଶିଳା, ପୁଷ୍ପଗିରି ପ୍ରଭୃତି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଦେଶବିଦେଶରୁ ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ କରୁଥିଲେ। ଇଂରେଜମାନେ ଭାରତବର୍ଷକୁ ଅଧିକାର କରିବା ପରେ ଦେଖିଲେ ଯେ ଏ ଦେଶର ଶିକ୍ଷାଦାନ ପଦ୍ଧତି ଅତ୍ୟନ୍ତ ଉନ୍ନତ। ବେଦ, ବେଦାନ୍ତ ଓ ସଂସ୍କୃତ ଭାଷା ଏ ଜାତିକୁ ଉନ୍ନତ କରି ରଖିଛି। ତେଣୁ ଏ ଶିକ୍ଷା ବ୍ୟବସ୍ଥାକୁ ଯଦି ବିଭ୍ରାଟ କରିଦିଆଯାଏ ତେବେ ଭାରତୀୟମାନେ ଆମର ପଦାଙ୍କ ଅନୁସରଣ କରିବେ। ବେଶପୋଷାକ, ଚାଲିଚଳଣି ସବୁ ପରିବର୍ତ୍ତନ ହୋଇଯିବ। ଏମାନେ ସଂସ୍କୃତ ନ ପଢ଼ି ଇଂରାଜୀ ପଢ଼ିବେ। ବେଦ ବେଦାନ୍ତ ନ ପଢ଼ି ଇଂରାଜୀ ଉପନ୍ୟାସ (ନଭେଲ) ଓ ଗଳ୍ପାଦିକୁ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ।

ତେଣୁ ଇଂରେଜମାନେ ଯେଉଁ ଶିକ୍ଷାର ପ୍ରବର୍ତ୍ତନ କଲେ ସେଥିରେ ନଥିଲା ନୈତିକତାର ଲେଶମାତ୍ର ସୂଚନା। ତାହା ଥିଲା କେବଳ ଚାକିରି କୈନ୍ଦ୍ରିକ ବିଦ୍ୟା। ନାଳନ୍ଦା, ତକ୍ଷଶିଳା ପ୍ରଭୃତି ବିଶ୍ୱବିଦ୍ୟାଳୟରେ ଯେଉଁ ଶିକ୍ଷା ଦିଆଯାଉଥିଲା, ତାହା ନୈତିକତା ତଥା ବୌଦ୍ଧିକ ବିକାଶର ଶିକ୍ଷା। ଚୀନ ପରିବ୍ରାଜକ ହୁଏନ୍ ସାଂ ସ୍ୱୀୟ ବିବରଣୀରେ ଆମ ଶିକ୍ଷା ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରିଛନ୍ତି। ତେଣୁ ସ୍ୱାର୍ଥପର ଇଂରେଜମାନେ ନିଜ ସ୍ୱାର୍ଥ ସିଦ୍ଧି ପାଇଁ ବିଶ୍ୱବିଦ୍ୟାଳୟକୁ ପ୍ରାୟ ଅଚଳ କରିଦେଲେ। ସେଥିରେ ଥିବା ବିଶାଳ ପାଠାଗାରକୁ ଅନଳ ଲଗାଇ ଭସ୍ମୀଭୂତ କରିଦେଲେ। ଶୁଣାଯାଏ ଉକ୍ତ ପାଠାଗାର ଦୀର୍ଘ ୬ ମାସ ପର୍ଯ୍ୟନ୍ତ ଜଳିଲା। ଫଳରେ ଅନେକ ଦୁଷ୍ପ୍ରାପ୍ୟ ଗ୍ରନ୍ଥ, ତାଳପତ୍ର ପୋଥି ଜଳିପୋଡ଼ି ପାଉଁଶ ହୋଇଗଲା। ଭାରତର ଶିକ୍ଷାଗତ ମେରୁଦଣ୍ଡକୁ ଭାଙ୍ଗିଦେବାରେ ଏହା ଥିଲା ଇଂରେଜମାନଙ୍କର ପ୍ରଥମ ଅଭିନବ କୌଶଳ। ଫଳରେ ଭାରତୀୟମାନେ ପାଶ୍ଚାତ୍ୟାଭିମୁଖୀ ତଥା ପରମୁଖାପେକ୍ଷୀ ହୋଇଗଲେ। ସେମାନଙ୍କର ସ୍ୱାଧୀନ ଚିନ୍ତା ଓ ଚେତନା ବିଲୁପ୍ତ ହୋଇଗଲା। ତେଣୁ ଇଂରେଜମାନେ ଦୀର୍ଘଦିନ ଧରି ଏ ଦେଶକୁ ଶାସନ କରିବାର ସୁଯୋଗ ପାଇଗଲେ। ବ୍ୟାସକବି ଫକୀରମୋହନ ଯଥାର୍ଥରେ କହିଛନ୍ତି,

'ହିଷ୍ଟ୍ରି, ଫିଲୋସୋଫି, ବଟାନୀ ବିଦେଶୁ ହୋଇଛି ଏ ଆମଦାନୀ / ପିଲାଏ ଖାଆନ୍ତି ଏ ସବୁ ଫଳ ପାପ ଟଙ୍କା ଗଣିଦିଏ କେବଳ / ଏ ସବୁ ଫଳର ଗୁଣ ଓଲଟା ହୁଏ ଦେହ ସରୁ ବୁଦ୍ଧିଟା ମୋଟା / ମାତ୍ରକ ହଜମ ଯେପରି ଜାଣି ଜଗତ ଜିଣେ ସେ ଆପଣା ଜ୍ଞାନେ।'(ମୁଁ ହାଟ ବାହୁଡ଼ା)

ପ୍ରାଚୀନ ଭାରତରେ ଋଷିମୁନିମାନେ ଗୁରୁକୁଳ ଆଶ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରୁଥିଲେ। ସେମାନେ ଶିଷ୍ୟମାନଙ୍କୁ ପୁତ୍ରବତ୍ ଜ୍ଞାନ ପ୍ରଦାନ କରୁଥିଲେ। ଶିକ୍ଷାଦାନର ପଦ୍ଧତି ଭିନ୍ନ ଥିଲା। ଶିକ୍ଷା ଶେଷରେ ଏକ ଆଦର୍ଶ ମଣିଷ ଭାବରେ ଛାତ୍ରଟି ସମାଜର ମୁଖ୍ୟ ସ୍ରୋତରେ ମିଶି ନିଜ ଜୀବନଯାତ୍ରା ପଥରେ ଅଗ୍ରସର ହେଉଥିଲା। ସେଠାରେ ବେଦ ବେଦାନ୍ତଠାରୁ ଆରମ୍ଭ କରି କୃଷି ଏବଂ ବ୍ରହ୍ମଚର୍ଯ୍ୟ ପାଳନର ଶିକ୍ଷା ଦିଆଯାଉଥିଲା। ଏଥିପାଇଁ ଶିଷ୍ୟକୁ କୌଣସି ମୂଲ୍ୟ ଦେବାକୁ ପଡୁ ନ ଥିଲା। ଶିକ୍ଷା ସମାପ୍ତି ପରେ ଗୁରୁ ନିଜ ଇଚ୍ଛାରେ ଗୋଟିଏ ଦକ୍ଷିଣା ମାଗୁଥିଲେ। ଠିକ୍ ସେହିପରି ଥିଲା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ବକୁଳ ଛୁରିଅନା କୁଞ୍ଜର ବନ ବିଦ୍ୟାଳୟ। ବକୁଳ, ତମାଳ ତରୁ ବ୍ରତତୀର ସ୍ନିଗ୍ଧ ଛାୟାରେ ବସି ଛାତ୍ରମାନେ ଗୁରୁଙ୍କ ମୁଖରୁ ଶିକ୍ଷା ଗ୍ରହଣ କରୁଥିଲେ। ବନ ବିଦ୍ୟାଳୟର ଗୁରୁମାନେ ମଧ୍ୟ ଋଷି ପ୍ରତିମ ଥିଲେ। ପରବର୍ତ୍ତୀ କାଳରେ ଜନପଦମାନଙ୍କରେ ମାଟିବଂଶର ଅବଧାନମାନେ ଶିକ୍ଷାଦାନ କଲେ। ଧନୀ ଜମିଦାରଙ୍କ ବ୍ୟତୀତ ଖୁବ କମ୍ ପିଲା ଅଧ୍ୟୟନର ସୁଯୋଗ ପାଇଲେ। ପରେ ଗ୍ରାମ୍ୟ ଚାଟଶାଳୀରେ ସମସ୍ତ ବର୍ଗର ଛାତ୍ର ଅଧ୍ୟୟନ କରିବାର ସୁଯୋଗ ପାଇଲେ। ଛାନ୍ଦ, ପ୍ରବନ୍ଧ, ପଣିକିଆ ପ୍ରଭୃତି ସେଠାରେ ଅବଧାନେ ଶିକ୍ଷାଦାନ କଲେ। କିନ୍ତୁ ତାହା ମଧ୍ୟ ସାର୍ବଜନୀନ ହୋଇପାରିଲା ନାହିଁ।

ସ୍ୱାଧୀନତା ପରେ ସରକାରୀ ପ୍ରାଥମିକ ବିଦ୍ୟାଳୟମାନ ପ୍ରତିଷ୍ଠା କରାଗଲା। ଆଧୁନିକ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନେ ସ୍ୱଚ୍ଛନ୍ଦରେ ଅଧ୍ୟୟନ କରିପାରିଲେ। ଗାଁରେ ଥିବା ସରକାରୀ ଜମିରେ ବିଦ୍ୟାଳୟ ଖୋଲାଗଲା। ଅନେକ ସ୍ଥଳରେ ଧନିକ ଶ୍ରେଣୀର ଲୋକମାନେ ଜମି ଦେଇ ଘରଦ୍ୱାର ମଧ୍ୟ ତୋଳାଇ ଦେଲେ। ଗ୍ରାମବାସୀମାନେ ବିଦ୍ୟାଳୟର ରକ୍ଷଣାବେକ୍ଷଣ ତଥା ପରିଚାଳନା ଦାୟିତ୍ୱ ନେଲେ। କ୍ରମଶଃ ଝିଅମାନେ ବିଦ୍ୟାଳୟକୁ ଆସିଲେ। ଏହାପୂର୍ବରୁ ତତ୍କାଳୀନ ସମାଜରେ ଝିଅମାନେ ବାହାରକୁ ଯାଇ ପାଠ ପଢ଼ିବା ଏକ ଦୁରୁହ କାର୍ଯ୍ୟ ଥିଲା। ବ୍ୟାସକବି ଫକୀରମୋହନଙ୍କ ରେବତୀ ଗଳ୍ପ ଏହାର ଏକ ପ୍ରତିଫଳନ। ଛାତ୍ର-ଶିକ୍ଷକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପିତ ହେଲା। ଅଭିଭାବକମାନେ ମଧ୍ୟ ବିଦ୍ୟାଳୟ ସହିତ ସମ୍ପର୍କ ରକ୍ଷା କରୁଥିଲେ। କୌଣସି ଛାତ୍ର ବିଦ୍ୟାଳୟକୁ ନ ଆସିଲେ ଶିକ୍ଷକ ତା' ଘରକୁ ଯାଇ ଭଲମନ୍ଦ ବୁଝିବା ସହିତ ତାକୁ ଡାକି ଆଣୁଥିଲେ। 'ସମସ୍ତେ ପଢ଼ିବେ ସମସ୍ତେ ବଢ଼ିବେ', 'ଶିକ୍ଷା ହେଉଛି ମଣିଷର ମୌଳିକ ଅଧିକାର।' ସମ୍ବିଧାନର ଧାରା ୨୧ (ଏ)ରେ ଏହା ନିଶ୍ଚିତ କରାଯାଇଛି। ଗାଁ ଗହଳିରେ ଶିକ୍ଷକମାନେ ସମ୍ମାନିତ ବ୍ୟକ୍ତି ଭାବରେ ପ୍ରତିଷ୍ଠା ପାଇଲେ। ବିଦ୍ୟାଳୟର ଶୈକ୍ଷିକ ବାତାବରଣ ବେଶ୍ ମନୋରମ ହୋଇପାରିଲା।

ଶିକ୍ଷାଳୟ ଜ୍ଞାନର ମନ୍ଦିର। ଏହା ଅତ୍ୟନ୍ତ ପବିତ୍ର ସ୍ଥାନ। ସେହିପରି ଅଧ୍ୟୟନ ଏକ ମହାଯଜ୍ଞ। ଏଥିରେ ଛାତ୍ର ଜଜମାନ, ଶିକ୍ଷକ ପୁରୋହିତ। ଶିକ୍ଷାୟତନ ଏକ ଯଜ୍ଞଶାଳା। ସତ୍ୟବାଦୀ ବନ ବିଦ୍ୟାଳୟ ଏବଂ ସ୍ୱାଧୀନତା ପରେ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ମୌଳିକ ଶିକ୍ଷା ଏବଂ ମୌଳିକ ବିଦ୍ୟାଳୟମାନଙ୍କରେ ନ୍ୟୂନାଧିକେ ଏ ସବୁ ଦେଖିବାକୁ ମିଳୁଥିଲା। ସମୟକ୍ରମେ ଆଧୁନିକତାର ଦ୍ୱାହି ଦେଇ ଏହାର ପବିତ୍ରତା ନଷ୍ଟ ହୋଇଚାଲିଛି। ଏବେ ଆଉ ପ୍ରାଥମିକ ବିଦ୍ୟାଳୟରେ ସେ ଗୌରବ ନାହିଁ କି ସେ ଶୈକ୍ଷିକ ବାତାବରଣ ଆଉ ନାହିଁ। ଶିକ୍ଷକମାନେ ଚାକିରି କରି ଅର୍ଥ ଉପାର୍ଜନ ପାଇଁ ଆସୁଛନ୍ତି। ମାତ୍ର ପିଲାଟିର ଉନ୍ନତି ବିଷୟରେ ସେମାନେ ଚିନ୍ତା କରୁନାହାନ୍ତି। ବିଦ୍ୟାଳୟର ଝାଟିମାଟି ଚାଳଘର ଏବେ କୋଠାରେ ପରିଣତ ହୋଇଯାଇଛି। ସେହି ଅଞ୍ଚଳକୁ ଦଣ୍ଡମୁକ୍ତ ଅଞ୍ଚଳ କରି ଦିଆଯାଇଛି। କେତେକ ଛାତ୍ର ଖାଲି ମଧ୍ୟାହ୍ନଭୋଜନ ପାଇଁ ସ୍କୁଲକୁ ଆସୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ।

ପାଶ୍ଚାତ୍ୟ ଦେଶକୁ 'ମ୍ଳେଚ୍ଛ ଦେଶ' ବୋଲି 'ମନୁ ସଂହିତା'ରେ କୁହାଯାଇଛି। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ଆଜି ସବୁକିଛି ବଦଳିଯାଇଛି। ଆଜି ଭାରତୀୟମାନେ ବିଦେଶରୁ ଶିକ୍ଷାଲାଭ କରି ଆସିବା ପରେ ତାଙ୍କୁ ଏଠାରେ ସମ୍ମାନ ଦିଆଯାଉଛି ଏବଂ ସେମାନେ ଗର୍ବ ଅନୁଭବ କରୁଛନ୍ତି। ଏ ସବୁକୁ ଦେଖିଲେ ମନରେ ସ୍ୱତଃ ପ୍ରଶ୍ନଟିଏ ଉଠୁଛି - ଏ କ'ଣ ସେହି ଭାରତବର୍ଷ, ଯିଏ ଦିନେ ଶିକ୍ଷା କ୍ଷେତ୍ରରେ ଅପୂର୍ବ ଗୌରବର ଅଧିକାରୀ ହୋଇ ବିଶ୍ୱଗୁରୁର ସମ୍ମାନ ଲାଭ କରିଥିଲା? ତା'ଠାରୁ ବଡ଼ ପ୍ରଶ୍ନ ହେଉଛି ବିଶ୍ୱଗୁରୁ ଭାରତର ସେ ହୃତଗୌରବ ସତରେ କ'ଣ ଆଉ ଫେରିବନି?

ସାକ୍ଷୀଗୋପାଳ(ପୁରୀ), ମୋ: ୯୯୩୭୮୩୫୨୩୦

# ଧାତବ ଜୈବିକ ଆଧାରକୁ ନୋବେଲ ସ୍ୱୀକୃତି

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ଚଳିତ ବର୍ଷ (୨୦୨୫) ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଉଛି ଜାପାନର କିଓଟୋ ବିଶ୍ୱବିଦ୍ୟାଳୟ ସୁଷୁମୁ କିଟାଗାୱା, ମେଲବୋର୍ଣ୍ଣ ବିଶ୍ୱବିଦ୍ୟାଳୟର ରିଚାର୍ଡ ରୋବ୍‌ସନ ଏବଂ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଓମାର ୟାଘିଙ୍କୁ। ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଉଦଭାବନ 'ଧାତବ-ଜୈବିକ ଆଧାର' (ମେଟାଲ-ଅର୍ଗାନିକ ନେଟୱାକ୍ ବା ସଂକ୍ଷେପରେ ଏମ୍‌ଓଏଫ୍) ଲାଗି। ଏହି ପଦାର୍ଥଗୁଡ଼ିକରେ ଧାତବ ଆୟନ୍‌ଗୁଡ଼ିକ ଜୈବିକ ଅଣୁମାନଙ୍କ ଦ୍ୱାରା ଏକ ନିୟମିତ ପୁନରାବୃତ୍ତି ଘଟୁଥିବା ଢଙ୍ଗରେ ସଂଯୁକ୍ତ ହୋଇ ତ୍ରିପରିସରୀୟ ସଂରଚନାଟିଏ ସୃଷ୍ଟି କରିଥା'ନ୍ତି। ଏହା ବିଷୟରେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏଥିରେ ଥିବା ଧାତବ ଆୟନ ଏବଂ ଜୈବିକ ଅଣୁ ମଧ୍ୟରେ ଶୂନ୍ୟସ୍ଥାନ ବିଶାଳକାୟ ରନ୍ଧ୍ର ରୂପେ କାର୍ଯ୍ୟ କରି ଏହାକୁ ଅତ୍ୟନ୍ତ ସଚ୍ଛିଦ୍ର କରିଥା'ନ୍ତି। ୟାଘିଙ୍କ କହିବା ଅନୁସାରେ ଏକ ଗ୍ରାମ ଏମ୍‌ଓଏଫ୍‌ର ଆଭ୍ୟନ୍ତରୀଣ ପୃଷ୍ଠଭୂମିର ଆକାର ପ୍ରାୟ ଏକ କ୍ଷୁଦ୍ର ଫୁଟବଲ ପଡ଼ିଆ ସହିତ ସମାନ। ଏହି କାରଣରୁ ଏଗୁଡ଼ିକ ଜେଓଲାଇଟ୍ ଏବଂ ମେସୋପୋରୋସ୍ ସିଲିକା ଭଳି ଅନ୍ୟାନ୍ୟ ସଚ୍ଛିଦ୍ର ପଦାର୍ଥ ତୁଳନାରେ ବହୁଗୁଣ ଅଧିକ ଶୋଷଣକାରୀ ରୂପେ କାର୍ଯ୍ୟ କରେ।

ବିଭିନ୍ନ ଧାତୁ ବ୍ୟବହାର କରି ଏବଂ ଜୈବିକ ସଂଯୋଗକାରୀ ଅଣୁ ଦ୍ୱାରା ଏମ୍‌ଓଏଫ୍‌ର ରନ୍ଧ୍ରଗୁଡ଼ିକୁ ସାନ କିମ୍ବା ବଡ଼ କରାଯାଇ ପାରିବା ସହିତ ତାହାକୁ ଅଧିକ ସକ୍ରିୟ କରିହେବ। ଅତଏବ, ତାହାକୁ ବାଷ୍ପ ସଂଚୟ କିମ୍ବା ବିଭିନ୍ନ ପ୍ରକାର ପରିସ୍ରବଣ କିମ୍ବା ଅଙ୍ଗାରକାମ୍ଳ ଶୋଷଣ ଆଦି କାର୍ଯ୍ୟରେ ନିୟୋଜିତ କରାଯାଇପାରିବ। ପୁନଶ୍ଚ ଏହାର ରାସାୟନିକ ଧର୍ମ ବଦଳାଇ ଏହାକୁ ଉତ୍ପ୍ରେରଣ, ବିଦ୍ୟୁତ୍ ରସାୟନ ବିଜ୍ଞାନ ଏବଂ ଫ୍ଲୋରେସେନସ୍‌ଭିତ୍ତିକ ଚିତ୍ର ଉତ୍ତୋଳନ ଆଦିରେ ବ୍ୟବହାର କରିହେବ।

ରୋବସନ୍ ୧୯୮୦ ଦଶକରେ ହୀରାର ସଂରଚନା ଅନୁକରଣରେ ତମ୍ବା ଧାତୁର ଆୟନ ସହିତ ଏକ ଜୈବିକ ଅଣୁ (ଲିଜେଣ୍ଡ) ଯୋଡ଼ି ଏହା ପ୍ରସ୍ତୁତ କରିବାକୁ ଉଦ୍ୟମ ଚଳାଥିଲେ। ଏଥିରେ ତାଙ୍କୁ ସଫଳତା ମିଳିଲା ୧୯୮୯ ମସିହାରେ। ତତ୍ପରେ ୟାଘି ଏବଂ କିଟାଗାୱା ବିଭିନ୍ନ ଧାତବ ଆୟନ ଏବଂ ସଂଯୋଗକାରୀ ଜୈବିକ ଅଣୁ (ଲିଜେଣ୍ଡ) ବ୍ୟବହାର କରି ଏକ୍ଷେତ୍ରକୁ ବିକଶିତ କରିବାକୁ ଲାଗିଲେ। ଫଳରେ ପରବର୍ତ୍ତୀ ବର୍ଷମାନଙ୍କରେ ତାହା ଅଧିକରୁ ଅଧିକ ପ୍ରସ୍ତୁତ କରିବା ସମ୍ଭବ ହେଲା ଏବଂ ୨୦୦୦-ଦଶକ ବେଳକୁ ଏଥିରୁ ମାତ୍ର କେତେ ଡଜନ୍ ତିଆରି ହୋଇ ପାରିଥିବା ସ୍ଥଳେ ବିଗତ ବର୍ଷ (୨୦୨୪) ଏହା ପ୍ରାୟ ୧୦ ହଜାର ପର୍ଯ୍ୟନ୍ତ ହୋଇପାରିଛି। ଅତଏବ ଆଜି ସୁଦ୍ଧା ଏଗୁଡ଼ିକର ସଂଖ୍ୟା ଏକ ଲକ୍ଷ ଅତିକ୍ରମ କରିଗଲା, ଯାହାକି ଅତ୍ୟନ୍ତ ସୁଦୃଢ଼ ଏବଂ ୩୦୦ ରୁ ୩୫୦ ଡିଗ୍ରୀ ସେଲ୍ସିୟସ୍ ତାପ ସହ୍ୟ କରିପାରୁଛି।

ଇତିମଧ୍ୟରେ ବିଭିନ୍ନ ଦେଶର କମ୍ପାନୀମାନେ ଏହାକୁ ବ୍ୟବସାୟିକ ଭିତ୍ତିରେ ଉତ୍ପନ୍ନ କରି ନାନାଦି କାର୍ଯ୍ୟରେ ଲଗାଇବା ପାଇଁ ଅର୍ଥ ବିନିଯୋଗ କରିବା ଆରମ୍ଭ କରିଦେଲେଣି। ଉଦାହରଣ ସ୍ୱରୂପ ଇଂଲଣ୍ଡର 'ନୂଆଡା' ନାମକ କମ୍ପାନୀ ସତେଜ ଫଳ ଓ ପନିପରିବା ଆଦିକୁ ଦୀର୍ଘକାଳ ଧରି ଗଚ୍ଛିତ ରଖିବାରେ ଏହାକୁ ଉପଯୋଗ କରୁଛି। ଏଥିରେ ବ୍ୟବହୃତ ଏମ୍‌ଏଫ୍‌ଓରେ ରହୁଛି ଏକ ରାସାୟନିକ ପଦାର୍ଥ, ଯାହାକି ସେଗୁଡ଼ିକୁ ନଷ୍ଟ ହେବାକୁ ଦେଉନାହିଁ। ସେହିପରି ଆମେରିକାର 'ନୂମାଟ୍' କମ୍ପାନୀ ତିଆରି କରିଥିବା ଏହି ଜାତୀୟ ଏକ ନୂତନ ପଦାର୍ଥ ଶିଳ୍ପରୁ ନିର୍ଗତ ପ୍ରଦୂଷଣକାରୀ ବାଷ୍ପରୁ ଅଙ୍ଗାରକାମ୍ଳ ଏବଂ ଅଲଗା ଅଲଗା ଭାବେ ଅନ୍ୟାନ୍ୟ ବାଷ୍ପଗୁଡ଼ିକୁ ଶୋଷଣ କରି ଧରିରଖୁଛି। ସେଗୁଡ଼ିକୁ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ବ୍ୟବହାର କରାଯାଉଛି। ଅନ୍ୟପକ୍ଷରେ ଜଳାଭାବର ସମ୍ମୁଖୀନ ହେଉଥିବା ଉପସାଗରୀୟ ଦେଶମାନଙ୍କରେ ବ୍ୟବହାର ଏହାର 'ମେଟ୍' ନାମକ କମ୍ପାନୀ କେତେ ପ୍ରକାର ଏମ୍‌ଓଏଫ୍ ତିଆରି କରି ବ୍ୟବସାୟିକ ଭିତ୍ତିରେ ବାୟୁରୁ ଜାତୀୟ ବାଷ୍ପ ଶୋଷଣ କରି ତାହାକୁ ତରଳ ଜଳରେ ପରିଣତ କରିବା କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ସେଠାରେ ପାନୀୟ ଜଳସଂକଟକୁ କିଛିମାତ୍ରାରେ ଦୂର କରିପାରିବ। ବୈଜ୍ଞାନିକମାନେ ଆଶା କରନ୍ତି ଯେ ଆଗାମୀ ଦିନମାନଙ୍କରେ ଏହାର ବିଭିନ୍ନ କିସମ ଅଧିକରୁ ଅଧିକ ସଂଖ୍ୟାରେ ପ୍ରସ୍ତୁତ ହେବ। ତାହା ମାନବଜାତିର ବିବିଧ କଲ୍ୟାଣକାର କ୍ଷେତ୍ରରେ ବିନିଯୋଗ ହୋଇ ପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଜେପିରେ ଯୋଗ ଦେଲେ ଅମର ପଟ୍ଟନାୟକ

ଭୁବନେଶ୍ୱର,୩।୧୧(ସମିସ): ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ଆଜି ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଅମରଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ବିଜେପିରେ ଯୋଗ ଦେଇଥିବା ଅମର କହିଛନ୍ତି।

# ସୁବିଧାବାଦୀ ରାଜନୀତିର ଉତ୍କୃଷ୍ଟ ଉଦାହରଣ : ବିଜେଡି

ଭୁବନେଶ୍ୱର,୩।୧୧(ସମିସ): ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ବିଜେପିରେ ଯୋଗଦାନକୁ କଡ଼ା ସମାଲୋଚନା କରିଛି ବିଜେଡି । ତାଙ୍କର

- ବିଜେଡି ଅମର ପଟ୍ଟନାୟକଙ୍କୁ ଦେଇଥିଲା ରାଜନୈତିକ ପରିଚୟ
- ଅମର ସ୍ପଷ୍ଟ କରନ୍ତୁ ଭୋଟ ଚୋରି ସଂପର୍କରେ ନିଜ ଆଭିମୁଖ୍ୟ

ବିଜେପି ଯୋଗଦାନ ସୁବିଧାବାଦୀ ରାଜନୀତିର ଉତ୍କୃଷ୍ଟ ଉଦାହରଣ ଓ ଏହାଦ୍ୱାରା ବିଜେଡିରେ ସାମାନ୍ୟ ପ୍ରଭାବ ପଡ଼ିବ ନାହିଁ ବୋଲି କହିଛି ବିଜେଡି।

ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦିକା ତଥା ରାଜ୍ୟସଭା ସାଂସଦ ସୁଲତା ଦେଓ, ମୁଖପାତ୍ର ଡ. ଲେନିନ୍ ମହାନ୍ତି, ସାଧାରଣ ସମ୍ପାଦିକା ରଞ୍ଜିତା ସାହୁ ଓ ରୀତାଞ୍ଜଳି ପ୍ରଧାନ ପ୍ରମୁଖ ଅମର ପଟ୍ଟନାୟକଙ୍କ ଏପରି କାର୍ଯ୍ୟକୁ



ତୀବ୍ର ସମାଲୋଚନା କରିଛନ୍ତି। ସୁଲତା କହିଛନ୍ତି ଯେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅମର ପଟ୍ଟନାୟକଙ୍କୁ ରାଜ୍ୟସଭା ପଠାଇଥିଲେ। ତାଙ୍କୁ ଦଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସହ ରାଜନୈତିକ ପରିଚୟ ଦେଇଥିଲେ । ଗତ ସାଧାରଣ ନିର୍ବାଚନରେ ବିଜେପିର ଭୋଟ ଚୋରି ବାବଦରେ ସମସ୍ତ ତଥ୍ୟ ସହ ନିର୍ବାଚନ କମିଶନ ନିକଟରେ ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ ଦାୟର ହୋଇଥିଲା। ଯେଉଁଥିରେ ଅମର ପଟ୍ଟନାୟକ ପ୍ରମୁଖ ଭୂମିକା ନେଇଥିଲେ। ବର୍ତ୍ତମାନ ବିଜେପିରେ ସାମିଲ ହେଲା ପରେ ଭୋଟ ଚୋରି ସଂପର୍କରେ ଅମର ପଟ୍ଟନାୟକ ନିଜର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ।

ସେହିପରି ଲେନିନ୍ କହିଛନ୍ତି ଯେ ଅବସର ଗ୍ରହଣ କରିବା ପରେ ବିଜୁ ଜନତା ଦଳର ଆଦର୍ଶ ତଥା ନବୀନ ବାବୁଙ୍କ ନେତୃତ୍ୱକୁ ସର୍ବଦା ପ୍ରଶଂସା କରିଆସୁଥିବା ଅମର ପଟ୍ଟନାୟକ ବର୍ତ୍ତମାନ ରାଷ୍ଟ୍ର ନିର୍ମାଣ କରିବା ପାଇଁ ବିଜେପିରେ ଯୋଗ ଦେଇଥିବା କହିବା ହାସ୍ୟାସ୍ପଦ। ସାମାଜିକ ଗଣମାଧ୍ୟମରେ ପ୍ରତ୍ୟେକ ଦିନ ବିଜେପିର ଶୀର୍ଷ ନେତୃତ୍ୱ ତଥା ରାଜ୍ୟ ସରକାରଙ୍କ ଦୋଷ ଦୁର୍ବଳତା ଓ ଅପାରଗତାକୁ ଲୋକଲୋଚନକୁ ଆଣୁଥିବା ଶ୍ରୀ ପଟ୍ଟନାୟକ ଆଜି ହଠାତ ୟୁ ଟର୍ଣ୍ଣ ନେଇ ବିଜେପି ୱାସିଙ୍ଗ ମେସିନରେ ପଶିବା ସୁବିଧାବାଦ ରାଜନୀତିର ଶ୍ରେଷ୍ଠ ଉଦାହରଣ। ଉପନିର୍ବାଚନ ପ୍ରଚାର ପାଇଁ ନବୀନ ପଟ୍ଟନାୟକ ନୂଆପଡାରେ ଥିବା ସମୟରେ ବିଜେପି ଅମର ପଟ୍ଟନାୟକଙ୍କୁ ନିଜ ଦଳରେ ସାମିଲ କରିବା ପାଇଁ ସମୟ ଧାର୍ଯ୍ୟ କରିବା, ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଯେଉଁଭଳି ଭାବେ ନୂଆପଡାବାସୀ ଆଜି ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ କରିଛନ୍ତି, ଏହାଦ୍ୱାରା ବିଜେପିର ଯୋଜନାବଦ୍ଧ ମିଶ୍ରଣ ଉଦ୍ୟମ ଫସର ଫାଟିଛି ଓ ଉପନିର୍ବାଚନରେ ଏହାର କୌଣସି ପ୍ରଭାବ ପଡିବ ନାହିଁ ବୋଲି ଡ. ମହାନ୍ତି କହିଛନ୍ତି।

## ଗାଁକୁ ଫେରିଲା ଦାଦନ ଶ୍ରମିକର ଶବ

ଥୁଆମୂଳରାମପୁର, ୩।୧୧(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୁଳରାମପୁର ବ୍ଲକ୍ କର୍ଲାପାଟ ଥାନା ଅଧୀନ ଜୁବାଙ୍ଗ ଗ୍ରାମର ଉଦୟ ମାଝୀ(୨୫) କାମଧନ୍ଦା ଅନ୍ୱେଷଣରେ ସୁଦୂର କେରଳ ଯାଇ କୋଝିକୋଡିର କାକ୍କୋଡିରେ ଏକ ଠିକା ସଂସ୍ଥାରେ କାମ କରୁଥିଲା। ଗତ ୧ ତାରିଖ ଶନିବାର ସେଠାରେ କାମ କରୁଥିବା ବେଳେ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ସ୍ଲାବ ତଳେ ଉଦୟ ଚାପି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ସେଠାକାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ସକାଳେ ଗାଁରେ ଶବ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ଏବଂ ସମ୍ପର୍କୀୟଙ୍କ କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଥିଲା। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନକୁ ଦାହ ସଂସ୍କାର ପାଇଁ ନିଆଯାଇଥିଲା।

**ମନ୍ତ୍ରୀଙ୍କ ସତ୍ୟପାଠରେ ଅସତ୍ୟ ତଥ୍ୟ**

## କୃଷ୍ଣ ପାତ୍ରଙ୍କ ବିଧାୟକ ପଦ ରଦ୍ଦ ଦାବି କଲା କଂଗ୍ରେସ

ଭୁବନେଶ୍ୱର,୩।୧୧(ସମିସ): ୨୦୨୪ ରାଜ୍ୟ ବିଧାନସଭା ନିର୍ବାଚନରେ ଢେଙ୍କାନାଳ ବିଧାନସଭା ଆସନରୁ ବିଜୟୀ ହୋଇ ରାଜ୍ୟରେ ଯୋଗାଣ ମନ୍ତ୍ରୀ ପଦ ପାଇଥିବା ବିଜେପି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କ ସତ୍ୟପାଠରେ ଅସତ୍ୟ ତଥ୍ୟ ଦେଇଛନ୍ତି । ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ ଶ୍ରୀ ପାତ୍ରଙ୍କ ବିଧାୟକ ପଦ ରଦ୍ଦ କରିବାକୁ ଦାବି କରିଛି କଂଗ୍ରେସ।

ଦଳପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କ ନାମାଙ୍କନ ପତ୍ର ଦାଖଲ କଲାବେଳେ ସତ୍ୟପାଠରେ ଉଲ୍ଲେଖ କରିଥିବା ପାନ ନମ୍ବରଟି ହେଉଛି ଏକେକେପିପି୩୩୪୨ଆର୍। ମାତ୍ର ଏହି ପାନ୍ ନମ୍ବର ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ଓ ଭୁଲ। ତାଙ୍କ ପତ୍ନୀଙ୍କ ପାନ ନମ୍ବର ଠିକ ଥିଲା ବେଳେ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପାନକାର୍ଡ ସଂପୂର୍ଣ୍ଣ ବେନାମୀ। ଆୟକର ବିଭାଗର କର୍ତ୍ତୃପକ୍ଷଙ୍କ ପାଖରୁ ଏହି ପାନକାର୍ଡର ସତ୍ୟାସତ୍ୟ ବାବଦରେ ଖବର ନେବାପରେ ଏହି ପାନକାର୍ଡଟି ଏକ ଅବୈଧ ବୋଲି ତଥ୍ୟ ମିଳିଛି। ଏପରି ପାନକାଡର୍ କାହାରିକୁ ଦିଆଯାଇନାହିଁ ବୋଲି ଆୟକର ବିଭାଗ କହିଛି।

ଜନପ୍ରତିନିଧି ଅଧିନିୟମ ୧୯୫୧ ଧାରା ୪(ଏ)ଅନୁସାରେ ଜଣେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବା ସମୟରେ ଫର୍ମ-୨୬ ସହିତ ଏକ ସତ୍ୟପାଠ ବା ଶପଥପତ୍ର ମଧ୍ୟ ଦାଖଲ କରିଥାନ୍ତି। ତାଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ତଥ୍ୟ ସଂପୂର୍ଣ୍ଣଭାବେ ଠିକ ଓ ନିର୍ଭୁଲ ବୋଲି ଉଲ୍ଲେଖ କରିଥାଆନ୍ତି। ତେଣୁ ଫର୍ମ- ୨୬ ରେ ମିଛ ତଥ୍ୟ ଦେଇଥିବା ହେତୁ ତାଙ୍କ ନାମାଙ୍କନ ପତ୍ର ଖାରଜ ହେବା ପରିବର୍ତ୍ତେ କିପରି ଯାଞ୍ଚ ପ୍ରକ୍ରିୟାରେ କାଏମ ରହିଲା ଏହାକୁ ନେଇ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ପ୍ରଶ୍ନ କରିଛନ୍ତି। ଯଦି ଏହି ପାନ ନମ୍ବର ମନ୍ତ୍ରୀଙ୍କର ନୁହେଁ ତେବେ ଏହା କାହାର ସେକଥା ମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି।

ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ପାତ୍ର ନିଜ ସତ୍ୟପାଠରେ ଯେଉଁ ୫ ବର୍ଷର ଆୟକର ଦାଖଲ କରିଥିବାର ତଥ୍ୟ ପ୍ରଦାନ କରିଛନ୍ତି ତାହା କେଉଁ ପାନ ନମ୍ବର ଅନୁସାରେ ଦେଇଛନ୍ତି ଏହା ନିର୍ବାଚନ ଆୟୋଗ ଯାଞ୍ଚ କରୁ ବୋଲି କଂଗ୍ରେସ ଦାବି କରିଛି। ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦୁଇଟି ପାନକାର୍ଡ ରଖିଛନ୍ତି କି ବୋଲି କଂଗ୍ରେସ ପ୍ରଶ୍ନ କରିବା ସହ ଯଦି ଏହା ହୋଇଥାଏ ଏହାମଧ୍ୟ ଏକ ଧର୍ତ୍ତବ୍ୟ ଅପରାଧ। ମିଛ ତଥ୍ୟ ପ୍ରଦାନ ଜନପ୍ରତିନିଧି ଆଇନ-୧୯୫୧ର ୪ଏର ସଂପୂର୍ଣ୍ଣ ଉଲ୍ଲଙ୍ଘନ। ନିର୍ବାଚନ ଆୟୋଗ ଏ ଖବର ଜାଣିଲାପରେ ସେତେବେଳର ରିଟର୍ଣ୍ଣିଂ ଅଫିସରଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି କଂଗ୍ରେସ ଦାବି କରିଛି। ନିର୍ବାଚନ ଆୟୋଗ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ଗଣତନ୍ତ୍ରର ସୁସ୍ଥ ପରମ୍ପରାକୁ ବଜାୟ ରଖନ୍ତୁ ବୋଲି ସେ କହିବା ସହିତ ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିଧାୟକ ପଦକୁ ତୁରନ୍ତ ରଦ୍ଦ କରାଯାଉ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନଳିନୀ କାନ୍ତ ନାୟକ ଓ ଡଃ ମନିଷାଦାସ ପଟ୍ଟନାୟକ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ନାବାଳକ ମୃତ

ଲାଞ୍ଜିଗଡ଼/କଲ୍ୟାଣସିଂହପୁର, ୩।୧୧(ସମିସ): କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ବନାଞ୍ଚଳ ଲାଞ୍ଜିଗଡ଼ ସେକ୍ସନ ନାଚିନିଗୁଡ଼ା ବିଟ୍‌ସ୍ଥିତ ହରିଡ଼ାଗୁଡ଼ା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ନାବାଳକର ମୃତ୍ୟୁ ଘଟିଛି। ମୃତକ ହେଲେ, ତ୍ରିଲୋଚନପୁର



ପଞ୍ଚାୟତସ୍ଥିତ କୁନାକାଡୁ ଗାଁର କାଣ୍ଡୁ ମାଝୀଙ୍କ ପୁଅ ରବି ମାଝୀ(୫)। ହାତୀ ଆକ୍ରମଣରେ ତା' ବଡ଼ଭାଇ ସମରୁ ମାଝୀ(୭) ମଧ୍ୟ ଆହତ ହୋଇଛି। ୩ବର୍ଷ ହେଲା କାଣ୍ଡୁ ହରିଡାଗୁଡ଼ା ଗାଁରେ ଘର କରି ନିକଟସ୍ଥ ଜଙ୍ଗଲରେ ପୋଡୁଚାଷ କରୁଥିଲେ। ସୋମବାର ସକାଳେ ତାଙ୍କର ଦୁଇ ପୁଅ ରବି ଓ ସମରୁ ନିଜ ଚାଷଜମିକୁ ଯାଉଥିଲେ। ଏହି ସମୟରେ ଗାଁ ନିକଟସ୍ଥ ପାଣିଟାଙ୍କି ନିକଟରେ ଏକ ଦନ୍ତା ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ରବିକୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ରବିକୁ ଫିଙ୍ଗି ଦେଇଥିଲା। ଘଟଣାସ୍ଥଳରେ ହିଁ ରବିର ମୃତ୍ୟୁ ଘଟିଥିଲା। ଖବର ପାଇ ଲାଞ୍ଜିଗଡ଼ ବିଡିଓ ଦାୟିତ୍ୱରେ ଥିବା ଆଇଏଏସ୍ ଅମିନେଶ ପ୍ରଧାନ, ଅମୂଲ୍ୟ ବାହୁଲ, ବିଶ୍ୱନାଥପୁର ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ତଥା ଏସିଏଫ୍ ନରୋତ୍ତମ ମାଝୀ, ଡ. ନରେନ୍ଦ୍ର ଦାସ, ବିଜେପୁର ଥାନା ଅଧିକାରୀ ନିଳାମ୍ବର ଯାନୀ, ତ୍ରିଲୋଚନପୁର ପିଇଓ ତାପସ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଘଟଣା ତଦନ୍ତ କରିଥିଲେ। ପୁଲିସ ପକ୍ଷରୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ତଥା ଏସିଏଫ୍ ଶ୍ରୀ ମାଝୀଙ୍କୁ ପଚାରିବାରୁ ଆମେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛୁ ଏବଂ କ୍ଷୟକ୍ଷତି ଆକଳନ ପାଇଁ ତାଙ୍କ ଡକ୍ୟୁମେଣ୍ଟ ଅଣାଯାଇଛି। ଅନଲାଇନ୍ ହେବାପରେ ସେମାନେ ସହାୟତା ରାଶି ପାଇବେ ବୋଲି କହିଛନ୍ତି। ଏବେ ଦନ୍ତା ହାତୀଟି ଲାଞ୍ଜିଗଡ଼ ସେକ୍ସନ ସ୍ଥିତ ଇଜୁରୁପା ଜଙ୍ଗଲରେ ରହିଛି ଓ ହାତୀର ଗତିବିଧି ଉପରେ ନଜର ରଖିଛୁ ବୋଲି ପ୍ରକାଶ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୦ଟି ଗାଡ଼ି ଉପରେ...

ପର୍ଯ୍ୟନ୍ତ ରାସ୍ତା ରକ୍ତରଞ୍ଜିତ ହୋଇଯାଇଥିଲା। ମୃତକଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ରାସ୍ତା ଉପରେ ଛିଟ୍‌କି ପଡ଼ିଥିଲା। କାହର ପେଟ୍ କଟିଯାଇଛି ତ ଆଉ କାହାର ହାତ କଟିଯାଇଛି।

ଏହି ଦୁର୍ଘଟଣା ସୋମବାର ଦ୍ୱିପହରରେ ହରମାଡାର ଲୋହା ମଣ୍ଡିଠାରେ ଘଟିଛି। ଅପରାହ୍ନ ୧ଟାରେ ଏହି ଡମ୍ପର ଲୋହା ମଣ୍ଡି ପେଟ୍ରୋଲ ପମ୍ପଠାରୁ ରୋଡ୍ ନଂ-୧୪ରୁ ହାଇୱେ ଉପରକୁ ଉଠିଥିଲା। ଏହାପରେ ରାସ୍ତାରେ ଥିବା ଗାଡ଼ିଗୁଡିକୁ ଧକ୍କା ଦେଇ ସେଗୁଡିକ ଉପରେ ଚଢ଼ିଯାଇଥିଲା। ଡମ୍ପର ଡ୍ରାଇଭର କଲ୍ୟାଣ ମିନାକୁ ଲୋକେ ଧରି ପୁଲିସ ଜିମା ଦେଇଛନ୍ତି।

### ମୋ ପ୍ରତି ବିଶ୍ୱାସଘାତକତା...

ନବୀନ କହିଥିଲେ ଯେ ଏବେ ସାରା ରାଜ୍ୟରେ ବିକାଶ କାମ ପୂରା ବନ୍ଦ ହୋଇଯାଇଛି। ଆଇନଶୃଙ୍ଖଳା ଭୁଶୁଡି ପଡ଼ିଛି, ନାରୀ ଅତ୍ୟାଚାର ସବୁ ସୀମା ଟପିଛି। ଭାଇଚାରାର ରାଜ୍ୟ ଓଡ଼ିଶାର ସୁନାମ ଆଜି ନଷ୍ଟ ହୋଇଛି ବୋଲି ନବୀନ କହିଥିଲେ।

ଶ୍ରୀ ପଟ୍ଟନାୟକ ଆହୁରି କହିଥିଲେ ଯେ ମିଶନ ଶକ୍ତି ମା'ମାନେ ରାଜ୍ୟରେ ଏକ ନୀରବ ଆନ୍ଦୋଳନ ଆଣିଥିଲେ। କିନ୍ତୁ ଏ ସରକାରରେ ମିଶନ ଶକ୍ତି ମା'ମାନେ ଆଜି ଋଣ ପାଉନାହାନ୍ତି, ମିଶନ ଶକ୍ତି ସହଯୋଗୀ ମା'ମାନେ ୮ ମାସ ହେଲା ଦରମା ପାଇ ନାହାନ୍ତି। ଏ ସରକାର କେବଳ ମିଛ ପ୍ରଚାରରେ ମାତିଛି। ରାଜ୍ୟ ସରକାର କେବଳ ରଙ୍ଗମରା ସରକାରରେ ପରିଣତ ହୋଇଛି ବୋଲି ଉଲ୍ଲେଖ କରି ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ଗୋଟିଗୋଟି ପ୍ରତିଶ୍ରୁତି ଓ ଏହାର ଫଳଶ୍ରୁତି ସମ୍ପର୍କରେ ଲୋକଙ୍କୁ ପ୍ରଶ୍ନ କରିଥିଲେ। ମାଗଣା ବିଜୁଳି, ୩୫୦୦ ଟଙ୍କା ଭତ୍ତା, ଚାଷୀଙ୍କୁ ୟୁରିଆ ସାର ମିଳିଛି କି, କଟ୍‌ନୀଛଟ୍‌ନୀ ବନ୍ଦ ହୋଇଛି କି, ବିଏସ୍‌କେୱାଇ ଭଲ ନା ଆୟୁଷ୍ମାନ କାର୍ଡ ଭଲ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ପଚାରିବା ସହ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ।

ସମାବେଶରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସମେତ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରଣବ ପ୍ରକାଶ ଦାସ, ନିରଞ୍ଜନ ପୂଜାରୀ, ପ୍ରମିଳା ମଲ୍ଲିକ, ଟୁକୁନି ସାହୁ, ଅବନୀ ଯୋଷୀ, ମନୋଜ ମିଶ୍ର, ଅଧିରାଜ ପାଣିଗ୍ରାହୀ, ପ୍ରତାପ କେଶରୀ ଦେବ, ସୁଦାମ ମାରାଣ୍ଡି, ପୁଷ୍ପେନ୍ଦ୍ର ସିଂଦେଓ, ନିରଞ୍ଜନ ବିଶି, ଶୁଭାଶିଷ ଖୁଣ୍ଟିଆ, ମୁନ୍ନା ଖାନ୍, ଶର୍ମିଷ୍ଠା ସେଠୀ, ଡଲି ମାଝୀ, ଦୀପିକା ଦୀପ, କ୍ଷମାନିଧି ନିଆଲ, ବ୍ୟୋମକେଶ ରାୟ, ପ୍ରଣବ ବଳବନ୍ତରାୟ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ସୁଶାନ୍ତ କୁମାର ରାଉତ, ବିଶ୍ୱରଞ୍ଜନ ମଲ୍ଲିକ, ନଳିନୀକାନ୍ତ ପ୍ରଧାନ, ଯୋଗେଶ ସିଂ, ପ୍ରଦୀପ ମାଝୀ, ସଞ୍ଜୀବ ମଲ୍ଲିକ, କଳିକେଶ ସିଂହଦେଓ, ରୂପେଶ ପାଣିଗ୍ରାହୀ, ମାଧବ ଧଡ଼ା, ଉମାକାନ୍ତ ସାମନ୍ତରାୟ, ରବି ନାରାୟଣ ନନ୍ଦ, ଜଗନ୍ନାଥ ସାରକା, ରମେଶ ମାଝୀ, ସୁବାସ ସିଂ, ଡଃ. ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର, ଦୁଷ୍ମନ୍ତ ନାୟକ, ଗିରିଜା ସିଂ ମାଝୀ, ଈଶ୍ୱର ପାଣିଗ୍ରାହୀ, ହେମନ୍ତ ସାମନ୍ତରାୟ, ସରୋଜ ମେହେର, ମୁନା ମହାନ୍ତି, ଅବିନାଶ ସାମଲ ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ।

### ଅନିଲ ଅମ୍ବାନୀଙ୍କ ବିଳାସପୂର୍ଣ୍ଣ...

ନୋଟିସ ଜାରି କରାଯାଇଥିଲା। ଏହି ମାମଲାର ତଦନ୍ତରୁ ଇଡି ଜାଣିବାକୁ ପାଇଥିଲା ଯେ ରିଲାଏନ୍ସ ହୋମ୍ ଫାଇନାନ୍ସ (ଆରଏଚଏଫଏଲ) ଏବଂ ରିଲାଏନ୍ସ କମର୍ସିଆଲ ଫାଇନାନ୍ସ (ଆରସିଏଫଏଲ)ଙ୍କୁ ଦିଆଯାଇଥିବା ପାଣ୍ଠିର ଅପବ୍ୟବହାର ହୋଇଛି। ୨୦୧୭ରୁ ୨୦୧୯ ମଧ୍ୟରେ ୟେସ ବ୍ୟାଙ୍କ ପକ୍ଷରୁ ଆରଏଚଏଫଏଲକୁ ୨୯୬୫ କୋଟି ଏବଂ ଆରସିଏଫଏଲକୁ ୨୦୪୫ କୋଟି ଟଙ୍କାର ଋଣ ଦେଇଥିଲା । କିନ୍ତୁ ୨୦୧୯ ଡିସେମ୍ବର ସୁଦ୍ଧା ଏହି ଟଙ୍କା ନନ୍-ପର୍‌ଫର୍ମି ଆସେଟ (ଏନପିଏ) ପାଲଟି ଯାଇଥିଲା। ଏବେ ସୁଦ୍ଧା ଆରଏଚଏଫଏଲର ୧୩୫୩ କୋଟି ଏବଂ ଆରସିଏଫଏଲର ୧୯୮୪ କୋଟି ଟଙ୍କା ବକେୟା ଅଛି। ୟେସ ବ୍ୟାଙ୍କର ମୋଟ ୨୭୦୦ କୋଟିରୁ ଅଧିକ କ୍ଷତି ହୋଇଛି। ଇଡି ଅନୁଯାୟୀ, ଏହି କମ୍ପାନୀଙ୍କୁ ଦିଆଯାଇଥିବା ଟଙ୍କାକୁ ରିଲାଏନ୍ସ ଅନ୍ୟତ୍ର ସ୍ଥାନାନ୍ତର କରି ଦେଇଥିଲା। ଋଣ ପ୍ରଦାନ ବ୍ୟବସ୍ଥାରେ ମଧ୍ୟ ଜାଲିଆତି କରାଯାଇଥିଲା। ଦିନକରେ ଋଣ ଆବେଦନ, ଅନୁମୋଦନ ଏବଂ ପ୍ରଦାନ କରାଯାଇଥିଲା। କ୍ଷେତ୍ର ପର୍ଯ୍ୟବେକ୍ଷଣ ଏବଂ ବୈଠକ କରାଯାଇ ନ ଥିଲା। ଦାଖଲ କାଗଜପତ୍ର ଖାଲି ଥିଲା। ଇଡି ଏହାକୁ 'ଜାଣିଶୁଣି କରାଯାଇଥିବା ଠକେଇ' କହିଛି।

### ବିଚାରଧୀନ କଏଦୀଙ୍କ...

ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରାଯାଇଛି। ପାଇଖାନା ଭିତରେ ଯଦି ଏଭଳି ଅଘଟଣ ଘଟେ, ତେବେ ଜାଣିବା ନିହାତି କଷ୍ଟକର। ଏହି ଘଟଣାରେ ଚୌଦ୍ୱାର ଥାନା ପୁଲିସ, ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବା ବୋଲି ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀ ମାଝୀ ଜଣାଇଛନ୍ତି। ଅନ୍ୟପଟେ ପବିତ୍ରଙ୍କ ଶରୀରକୁ ପରିବାର ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପ୍ରକ୍ରିୟା କରାଯିବ। ଏହି ଘଟଣାରେ ଜଣେ ଏଡିଜି ପାହ୍ୟାର ଅଧିକାରୀ ତଦନ୍ତ କରିବେ ବୋଲି ସୂଚନା ମିଳିଛି। କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ। ସୂଚନାଯୋଗ୍ୟ, ଗତ ଦଶହରା ସମୟରେ ବିହାରର ୨ କୁଖ୍ୟାତ ଅପରାଧୀ ଜେଲ୍‌ର କଡ଼ା ସୁରକ୍ଷାବଳୟ ଭେଦ କରି ପାଚେରି ଡେଇଁ ଫେରାର୍ ହୋଇଯାଇଥିଲେ। ଏ ପର୍ଯ୍ୟନ୍ତ ସେମାନଙ୍କୁ ଗିରଫ କରାଯାଇପାରିନାହିଁ। ସେହିପରି, ଅନ୍ୟ ଏକ ଘଟଣାରେ ଜଣେ କଏଦୀର ପଥର ମାଡ଼ରେ ଅନ୍ୟ ଜଣେ କଏଦୀ ଗୁରୁତର ଆହତ ହୋଇଥିବା ଭଳି ଘଟଣା ଘଟିଛି।

୧୧୬୫ କ୍ଷମତା ବିଶିଷ୍ଟ ଏହି ଜେଲରେ ଏବେ ୯୦୦ଜଣ କଏଦୀ ରହୁଛନ୍ତି। ଜେଲ ସୁପରିଟେଣ୍ଡେଣ୍ଟ୍‌ଙ୍କ ସମେତ ଜଣେ ଜେଲର୍, ୫ଜଣ ସବ୍-ଆସିଷ୍ଟାଣ୍ଟ ଜେଲର୍, ୪ଜଣ ଆସିଷ୍ଟାଣ୍ଟ ଜେଲର ଓ ୬୦ଜଣ ମହିଳା ଓ ପୁରୁଷ ୱାର୍ଡର୍ ନିୟୋଜିତ ରହିଛନ୍ତି।

### ପାଇଖାନା ଟାଙ୍କିରେ...

ସୂଚନାନୁଯାୟୀ, ଶୁଭମ, ଶିବାନୀ ଓ ଶିବୁ ପରିବାର ସଦସ୍ୟଙ୍କ ସହ ମାମୁଘରକୁ ବୁଲିବାକୁ ଆସିଥିଲେ। ଆଜି ସେମାନେ ହସଖୁସିରେ ଖେଳୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଖେଳନିଶାରେ ସେମାନେ ନିକଟରେ ଥିବା ସେପ୍ଟିକ ଟାଙ୍କି ଉପରେ ଚଢ଼ି ଯାଇଥିଲେ। ଟାଙ୍କିର ଘୋଡ଼ଣୀଟି ଭାଙ୍ଗିଯିବାରୁ ୩ଜଣ ଯାକ ଟାଙ୍କି ଭିତରେ ଗଳିପଡ଼ିଥିଲେ। ସେହି ସମୟରେ ଆଖପାଖରେ କେହି ନଥିବାରୁ ଘଟଣା ଜଣାପଡ଼ିନଥିଲା। ତେବେ ଦୀର୍ଘ ସମୟ ପରେ ବି ପିଲାମାନେ ଘରକୁ ନଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ବହୁ ଖୋଜାଖୋଜି କରିବା ପରେ ବାରିପଟେ ଥିବା ପାଇଖାନା ଟାଙ୍କି ଘୋଡ଼ଣୀ ଭାଙ୍ଗି ଯାଇଥିବା ଦେଖିବାକୁ ପାଇଥିଲେ। ସନ୍ଦେହ ହେବାରୁ ଗାଁ ଲୋକଙ୍କ ସହାୟତାରେ ଟାଙ୍କି ଭିତରେ ଖୋଜାଖୋଜି କରି ଅଚେତ ଅବସ୍ଥାରେ ସମସ୍ତଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ତୁରନ୍ତ ବଡ଼ମ୍ବା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସମସ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଖବର ପାଇ ବଡ଼ମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି, ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ମହାନ୍ତି ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ବଡ଼ମ୍ବା ଥାନାରେ ଏ ସଂକ୍ରାନ୍ତରେ ପୃଥକ୍ ପୃଥକ୍ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜିଲ୍ଲା ରେଡ଼କ୍ରସ୍ ସହାୟତା ପାଣ୍ଠି ପକ୍ଷରୁ ସମସ୍ତ ମୃତକଙ୍କ ପରିବାରଙ୍କୁ ୨୦ ହଜାର ଟଙ୍କାର ଅନୁକମ୍ପା ସହାୟତା ରାଶି ପ୍ରଦାନ କରାଯିବା ପାଇଁ ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ସିଲିକନ୍ ଟେକ୍...

ପଞ୍ଚସପ୍ଟକୁ ଦେଇଥିଲା। ତେବେ କେଉଁ ଆଧାରରେ ଏତେ ବଡ ଗୁରୁଦାୟିତ୍ୱ ଏକ ଅନଭିଜ୍ଞ ସଂସ୍ଥାକୁ ସିଲିକନ୍ ପ୍ରଦାନ କରିଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଥିଲା। ଜେରା ବେଳେ ସିଲିକନ୍ ହାତରେ ପରୀକ୍ଷା ସଂକ୍ରାନ୍ତ ସମସ୍ତ ଗୁପ୍ତ ସୂଚନା ରହିଥିବା ଜଣା ପଡ଼ିଥିଲା। ପ୍ରଶ୍ନପତ୍ର ଠାରୁ ଆରମ୍ଭ କରି ସବୁକିଛିର ତଥ୍ୟ ସିଲିକନ୍‌ର ମାଲିକ ସୁରେଶ ଜାଣିଥିଲେ। ପରୀକ୍ଷା ପରିଚାଳନା ଆଳରେ ଚାକିରି ବିକ୍ରି କରି ଟଙ୍କା କମାଇବା ପାଇଁ ସେ ଏକ ଭଲ ସ୍କାମ୍ ନେଟ୍‌ୱର୍କ ଅପରେଟ୍ କରୁଥିବା ବ୍ୟକ୍ତିଙ୍କୁ ଖୋଜୁଥିଲେ। ବହୁ ଖୋଜାଖୋଜି ପରେ ଶଙ୍କର ତାଙ୍କ ହାବୁଡରେ ପଡ଼ିଥିଲେ। ବିନା କୌଣସି ବାଛବିଚାରରେ ତତ୍‌କ୍ଷଣାତ୍ ପଞ୍ଚସପ୍ଟକୁ ଦାୟିତ୍ୱ ଦେବା ସହ ପରୀକ୍ଷା ସଂକ୍ରାନ୍ତ ସମସ୍ତ ଗୁପ୍ତ ତଥ୍ୟ ଶଙ୍କରଙ୍କ ହାତରେ ଟେକି ଦେଇଥିଲେ। ଶଙ୍କର ତାଙ୍କ ନେଟ୍‌ୱର୍କରେ ଥିବା ସହଯୋଗୀଙ୍କୁ ବ୍ୟବହାର କରି ମାର୍କେଟ୍‌ରୁ କୋଟି କୋଟି ଟଙ୍କା ଉଠାଇଥିଲେ।

ଶଙ୍କରଙ୍କୁ ପରୀକ୍ଷା ସଂକ୍ରାନ୍ତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସୁରେଶ ମେଲ୍ ଏବଂ ହ୍ୱାଟ୍ସଆପ୍ ଯୋଗେ ଯୋଗାଇଥିଲେ। ହେଲେ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ସାମ୍ନାକୁ ଆସିବା ପରେ ଉଭୟ ନିଜ ନିଜର ମେଲ୍ ଏବଂ ହ୍ୱାଟ୍ସଆପ୍ ଚାଟ୍ ଡିଲିଟ୍ କରିଦେଇଛନ୍ତି। ଏଣୁ କ୍ରାଇମ୍‌ବ୍ରାଞ୍ଚ ପାଇଁ ପ୍ରମାଣ ଯୋଗାଡ କରିବା ଏକ ବଡ ଚାଲେଞ୍ଜ ପାଲଟି ଯାଇଛି।

ସୁରେଶଙ୍କୁ ଜେରା ବେଳେ ମିଳିଥିବା ତଥ୍ୟ ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ ସିଲିକନ୍ ଟେକ୍‌ର ସିଇଓ ସୁରେଶ ନାୟକ ଏସ୍‌ଆଇ ପରୀକ୍ଷା ପ୍ରଶ୍ନପତ୍ର ପ୍ରସ୍ତୁତି, ପ୍ରିଣ୍ଟିଂ ଏବଂ ପରିବହନ ଦାୟିତ୍ୱରେ ରହିଥିଲେ। ସେ ପଞ୍ଚସପ୍ଟର ମାଲିକ ଶଙ୍କର ପୃଷ୍ଟିଙ୍କ ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ଥିଲେ। ସେ ତାଙ୍କୁ ଲୁଚାଇବାକୁ ସବୁ ପ୍ରକାର ଚେଷ୍ଟା କରିଥିଲେ। ଉଭୟ ଲଗାତାର ଯୋଗାଯୋଗରେ ରହୁଥିଲେ। ଶଙ୍କର କିପରି ଫେରାର ହେବେ ଆଉ ପୁଲିସ ହାତରେ ଧରା ନ ପଡ଼ିବେ, ସୁରେଶ ଏଥିପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଥିଲେ। ଏପରିକି ଶଙ୍କର ଯେତେବେଳେ ଫେରାର ଥିଲେ, ସେ ତାଙ୍କୁ ଦିଲ୍ଲୀରେ ରହିବା ପାଇଁ ଘର ଦେଇଥିଲେ। ତାଙ୍କୁ କମ୍ପାନୀର ନୂଆଦିଲ୍ଲୀ କାଲ୍‌କାଜୀସ୍ଥିତ ଗେଷ୍ଟ ହାଉସ୍ ଯୋଗାଇ ଦେଇଥିଲେ। ଏଠାରେ ଶଙ୍କର କିଛିଦିନ ଧରି ଗୁପ୍ତ ଭାବେ ରହିଥିଲେ। ପୁଲିସ ହାତରେ ଧରା ନ ପଡ଼ିବା ପାଇଁ ଶଙ୍କର ତାଙ୍କ ନିର୍ଦ୍ଦେଶରେ ବାରମ୍ବାର ଠିକଣା ବଦଳାଉଥିଲେ। ଏ ସମ୍ପର୍କିତ ସମସ୍ତ ପ୍ରମାଣ କ୍ରାଇମ୍‌ବ୍ରାଞ୍ଚକୁ ମିଳି ସାରିଛି। କଲ୍ ରେକର୍ଡ ଠାରୁ ଆରମ୍ଭ କରି ଲୋକେସନ୍ ସବୁକିଛି କ୍ରାଇମ୍‌ବ୍ରାଞ୍ଚ ପାଇ ସାରିଛି। ଶଙ୍କରଙ୍କ ମୋବାଇଲ୍ ଫୋନ୍ ଏବଂ ସୁରେଶଙ୍କ ଲାପଟପ୍‌କୁ ଫରେନ୍‌ସିକ୍ ଯାଞ୍ଚ ପାଇଁ ପଠାଯାଇଛି।

ଅନ୍ୟପକ୍ଷରେ କ୍ରାଇମ୍‌ବ୍ରାଞ୍ଚ ରିମାଣ୍ଡରେ ଥିବା ମୁନ୍ନା, ଲୋକନାଥ ଓ ସୌମ୍ୟା ପ୍ରିୟଦର୍ଶନୀଙ୍କୁ କ୍ରାଇମବ୍ରାଞ୍ଚ ସୋମବାର ମଧ୍ୟ ଜେରା କରିଥିଲା। ଏମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ବଡ଼ ବଡ଼ ଲୋକଙ୍କୁ ଯୋଗଯୋଗ କରିଥିବା ଏବଂ ଟଙ୍କା ନେଣଦେଣ କରିଥିବା ନେଇ କ୍ରାଇମ୍‌ବ୍ରାଞ୍ଚ ଜାଣିବାକୁ ପାଇଛି। ଗିରଫ ଶଙ୍କର ଏବଂ ସୁରେଶଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ବ୍ରହ୍ମପୁର ଜେଲ୍‌ରେ...

କ୍ରାଇମବ୍ରାଞ୍ଚ ପକ୍ଷରୁ ହୋଇଥିବା ରିମାଣ୍ଡ ସମ୍ପର୍କିତ ଶୁଣାଣି ମଙ୍ଗଳବାର ହେବ ବୋଲି ଜଣାପଡ଼ିଛି। ଉଭୟ ଶଙ୍କର ଓ ସୁରେଶଙ୍କୁ ବ୍ରହ୍ମପୁର କୋର୍ଟରେ ହାଜର ବେଳେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂର୍ବରୁ ଘଟଣାରେ ଗିରଫ ପରୀକ୍ଷା ଆଶାୟୀ ଓ ଦଲାଲଙ୍କୁ ପୁଲିସ ମୁହଁ ଘୋଡ଼ାଇ ନେଇଥିବା ବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତ ଉଭୟ ଶଙ୍କର ପୃଷ୍ଟି ଓ ସୁରେଶ ନାୟକଙ୍କୁ ମୁହଁ ନ ଘୋଡ଼ାଇ ଏପରିକି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବାକୁ ମଧ୍ୟ ସୁଯୋଗ ଦେଇଥିବା ଦେଖିବାକୁ ମିଳିଥିଲା।

### ପୁଲିସ କବ୍‌ଜାରେ...

ସେମାନଙ୍କଠାରୁ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓଗାଳିଥିବା ମଧ୍ୟ ସୂଚନା ମିଳିଛି। ଜେରା ସମୟରେ ପୁଲିସ ଅନ୍ୟ ଦୁଇଜଣଙ୍କୁ ମଧ୍ୟ ଅଟକ ରଖି ପଚରାଉଚରା କରିଥିବା କୁହାଯାଉଛି।

ହତ୍ୟାକାଣ୍ଡ ପରେ ପୁରୀରୁ ଚିଣ୍ଟୁ ପ୍ରଧାନ ବେଙ୍ଗାଲୁରୁ ଫେରିଯାଇଥିବା ବେଳେ କୁରୁପତି ଜୟପୁର ଯାଇ ଉମା ବିଶୋୟୀ ସହ ମିଶିଥିଲା। ସେଠାରେ ସ୍ୱଳ୍ପ ଦିନର ରହଣି ପରେ ଉଭୟ ରାୟପୁର ଓ ରାଞ୍ଚି ଦେଇ ଅନ୍ୟତ୍ର ଫେରାର ହୋଇଯାଇଥିଲେ। ଅଟକ ଉମା ଓ କୁରୁପତିଙ୍କୁ ଆସନ୍ତାକାଲି ଗିରଫ ଦେଖାଇ ପୁଲିସ କୋର୍ଟ ଚାଲାଣ କରିପାରେ ବୋଲି କୁହାଯାଉଛି।


**AFFIDAVIT**

I, Sagupta Zari W/o MD Shahud Pervez, Resident of Latumia Lane, Panposh Town, PO-Rourkela-4, PS-Raghunathpali, Dist-Sundargarh, Odisha, PIN-769004, declared by this affidavit No A/08 Dated 01.11.2025 that now onwards I shall be known as **SHAGUFTA PERVEZ** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**NOTICE (FOR MINOR)**

Gangadhar Sahu, aged about 44 years, S/o-Late Sambaru Sahu, resident of AT: Plot No. 322, Raghunath Nagar, Dumuduma Housing Board Colony, Ps-Khandagiri, Bhubaneswar, Dist-Khordha, Pin-751019, declare that I have changed the name of my son from Priyanshu Pritam to Priyanshu Pritam Sahu henceforth he shall be known as **Priyanshu Pritam Sahu** for all purposes.

Sd/- Gangadhar Sahu

**AFFIDAVIT**

By virtue of an affidavit No. 572, dtd. 01.08.2025 in the court of the Executive Magistrate, Koraput, I, Cahnini Bibi resident of Tudukuthuba, Po- T. Thuba, Ps.- Nandapur, Dist.-Koraput-764037 have changed my name from Chandini Bagama to Chandi Bibi. Henceforth I shall be known as **Chandini Bibi** for all purposes.

Sd/- Chandini Bibi

**NOTICE**

By the virtue of an Natatory partnership deed sworn before the notary public Bhubaneswar dated 29.10.2025 . I Premanand Nath bearing Aadhar no.2609 2268 8325 S/o late Dharanidhar Nath from the Organization M/s Jaleswar Packaging is no more interested to continue as Partner with effect from 18.10.2025. The Partners have agreed to reconstitute the business as per the reconstitute Deed for all the purpose.

**AFFIDAVIT**

I, TAUHID MOHAMMED, age-67, S/o- Nabu Mian, Adress: D/29, Sector-16, Rourkela, Dist.: Sundargarh, PIN-769003, Odisha, declared by this Affidavit No.1342/2025, Dated: 01.11.2025. That now onwards I shall be known as MD TAUHEED for all future Purposes.

**AFFIDAVIT**

By virtue of an affidavit sworn before The Executive Magistrate, G.Udayagiri, Kandhamal, date- 16/10/2025. I, **N Dirghika Saumya Deepti,** D/o Situ Kumar Nayak, permanent resident of Village-Lebaguda, PO- Rudangia, PS-G.Udayagiri, Dist- Kandhamal, PIN-762100, Odisha declare that I have changed my name from **N.Dirghika Soumya Dipty** to **N Dirghika Saumya Deepti.** Henceforth, I shall be known as **N Dirghika Saumya Deepti** (new name) for all future purposes.

N Dirghika Saumya Deepti

**AFFIDAVIT**

By virtue of an affidavit no 5274 sworn before the Executive Magistrate, Tirtol dated- 31/10/2025, I **Namita Das,** resident of At-Bakharpur, Po- Malanda, Ps-Tirtol, Dist- Jagatsinghpur, Pin- 754136, Odisha declare that I have changed my name from **Ruksar Parwin** (old name) to **Namita Das** (new name). Henceforth, I shall be known as **Namita Das** for all future purposes.

**Namita Das**

**AFFIDAVIT**

By virtue of an affidavit before the Notary Public, Titilagarh, on dated-30/10/2025. I, **Nilakantha Bagarty** (applicant name), S/o Dharanidhar Bagarty, permanent & current resident of AT/PO- Bijepur, PS-Titilagarh, Dist- Balangir, (Odisha), PIN Code: 767033 declare that I have changed my minor son's name from **Meet Bagarty** (old name) to **Jeet Bagarty** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Jeet Bagarty** (new name) for all purposes.

**Nilakantha Bagarty**

**AFFIDAVIT**

I, Elakiya Sabapathi, W/o-P. Sabapathi, Resident of Qtr No. C-31, CMPDI COLONY, Post- Sainik School, Bhubaneswar, Dist.- Khorda, Pin-751005, Odisha declare by this Affidavit No. 76AA 943695, Dated 03.07.2025, that now onwards I shall be known as **U. ELAKIYA** for all future purposes.

**AFFIDAVIT**

By virtue of an affidavit no 5855, sworn before the Executive Magistrate, Champua on dtd- 16/10/2025, I **Puja Naik,** W/o- Akash Mallick, resident of At/Po/Ps-Champua, Dist- Keonjhar, Pin-758041, Odisha, I have changed name from **Puja Mallick** (old name) to **Puja Naik** (new name). Henceforth both the name **Puja Mallick** and **Puja Naik** is one & same person, I will be known as **Puja Naik** for all future purposes.

**Puja Naik**

**AFFIDAVIT**

I, Shahina Bano Suriya, aged about 45 years, W/o-Mohammad Irfan, resident of Ward No 05, Dasarapada, Bhanjamandap, Po-Umarkote, Ps- Umarkote, Dist- Nabarangapur, Odisha, PIN- 764073 declare by this affidavit No. 2251, dtd- 03/11/2025, that now onwards I shall be known as **SAHINA BANU SURIYA** for all future purposes.


Government of India

**Income Tax Department**

Bhubaneswar

**ସାର୍ବଜନୀନ ସୂଚନା**

F.No. Nodal Officer/Odisha Elections/2025-26/ Date: 31.10.2025

71-ନୂଆପଡା ବିଧାନସଭା ନିର୍ବାଚନ ମଧ୍ୟବର୍ତ୍ତୀ ଭୋଟ, 2025 ଘୋଷଣା କରାଯାଇଛି ଭାରତର ନିର୍ବାଚନ ଆୟୋଗ ଦ୍ୱାରା । ନିର୍ବାଚନ ପ୍ରକ୍ରିୟା ସମୟରେ କଳା ଟଙ୍କା ବ୍ୟବହାର ରୋକିବା ପାଇଁ ଆୟକର ବିଭାଗ ନିୟମ କଡାକଡି ରଖିବା ପାଇଁ ଦାୟିତ୍ୱ ପାଇଛି ।

ଅଘୋଷିତ ଅର୍ଥ ଓ ଅନ୍ୟ ଅଘୋଷିତ ମୂଲ୍ୟବାନ ସାମଗ୍ରୀର ସୂଚନା ଓ ଅଭିଯୋଗ ପ୍ରାପ୍ତ କରିବାପାଇଁ ଆୟକର ବିଭାଗ, ଓଡ଼ିଶା ଦ୍ୱାରା ୨୪×୭ କଲ୍ ସେଣ୍ଟର୍ ସୁବିଧା ସହିତ ନିମ୍ନଲିଖିତ ଯୋଗାଯୋଗ ନମ୍ବର ସହିତ ଭୁବନେଶ୍ୱରରେ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହିତ ସୂଚନା ଅଭିଯୋଗ ପ୍ରକୋଷ୍ଠ ସ୍ଥାପିତ ହୋଇଛି ।

**ନିର୍ବାଚନ ନିୟନ୍ତ୍ରଣ ପ୍ରକୋଷ୍ଠ ସହ ଅଭିଯୋଗ ପରିଚାଳନା ପ୍ରକୋଷ୍ଠ**

**ଟୋଲ୍ ଫ୍ରି ନମ୍ବର: 1800-345-7921**

**ହ୍ୱାଟ୍ସଆପ୍ ନମ୍ବର : 9438917442**

**ଇ ମେଲ କରନ୍ତୁ: Bhubaneswar.addidit.inv2@incometax.gov.in**

ନିର୍ବାଚନ ସମ୍ବନ୍ଧୀୟ କୌଣସି ପ୍ରକାର ଅନୁଚିତ ନଗଦ ରାଶିର ଲେଣଦେଣ କିମ୍ବା ଅଘୋଷିତ ନଗଦ ରାଶି ଓ ମୂଲ୍ୟବାନ ସାମଗ୍ରୀର ସୂଚନା ବିଷୟରେ ଦସ୍ତାବେଜ ଉପରୋକ୍ତ ନମ୍ବରରେ ସୂଚନା ଦିଆଯାଇପାରିବ ।

ସ୍ୱା/- ବିମଳେନ୍ଦୁ ତୁଡୁ

ଯୁଗ୍ମ ନିର୍ଦ୍ଦେଶକ, ଆୟକର (ଅନ୍ୱେଷଣ)

ୟୁନିଟ୍ -୨ ସହ ନୋଡାଲ ଅଧିକାରୀ (ଇ.ଇ.ଏମ.), ଭୁବନେଶ୍ୱର

# ଖଟିଆରେ ବୁହାହେଲେ ଗର୍ଭବତୀ

ପାପଡାହାଣ୍ଡି,୩ା୧୧ (ସମିସ) : ଗାଁ ରାସ୍ତା କାଦୁଅ ଯୋଗୁଁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ତେଣୁ ବାଧ ହୋଇ ଖଟିଆରେ ବୁହା ହେଲେ ଗର୍ଭବତୀ। ପାପଡାହାଣ୍ଡି ବ୍ଲକ ଘାଟଗୁଡା ପଞ୍ଚାୟତର ଶିରାଗୁଡାରେ ଏପରି ଅବସ୍ଥା ଦେଖିବାକୁ ମିଳିଛି । ଗ୍ରାମର ଗର୍ଭବତୀ ଶ୍ରୀଦେବି ଗୌଡ଼ଙ୍କୁ ଜନନୀ ଯନ୍ତ୍ରଣା ହେବାରୁ ଆଶା ଦିଦି ଆମ୍ବୁଲାନ୍ସ ଡକାଇଥିଲେ। କିନ୍ତୁ କାଙ୍ଗମାଝୀଗୁଡାରୁ ଶିରା ଗୁଡା ୨ କିମି ରାସ୍ତା ଆମ୍ବୁଲାନ୍ସ ଯାଇପାରିଲାନ। କାଙ୍ଗମାଝୀଗୁଡା ଆସି ଅଟକି ଯାଇଥିଲା । ଶ୍ରୀଦେବିଙ୍କ ଯନ୍ତ୍ରଣା ଦେଖି ପରିବାର ଲୋକେ ବାଧ ହୋଇ ଖଟିଆରେ ବୋହି ଆଣିଥିଲେ ଆମ୍ବୁଲାନ୍ସ ନିକଟକୁ । ପରେ ସେଠାରୁ ନବରଙ୍ଗପୁର ସ୍ଥାନାନ୍ତର କରାଯାଇଥିଲା । ଶିରାଗୁଡା ରାସ୍ତା ଦୀର୍ଘ ଦିନ ହେଲାଣି ଶୋଚନୀୟ ହୋଇପଡିଛି । ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ରାସ୍ତା କରିଥିଲେ। ଚଳିତ ବର୍ଷା ଯୋଗୁଁ ରାସ୍ତା ପୁରା କାଦୁଅ ହେବା ଯୋଗୁଁ ଏପରି ଅବସ୍ଥା ହୋଇଛି । ଶୀଘ୍ର ରାସ୍ତା ନିର୍ମାଣ ଲାଗି ଦାବି ହେଉଛି।

## ଅସୁରକ୍ଷିତ ଓଭରବ୍ରିଜ ତଳେ ବେପାର

# ନିର୍ଦ୍ଧାରିତ ବଜାର ସ୍ଥାନକୁ ଯାଉନାହାନ୍ତି ବ୍ୟବସାୟୀ



ରାୟଗଡ଼ା, ୩ା୧୧(ସମିସ): ରାୟଗଡ଼ା ନୂତନ ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ଅସୁରକ୍ଷିତ ଓଭରବ୍ରିଜର କାମ ଯଥା ଶିଘ୍ର ଆରମ୍ଭ ହେବାକୁ ଯାଉଥିବା ବେଳେ ଜାତୀୟ ରାଜପଥ ବିଭାଗ ନିଜର ପ୍ରସ୍ତୁତି ଆରମ୍ଭ କରିଛି। ସେଥିପାଇଁ ଓଭରବ୍ରିଜ ତଳେ କୌଣସି ପ୍ରକାର ବ୍ୟବସାୟ ନ କରିବା ପାଇଁ ରାୟଗଡା ପୌର ପରିଷଦ ତରଫରୁ ସମସ୍ତ ବ୍ୟବସାୟୀଙ୍କୁ ପୂର୍ବରୁ ଅନୁରୋଧ କରାଯାଇଥିଲା। ଯାହାକୁ ନେଇ ପର୍ଯ୍ୟାୟ କ୍ରମେ ପୌର ପରିଷଦ ତରଫରୁ ସ୍ଥାନୀୟ ରାମକୃଷ୍ଣ ନଗର ଏବଂ କସ୍ତୁରୀନଗର, ତୁମ୍ବିଗୁଡାରେ ପରିବା ବଜାର ଖୋଲାଯାଇଥିଲା ଏବଂ ବେପାର ଆରମ୍ଭ ହେଇଥିଲା। ତେବେ ଦଶହରା ଓ ଦୀପାବଳିକୁ ନଜରରେ ରଖି ପରିବା ଏବଂ ଫଳ ବ୍ୟବସାୟୀମାନେ ପୁଣି ବ୍ରିଜ ତଳକୁ ଫେରିଯାଇଥିଲେ। ଯେହେତୁ ଏହି ଓଭରବ୍ରିଜ ଦୁର୍ବଳ ଅବସ୍ଥାରେ ଅଛି ଏହାର ନିର୍ମାଣ କାର୍ଯ୍ୟ ଅତି ଜରୁରୀ ଏବଂ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ବ୍ରିଜ ତଳେ ବ୍ୟବସାୟ ନ କରିବା ପାଇଁ ପୌର ପରିଷଦ ତରଫରୁ ଅନୁରୋଧ କରାଯାଇଥିଲେ ମଧ୍ୟ ପୌରପାଳିକାର ନିୟମକୁ ଫୁ କରିଦେଉଛନ୍ତି ପରିବା ଓ ଫଳ ବ୍ୟବସାୟୀ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଗତକାଲି ଠାରୁ ଓଭରବ୍ରିଜ ସ୍ଥାୟୀ ମରାମତି କାମ ଆରମ୍ଭ ପାଇଁ ଆବଶ୍ୟକ ସାମଗ୍ରୀ ରଖିବା ନିର୍ମାଣକାରୀ ଠିକା ସଂସ୍ଥା ଆରମ୍ଭ କରିଥିବା ବେଳେ ଆଜି ପୁଣି ସମସ୍ତ ବ୍ୟବସାୟୀଙ୍କୁ ରାମକୃଷ୍ଣ ନଗର ଠାରେ ଥିବା ଅସ୍ଥାୟୀ ଦୈନିକ ବଜାର ଏବଂ କସ୍ତୁରୀ ନଗରରେ ଥିବା ବିଜୁ ପଟ୍ଟନାୟକ ମାର୍କେଟ କମ୍ପେ୍ଲକ୍ସକୁ ସ୍ଥାନାନ୍ତର ହେବା ପାଇଁ ପୌର ପରିଷଦ ଅନୁରୋଧ କରିଛି । ସେହିପରି ତୁମ୍ବିଗୁଡା ସ୍ଥିତ ଆରଏମ୍ସି ପରିସରରେ ନିର୍ଦ୍ଧାରିତ ମାର୍କେଟ କମ୍ପେ୍ଲକ୍ସରେ ମଧ୍ୟ ପରିବା ବ୍ୟବସାୟୀଙ୍କୁ ଯିବାକୁ କୁହାଯାଇଛି। ସମସ୍ତ ବ୍ୟବସାୟୀ ନିଜର ସୁବିଧା ଅନୁଯାୟୀ ପୌର ପରିଷଦ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଜାଗାରେ ବ୍ୟବସାୟ କରିବାକୁ ଶେଷ ଅନୁରୋଧ କରାଯାଇଛି। ଓଭରବ୍ରିଜ ତଳେ ଏବଂ ଦୁଇ ପାଶ୍ୱର୍ରେ ବ୍ୟବସାୟ କରିବା ସମ୍ପୂର୍ଣ୍ଣ ନିଷେଧ ବୋଲି ଆଜି ପୌର ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପୌର ଅଧକ୍ଷ ପି. ମହେଶ ପଟ୍ଟନାୟକ ସମସ୍ତ ଜନସାଧାରଣଙ୍କୁ ୩ଟି ନିର୍ଦ୍ଧାରିତ ଦୈନିକ ବଜାରରୁ କିଣା ଓ ବିକା କରିବାକୁ ଅନୁରୋଧ କରିଛନ୍ତି। ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର ସମସ୍ତ ମୌଳିକ ସୁବିଧା ଏହି ଦୈନିକ ବଜାରରେ ଯୋଗାଇ ଦେବେ ବୋଲି କହିଛନ୍ତି। ପର୍ଯ୍ୟାୟକ୍ରମେ ପିଣ୍ଡି ନିର୍ମାଣ ସହିତ ପାର୍କିଂ, ଶୌଚାଳୟ, ପାଣିର ସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି ମତ ପ୍ରକାଶ କରିଛନ୍ତି। ସେଥିପାଇଁ ପୁଣିଥରେ ସେ ସମସ୍ତ ବ୍ୟବସାୟୀଙ୍କୁ ନିର୍ଦ୍ଧାରିତ ସ୍ଥାନରେ ହିଁ ବ୍ୟବସାୟ କରିବାକୁ ଅନୁରୋଧ କରିଛନ୍ତି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଓଭରବ୍ରିଜ ତଳେ ସମସ୍ତ ବ୍ୟବସାୟ ବାରଣ କରାଯାଇଛି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ମୌଳିକ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି

# ଜୟପୁର ସାହିତ୍ୟ ପରିଷଦର ଉପଦେଷ୍ଟାଙ୍କୁ ଶ୍ରଦ୍ଧାଞ୍ଜଳି

ଜୟପୁର, ୩ା୧୧(ସମିସ) : ଜୟପୁର ସାହିତ୍ୟ ପରିଷଦର ପୂର୍ବତନ ସଭାପତି ତଥା ଉପଦେଷ୍ଟା ଡ.ସୁରେଶ ଦାସଙ୍କ ବିୟୋଗରେ ପରିଷଦ ପକ୍ଷରୁ ଆଜି ଏକ ଶ୍ରଦ୍ଧାଞ୍ଜଳି ତଥା ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ପରିଷଦର ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀଙ୍କ ପରିଚାଳନାରେ ଆୟୋଜିତ ଏହି ସ୍ମୃତି ସଭାରେ ପରିଷଦର ସମସ୍ତ କର୍ମକର୍ତ୍ତା, ସଦସ୍ୟ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ, ଶିକ୍ଷକ, ସାହିତ୍ୟିକ ଓ ସମାଜସେବୀ ଯୋଗଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରିଥିଲେ। ଏକ ସ୍ମରଣିକା ପାଇଁ ବରିଷ୍ଠ ଗବେଷକ ଡ. ପରେଶ ରଥଙ୍କ ପ୍ରସ୍ତାବରେ ଉପସ୍ଥିତ ସମସ୍ତ ବୁଦ୍ଧିଜୀବି ସହମତ ହୋଇଥଇଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟକ ଶ୍ରୀନାଥ ମିଶ୍ର, ଲକ୍ଷ୍ମୀକାନ୍ତ ପାଢୀ, ଡ .ପ୍ରଦୀପ ମିଶ୍ର, ନରସିଂହ ପାଣିଗ୍ରାହୀ, ଜି. ଭି.ରାଓ, କୃଷ୍ଣ ଚନ୍ଦ୍ର ହୋତା,କୃଷ୍ଣ ଚନ୍ଦ୍ର ଭୁକ୍ତା ,ପ୍ରମୋଦ ରାହୁଲ, ଅଶୋକ ପଲେଇ ,ସୁନୀତା ମିଶ୍ର, ସ୍ମିତା ରଥ, ସୋଭାଗିନି ନନ୍ଦ, ଡ.ସୁଧାଂଶୁ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରିଥିଲେ। ଶେଷରେ ପରିଷଦର ସଭାପତି ହରିହର କରସୁଧା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବରିଷ୍ଠ ନାଗରିକ କମିଟି ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟ ଠାରେ ଏକ ଶୋକସଭା ଆୟୋଜିତ ହୋଇଥିଲା।

# ବ୍ଲକ୍ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

କାକିରିଗୁମା,୩ା୧୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାରେ ବ୍ଲକ୍ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ବିଧାୟକ ପବିତ୍ର ସାଉଁନ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଶିକ୍ଷକ ସଂଘର ଉପ ସଭାପତି ସୁରେନ୍ଦ୍ର କୁଳଦିପ୍ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି କୈଳାଶ ଚନ୍ଦ୍ର ଖୋସ୍ଲା , ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦୟାନିଧି ଗରଡା, ଲକ୍ଷ୍ମୀପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ୍ର ୧୧ ଟି କ୍ଲଷ୍ଟରର ବିଭନ୍ନ ପ୍ରତିଯୋଗୀ ମାନେ କାର୍ଯ୍ୟ କ୍ରମରେ ଅଂଶ ଗ୍ରହଣ କରିଥଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୁତି ଭୁଷଣ ଟାକ୍ରି ଓ ମଦନ ମୁଦୁଲି ପରିଚାଳନା କରିଥିଲା ବେଳେ ସାଧନ କେନ୍ଦ୍ର ସଂଯୋଜକ ଉମେଶ ପାତ୍ର , ଭେଙ୍କଟଶ୍ୱର ରାଓ, ଅଜୟ ଜେନା ,ସଜି କାଡାକା, ଅମିୟ ଗରଡା , ପ୍ରଧାନ ଶିକ୍ଷକ ରଜତ କୁମାର ନାୟକ, କିଶୋର ଖରା ଓ ଅନ୍ୟାନ୍ୟ ଶିକ୍ଷକ ,ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସ୍ଥାନୀୟ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବ୍ଲକ୍ସ୍ତରୀୟ ଶିଶୁ ମହୋତ୍ସବ



ଜୟପୁର,୩ା୧୧(ସମିସ): ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୫' ସ୍ଥାନୀୟ ଜଗଦୀଶ ଚନ୍ଦ୍ର ନାୟକ ସରକାରୀ ପୌର ଉଚ୍ଚ ବିଦ୍ୟାଳୟଠାରେ ଆଜି ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷାବିତ୍ ସୁରେନ୍ଦ୍ର ପଟ୍ଟନାୟକ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କେ.ଗୋପାଳ, ସୋମନାଥ ଗାଦବା, ପୌର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପେନ୍ଦ୍ର ଦୀପ୍, ଅବସରର ପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ପାଢ଼ୀ, ଗଡ଼ପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ ପଣ୍ଡା, ଅବସର ପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜୟପୁର ବ୍ଲକର ୧୫ଟି କ୍ଲଷ୍ଟରର ୨୩୧ଟି ବିଦ୍ୟାଳୟରୁ ୩୯୮ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ୍, ବିତର୍କ, ସୁନ୍ଦର ହସ୍ତାକ୍ଷର, ସୃଜନଶୀଳ ଲିଖନ, ଗଣିତ ଦୌଡ଼, ଗଳ୍ପ କଥନ,ସଂଗୀତ,ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ଗାୟତ୍ରୀ ବୈଠାରୁ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବୀ ପ୍ରସାଦ ଦାଶ, ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପଲାଇ, କୋଷାଧ୍ୟକ୍ଷ ପୁରନ୍ଦର ନାୟକ, ସିଆରସିସି ରାମେଶ୍ୱର ପଣ୍ଡା, ଜ୍ୟୋତିଶଙ୍କର ତ୍ରିପାଠୀ, ଆଦିତ୍ୟ ପଟ୍ଟନାୟକ, ସଂଯୁକ୍ତା ରାଉତ, ରୁଦ୍ରପ୍ରସନ୍ନ ପାଣିଗ୍ରାହୀ, ଭାଗିରଥି ବାରିକ, ଅଭିମନ୍ୟୁ ପ୍ରଧାନ, ରଶ୍ମିରେଖା ଗୌଡ଼, ବିଜୟାଲକ୍ଷ୍ମୀ ସ୍ୱାଇଁ, ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ବରିଷ୍ଠ ବିଭାଗୀୟ ଅଧିକାରୀ ରାଜେନ୍ଦ୍ର କୁମାର ପାରିହି, କର୍ମଚାରୀ ସାନ୍ତ୍ୱନୁ ଜେନା, ରଞ୍ଜିତ ମହାନ୍ତି, ମନୋଜ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ଶଙ୍କର ପ୍ରହରାଜ, ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

# ବ୍ଲକ୍ସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ରାୟଗଡ଼ା/ରାମନାଗୁଡ଼ା,୩ା୧୧(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ସ୍ତରୀୟ ଶିଶୁ ଉତ୍ସବ ସୁରଭି-୨୦୨୫ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରାମନାଗୁଡ଼ା ପରିସରରେ ଆୟୋଜିତ ହୋଇଛି। ଏହି ଅବସରରେ ବ୍ଲକ୍ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ ଅଧ୍ୟକ୍ଷ ଭାବେ ସମଗ୍ର କାର୍ଯ୍ୟକ୍ରମର ସୁଚାରୁ ରୂପେ ନିରୀକ୍ଷଣ କରିଥିଲେ। ଉଦଘାଟନୀ ସଭାରେ ଅତିଥି ଭାବେ ଡା. କୃଷ୍ଣାନନ୍ଦ ବେହେରା (ପଶୁଚିକିତ୍ସା ଅଧିକାରୀ), ସ୍ଥାନୀୟ ବିଦ୍ୟାଳୟର ଅଧକ୍ଷ ପ୍ରଣିତ କୁମାର ଅଧିକାରୀ, ପିଏମ ଶ୍ରୀ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଗୌରୀ ପ୍ରସାଦ ପାଣ୍ଡା ଓ ଏବିଇଓ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପ୍ରୀତିସ୍ୱଦା ରାଉତରାୟଙ୍କ ଦ୍ୱାରା ସମନ୍ୱିତ ପାରମ୍ପରିକ ବାଦ୍ୟ, ଲେଜିମ୍ ନୃତ୍ୟ ସହିତ ଯୋଗ ଓ ଶାରୀରିକ ଯୋଗ ମାଧ୍ୟମରେ ସୁଲୁଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଓଏଭି. ରାମନାଗୁଡ଼ାର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଓଏଭି ରାମନାଗୁଡ଼ା ଓ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର ସମସ୍ତ ଅଧିକାରୀ, ସମସ୍ତ ସିଆରସିସି ଓ ବ୍ଲକ୍ ଅନ୍ତର୍ଗତ ସମସ୍ତ ପ୍ରଧାନ ଶିକ୍ଷକମାନେ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଗାୟତ୍ରୀ ମିଶ୍ର ଓ ବିଦୁର ଶବର ମଞ୍ଚ ସଂଚାଳନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ରମେଶ ଚନ୍ଦ୍ର ମିଶ୍ର, ସୁରଥ ପାଲାକା, ଅଶ୍ୱିନୀ କୁମାର ତ୍ରିପାଠୀ, ଉଦ୍ଧବ ଚନ୍ଦ୍ର ନାୟକ ଓ ଅବିରାମ ମଣ୍ଡଳ ସକ୍ରିୟ ଭାବରେ ସହଯୋଗ କରିଥିଲେ। ଅପରାହ୍ନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ, ନାଟକ ପ୍ରଦର୍ଶନ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଥାନା ଅଧିକାରୀ ସୁନୀତା ବେହେରା, ଥାନା ଏସଆଇ ବାବୁଲା ପ୍ରଧାନ ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ସମ୍ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଜିଲ୍ଲା ସ୍ତରୀୟ ସୁରଭି ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

# ୨୪ ପ୍ରହର ନାମଯଜ୍ଞ ଉଦ୍ଯାପିତ



ଗୁଣପୁର,୩ା୧୧(ସମିସ): ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପାଞ୍ଚଦିନ ଧରି ଚାଲିଥିବା ୨୪ ପ୍ରହର ନାମଯଜ୍ଞ ଓ ଅନ୍ନଯଜ୍ଞ ଶେଷ ହୋଇଛି। ଆଜି ମନ୍ଦିରର ସୁଆର ପପି ପଣ୍ଡା ଦଧିହାଣ୍ଡି ମୁଣ୍ଡରେ ଧରି ନଗରୀ କୀର୍ତ୍ତନରେ ବାହାରି ଥିଲେ। ମହା ଆଡମ୍ବର ସହକାରେ ନଗରୀ ସରିବା ସହ ଦଧିହାଣ୍ଡି ଭଙ୍ଗା ନିତି ସମାପନ ହୋଇଥିଲା। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ ରୁ ଅଧିକ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିବା ବେଳେ ୫୦ ହଜାର ଶ୍ରଦ୍ଧାଳୁ ଅନଯଜ୍ଞରେ ଭାଗ ନେଇଥିଲେ। ବିଶେଷ କରି କଳାହାଣ୍ଡି ଜିଲ୍ଲା ନର୍ଲାରୁ ଆସିଥିବା କିର୍ତ୍ତନ ଦଳଙ୍କ ମୃଦଙ୍ଗ ବାହକ ସନ୍ତୋଷ ସମସ୍ତଙ୍କ ମଖ୍ୟ ଆକର୍ଷଣ ଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ପୌରାଧକ୍ଷା ମମତା ଗୌଡ, ଉପାଧକ୍ଷ ଶିବ ପ୍ରଶାଦ ଗୌଡ, ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ଏସଡିପିଓ ବାବୁଲି ନାୟକ, ବିଡିଓ ସ୍ୱସ୍ତିକ ଜମାଦାର, ଅତିରିକ୍ତ ତହସିଲଦାର ଗୟା ଡମ୍ବୁରୁଧର ବେହେରା, ଆଇଆଇସି କେକେବିକେ କଁଅର, ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଜିଆଇଇଟି ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, ଡିନ୍ନ ଏନଭିଜେ ରାଓ, ବରିଷ୍ଠ ଆଇନଜୀବୀ ଫଣୀ ଭୁଷଣ ପଟ୍ଟନାୟକ, ରାଜେନ୍ଦ୍ର ପାଢି, କୃଷ୍ଣ ସେନାପତି, ଗଣେଶ୍ୱର ଶତପଥିଙ୍କ ସମେତ ବହୁ ଲୋକ ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମନ୍ଦିର ଉନ୍ନୟନ ପରିଷଦର କାର୍ଯ୍ୟକାରୀ ସଭାପତି ଡ. ସୂର୍ଯ୍ୟ ନାରାୟଣ ପଣ୍ଡା, ସମ୍ପାଦକ ନିରଞ୍ଜନ ପାଢି, ବରିଷ୍ଠ ସଦସ୍ୟ ତିରୁପତି ମହାନ୍ତିଙ୍କ ତତ୍ତ୍ୱାବଧାନରେ ପରିଚାଳନା ହୋଇଥିଲା। କାଉନସିଲର ଭାଗିରଥି ବିଶ୍ୱୋୟୀ, ପୂର୍ବତନ କାଉନସିଲର ଜିତେନ୍ଦ୍ର ନାୟକ, ମିଲି ପାଢି, ଉମା ଦାସ, ଡଃ ପ୍ରଶାନ୍ତ ହୋତା, ରାମ ପଣ୍ଡା, ଫକିର ନାୟକ, ସନ୍ତୋଶ ପଣ୍ଡା, ରବି ପଣ୍ଡା, ପିଣ୍ଟୁ ପଣ୍ଡା, ଜୁଗୁନୁ ପାଢି, ଗୌରୀ ପଣ୍ଡା, ବାପି ପଣ୍ଡା, ତାଙ୍ଗୁଡୁ ନାଗଭୂଷଣ ରାଓ, ଟି. ଭେଙ୍କେଟରାଓ, ନେତ୍ରାନନ୍ଦ ନାୟକ, ତ୍ରିନାଥ ଶବର, ଗାଙ୍ଗାରାଜୁ ଶବର, ପ୍ରମୁଖଙ୍କ ସମେତ ଜଗନ୍ନାଥ ସେନାର ଶତାଧିକ କାର୍ଯ୍ୟକର୍ତ୍ତା ନିଷ୍ଠାପର ଭାବେ ସେବା ଯୋଗାଇଥିଲେ। ପୁରୀରୁ ଆସିଥିବା ଉଦ୍ଧବ ଦାସ ମହାରାଜ ଓ ସାଥିଗଣ ଦାୟିତ୍ୱରେ ରହିଥିଲେ।

# ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକର ମୃତ୍ୟୁ

କଲ୍ୟାଣସିଂହପୁର, ୩ା୧୧(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପୂଜାରୀଗୁଡାଠାରୁ ଜଗନ୍ନାଥପୁର ଯିବା ବୁଲାଣିରେ ଟ୍ରାକ୍ଟର ଧକ୍କାରେ ବାଇକ ଚାଳକ ଯୁବକର ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି। ଆଜି ସକାଳୁ ମାଧବ ନାଲାଙ୍କ ପୁଅ ରାଜା ନାଲା (୧୮) ପୂଜାରୀଗୁଡା ପଞ୍ଚାୟତର ବିନିସପୁର ଗ୍ରାମକୁ ମଜୁରିଆଙ୍କୁ ଆଣିବା ପାଇଁ ଆସୁଥିବା ବେଳେ ବିପରୀତ ଦିଗରୁ ବାଲି ବୋଝେଇ ଟ୍ରାକ୍ଟର ଓଡି ୧୮ ଏନ ୬୬୦୧ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ ଟିଏସ ୦୭ ଏଫୟୁ୬୦୯୫ରୁ ଯୁବକ ପଡି ଛଟପଟ ହେଉଥିଲେ। ପରିବାର ଓ ଗ୍ରାମବାସୀ ସଙ୍ଗେ ସଙ୍ଗେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଏଥିରେ ଡାକ୍ତର ଆଶିଷ ମେହେର ଦେଖିବା ବେଳେ ତାର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ। ପୁଲିସ ଏସଆଇ ଦିଲୀପ ମାଝୀ ଘଟଣା ସ୍ଥଳରେ ପହଞ୍ଚି ଏହାର ତଦନ୍ତ କରୁଛନ୍ତି।

# ଜାତୀୟ ରାଜପଥରେ ଗାଡି ଯାଞ୍ଚ

ପୋଡ଼ାଗଡ଼,୩ା୧୧(ସମିସ): କୋରାପୁଟ-ରାୟଗଡ଼ାକୁ ସଂଯୋଗ କରୁଥିବା ୩୨୬ନଂ ଜାତୀୟ ରାଜପଥ ବଙ୍ଗଳାଗୁଡା ନିକଟରେ ଗାଡ଼ି ଯାଞ୍ଚ କରାଯାଇଛି। ଏହି ଯାଞ୍ଚ କୋରାପୁଟ ସଦର ଥାନା ପୋଲିସ ଓ କୋରାପୁଟ ଆଞ୍ଚଳିକ ପରିବହନ ବିଭାଗର ଦ୍ୱାରା ମିଳିତ ଯାଞ୍ଚ କରାଯାଇଥିବା ଜୁନିୟର ଏମ୍ଭିଆଇ କହିଛନ୍ତି। ନଭେମ୍ବର ୧ ତାରିଖ ରୁ ଆରମ୍ଭ କରି ୧୪ତାରିଖ ପର୍ଯ୍ୟନ୍ତ ଏହି ଜିରୋ ଫଟାଲିଟୀ ଫରନାଇଟ୍ ଯାଞ୍ଚ ବିଭିନ୍ନ ଜାତୀୟ ରାଜପଥ ତଥା ରାଜ୍ୟ ରାଜପଥରେ କରାଯିବା ନେଇ ମଧ୍ୟ ସୂଚନା ଦେଇଛନ୍ତି। ଏହି ଯାଞ୍ଚରେ ମଦ୍ୟ ପାନ ଯାଞ୍ଚ ସହ ଗାଡିର କାଗଜପତ୍ର ଯାଞ୍ଚ କରାଯାଇଥିବାଦେଖାଦେଇଛି। ମଦ୍ୟପାନକରିଗାଡ଼ିଚଲାଉଥିବା ଚାଳକଙ୍କଂଠାରୁଇ ଚାଲାଣ କରୁଥିବା ଦେଖା ଦେଇଛି।

# ବିଭିନ୍ନ ଶୈବପୀଠରେ ଭିଡ଼

ପଦ୍ମପୁର,୩ା୧୧(ସମିସ): ଆଜି ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଅଧିନସ୍ଥ ବିଭିନ୍ନ ଶୈବ ପୀଠରେ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଭୋରରୁ ଶୈବ ଭକ୍ତମାନେ ଏକତ୍ରିତ ହୋଇ ଭକ୍ତିମୟ ପରିବେଶ ମଧ୍ୟରେ ଭୋଳା ବାବା ଶିବଙ୍କ ଆଶିଷ ପାଇବା ନିମନ୍ତେ ବେଲ ପତ୍ର, ପୁଷ୍ପ ନଡ଼ିଆ, ଗାଇଦୁଗ୍ଧ ଇତ୍ୟାଦି ପୂଜା ସାମଗ୍ରୀ ନେଇ ମନ୍ଦିରଗୁଡ଼ିକରେ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ପଦ୍ମପୁର ସନ୍ନିକଟ ଜଗମଣ୍ଡା ପାହାଡ଼ରେ ଥିବା ୭ଟି ବିରାଟକାୟ ପ୍ରସ୍ତର ଦ୍ୱାରା ନିର୍ମିତ ନୀଳକଣ୍ଠେଶ୍ୱର ମନ୍ଦିରର ଶିଳା ଲିପି ଦୁରଦୂରାନ୍ତରରୁ ଆସିଥିବା ଐତିହାସିକଙ୍କ ମନମୋହିବା ସହ ଅନ୍ୟ ଏକ ନିଆରା ରାୟଗଡ଼ା ଜିଲ୍ଲାର ଇତିହାସ ପ୍ରସିଦ୍ଧ ପଦ୍ମପୁରର ମଲ୍ଲୀକେଶ୍ୱର ମନ୍ଦିର ବୌଦ୍ଧ ଧର୍ମକିର୍ତ୍ତୀ ସମୟର ଏହି୭ଟି ମନ୍ଦିର ସହ ଆଉ ୩ଟି ଶୈବ ମନ୍ଦିର ଧବଳେଶ୍ୱର, ପୁତୁଗେଶ୍ୱର, ରାମ ଲିଙ୍ଗେଶ୍ୱର ମନ୍ଦିରର ଅପୂର୍ବ ଗାଥା ତଥା ଧାର୍ମିକ ପରିବେଶ ଏବଂ ଅନ୍ୟାନ୍ୟ ମନ୍ଦିର ଗୁଡିକ ଦ୍ୱାରା ମନ୍ଦିର ମାଳିନୀ ପଦ୍ମପୁର ଆଜି ଚଳଚଞ୍ଚଳ ହୋଇଉଠିଥିବା ଦେଖିବାକୁ ମିଳିଥିଲା। ଜାଡିଲି, ଇନ୍ଦୁପୁର, ବିଚିକୋଟ, କେନ୍ଦୁଗୁଡା, କାରେଣି, ନାଇରା, କର୍ଣ୍ଣପାଡୁ ଆଦି ଗ୍ରାମରେ ଶୈବ ପୀଠ ଆଧ୍ୟାତ୍ମିକ ପରିବେଶରେ ଜନସମାଗମ ହୋଇଥିଲା।

# ବ୍ଲକ୍ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



ଗୁଡାରୀ, ୩ା୧୧ (ସମିସ): ଗୁଡାରି ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଗତ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ବିଇଓ ସୁଜନ ମଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଡାରୀ ବିଡିଓ ସୁଚିସ୍ମିତା ବେହେରା, ଏବିଇଓ ସାଙ୍ଗୁଡାରୂପା ମାଝୀ, ଇଓ ପ୍ରସନ୍ନ କୁମାର ପାଢି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ୧୬ ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁଡାରି ବ୍ଲକର ପ୍ରାୟ ୯ଟି କ୍ଲଷ୍ଟରର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ୮ କ୍ଲଷ୍ଟର ସିଆରସିସି ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିବା ଜଣାପଡିଛି।

# ସୁନାଖଣ୍ଡି-ରାଇଲିମା ରାସ୍ତାକାମ ନିମ୍ନମାନର ଅଭିଯୋଗ

କଲ୍ୟାଣସିଂହପୁର,୩ା୧୧(ସମିସ):



ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ପିଏମ ଜନମନ ଯୋଜନା ମାଧ୍ୟମରେ ଆରଡ଼ି ବିଭାଗ ପକ୍ଷରୁ ସୁନାଖଣ୍ଡି ଠାରୁ ରାଇଲିମା ରାସ୍ତା ଆରମ୍ଭରୁ ନିମ୍ନମାନର ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଠିକାଦାର ନିମ୍ନମାନର କାର୍ଯ୍ୟ କରି ବ୍ୟାପକ ଅର୍ଥ ହରିଲୁଟ କରିବା ପାଇଁ ଯୋଜନା କରୁଥିବା ଜଣାପଡିଛି। ଏହିରାସ୍ତା ନିମ୍ନମାନର ହୋଇଥିବା ବାରମ୍ବାର ବିଭନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ରାସ୍ତା ନିର୍ମାଣ ପାଇଁ ଆରଡ଼ି ବିଭାଗକୁ ଦାୟିତ୍ୱ ଦେଇଥିଲେ। ଆରଡି ବିଭାଗ ପକ୍ଷରୁ ସୁନାଖଣ୍ଡି ଠାରୁ ରାଇଲିମାକୁ ନୂତନ ରାସ୍ତା ନିର୍ମାଣ ପାଇଁ ପିଏମ ଜନମନ ସଡକ ଯୋଜନାରେ ରାସ୍ତା କାର୍ଯ୍ୟ ଆରମ୍ଭ କରିଛନ୍ତି। ଆରମ୍ଭରୁ ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବାରୁ ଅଞ୍ଚଳର ଲୋକମାନେ ଅସନ୍ତୋଷ ଥିବା ସୂଚନା ମିଳିଛି। ଏଠି ସୂଚନା ଫଳକ ଲାଗିଛି ସତ କିନ୍ତୁ ଉକ୍ତ ସୂଚନା ଫଳକରେ କୌଣସି ତଥ୍ୟ ଲେଖା ଯାଇନଥିବାରୁ ଲୋକେ ଜାଣି ପାରୁ ନାହାନ୍ତି। ଉକ୍ତ ଫଳକ ବୋଧେ କପି ପେଷ୍ଟ ଭଳି ଜଣାପଡୁଛି। ଯେଉଁ ହିସାବରେ ରାସ୍ତା ରେ ବାଲି,ମେଟାଲ,ମୋରମ ପକାଇବା କଥା ସେହିପରି ହେଉ ନଥିବାରୁ ନିମ୍ନମାନର ବୋଲି ଲୋକେ ଅଭିଯୋଗ କରିଛନ୍ତି। ତଦନ୍ତ କଲେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ପଦାରେ ପଡିଛିବୋଲି ଉକ୍ତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସୁନାଖଣ୍ଡି ଛକ ଠାରୁ ରାଇଲିମା ପର୍ଯ୍ୟନ୍ତ ମାତ୍ର ଦୁଇ କିମି ରାସ୍ତା ନିର୍ମାଣ କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ହୋଇଛି। ଗତ ୨୪ରୁ ଆରମ୍ଭ ହୋଇଛି , ଶେଷ ତାରିଖ ଲେଖା ଯାଇନଥିବାରୁ ଶେଷ କେବେ ହେବାର ଜଣା ପଡୁନି। ନିମ୍ନମାନର କାର୍ଯ୍ୟ ହେବା ଦ୍ୱାରା ପୂର୍ବ ଅବସ୍ଥା ଫେରି ଆସିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏସମ୍ପର୍କରେ ଆର୍ଡି ନିର୍ବାହି ଯନ୍ତ୍ରୀ ଶ୍ରୀ ନାୟକଙ୍କୁ ପଚାରିବାରୁ ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ। ଭିଜିଲାନ୍ସ ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ରାସ୍ତା ନିର୍ମାଣକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ପୁନର୍ବାର ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# କୋରାପୁଟ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ଉଦ୍ଯାପିତ



କୋରାପୁଟ,୩ା୧୧(ସମିସ) ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ କୋରାପୁଟ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି।୧୬ଟି କ୍ଲଷ୍ଟରରୁ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ବକ୍ତୃତା, ବିତର୍କ, ସଙ୍ଗୀତ, ଚିତ୍ରାଙ୍କନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତ୍ରକଳା, ଶିଳ୍ପକଳା, କୁଇଜ୍ ଆଦି ପ୍ରତିଯୋଗିତାକୁ କନିଷ୍ଠ, ବରିଷ୍ଠ, ଉଚ୍ଚ ମାଧ୍ୟମିକ ବରିଷ୍ଠ ଏବଂ ଦିବ୍ୟାଙ୍ଗ ବିଭାଗରେ ଆୟୋଜନ କରାଯାଇଥିଲା। ପ୍ରତି ବର୍ଗ ଏବଂ ବିଭାଗରୁ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଚଳିତ ମାସ ୬ତାରିଖରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ସୁରଭିରେ ଭାଗ ନେବେ ବୋଲି ସୂଚନା ମିଳିଛି। ମଣ୍ଡଳ ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, ବିଶିଷ୍ଟ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ ଯୋଗ ଦେଇଥିଲେ।ଉଦଘାଟନୀ ଉତ୍ସବରେ ଅତିଥି ରୂପେ କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ଦେବାଶିଷ ଗୌଡ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଏବଂ ଲକ୍ଷ୍ମୀପୁର ବିଇଓ ରିତା ମହାନ୍ତି ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମକୁ ସଫଳ ପରିଚାଳନା କରିବାରେ ଭାରପ୍ରାପ୍ତ ଏବିଇଓ ସଂଯୁକ୍ତା କଅଁର ,ପ୍ରଧାନ ଶିକ୍ଷକ ରଶ୍ମି ରଂଜନ ସେଠୀ, ଶିବ ଶଙ୍କର ପଟ୍ଟନାୟକ, ନଗେନ୍ଦ୍ର ଜେନା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ ପାତ୍ର, ହର ମିଶ୍ର, ସୁବୋଧ ମାଝୀ, ତ୍ରିଲୋକେଶ ପଣ୍ଡା,ଜ୍ୟୋତି ପାଢ଼ୀ, ସୂର୍ଯ୍ୟ ବେହେରା ଏବଂ ଶିକ୍ଷକ ସୁଜିତ ଜେନା, ଗଜନି ଚନ୍ଦ୍ରଶେଖର, ମନୋଜ ଦାସ ସହାୟତା କରିଥିଲେ। ପୁଷ୍ପାଞ୍ଜଳି ଖେମଣ୍ଡୁ ଏବଂ କବିତାଞ୍ଜଳି ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ଜିଲ୍ଲାପାଳ, ଏସ୍‌ପିଙ୍କ ମୋଟୁ ଅଞ୍ଚଳ ଗସ୍ତ

# ସୀମାନ୍ତରେ ପର୍ଯ୍ୟଟନ ବିକାଶ ନେଇ ସମୀକ୍ଷା



ମୋଟୁ,୩।୧୧(ସମିସ):ମାଲକାନଗିରି ଜିଲ୍ଲାପାଳ ଶୋମେଶ ଉପାଧ୍ୟାୟ, ଏସପି ବିନୋଦ ପାଟିଲ ଓଡିଶାର ଶେଷ ସୀମାନ୍ତ ମୋଟୁ ତହସିଲ ଅଞ୍ଚଳ ଗସ୍ତ କରିଛନ୍ତି। ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଓଡିଶା ତିନୋଟି ରାଜ୍ୟ ସୀମାରେ ମାଲକାନଗିରି ଜିଲ୍ଲା ର ମୋଟୁ ତହସିଲ ଅବସ୍ଥିତ, ଏଠାରେ ସାବେରୀ, ସିଲେରୁ ଦୁଇଟି ନଦୀ ମିଶ୍ରଣ ହୋଇ ଆନ୍ଧ୍ର ପ୍ରଦେଶର ଚିନ୍ତାଗୋଦାବରୀ ସୃଷ୍ଟି ହୋଇ ହୋଇଛି। ତ୍ରୀ ନଦୀ ସଙ୍ଗମ ସ୍ଥଳରେ ତିନିରାଜ୍ୟ ସୀମାନ୍ତ ପ୍ରତିକ ପିଲାର ମୁଗିପଏଣ୍ଟ, ମଧୁସୂଦନ ପାର୍କ ଅବସ୍ଥିତ। ଏହା ଧିରେ ଧିରେ ତ୍ରୀନଦୀରେ ଲୀନ ହେବାକୁ ଯାଉଥିବାରୁ ଜିଲ୍ଲାପାଳ, ଏସପି ମୁଗିପଏଣ୍ଟ, ମଧୁସୂଦନ ପାର୍କ ପରିଦର୍ଶନ କରି ଏହାର ଉନ୍ନତିକରଣ ସହିତ ସୀମାନ୍ତରେ ପର୍ଯ୍ୟଟନ ବିକାଶ ନେଇ ସମୀକ୍ଷା କରିଛନ୍ତି। ଏହା ବ୍ୟତିତ କାଲିମେଲା ବ୍ଲକସ ମାନ୍ୟମକୋଣ୍ଡା ପଞ୍ଚାୟତର ଟାଗୋରକୋଟା ପାହାଡ଼ ଶିଖରେ ନିର୍ମାଣାଧୀନ ଶିବ ସେତୁ, ମାନ୍ୟମକୋଣ୍ଡା ବଡ଼ଯାତ୍ରା ଠାକୁରଙ୍କ ଜନ୍ମବେଦୀ ଗୁମ୍ଫା ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ମାନ୍ୟମକୋଣ୍ଡାଠାରେ ଥିବା ଗୁମ୍ଫା, ଟାଗୋରକୋଟାଠାରେ ଥିବା ଶିବ ମନ୍ଦିର ଓ ମୋଟୁର 'ମୁଗି' ପଏଣ୍ଟର ଭିତ୍ତିଭୂମିର ଉନ୍ନତିକରଣ ଉପରେ ଗୁରୁତ୍ୱ ଦେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଏହି ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ବିକାଶ ଏବଂ ସେଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ଯୋଜନା କରିବାକୁ କହିଛନ୍ତି। ମାଲକାନଗିରିରେ ଅନୁଷ୍ଠିତ ବଡ଼ ଯାତ୍ରାରେ ପୂଜା ପାଉଥିବା ତିନି ଠାକୁରଙ୍କ କାନାମରାଜୁ, ବାଗାରାଜୁ ଏବଂ ପୋତରାଜୁ ମାନ୍ୟମକୋଣ୍ଡା ନିକଟ ପାଲକୋଣ୍ଡା ପର୍ବତରେ ବିରାଟ ପଥର ଗୁମ୍ଫା ହେଉଛି ଠାକୁରଙ୍କ ଆବିର୍ଭାବ ସ୍ଥଳ। ଗୁମ୍ଫା ମଧ୍ୟରେ ପ୍ରବେଶ କରି ବଡ଼ ଠାକୁରଙ୍କୁ ଦର୍ଶନ କରି ଏହି ପ୍ରାକୃତିକ ସ୍ଥାନ ଗୁଡିକର ବିକାଶ ସହିତ ପର୍ଯ୍ୟଟନ କ୍ଷେତ୍ର ପ୍ରତି ଗୁରୁତ୍ୱ ଦେବା ପାଇଁ କାଲିମେଲା ବିଡିଓ ଓ ତହସିଲଦାରଙ୍କ ସହିତ ଆଲୋଚନା କରିଥିଲେ ଜିଲ୍ଲାପାଳ।

## ସାଇବର୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଏମ୍ଭି୭୯,୩।୧୧(ସମିସ):ମାଲକାନଗିରି ଜିଲ୍ଲା କାଲିମେଲା ଅନ୍ତର୍ଗତ ଡକ୍ଟର ଶ୍ୟାମାପ୍ରସାଦ ଯୁକ୍ତ ଦୁଇ କନିଷ୍ଠ ମହାବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍ଭି ୭୯ ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କ ପରିଚାଳନାରେ ସାଇବର ରାଲି କରାଯାଇଥିଲା ଯୁକ୍ତ ଦୁଇ ଓ ଯୁକ୍ତ ତିନିର ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସାଇବର ଅପରାଧଙ୍କ ବିଭିନ୍ନ କୌଶଳ ସମ୍ପର୍କରେ ଆଲୋଚନା ହୋଇଥିଲା। ସୋସିଆଲ ମିଡିଆ ଅପବ୍ୟବହାର, ଅନଲାଇନ୍ ଠକେଇ, କେୱାଇସି ଅପଡେଟ୍, ଡିଜିଟାଲ ଆରେଷ୍ଟ, ଅନଲାଇନ୍ ରୋଜଗାର ପ୍ରତିଶ୍ରୁତି ଆଦି ମାଧ୍ୟମରେ ଜନସାଧାରଣ ଲୁଟ୍ ହେଉଥିବା ବିଷୟରେ ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା "ଚିକାରୀ କରିଦେଲେ ସାଇବର୍ ଠକ୍" ଶୀର୍ଷକ ପଥପ୍ରାନ୍ତ ନାଟକ ପ୍ରଦର୍ଶନ ହୋଇଥିଲା। ସାଇବର୍ ସୁରକ୍ଷା ଅଭିଯାନ, ଓଡ଼ିଶା ୨୦୨୫ ପକ୍ଷରୁ ପ୍ରାମାଣିକ ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଡିଜିଟାଲ ସୁରକ୍ଷା ଦିଗରେ ସହାୟକ ହେବ ବୋଲି ଆଶା କରାଯାଉଛି। କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ସାଇବର ସୁରକ୍ଷା ପାଇଁ ସଂକଳ୍ପ ନେଇ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏମ୍ଭି ୭୯ ଥାନା ଆଇଆଇସି ଚନ୍ଦ୍ରକାନ୍ତି ତାଣ୍ଡି ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ। ସାଇବର ହେଲ୍ପ ଲାଇନ ନମ୍ବର ୧୯୩୦କୁ ଫୋନକଲ କରି ପାରିବେ ବୋଲି କହିଥିଲେ। ଚନ୍ଦନ କୁମାର ବେହେରା ଓ ପୂର୍ଣ୍ଣିମା ଟେଟେ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଂସଦ ସପ୍ତଗିରି ପରାମର୍ଶଦାତା ଭାବେ ନିଯୁକ୍ତ



ରାୟଗଡ଼ା,୩।୧୧(ସମିସ): କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା ସର୍ବ ଭାରତୀୟ ଆଦିବାସୀ କଂଗ୍ରେସ ଓ ଟ୍ରାଇବାଲ ଆଡଭାଇଜରୀ କାଉନସିଲ, ଉତ୍ତର ପୂର୍ବ ରାଜ୍ୟ ପାଇଁ ସଭ୍ୟ ରୂପେ ନିଯୁକ୍ତି ପାଇଛନ୍ତି। ଏଆଇସିସି ସଭାପତିଙ୍କ ଅନୁମୋଦନ ପରେ ସେ ଏହି ନିଯୁକ୍ତି ପାଇଥିବା ଜଣାପଡିଛି। ଏନେଇ ସର୍ବ ଭାରତୀୟ ଆଦିବାସୀ କଂଗ୍ରେସ ସଂଗଠନର ଅଧ୍ୟକ୍ଷ ଡ ବିକ୍ରାନ୍ତ ଭୂରିଆ ଏକ ଚିଠି ମାଧ୍ୟମରେ ଓଡିଶାରୁ ସପ୍ତଗିରି ଶଙ୍କର ଉଲାକାଙ୍କ ନାମ ସମେତ ରାମଚନ୍ଦ୍ର କାଡାମ,ସୁଶିଳା ତିରିଆ,ନାଗାର୍ଜୁନ ପ୍ରାଧାନ ଓ ପରମା ପୂଜାରୀଙ୍କ ନାମ ମଧ୍ୟ ଉଲ୍ଲେଖ କରିଛନ୍ତି । ତାଙ୍କ ନାମ ଘୋଷଣା ହେଲା ପରେ ରାୟଗଡା ବିଧାୟକ ଆପଲାସ୍ୱାମି କାଡ୍ରାକା, ଗୁଣପୁର ବିଧାୟକ ସତ୍ୟଜୀତ ଗମାଙ୍ଗ, ବିଷମକଟକ ବିଧାୟକ ନୀଳମାଧବ ହିକକା,କଂଗ୍ରେସର ବରିଷ୍ଠ ନେତା ଦୁର୍ଗା ପ୍ରସାଦ ପଣ୍ଡା, ସଂକର୍ଷଣ ମଙ୍ଗରାଜ ଓ ଅନ୍ୟମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ରାୟଗଡ଼ା,୩।୧୧(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସଦ୍‌ଭାବନା ସଭାଗୃହ ଠାରେ ଆଜି ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପ ଜିଲ୍ଲାପାଳ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭି. ସରୋଜିନୀ ଦେବୀ, ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ ଚନ୍ଦ୍ରକାନ୍ତ ମାଝୀ, ସଂରକ୍ଷିତ ଖଣ୍ଡିୟ ବନ ଅଧିକାରୀ ଅଶୋକ କୁମାର ପ୍ରଧାନ ଓ ଅନ୍ୟ ମାନେ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୬୬ଟି ଅଭିଯୋଗର ଶୁଣାଣି କରିଥିଲେ ଜିଲ୍ଲାପାଳ। ସେଥି ମଧ୍ୟରୁ ୪୭ ଟି ବ୍ୟକ୍ତିଗତ ଓ ୯ ଗୋଟି ଗ୍ରାମବାସୀଙ୍କର ସାମୂହିକ ଅଭିଯୋଗ ରହିଥିଲା। ୧୦ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ମଧ୍ୟରେ ଜିଲ୍ଲାପାଳ ୯୫ ହଜାର ଟଙ୍କା ଜିଲ୍ଲା ରେଡକ୍ରସ ଫଣ୍ଡରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଅନ୍ୟ ଅଧିକାରୀଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ଆସିମା ରାଓ, ବିଡ଼ିଓ, ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ରାୟଗଡା ସୁଜିତ ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିନତି ଦେଓ, ପୌର ନିର୍ବାହୀ ଅଧିକାରୀ କୁମାର କୁଲଦୀପ, ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ,ଗ୍ରାମ୍ୟ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ।

## ନିଲିଗୁଡ଼ା କ୍ଲଷ୍ଟରସ୍ତରୀୟ ବୈଠକ



ମାଲକାନଗିରି, ୩।୧୧(ସମିସ): ମାଲକାନଗିରି ବ୍ଲକ ଅନ୍ତର୍ଗତ ନିଲିଗୁଡା କ୍ଲଷ୍ଟର ସ୍ତରରେ ପଞ୍ଚମ ମାସିକ ବୈଠକ ନିଲିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବୈଠକର ପ୍ରଥମ ଅଧିବେଶନରେ ବାଲବାଟିକା, ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ନିମନ୍ତେ ଭାଷା ଓ ଗଣିତ ନିମନ୍ତେ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ୪ଦଳରେ ଭାଗ ହୋଇ ବହୁ ଶ୍ରେଣୀ ପାଠ ଯୋଜନା ପ୍ରସ୍ତୁତ କରି ଉପସ୍ଥାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଦାଧର ସେଠୀ ବିଦ୍ୟାଳୟ ତଥା ଶିକ୍ଷାର୍ଥୀ ମାନଙ୍କର ସକାରାତ୍ମକ ମନୋଭାବ ଆବଶ୍ୟକତା ଅଛି ବୋଲି ଦର୍ଶାଇଥିଲେ। ସହକାରୀ ଶିକ୍ଷକ ଦିଲ୍ଲୀପ ମଲ ଯୁକ୍ତାକ୍ଷର ଓ ଫଳା, ପାର୍ଥ୍ୟକ ସମନ୍ଧରେ ଆଲୋକପାତ କରିଥିଲେ। ଏହାପରେ ଦ୍ୱିତୀୟ ଅଧିବେଶନରେ ବିଭାଗୀୟର ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଦଶଟି ବିଦ୍ୟାଳୟର ଅଠର ଜଣ ଶିକ୍ଷକ ଯଥା - ଗଦାଧର ସେଠି, ଦିଲ୍ଲୀପ ମଲ, ପ୍ରଫୁଲ୍ଲ ପଡିଆମି, ରାଜା ବେଟି, ଇରମା ସାର,ଅର୍ଜୁନ, ବିଜୟର ଦୁଆରି, ହରି ସାର, ଦୀପକ ସାର ତଥା ଅନ୍ୟମାନେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଦିଲ୍ଲୀପ ମଲ୍ଲ ଧନ୍ୟବାଦ ଦେଇଥିଲେ।

## ରାଧାକୃଷ୍ଣ ମନ୍ଦିରରେ ୨୪ ପ୍ରହର ନାମଯଜ୍ଞ

କୋରୁକୋଣ୍ଡା,୩।୧୧(ସମିସ): ମାଲକାନଗରୀ ଜିଲ୍ଲା କୋରୁକୋଣ୍ଡା ଗ୍ରାମ ରାଧାକୃଷ୍ଣ ମନ୍ଦିର ନିକଟରେ ୨୪ ପ୍ରହାର ନାମଯଜ୍ଞ ଅନୁଷ୍ଠିତ ହେଉଛି। ଏହି ସଙ୍କୀର୍ତ୍ତନ ତିନିଦିନ ଚାଲିବାକୁ ଥିବା ବେଳେ ଗତକାଲି ସନ୍ଧ୍ୟାରେ ଜଳକଳସ ସ୍ଥାପନା ସହିତ ଅଧିବାସ କରାଯାଇଥିଲା। ଆଜି ସକାଳ ୬ଟା ଠାରୁ ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଥିଲା। ଗୁରୁବାର ସକାଳ ପର୍ଯ୍ୟନ୍ତ ଏହି ନାମସଙ୍କୀର୍ତ୍ତନ ଚାଲିବାକୁ ଥିବା ବେଳେ ଶେଷରେ ଠାକୁରଙ୍କୁ ନଗର କୀର୍ତ୍ତନରେ ନଗର ଭ୍ରମଣ କରାଇ ଏହା ସମ୍ପନ୍ନ କରାଯିବ। ଏହି ଅବସରରେ ଭିଭିନ୍ନ ଅଞ୍ଚଳର ପ୍ରାୟ ୭ ରୁ ଅଧିକ ସଙ୍କୀର୍ତ୍ତନ ମଣ୍ଡଳୀ ଏଥିରେ ନିମନ୍ତ୍ରିତ ଭାବେ ଅଂଶଗ୍ରହଣ ଗ୍ରହଣ କରିଥିବା ବେଳେ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ବିଗତ ବର୍ଷ ମାନଙ୍କରେ ଗ୍ରାମବାସୀଙ୍କ ତରଫରୁ ଅଷ୍ଟପ୍ରହାର ନାମ ସଂକୀର୍ତ୍ତନ କରାଯାଉଥିବା ବେଳେ ଚଳିତ ବର୍ଷ ଏହାକୁ ଚବିଶ ପ୍ରହାର କରାଯାଉଛି। ଏହି ଅବସରରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଆସି ନାମ ସଂକୀର୍ତ୍ତନରେ ଅଂଶ ଗ୍ରହଣ କରିଛନ୍ତି। ଏହି ଅବସରରେ ଆସୁଥିବା ଭକ୍ତମାନଙ୍କ ନିମନ୍ତେ ଅର୍ଣ୍ଣ ପ୍ରସାଦର ବ୍ୟବସ୍ଥା ମଧ୍ୟ କରାଯାଇଛି।

## ଶ୍ରୀ ଶ୍ରୀ ଠାକୁର ଅନୁକୁଳ ଚନ୍ଦ୍ରଙ୍କ ଜନ୍ମଉତ୍ସବ

ଏମ୍‌ଭି ୭ ୯ , ୩ । ୧ ୧ ( ସ ମି ସ ): ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମ୍‌ପିଭି-୮୩ (କୃଷ୍ଣନଗର) ଗ୍ରାମରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମତିଥି ଉପଲକ୍ଷେ ସତ୍‌ସଙ୍ଗ ମହୋତ୍ସବର ଆୟୋଜନ କରାଯାଇଛି। କୃଷ୍ଣନଗର ସତ୍‌ସଙ୍ଗୀ ବୃନ୍ଦଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଅପରାହ୍ନରୁ ଆରମ୍ଭ ହୋଇ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା, ଯେଉଁଥିରେ ପ୍ରାୟ ୧୦ ହଜାରରୁ ଅଧିକ ସତ୍‌ସଙ୍ଗୀ ଓ ଭକ୍ତଗଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭ ମାତୃ ସମ୍ମିଳନୀରେ ହୋଇଥିବା ବେଳେ ପରବର୍ତ୍ତୀରେ ନଗର କୀର୍ତ୍ତନ, ବିନତୀ ପ୍ରାର୍ଥନା, ସଙ୍ଗୀତ ଅଞ୍ଜଳି ଏବଂ ସାଧାରଣ ସତ୍‌ସଙ୍ଗ ଆୟୋଜିତ ହୋଇଥିଲା। ଶେଷରେ ଭଜନ ସମାରୋହ ସହିତ ଆନନ୍ଦ ବଜାରର ଆୟୋଜନ କରାଯାଇ ସମଗ୍ର କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଏହି ମହୋତ୍ସବରେ ହାଇଦ୍ରାବାଦ୍, ପଶ୍ଚିମବଙ୍ଗ ଓ ଦେଓଘରରୁ ଆସିଥିବା ଋତ୍ୱିକ୍ ଗୁରୁଭାଇମାନେ ଯୋଗ ଦେଇ ନିଜ ନିଜର ବାଣୀ ପ୍ରଚାର କରିଥିଲେ। କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍?ରେ ଥିଲେ ଋତ୍ୱିକ୍ ପରିମଳ ମଣ୍ଡଳ ଓ ଋତ୍ୱିକ୍ ଧୀରଜ ସାନା। ଯଜକ ଭାବେ ସମୀର କୁମାର ଗୋପ ଏବଂ ଋତ୍ୱିକ୍ ହର୍ଷିତ ମଣ୍ଡଳ ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁଦ୍ଧା ବିହାରରୁ ଆସିଥିବା ଋତ୍ୱିକ୍ ଚିତ୍ତରଞ୍ଜନ ପ୍ରସାଦ ଯୋଗ ଦେଇଥିଲେ। ଏହି ସତ୍‌ସଙ୍ଗ ମହୋତ୍ସବ ଏମ୍‌ପିଭି-୮୩ ଗ୍ରାମରେ ବିଗତ ୧୨ ବର୍ଷ ଧରି ଆୟୋଜିତ ହେଉଛି।

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମାଥିଲି,୩।୧୧(ସମିସ): ମାଲକାନଗିରି ଜିଲ୍ଲା ମାଥିଲିର ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ଭୀମଭୋଇ ସାମର୍ଥ୍ୟ ଶିବିର ଅଭିଯାନ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଶିବିରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲଙ୍କ ପରିଚାଳନା କ୍ରମେ ମାଥିଲି ବ୍ଲକର ୨୦ ପଞ୍ଚାୟତର କୋଣ ଅନୁକୋଣରୁ ଭିନ୍ନକ୍ଷମ ମାନେ ଆସିଥିଲେ। ଶିବିରରେ ମୋଟ ୫୦୨ଜଣ ଦିବ୍ୟାଙ୍ଗ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ଲୋକୋମୋଟର ୧୯୫, ମୁକ ଏବଂ ବଧିର -୧୦୪, ଦୃଷ୍ଟିଶକ୍ତି ବାଧିତ -୭୮, ମେଣ୍ଟାଲ -୭୧, ଏବଂ ବହୁବିଧ ଅକ୍ଷମତା/ସିକିଲସେଲ୍ -୫୪। ଶିବିରରେ ଭିନ୍ନକ୍ଷମ ମାନଙ୍କୁ ବିଭିନ୍ନ ଅସୁବିଧାକୁ ପରୀକ୍ଷା ନିରୀକ୍ଷା କରିବା ପାଇଁ ଡାକ୍ତର ହବିବ ହୁସେନ ଉପସ୍ଥିତି ରହି ରୋଗୀ ଚିକିତ୍ସା କରିଥିଲେ। ତହସିଲଦାର ମାନସୀ ଭୋଇ ଏବଂ ଯୁବନେତା ବାଲରାଜୁ କୋପେ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତି ରଞ୍ଜନ ଉପସ୍ଥିତି ରହି ଦିବ୍ୟାଙ୍ଗ ମାନଙ୍କୁ ଆବଶ୍ୟକ ଉପକରଣ ଯୋଗାଇ ଦେଇଥିଲେ।

● ଦୁଷ୍କର୍ମ ପୀଡ଼ିତାଙ୍କୁ ମିଳୁନି ନ୍ୟାୟ!

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କଲେ



ରାୟଗଡ଼ା,୩।୧୧(ସମିସ): ରାଜ୍ୟରେ ଦିନକୁ ଦିନ ନାରୀ ନିର୍ଯ୍ୟାତନା ଭଳି ଅପରାଧିକ ମାମଲା ଗୁଡିକ ବୃଦ୍ଧି ପାଉଛି । ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାରେ ଜଣେ ଆଦିବାସୀ ଯୁବତୀ ଦୁର୍ଷ୍କର୍ମର ଶୀକାର ହେବାର ଦୁଇ ମାସ ବିତିଯାଇଥିଲେ ସୁଦ୍ଧା ନ୍ୟାୟ ପାଇ ନ ଥିବା ଭଳି ଘଟଣା ଆଜି ପଦାକୁ ଆସିଛି। ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଚାନ୍ଦିଲି ଥାନା ଅନ୍ତର୍ଗତ ଦଣ୍ଡସେନା ସିକାବାଡି ଗ୍ରାମର ଜଣେ ୨୧ବର୍ଷିୟ ଯୁବତୀ ଦୁର୍ଷ୍କର୍ମର ଶୀକାର ହୋଇଥିବା ବେଳେ ଥାନାରେ ଏତଲା ପରେ ମଧ୍ୟ ଅଭିଯୁକ୍ତ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ନ୍ୟାୟ ପାଇବା ଆଶା ନେଇ ଆଜି ରାୟଗଡ଼ା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି ପୀଡିତା ଯୁବତୀ। ଏସ୍‌ପି ପୀଡିତାଙ୍କ ଠାରୁ ଅଭିଯୋଗ ଶୁଣିବା ପରେ ତଦନ୍ତ ରିପୋର୍ଟ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିବା ପୀଡିତା ପ୍ରକାଶ କରିଛନ୍ତି। ସୂଚନା ପ୍ରକାରେ,କୋଲନରା ବ୍ଲକ ମୁକୁନ୍ଦପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡି.ସିକାବାଡି ଗ୍ରାମର ୨୧ବର୍ଷିୟ ଜଣେ ଆଦିବାସୀ ଯୁବତୀ ଗତ ସେପ୍ଟେମ୍ବର ମାସ ୨ ତାରିଖରେ ନିଜ ଘର ପାଖରେ ଥିବା ଏକ କୁଡିଆକୁ ତାଙ୍କ ଛେଳିଗୁଡିକ ଫେରିଲେ କି ନାହିଁ ବୋଲି ଅପରାହ୍ନ ପ୍ରାୟ ୫ଟା ସମୟରେ ଦେଖିବାକୁ ଯାଇଥିଲେ। ଏହି ସମୟରେ ଗ୍ରାମର ଜଣେ ଯୁବକ ତାଙ୍କୁ ପଛପଟୁ ଧରି ତଳେ ପକାଇ ଦେଇ ଦୁଷ୍କର୍ମ କରିଥିଲେ। ଏହି ଘଟଣା ସମ୍ପର୍କରେ କାହାରିକୁ କହିଲେ ଜୀବନରେ ମାରିଦେବାର ଧମକ ଦେଇଥିଲେ। ଦୁଷ୍କର୍ମ ସମୟରେ ପୀଡିତାର ଭାଉଜ ପହଞ୍ଚି ତାକୁ ବିରୋଧ କରିବାରୁ ସେ ତାଙ୍କୁ ମଧ୍ୟ ଅସଦାଚରଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ବୋଲି ପୀଡିତା କହିଛନ୍ତି। ଏନେଇ ଚାନ୍ଦିଲି ଥାନାରେ ପୀଡିତା ଏକ ଲିଖିତ ଅଭିଯୋଗ କରିବା ପରେ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିବା ସହ ପୀଡିତାର ଡାକ୍ତରୀ ମାଇନା କରିଥିଲେ। କିନ୍ତୁ ଘଟଣାକୁ ଦୁଇ ମାସ ବିତି ଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ ଦୁର୍ଷ୍କମକାରୀ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଘଟଣାକୁ ନେଇ ଅନେକ ସମୟରେ ଗାଁରେ ପୀଡିତାଙ୍କୁ ଦୁର୍ଷ୍କର୍ମକାରୀଙ୍କ ପରିବାର ପକ୍ଷରୁ ଟାହିଟାପରା ଶୁଣିବାକୁ ପଡୁଛି ବୋଲି ପୀଡିତା କହିଛନ୍ତି। ଯଦି ନ୍ୟାୟ ନ ମିଳେ ତେବେ ସେ ଆତ୍ମହତ୍ୟା କରିବେ ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏ ନେଇ ଚାନ୍ଦିଲି ଥାନା ଆରକ୍ଷୀ ନିରୀକ୍ଷକ ଉତ୍ତମ କୁମାର ସାହୁଙ୍କ ପ୍ରତିକ୍ରିୟା ନେବାରୁ ପୁଲିସ ତଦନ୍ତ ପ୍ରକ୍ରିୟା ଅନୁଯାୟୀ ସମସ୍ତ ପଦକ୍ଷେପ ଗ୍ରହଣ କରିଛି। ଡାକ୍ତରୀ ମାଇନାରେ କୌଣସି ଦୁର୍ଷ୍କମ ହୋଇଥିବା ରିପୋର୍ଟ ନ ଥିବାରୁ ଅଭିଯୁକ୍ତକୁ ଗିରଫ କରାଯାଇ ନ ଥିବା ବେଳେ ଉକ୍ତ ମାମଲରେ ତଦନ୍ତ ଜାରି ରହିଥିବା କହିଛନ୍ତି।

## ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼




ବିଷମ କଟକ,୩।୧୧(ସମିସ): ର କର୍ତ୍ତିକ ମାସ ଶେଷ ସୋମବାରରେ ରାୟଗଡ଼ା ଜିଲ୍ଲା ବିଷମ କଟକ ସହରର ବିଭିନ୍ନ ମହାଦେବ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବା ପାଇଁ ମିଳିଛି। ଧର୍ମର ମାସ କାର୍ତ୍ତିକ ମାସ ହୋଇଥିବାରୁ ସକାଳୁ ସକାଳୁ ବିଭିନ୍ନ ମହାଦେବ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ବିଷମ କଟକ ସହରର ନାଗେଶ୍ୱର, ପାତାଳେଶ୍ୱର, ନୀଳ କଣ୍ଠେଶ୍ୱର,ତୁମ୍ବେଶ୍ୱର ମହାଦେବ ମନ୍ଦିରରେ ପୂଜା ପାଇ ଶ୍ରଦ୍ଧାଳୁ ଙ୍କ ଭିଡ଼ ଜମିଥିବା ବେଳେ ଜଗନ୍ନାଥପୁରର ନାଗେଶ୍ୱର ମନ୍ଦିର, ଗଜ ବାହାଲର ନୀଳ କଣ୍ଠେଶ୍ୱର ଏବଂ ପଣଷପଦରର ସ୍ୱର୍ଣ୍ଣଗିରି ମହାଦେବ ମନ୍ଦିର ଏବଂ ଚାଟିକୋଣାର ପର୍ଯ୍ୟଟନସ୍ଥଳି ପାତାଳେଶ୍ୱର ମହାଦେବ ମନ୍ଦିରରେ ମଧ୍ୟ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବା ପାଇଁ ମିଳିଛି। କାର୍ତ୍ତିକ ମାସ ଶେଷ ସୋମବାର ହୋଇଥିବାରୁ ବିଷମ କଟକ ବ୍ଲକ ଅନ୍ତର୍ଗତ ଚାଟିକୋଣା ସଦର ପଞ୍ଚାୟତରେ ରହିଥିବା ପର୍ଯ୍ୟଟନ ସ୍ଥଳୀରେ ରହିଥିବା ପାତାଳେଶ୍ୱର ମହାଦେବ ମନ୍ଦିରକୁ ଦର୍ଶନ କରିବା ପାଇଁ ଜିଲ୍ଲା ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା।ଶ୍‌ରଦ୍ଧାଳୁ ମାନେ ସକାଳୁ ସକାଳୁ ମହାଦେବଙ୍କୁ ଦର୍ଶନ କରିବା ପାଇଁ ମନ୍ଦିର ପରିସରେ ଲମ୍ବା ଲାଇନ ଲାଗିଥିବା ଦେଖିବା ପାଇଁ ମିଳିଥିଲା। ମନ୍ଦିର ପରିସର ରହିଥିବା ଜଳପ୍ରପାତ ଏବଂ ନିୟମଗିର ପାହାଡ଼ ଉପର ମନୋରମ ଦୃଶ୍ୟକୁ ଉପଭୋଗ କରିବା ସହ ଭୋଜିଭାତର ଆସର ଜମାଇଥିଲେ। ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ଚାଟିକୋଣା ମନ୍ଦିରର ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳର ସୁବିଧା ସାଙ୍ଗକୁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ମହାଦେବ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ବିଷମ କଟକ ପୁଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା ସାଙ୍ଗକୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

## ଭାଗବତ ସପ୍ତାହ ପାରାୟଣ ପାଳିତ

ରାମନାଗୁଡ଼ା/ରାୟଗଡା,୩।୧୧(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ଲିମାପଦର ଗାଁରେ ଆଜି ବି ବଞ୍ଚି ରହିଛି ପ୍ରାଚୀନ କାଳର କଳା ସଂସ୍କୃତି ଓ ପରମ୍ପରା। ଓଡ଼ିଆ ଜାତିର ପବିତ୍ର ଗ୍ରନ୍ଥ ଭାଗବତ ପାରାୟଣ ଓ ଭାଗବତ ଟୁଙ୍ଗୀ ପରମ୍ପରା ଆଜି ବି ବଞ୍ଚି ରହିଛି ଲିମାପଦର ଗାଁରେ। ଏହି ଭାଗବତ ପାରାୟଣ ଉତ୍ସବ ଦୀର୍ଘ ବର୍ଷ ଧରି କାର୍ତ୍ତିକ ମାସ ଶୁକ୍ଳ ଷଷ୍ଠୀରୁ ଆରମ୍ଭ ହୋଇ ଦ୍ୱାଦଶୀ ତିଥି ପର୍ଯ୍ୟନ୍ତ ଗାଁ ରେ ଥିବା ସୀତାରାମ ମନ୍ଦିର ପ୍ରାଙ୍ଗଣରେ ଆୟୋଜନ ହୁଏ। ସପ୍ତାହ ବ୍ୟାପୀ ପ୍ରତ୍ୟହ ସକାଳ ରୁ ଅପରାହ୍ନ ଯାଏଁ ପାରାୟଣ ହୋଇଥାଏ। ଏହି ପାରାୟଣ କାର୍ଯ୍ୟକ୍ରମ ର ମୁଖ୍ୟ ଆକର୍ଷଣ ତଥା କେନ୍ଦ୍ର ବିନ୍ଦୁ ହେଲା ପବିତ୍ର ବଡ଼ ଏକାଦଶୀ ତିଥିରେ ରାତ୍ରି ଉଜାଗର ରହି ସପ୍ତର୍ଷିଙ୍କ ଉଦ୍ୟେଶ ରେ ମାନସିକଧାରୀଙ୍କ ସପ୍ତଦ୍ୱୀପ ଧାରଣ ଓ ପରଦିନ ଗାଁର ସ୍ତ୍ରୀଲୋକଙ୍କ ସହ ବଂଶଧାରାରେ ସମବେତ ବୁଡ଼ ପକେଇବାର ଅନନ୍ୟ ଓ ଭିନ୍ନ ଏକ ପରମ୍ପରା। ଏହି ସପ୍ତଦୀପ ଧାରଣ ପରମ୍ପରା କେବଳ ଏହି ଗାଁରେ ଦେଖିବାକୁ ମିଳେ। ଏଥିସହ ଭାଗବତର ବିଭିନ୍ନ ଅଧ୍ୟାୟ ଅନୁସାରେ କୃଷ୍ଣଜନ୍ମ ଓ ନନ୍ଦ ଉତ୍ସବ ପାଳନ ଗାଁ ପରିବେଶକୁ ଋଦ୍ଧିମନ୍ତ କରିଥାଏ। ପ୍ରପନ୍ନ ତ୍ରିପାଠୀଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅଗାଧୁ ପଣ୍ଡା, ସୁବାସ ପଣ୍ଡା, ପ୍ରମୋଦ ତ୍ରିପାଠୀ, ଅଶ୍ୱନୀ ତ୍ରିପାଠୀ, ଅରବିନ୍ଦ ତ୍ରିପାଠୀ ପ୍ରମୁଖ ସପ୍ତାହ ବ୍ୟାପୀ ଭାଗବତ ପଠନ କରିଥିଲେ। ସୀତାରାମ ମନ୍ଦିର ପୂଜକ ସୁନିଲ ଶତପଥୀ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରତାପ ପଣ୍ଡା, ଚିନ୍ମୟ ପଣ୍ଡା, ଦୈତାରି ପଣ୍ଡା,ଋଷିକେଶ ତ୍ରିପାଠୀ, ଚକ୍ରପାଣି ତ୍ରିପାଠୀ, ଅକ୍ଷୟ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ମା' ଜଗଦ୍ଧାତ୍ରୀଙ୍କ ପୂଜା



ମାଲକାନଗିରି,୩।୧୧(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତୁଡାମେଟା ପଞ୍ଚାୟତ ଏମଭି-୨୩ ଏବଂ ଏମଭି -୨୭ ଗ୍ରାମରେ ମା' ଜଗଦ୍ଧାତ୍ରୀଙ୍କ ପୂଜା ଧୁମ୍‌ଧାମରେ ପାଳିତ ହେଉଛି। ଏହି ଦୁଇ ଗ୍ରାମର ବାସିନ୍ଦାମାନେ ଗତ ମା'ଙ୍କର ପୂଜା ନିମନ୍ତେ ଏକ ଶୋଭାଯାତ୍ରାରେ କଳସ ଯାତ୍ରା କରି ଗତ ଗୁରୁବାର ଦିନ ବିଧିବଦ୍ଧ ଭାବେ ଦଶମୀ ପୂଜା ହୋଇଥିଲା। ପୂଜା ମଣ୍ଡପ ନିକଟରେ ବିଭିନ୍ନ ପ୍ରକାର ଶତାଧିକ ଦୋକାନ ଖୋଲାଯାଇଛି। ଦୁଇଟି ପୂଜା ମଣ୍ଡପ ନିକଟରେ ବିଭିନ୍ନ ପ୍ରକାର ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକ ମାଳାରେ ସଜାଯାଇଛି। ପୂଜା ମଣ୍ଡପ ପାଖରେ ୩/୪ ଦିନ ସନ୍ଧ୍ୟାରେ ଲୋକ ମାନଙ୍କର ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ସଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ପୂଜା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିବା ନିମନ୍ତେ ଜିଲ୍ଲର ବିଭିନ୍ନ ଅଞ୍ଚଳରୁ ପ୍ରତ୍ୟକ ଦିନ ହଜାର ହଜାର ଲୋକଙ୍କ ଭିଡ ଜମୁଥିବା ଦେଖିବାକୁ ମିଳିଛି। ଦଶହରା ଓ କାଳୀପୂଜା ପରେ ମାଲକାନଗିରି ଜିଲ୍ଲାର କେବଳ ଏହି ଦୁଇ ଗ୍ରାମରେ ଜଗଦ୍ଧାତ୍ରୀଙ୍କ ପୂଜା ବହୁ ଆଡମ୍ବର ସହିତ ପାଳିତ ହୋଇଥାଏ।

# ଦବିଗଲା ଚିତାପାରି - ବାଲିମେଳା ପୋଲ ଆପ୍ରୋଚ୍ ରାସ୍ତା



କୋରୁକୋଣ୍ଡା,୩।୧୧(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା-ଚିତାପାରି ପୋଲ ଉଭୟ ପାଶ୍ୱର୍କୁ ସଂଯୋଗ କରୁଥିବା ସିମେଣ୍ଟ କଂକ୍ରିଟ ରାସ୍ତା ଦବି ଗଲାଣି। ବାଲିମେଳା ସହର ଏବଂ ପୋଟ୍ରେଲ ପଞ୍ଚାୟତକୁ ଯୋଗାଯୋଗ କରବା ପାଇଁ କିଛି ବର୍ଷ ପୂର୍ବେ ଏହି ପୋଲ ନିର୍ମାଣ କରାଯାଇଛି। ବିଜୁ ସେତୁ ଯୋଜନାରେ ପ୍ରାୟ ୬ କୋଟି ୫୦ ଲକ୍ଷ ଟଙ୍କାରୁ ଅଧିକ ଟଙ୍କାରେ ପ୍ରାୟ ୪/୫ ବର୍ଷ ପୂର୍ବେ ପୋଲ ନିର୍ମାଣ ହୋଇଥିଲା। ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଏହା ଏ ପର୍ଯ୍ୟନ୍ତ ଉଦ୍‌ଘାଟନ ନହୋଇ ପଡିରହିଛି। ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ବାରମ୍ବାର ଉକ୍ତ ପୋଲର ଉଭୟ ପାଶ୍ୱର୍କୁ ସଂଯୋଗ କରୁଥିବା ସିମେଣ୍ଟ କଂକ୍ରିଟ ରାସ୍ତା ଫାଟି ଆଁ କରିଛି। ତେବେ ମାଟି ପକାଇ ଉଭୟ ପାଶ୍ୱର୍ରେ କଙ୍କ୍ରିଟ୍ ରାସ୍ତା ତିଆରି ହୋଇଛି । ହେଲେ ଉକ୍ତ ମାଟିର ଦୁଇ ପାଶ୍ୱର୍ରେ ପଥର ପ୍ୟାକିଙ୍ଗ ହୋଇ ନଥିବାରୁ ବର୍ଷା ଦିନେ ମାଟି ଧୋଇ ହୋଇଯାଉଛି। ଫଳରେ ଉକ୍ତ ରାସ୍ତା ବାରମ୍ବାର ଦବିବା ସହ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ପୂର୍ବରୁ ଏନେଇ ବହୁବାର ସ୍ଥାନୀୟ ଲୋକେ ବିଭାଗୀୟ କତୃପକ୍ଷ ନିକଟରେ ଅଭିଯୋଗ କରିବା ପରେ ଆରଡି ବିଭାଗ ପକ୍ଷରୁ ଗତ ବର୍ଷ ଦବିଥିବା ରାସ୍ତାକୁ ମରାମତି କରାଯାଇଥିଲା। ଏବେ ସେହିଭଳି ସମାନ ସ୍ଥିତି ଉପୁଜିଲାଣି। ଖାଲି ଏତିକିରେ ସରିନି ସମସ୍ୟା। ପୋଲର ଉଭୟ ପାଶ୍ୱର୍ରେ ଥିବା ଲୁହା ସୁରକ୍ଷା ପାଚେରୀ ନିକଟରେ ଅନା ବନା ଗଛ ଘାସ ବଢ଼ି ଏକ ପ୍ରକାର କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇ ସୁରକ୍ଷା ପାଚେରୀ ଆଉ ଦେଖା ଯାଉନାହିଁ। ଫଳରେ ଏହି କାରଣରୁ ଏଠାରେ ଅନେକ ସମୟରେ ଦୁର୍ଘଟଣା ଘଟି ଲୋକଙ୍କର ଧନ ଜୀବନ ନଷ୍ଟ ହେଉଥିବା ନେଇ ଅଭିଯୋଗ ହେଉଛି ଏଥିସହ ସେତୁରେ ଏପର୍ଯ୍ୟନ୍ତ ଆଲୋକୀକରଣ ହୋଇପାରିନାହିଁ। ଏଠାରେ ଷ୍ଟ୍ରିଟ ଲାଇଟ ନଥିବାର ରାତିରେ କେତେଜଣ ବ୍ୟକ୍ତି ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ଅଭିଯୋଗ ହେଉଛି। ତେବେ ଏହି ସେତୁ ହେବା ଦ୍ୱାରା ଅଞ୍ଚଳବାସୀ ବହୁ ଉପକୃତ ହେଲେ ସତ, କିନ୍ତୁ ଉଦଘାଟନ ନହେବାରୁ ଏବଂ ବିଭାଗ ପକ୍ଷରୁ ଏହାର ଉଚିତ ରକ୍ଷଣାବେକ୍ଷଣ କରାଯାଉନଥିବାରୁ ଯାତ୍ରୀ ତଥା ପଥିକ ଯାତାୟତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତେବେ ତୁରନ୍ତ ସେତୁ ଉଦ୍‌ଘାଟନ କରିବା ସହ ଦବି ଯାଇଥିବା ରାସ୍ତା ପୁନଃ ମରାମତି ଏବଂ ଆଲୋକୀକରଣ ଓ ପୋଲର ରକ୍ଷଣାବେକ୍ଷଣ କରିବାକୁ ଜନସାଧାରଣ ଦାବି କରିଛନ୍ତି।

# ବିଜେପି ସରକାର ଭୋଗିବ 'ଅନାହାର ମୃତ୍ୟୁ'ର ପାପ: କଂଗ୍ରେସ



■ ରିସା ମାଙ୍କଡ଼ିଆ ଅନାହାର ମୃତ୍ୟୁ ସତ୍ତ୍ୱେ ପ୍ରଶାସନ ନିଦାବିଷ୍ଟ
■ ଇ-କେୱାସି ଯୋଗୁଁ କଟିଥିବା ହିତାଧିକାରୀଙ୍କ ତାଲିକା ଜାରି ଦାବି

ଭୁବନେଶ୍ୱର,୩।୧୧(ସମିସ): ଦେଶରେ ମାଙ୍କଡ଼ିଆ ଆଦିବାସୀ ଏକ ବିରଳ ଅନୁସୂଚିତ ଜନଜାତି ରୂପେ ଚିହ୍ନଟ କରାଯାଇଛି। ୨୦୧୧ ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା କେବଳ ୨୨୦୦ ମାତ୍ର। ସୁକିନ୍ଦା ବ୍ଲକ ଅନ୍ତର୍ଗତ ମଲାର ସାହିରେ ୮୭ ପରିବାର ରହୁଥିଲେ ଯାହା ବୃଦ୍ଧି ପାଇ ଏବେ ୧୫୦ ପରିବାର ହୋଇଛନ୍ତି। ଅକ୍ଟୋବର ୨୫ ତାରିଖରେ ମଲାର ସାହିର ରିସା ମାଙ୍କଡ଼ିଆଙ୍କ ମୃତ୍ୟୁ ହୋଇଛି। ପିସିସି ତଥ୍ୟ ଅନୁଧ୍ୟାନ ଟିମ୍ ଏହି ଘଟଣାର ଯାଞ୍ଚ କରିବା ପରେ ରିସାଙ୍କ ମୃତ୍ୟୁ ଅନାହାରଜନିତ ବୋଲି ଜାଣିବାକୁ ପାଇଛି । ଏହା ସତ୍ତ୍ୱେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଚୁପ୍ ଓ ପ୍ରଶାସନ ସମ୍ପୂର୍ଣ୍ଣ ନିରବ । ତେଣୁ ରିସା ମାଙ୍କଡ଼ିଆର ଅନାହାର ମୃତ୍ୟୁ ପାପ ପ୍ରଶାସନକୁ ଲାଗିବ ଓ ଏହାର ପରିଣାମ ସରକାର ଭୋଗିବ ବୋଲି କହିଛି କଂଗ୍ରେସ।

ସୋମବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ଶରତ ରାଉତ କହିଛନ୍ତି, ଗତ ଜୁନ ମାସରୁ ରିସା ମାଙ୍କଡ଼ିଆକୁ ଅନ୍ତ୍ୟୋଦୟ ଚାଉଳ ମିଳୁ ନଥିଲା। ଇ-କେୱାଇସି ହୋଇ ନ ଥିବାରୁ ତାକୁ ଚାଉଳ ଯୋଗାଣ ବନ୍ଦ ଥିଲା। ଫଳରେ ସେ ଭିକ୍ଷାବୃତ୍ତି କରି ଖାଉଥିଲା; କିନ୍ତୁ ଅସୁସ୍ଥ ହେବାରୁ କୁଆଡେ ଯାଇ ନ ପାରି ଖାଦ୍ୟ ଅଭାବରେ ମୃତ୍ୟୁ ବରଣ କରିଥିବା ତା'ର ଦୂର ସମ୍ପର୍କୀୟ ଏବଂ ସମ୍ପ୍ରଦାୟର ଲୋକେ ପ୍ରକାଶ କରିଛନ୍ତି। ଅନାହାର ମୃତ୍ୟୁ ଭଳି ଏକ ଲଜ୍ଜାଜନକ ଘଟଣା ଘଟିଥିଲେ ମଧ୍ୟ ଯାଜପୁର ଜିଲ୍ଲାପାଳ ଏବଂ କୌଣସି ପ୍ରଶାସନିକ ଅଧିକାରୀ ଏହି ଅନାହାର ମୃତ୍ୟୁକୁ ନେଇ ତତ୍ପରତା ପ୍ରକାଶ କରି ନାହାନ୍ତି। ଏହି ଘଟଣାରେ କଂଗ୍ରେସ ଦଳ ରାଜ୍ୟପାଳଙ୍କୁ ଭେଟି ମାଙ୍କଡ଼ିଆ ଆଦିବାସୀଙ୍କ କରୁଣ କାହାଣୀ କହିବା ସହ ରିସା ମାଙ୍କଡ଼ିଆଙ୍କ ଅନାହାର ମୃତ୍ୟୁ ବିଷୟ ଉପସ୍ଥାପନ କରିଛନ୍ତି। ରାଜ୍ୟପାଳ ଏହାକୁ ଗମ୍ଭୀରତାର ସହିତ ଗ୍ରହଣ କରି ଉଚିତ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି।

ଗୋଟିଏ ପଟେ ରତ୍ନଗର୍ଭା ସୁକିନ୍ଦା ଖଣି ଅଞ୍ଚଳରେ କ୍ରୋମାଇଟ ଖନନ କରି କମ୍ପାନୀ ଏବଂ ସରକାର ହଜାର ହଜାର କୋଟି ଟଙ୍କା ଆୟ କରୁଛନ୍ତି। କିନ୍ତୁ ଅନ୍ୟ ପଟେ ସେଇ ଖଣି ଜଙ୍ଗଲ ଜମିର ଆଦିମ ଅଧିବାସୀ ଆଜି ବାସଚ୍ୟୁତ, ଦରିଦ୍ର ଓ ନିଷ୍ପେସିତ ହେଉଛନ୍ତି। ଏକବିଂଶ ଶତାବ୍ଦୀରେ ଆଧୁନିକ ଯୁଗରେ ପ୍ରାଚୁର୍ଯ୍ୟରେ ଭରା ଅଞ୍ଚଳରେ ଜଣଙ୍କ ଅନାହାରରେ ମୃତ୍ୟୁ ହେଉଛି ଅଥଚ ଗଣମାଧ୍ୟମ ଏହି ବିଷୟକୁ ଗୌଣ ବିଚାର କରୁଛନ୍ତି। ଯେତିକି ପ୍ରାଧାନ୍ୟ ଦେବା କଥା ଦେଉ ନାହାନ୍ତି। ଇ-କେୱାଇସି ନାମରେ ଲକ୍ଷ ଲକ୍ଷ ହିତାଧିକାରୀଙ୍କ ନାମ କଟି ଯାଇଛି। ଗରିବ ନିରକ୍ଷର ଲୋକଟିଏ କେମିତି ଏସବୁ କରିପାରିବ ଚିନ୍ତା କଲେନାହିଁ। ପୁଣି କେମିତି ଏମାନେ ଇ-କେୱାଇସି କରି ପାରିବେ ବ୍ୟବସ୍ଥା କରାଯାଇ ନାହିଁ। ଏହା ଫଳରେ ଲକ୍ଷ ଲକ୍ଷ ଆଦିବାସୀ ଓ ଜନଜାତି ତାଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଯଦି ଅଯୋଗ୍ୟ ହିତାଧିକାରୀ ବୋଲି ନାମ କାଟିଛନ୍ତି ତେବେ ସେମାନଙ୍କ ତାଲିକା ସାର୍ବଜନୀନ କରିବାକୁ କଂଗ୍ରେସ ଆହ୍ୱାନ ଦେଇଛି।

## ଐତିହାସିକ ବାଲିଯାତ୍ରା-୨୦୨୫

# ଆନାମୋର୍ଫିକ ସ୍କ୍ରିନ୍‌ରେ ଐତିହ୍ୟର ଝଲକ

କଟକ,୩।୧୧(ସମିସ): ଆଉ ମାତ୍ର ଦିନକ ପରେ ଐତିହାସିକ ବାଲିଯାତ୍ରା କଟକ-୨୦୨୫ ଆରମ୍ଭ ହେବ। ତେବେ ଏଥରର ପ୍ରମୁଖ ଆକର୍ଷଣ ରହିବ ଆନାମୋର୍ଫିକ ସ୍କ୍ରିନ୍ ଓ ବୈଦ୍ୟୁତିକ ଢୋଲରେ ଶବ୍ଦାଲୋକ। ବାଲିଯାତ୍ରାର ମଝି ପଡିଆରେ ପ୍ରଥମ ଥର ପାଇଁ ଆନାମୋର୍ଫିକ ସ୍କ୍ରିନ୍ ଓ ବୈଦ୍ୟୁତିକ ଢୋଲରେ ଶବ୍ଦାଲୋକ ମୁଖ୍ୟ ଆକର୍ଷଣ ପାଲଟିବ। ଏଥିରେ ନୌବାଣିଜ୍ୟରର ପରମ୍ପରା, ଐତିହ୍ୟ ଓ ସଂସ୍କୃତିର ଝଲକ ଦେଖିବାକୁ ମିଳିବ। ଇଣ୍ଡୋନେସିଆର ସହଭାଗିତାରେ ଏହା ଆୟୋଜନ କରାଯାଉଥିବାବେଳେ ମଞ୍ଚ ଓ ଯାତ୍ରା ସଂକ୍ରାନ୍ତରେ ଆକର୍ଷଣୀୟ ଝଲକ ଦର୍ଶକମାନେ ଏଥିରେ ଦେଖି ପାରିବେ। ସେହିପରି ବୈଦ୍ୟୁତିକ ଢୋଲ ବାଜିବା ଦ୍ୱାରା ଯେଉଁ ଆଲୋକ ଓ ଶବ୍ଦର ଫ୍ୟୁଜନ୍ ସୃଷ୍ଟି ହେବ, ତାହା ଆଗନ୍ତୁକଙ୍କ ମନ କିଣିବ ବୋଲି ଆଶା କରାଯାଉଛି। ଏହି ବୈଦ୍ୟୁତିକ ଢୋଲ ମାଧ୍ୟମରେ ସୂର୍ଯ୍ୟୋଦୟର ଭ୍ରମ ସୃଷ୍ଟି ହେବ। ଅନ୍ୟପଟେ ଆଜି ବାଲିଯାତ୍ରାର ଉଦ୍‌ଘାଟନ ପୂର୍ବରୁ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂ ସୁରକ୍ଷା ସ୍ଥିତି ସମୀକ୍ଷା କରିଛନ୍ତି। ଅପରାହ୍ଣରେ ବାଲିଯାତ୍ରା ତଳପଡିଆ



ବୁଲି ଦେଖିଥିଲେ। ତାଙ୍କ ସହ କଟକ ଇନ୍ କଟକ ପରିସରରେ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ସିଏମସି କମିଶନର କିରନଦୀପ କୌର ସହୋତା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଏକ ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ଏନେଇ କମିଶନର ଶ୍ରୀ ସିଂ କହିଛନ୍ତି ଯେ, ବାଲିଯାତ୍ରାର ସମସ୍ତ ସ୍ଥିତିକୁ ଭଲ ଭାବେ ଯାଞ୍ଚ କରାଯାଇଛି। ଯେପରି ଶୃଙ୍ଖଳିତ ଭାବେ ଯାତ୍ରା ସମାପନ ହେବ ତାହାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଲୋକଙ୍କ ସମାଗମକୁ ନଜରରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଉଛି। ଆବଶ୍ୟକ ମୁତାବକ ପାର୍କିଂ ସ୍ଥାନ କରାଯାଇଛି। ସମସ୍ତେ ଟ୍ରାଫିକ ନିୟମକୁ ପାଳନ କରିବାକୁ ଅନୁରୋଧ କରାଯାଉଥିବା ସିଂ କହିଛନ୍ତି। ଗତ ୩ଦିନ ହେବ ବାଲିଯାତ୍ରା ପାଇଁ ଉଠା ଦୋକାନୀ ପରିବାର ସହ ଆସି ରହିଲେଣି। ବାଲିଯାତ୍ରାରେ ଭଲ ବେପାର ଆଶାରେ ଦୂରଦୂରାନ୍ତର ଯଥା ଜାମ୍‌ସେଦପୁର, ରାଜସ୍ଥାନ ଭଳି ବିଭିନ୍ନ ରାଜ୍ୟ ବାହାର ଅଞ୍ଚଳରୁ ଏହି ଉଠା ବ୍ୟବସାୟୀ ଆସି ବାଲିଯାତ୍ରାରେ ଡେରା ପକାଇଲେଣି। ଚଳିତବର୍ଷ ବାଲିଯାତ୍ରା ତଳପଡିଆରେ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଥିବାବେଳେ ଏବେ ଠାରୁ ଭିଡ ଜମିବାର ଆରମ୍ଭ ହେଲାଣି।

# ନଭେମ୍ବର ୨୧ରୁ କଳିଙ୍ଗ ପୁସ୍ତକମେଳା

## କମିଟି ଘୋଷଣା କଲା ପୁରସ୍କାର ପାଇଁ ମନୋନୀତ ପୁସ୍ତକର ନାମ

ଭୁବନେଶ୍ୱର,୩।୧୧(ସମିସ): ନଭେମ୍ବର ୨୧ ତାରିଖରୁ ଆରମ୍ଭ ହେବ ୨୮ ତମ କଳିଙ୍ଗ ପୁସ୍ତକ ମେଳା। ଏହି ଅବସରରେ ୧୦ ଗୋଟି ବିଭାଗରେ ଶ୍ରେଷ୍ଠ ବିବେଚିତ ପୁସ୍ତକର ଲେଖକଲେଖିକଙ୍କୁ ସମ୍ମାନିତ କରାଯିବ। ନଭେମ୍ବର ୨୯ ତାରିଖ ସନ୍ଧ୍ୟାରେ ରାଜୀବ ପାଣିଙ୍କ ପୁସ୍ତକ 'ଭାରତୀୟ ଦର୍ଶନ ଓ ଗୁରୁକୁଳ', ଅନୁପମା ସାମନ୍ତରାୟଙ୍କ 'ଜୀବନର ଜଉଘର', ଗଣେଶ ମହାନ୍ତିଙ୍କ ପୁସ୍ତକ 'ସିନ୍ଦୂରା ଫାଟିଲାଣି ', କାହ୍ନୁଚରଣ ପାଣିଗ୍ରାହୀଙ୍କ ପୁସ୍ତକ 'ଅମୃତ ଇଙ୍ଗିତ', ରାଜଲକ୍ଷ୍ମୀ ତ୍ରିପାଠୀଙ୍କ ପୁସ୍ତକ 'ଆସ ଆମେ ଭଲପିଲା ହେବା', ଅଜୟ କୁମାର ପାତ୍ରଙ୍କ ପୁସ୍ତକ 'ପ୍ରଳୟର ପୋଷ୍ଟମର୍ଟମ' ଏବଂଡ. ଅଞ୍ଜଳି ତ୍ରିପାଠୀଙ୍କ 'ଦିଗନ୍ତ'କୁ ଚଳିତ ବର୍ଷର ପୁସ୍ତକମେଳା ସମ୍ମାନ ପ୍ରଦାନ କରାଯିବ। ଏହା ସହିତ ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ପୁସ୍ତକ 'ଶୁଚିସ୍ମିତାର କାହାଣୀ', ଅନନ୍ତ କୁମାର ଜେନାଙ୍କ ପୁସ୍ତକ 'ଅନ୍ତା ଉବାଟ', ନଗେନ୍ଦ୍ର ନାଥ ପଟ୍ଟନାୟକଙ୍କ ପୁସ୍ତକ 'ବିଟଟୋ ଓ ଅନ୍ୟାନ୍ୟ ଭାରତୀୟ ଗଳ୍ପ', ଅଭିଜ୍ଞାନ ସାହୁଙ୍କ ପୁସ୍ତକ 'ବୁଝିବାର ଅନୁବାଦ ବୁଝେଇବା' ଆଦି କଳିଙ୍ଗ ପୁସ୍ତକ ମେଳା ସାରସ୍ୱତ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନୁରୂପ ଭାବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ କଳିଙ୍ଗ ପୁସ୍ତକ ମେଳାର ଦିବଂଗତ ପ୍ରତିଷ୍ଠାତା ସଭାପତି ଗୀତା ହୋତା ସ୍ମୃତି ସ୍ମାରକୀ ସମ୍ମାନ ପ୍ରଦାନ କରାଯିବ ବୋଲି କଳିଙ୍ଗ ପୁସ୍ତକ ମେଳା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବୁଡ଼ ପକାଇବା ବେଳେ ଅଘଟଣ

# ଘୋଡ଼ାହାଡ଼ ନଦୀରେ ଭାସିଗଲେ ଦୁଇ ମହିଳା





ଦିଗପହଣ୍ଡି, ୩।୧୧(ସମିସ): ଦିଗପହଣ୍ଡି ବ୍ଲକ୍ ଖମାରୀ ପଞ୍ଚାୟତ ସେବକଟିକରପଡ଼ା ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀରେ ଆଜି ଏକ ଅଘଟଣ ୨ ମହିଳାଙ୍କ ଜୀବନ ନେଇଛି। ମୃତ ମହିଳାଦ୍ୱୟ ହେଲେ, ଗାଁର ସୀମାଞ୍ଚଳ ପାଢ଼ୀଙ୍କ ସ୍ତ୍ରୀ ଲଳିତା ପାଢ଼ୀ(୭୦) ଏବଂ ଧନୁ ଗୌଡ଼ଙ୍କ ସ୍ତ୍ରୀ ସବିତା ଗୌଡ଼(୪୨)। ଆଜି ଭୋର୍ ପ୍ରାୟ ୪ଟାରେ ପଞ୍ଜୁକ ପାଇଁ ବୁଡ଼ ପକାଇବା ବେଳେ ନଦୀରେ ଭାସି ଦୁହେଁ ପ୍ରାଣ ହରାଇଛନ୍ତି।

ଲଳିତା ବୁଡ଼ ପକାଉଥିବା ବେଳେ ତାଙ୍କ ଗୋଡ଼ ଖସି ଯାଇଥିଲା ଏବଂ ନଦୀର ପ୍ରଖର ସ୍ରୋତରେ ସେ କିଛି ଦୂରକୁ ଭାସି ଯାଇଥିଲେ। ତାଙ୍କ ଚିତ୍କାର ଶୁଣି ପାଖରେ ଗାଧୋଉଥିବା ସବିତା ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସେ ମଧ୍ୟ ନଦୀ ସୁଅରେ ଭାସି ଯାଇଥିଲେ। ପାଖରେ ଗାଧୋଉଥିବା ଅନ୍ୟ ମହିଳାମାନେ ଏ ସଂପର୍କରେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଦିଗପହଣ୍ଡି ଦମକଳବାହିନୀ ଘଟଣାସ୍ଥଳଠାରୁ ପ୍ରାୟ ୧କିମି ଦୂର ଗୋଲଣ୍ଡା ଗ୍ରାମ ନଦୀପଠାରେ ପହଞ୍ଚି କିଛି ଗ୍ରାମବାସୀଙ୍କ ସହାୟତାରେ ନଦୀରୁ ଉଭୟଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ସେମାନଙ୍କୁ ତୁରନ୍ତ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଉଭୟଙ୍କ ଅନ୍ତିମ ସଂସ୍କାର କରାଯାଇଛି।

# ଏକତରଫା ପ୍ରେମରୁ ଯୁବତୀଙ୍କ ବେକ କାଟିଲା

ବାଲେଶ୍ୱର, ୩।୧୧(ସମିସ): ଏକତରଫା ପ୍ରେମକୁ କେନ୍ଦ୍ର କରି ଜଣେ ଯୁବତୀଙ୍କ ବେକ କାଟିଛି ଯୁବକ। ବାଲେଶ୍ୱର ଷ୍ଟେସନ୍ ଛକଠାରେ ଏହି ଘଟଣା ଘଟିଛି। ଗୁରୁତର ଯୁବତୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ସହଦେବଖୁଣ୍ଟା ପୁଲିସ ସଂପୃକ୍ତ ଯୁବକକୁ ଅଟକ ରଖି ତଦନ୍ତ ଚଳାଇଛି। ସେ ହେଲା, କୋଲକାତା ବେଲଦା ଅଞ୍ଚଳର ସଞ୍ଜୟ ରଣା। ସେ ବାହାନଗା ଅଞ୍ଚଳର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲା। ଆଜି ରାତିରେ ଯୁବତୀଜଣଙ୍କ ଷ୍ଟେସନ୍ ଛକରେ ଥିବା ବେଳେ ସଞ୍ଜୟ ଏକ ବ୍ଲେଡ୍‌ରେ ତାଙ୍କ ବେକକୁ କାଟି ଦେଇଥିଲା।

# ମହାନଦୀରେ ଭାସିବ ୨୦ ହଜାର ଶାଳପତ୍ର ଡଙ୍ଗା



କଟକ, ୩।୧୧ (ସମିସ): ଚଳିତବର୍ଷ ଐତିହାସିକ ବାଲିଯାତ୍ରା ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ଏକ ନିଆରା ପ୍ରୟାସ ହାତକୁ ନିଆଯାଇଛି। ବିଶେଷକରି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଲୋକେ ଥର୍ମୋକୁଲ ତଥା ସୋଲ ତିଆରି ଡଙ୍ଗା ଭସାଉଥିବା କାରଣରୁ ନଦୀଜଳ ପ୍ରଦୂଷିତ ହୋଇଥାଏ। ଏଣୁ ପରିବେଶକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପ୍ରୟାସ ପୂର୍ବକ ଶାଳପତ୍ରରେ ତିଆରି ଡଙ୍ଗା ଭସାଯିବ ବୋଲି ଜଣାପଡ଼ିଛି। ଓରମାସ୍‌ର ବିଭିନ୍ନ ସ୍ୱେଚ୍ଛାସେବୀ ତଥା ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ଶାଳପତ୍ରରେ ୨୦ହଜାରରୁ ଉର୍ଦ୍ଧ୍ୱ ଡଙ୍ଗା ତିଆରି କରାଯାଇଛି। କାର୍ତ୍ତିକ ପୂର୍ଣ୍ଣିମା ଦିନ ସକାଳେ ମହାନଦୀ ଆଳତି, କୀର୍ତ୍ତନ ସହ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଏହି ଶାଳପତ୍ରରେ ନିର୍ମିତ ଡଙ୍ଗା ଭସାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସହରବାସୀଙ୍କୁ ଅନୁରୋଧ କରାଯାଇଛି।

# ପଞ୍ଚଭୂତରେ ଲୀନ 'ରୁଚି' ପ୍ରତିଷ୍ଠାତା ଶରତ ସାହୁ

## ଶୋଭାଯାତ୍ରାରେ ସାମିଲ ହେଲେ ସହସ୍ରାଧିକ ଶୁଭେଚ୍ଛୁ





କଟକ, ୩।୧୧(ସମିସ): ବିଶିଷ୍ଟ ଉଦ୍ୟୋଗପତି ତଥା ରୁଚି ଫୁଡ୍‌ଲାଇନ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁଙ୍କ ଶେଷକୃତ୍ୟ ଆଜି ଅପରାହ୍‌ରେ କଟକ କାଳିଆବୋଦାସ୍ଥିତ ଶ୍ମଶାନରେ ସଂପନ୍ନ ହୋଇଯାଇଛି। ଶ୍ମଶାନରେ ମରଶରୀର ପହଞ୍ଚିବା ପରେ ସହସ୍ରାଧିକ ଲୋକ ସେଠାରେ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶଶ୍ମାନରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଡ. ସାହୁଙ୍କ ପୁତ୍ର ଅରବିନ୍ଦ ସାହୁ ମୁଖାଗ୍ନି ଦେଇଥିଲେ।

ଆଜି ସକାଳେ ବିମାନ ଯୋଗେ ଶରତଙ୍କ ପାର୍ଥିବ ଶରୀର ମୁମ୍ବାଇରୁ ଆସି ଭୁବନେଶ୍ୱରରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ କାଜିଢ଼ିହସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ମରଶରୀରକୁ 'ରୁଚି' ଶିଳ୍ପାନୁଷ୍ଠାନ ପରିସର, ଲକ୍ଷେଶ୍ୱର ମନ୍ଦିର, ଗୁଣ୍ଡି ମନ୍ଦିର ଦେଇ ପାସ୍ତା ଭିଲେଜ ପ୍ରାଙ୍ଗଣରେ ରଖାଯାଇଥିଲା। ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ବାରବାଟୀ କଟକ ବିଧାୟକ ସୋଫିଆ ଫିର୍ଦ୍ଦୋସ ଓ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସକାଳର ସିଇଓ ସୁବ୍ରତ ଦାସ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ରୁଚି ପରିସରରୁ ନାମ ସଂକୀର୍ତ୍ତନ ସହିତ ଶୋଭାଯାତ୍ରା ତାଙ୍କ ଜନ୍ମସ୍ଥାନ ରାଣୀହାଟର ତେଲିସାହି, ସେକେଣ୍ଡାରୀ ବୋଡର୍ ହାଇସ୍କୁଲ, ସମାଜ କାର୍ଯ୍ୟାଳୟ, ଓଡ଼ିଶା ଅଲମ୍ପିକ ଆସୋସିଏସନ୍ ଏବଂ ଓଡ଼ିଶା କବାଡ଼ି ଆସୋସିଏସନ୍‌ଠାରେ ପହଞ୍ଚିଥିଲା। ସେଠାରେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ଡ୍ରିମସ୍‌ର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପକ୍ଷରୁ ନିରାକାର ସାହୁ ଓ ସୁଧାଂଶୁ ଭୂଷଣ କରଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡ. ସାହୁଙ୍କ ଧର୍ମପତ୍ନୀ ସଙ୍ଗୀତା ସାହୁ, କନ୍ୟା ରଶ୍ମି ସାହୁ, ଜାମାତା ପ୍ରକାଶ ସାହୁ, ଭଗ୍ନୀପତି ପ୍ରଫୁଲ୍ଲ ଚୌଧୁରୀ, ପୁତ୍ରବଧୂ ସଲିନା ସାହୁ ଓ ପରିବାରବର୍ଗ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ଶେଷ ଦର୍ଶନ କରିଥିଲେ। 'ରୁଚି' ପରିବାର ପକ୍ଷରୁ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ସହସ୍ରାଧିକ କର୍ମଚାରୀ ତାଙ୍କର ପ୍ରିୟ ପ୍ରତିଷ୍ଠାତା ଡ. ସାହୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଅଶ୍ରୁଳ ବିଦାୟ ଜଣାଇଥିଲେ।

ସେହିପରି ଶିଳ୍ପୋଦ୍ୟୋଗୀ ଶରତ ସାହୁଙ୍କ ପରଲୋକ ଖବର ପାଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ବିଶିଷ୍ଟ କ୍ରୀଡ଼ାବିତ୍ ଦିଲ୍ଲୀପ ତିର୍କୀ, ବିଶିଷ୍ଟ ଶିକ୍ଷାବିତ୍ ଅଚ୍ୟୁତ ସାମନ୍ତ, କଟକ ମେୟର ସୁବାସ ସିଂହ, ପୂର୍ବତନ ଆର୍‌ଡିସି ଅନିଲ କୁମାର ସାମଲ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ଓଡ଼ିଶା ଶିଳ୍ପସଂଘ ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ, ଶିଳ୍ପୋଦ୍ୟୋଗୀ ସୁଶାନ୍ତ ପଣ୍ଡା, କ୍ୟାପେଟନ୍ ରାମେଶ୍ୱର ମହାପାତ୍ର, ମୃତ୍ୟୁଞ୍ଜୟ ସାମଲ, ବିପିନ ବିହାରୀ ରାଉତ, ଡ. ଅରୁନ୍ଧତୀ ଦେବୀ, ପ୍ରଶାସକ ମିହିର ପ୍ରସାଦ ମହାନ୍ତି, ବେଦବିତ୍ ବୀରେନ୍ଦ୍ର ପଣ୍ଡା, ଶିଳ୍ପୋଦ୍ୟୋଗୀ ସଂପାଦକ ଡ. ଶିବବ୍ରତ ରାଉତ, ବିଶିଷ୍ଟ ଉଦ୍ୟୋଗୀ ପ୍ରଶାନ୍ତ କର ପ୍ରମୁଖ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

ପ୍ରକାଶଥାଉ କି, ଗତକାଲି ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ଦିନ ୧୨ଟାରେ ୭୬ ବର୍ଷ ବୟସରେ ଡ. ସାହୁଙ୍କର ପରଲୋକ ଘଟିଥିଲା।

# କାର୍ଯ୍ୟକାରୀ ହେଉନି ଆଇନ: ଭିନ୍ନକ୍ଷମ ଉପେକ୍ଷିତ

■ ସାମାଜିକ ସଶକ୍ତିକରଣ ବିଭାଗର କ୍ଷୋଭ
■ ଆଇନର ଯଥାବିଧି କାର୍ଯ୍ୟକାରୀ ପାଇଁ ଚିଠି

ଭୁବନେଶ୍ୱର,୩।୧୧(ସମିସ): ଦିବ୍ୟାଙ୍ଗଙ୍କ ସଶକ୍ତିକରଣ ପାଇଁ ରାଜ୍ୟ ସରକାର ଗୁଡ଼ିଏ ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ କରୁଛନ୍ତି। ପ୍ରତିଟି ବିଭାଗରେ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ବ୍ୟାପକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ମାତ୍ର ବିଭିନ୍ନ ବିଭାଗରେ ଏହାର ସଠିକ୍ ଭାବେ ଅନୁପାଳନ କରାଯାଉ ନାହିଁ। ଯାହାଫଳରେ ଦିବ୍ୟାଙ୍ଗ କଲ୍ୟାଣ ପାଇଁ ସରକାରଙ୍କର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ବିଶେଷକରି ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ବିଭାଗୀୟ ସ୍ତରରେ ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ର ଧାରା ୩୭କୁ କେତେକ ବିଭାଗ କାର୍ଯ୍ୟକାରୀ କରାଯାଉନଥିବା ଏବେ ସାମ୍ନାକୁ ଆସିଛି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛି ସାମାଜିକ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ।

ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ର ଧାରା ୩୭ ଅଧିନରେ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ଏକାଧିକ ବ୍ୟବସ୍ଥା ଉପଲବ୍ଧ ରହିଛି। ବିଭିନ୍ନ ଯୋଜନା ଏବଂ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଅଧିନରେ ଦିବ୍ୟାଙ୍ଗଙ୍କ ପାଇଁ ୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ବିଶେଷକରି ନିର୍ଦ୍ଦିଷ୍ଟ ଅକ୍ଷମତା ପ୍ରତିଶତ ମହିଳାଙ୍କ ପାଇଁ ବିଶେଷଭାବେ ଏହି ସଂରକ୍ଷଣ ପ୍ରଦାନ କରିବାକୁ ଆଇନ ପ୍ରଣୟନ କରାଯାଇଛି। ମାତ୍ର ଯୋଜନା କାର୍ଯ୍ୟକାରୀ ବେଳେ ବିଭିନ୍ ବିଭାଗ ଏହାକୁ କାର୍ଯ୍ୟକାରୀ କରୁ ନ ଥିବା ସାମ୍ନାକୁ ଆସିଛି। ସେହିପରି ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଓ ଏ ସମ୍ପର୍କିତ ବିଭିନ୍ନ ଯୋଜନା କ୍ଷେତ୍ରରେ ମଧ୍ୟ ଦିବ୍ୟାଙ୍ଗ ବିଶେଷକରି ମହିଳାମାନଙ୍କ ପାଇଁ ୨୦୧୬ ଆଇନ ଅନୁଯାୟୀ ୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ଅପରପକ୍ଷେ ଉପରୋକ୍ତ ଆଇନ ଅଧିନରେ ଦିବ୍ୟାଙ୍ଗ ପାଇଁ ସରକାରୀ ଜମି ରିଆତି ଦରରେ ପ୍ରଦାନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ବାସଗୃହ ନିର୍ମାଣ, କୌଣସି ବ୍ୟବସାୟିକ କିମ୍ବା ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମଧ୍ୟ ଦିବ୍ୟାଙ୍ଗମାନଙ୍କୁ ଜମି ସୁଲଭ ମୂଲ୍ୟରେ ଦିଆଯାଇପାରିବ। ମାତ୍ର ଉପରୋକ୍ତ ସୁବିଧା ସୁଯୋଗ ଗୁଡ଼ିକୁ ଦିବ୍ୟାଙ୍ଗଙ୍କ ପାଇଁ କାର୍ଯ୍ୟକାରୀ କରିବାକୁ ବିଭାଗ ଗୁଡ଼ିକ ପଛଘୁଞ୍ଚା ଦେଉଛନ୍ତି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛି ସାମାଜିକ ସଶକ୍ତିକରଣ ବିଭାଗ। କୌଣସି ଯୋଜନା କାର୍ଯ୍ୟକାରୀ କରିବା ବେଳେ ବିଭାଗ ଗୁଡ଼ିକ ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ର ଧାରା ୩୭କୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ପାଇଁ ବିଭାଗ ପକ୍ଷରୁ ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ଓ ସଚିବଙ୍କମାନଙ୍କୁ ଚିଠି ଲେଖାଯାଇଛି।

## ସିଜିଏଲ୍ ଷ୍ଟାଟିଷ୍ଟିକାଲ୍ ଅଫିସର୍ ନିଯୁକ୍ତିରେ ବିଳମ୍ବ

# ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ଘେରିଲେ ଆଶାୟୀ

■ ପରୀକ୍ଷାର ୨ ଦିନ ପୂର୍ବରୁ ୩ ଥର ଘୁଞ୍ଚିଲାଣି ପରୀକ୍ଷା
■ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପାଇଁ କୋର୍ଟକୁ ଯାଇଛି ମାମଲା
■ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ୍

ଭୁବନେଶ୍ୱର, ୩।୧୧(ସମିସ): ସିଜିଏଲ୍ ଷ୍ଟାଟିଷ୍ଟିକାଲ୍ ଅଫିସର୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାକୁ ବର୍ଷେ ପୂରିବ। ଏହାରି ମଧ୍ୟରେ ପ୍ରିଲିମିନାରୀ ପରୀକ୍ଷା ପାଇଁ ୩ଥର ବିଜ୍ଞପ୍ତି ବାହାରିଲାଣି। ପ୍ରତିଥର ପରୀକ୍ଷାର୍ଥୀଙ୍କୁ ଆଡମିଟ୍ କାର୍ଡ ମଧ୍ୟ ଦିଆଯାଇଛି। ହେଲେ ପରୀକ୍ଷାର ଠିକ୍ ପୂର୍ବରୁ ଏହାକୁ ବାତିଲ୍ କରି ଦିଆଯାଉଛି। ଦୀର୍ଘ ବର୍ଷେ ପରେ ମଧ୍ୟ ପରୀକ୍ଷା ନେଇ କୌଣସି ସ୍ୱଷ୍ଟତା ଆସୁ ନଥିବାରୁ ସୋମବାର ଓଡ଼ିଶା କର୍ମଚାର ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) କାର୍ଯ୍ୟାଳୟକୁ ଯାଇ ଆଶାୟୀମାନେ ଜବାବ୍ ମାଗିଛନ୍ତି। କେବେ ସୁଦ୍ଧା ପରୀକ୍ଷା କରିବେ ବୋଲି ପ୍ରଶ୍ନ କରିବା ସହ ତ୍ୱରିତ ପରୀକ୍ଷା କରିବାକୁ ମଧ୍ୟ ନିବେଦନ କରିଛନ୍ତି।

ସୂଚନାଅନୁଯାୟୀ, ୨୦୨୪ ମସିହା ନଭେମ୍ବର ୧୮ ତାରିଖରେ ଷ୍ଟାଟିଷ୍ଟିକାଲ୍ ଅଫିସର୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମୋଟ୍ ୧୭୪ଟି ଗ୍ରୁପ୍-ବି' ପଦରେ ନିଯୁକ୍ତି ପାଇଁ ଏପ୍ରିଲ୍ ୬ ରେ ପ୍ରିଲିମିନାରୀ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷାର୍ଥୀଙ୍କୁ ଆଡମିଟ୍ କାର୍ଡ ମଧ୍ୟ ପ୍ରଦାନ କରଯାଇଥିଲା। ହେଲେ ପରୀକ୍ଷାର ମାତ୍ର ଦୁଇଦିନ ପୂର୍ବରୁ ଅର୍ଥାତ୍ ୪ ତାରିଖରେ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ମାତ୍ର ସପ୍ତାହେ ପରେ ଅର୍ଥାତ୍ ୧୩ ତାରିଖରେ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା। ନୂତନ ଆଡମିଟ୍ କାର୍ଡ ମଧ୍ୟ ପ୍ରଦାନ କରାଗଲା। ହେଲେ ପୁଣିଥରେ ପରୀକ୍ଷାର ମାତ୍ର ଦୁଇଦିନ ପୂର୍ବରୁ ଅର୍ଥାତ୍ ୧୧ ତାରିଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଥିଲା। ଏହା ଏକ ଗାଣିତିକ ପଦ ହୋଇଥିବାରୁ ତତ୍‌ସମ୍ବନ୍ଧୀୟ ଯୋଗ୍ୟତା ଥିବା



ପିଲାଙ୍କ ଆବେଦନ ହିଁ ରଖିବାକୁ ସର୍ଟ୍‌ଲିଷ୍ଟ କରିବେ ବୋଲି କାରଣ ଦର୍ଶାଗଲା। ଫଳରେ ପ୍ରାୟ ୮୦ ହଜାର ପିଲା ଆବେଦନକାରୀଙ୍କ ମଧ୍ୟରୁ ପାଖାପାଖି ୫୫ ହଜାର ପିଲା ବାଦ୍ ପଡ଼ିଥିଲେ। ବିଜ୍ଞପ୍ତି ପ୍ରକାଶ କରିବା ସମୟରେ ଶିକ୍ଷାଗତ ଯୋଗ୍ୟତା କଣ ରହିବ ବୋଲି କର୍ତ୍ତୃପକ୍ଷ କିପରି ଜାଣି ପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାପରେ ମାତ୍ର ୨୫ହଜାର ପିଲାଙ୍କୁ ନେଇ ପ୍ରିଲିମିନାରୀ ପରୀକ୍ଷା କରିବା ପାଇଁ ଓଏସ୍‌ଏସ୍‌ସି ପକ୍ଷରୁ ପୁନଃ ବିଜ୍ଞପ୍ତି ପ୍ରକାଶ ପାଇଲା। ସେପ୍ଟେମ୍ବର ୨୧ ତାରିଖରେ ପରୀକ୍ଷା କରିବା ପାଇଁ ଧାର୍ଯ୍ୟ କରିଥିବାବେଳେ ପୂର୍ବପରି ପରୀକ୍ଷାର ମାତ୍ର ଦୁଇଦିନ ଆଗରୁ ଅର୍ଥାତ୍ ୧୯ ତାରିଖରେ ବାତିଲ୍ କରିଦିଆଗଲା। ତୃତୀୟ ଥର ପାଇଁ ପରୀକ୍ଷା ବାତିଲ୍ ହେବାରୁ ବର୍ଷାଧିକ ସମୟ ପ୍ରସ୍ତୁତି କରୁଥିବା ଆଶାୟୀମାନେ ନିରାଶ ହୋଇଥିଲେ।

ଅପରପକ୍ଷରେ ଏହି ପଦ ପାଇଁ ପ୍ରକାଶିତ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ଯୋଗୁଁ କିଛି ଆଶାୟୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଅକ୍ଟୋବର ୧୩ ତାରିଖରେ ଶୁଣାଣୀ ପାଇଁ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଆଗକୁ ଆଉ ତାରିଖ ପଡୁନାହିଁ। ଫଳରେ ମାମଲାର ଅନ୍ତ କେବେ ଘଟିବ ସେନେଇ ସମସ୍ତଙ୍କ ମନରେ ସଂଶୟ ଲାଗି ରହିଛି। ଖୁବଶୀଘ୍ର ମାମାଲାର ଶୁଣାଣୀ ପାଇଁ ଓଏସ୍‌ଏସ୍‌ସି ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ଆଶାୟୀମାନେ ଆନ୍ଦୋଳନରୁ ଓହରିଛନ୍ତି।

ସାମଗ୍ରିକ ଭାବେ ପରୀକ୍ଷା ବିଳମ୍ବର କାରଣ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ହୋଇଥିଲେ ମଧ୍ୟ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ଫଳରେ ରାଜ୍ୟରେ ହେଉଥିବା ଅନ୍ୟ ନିଯୁକ୍ତି ପରୀକ୍ଷାରେ ମଧ୍ୟ ସମାନ ଧରଣର ତ୍ରୁଟି ପରିଲକ୍ଷିତ ହେଉଛି। ବାରମ୍ବାର ପରୀକ୍ଷା ପରିଚାଳନାରେ ତ୍ରୁଟି ଓ ବିଭ୍ରାଟ ପରୀକ୍ଷାର୍ଥୀଙ୍କ ମନୋବଳକୁ ଦୁର୍ବଳ କରୁଥିବାବେଳେ ପରୀକ୍ଷା ଦେଇ ନପାରି ମାନସିକ ଯନ୍ତ୍ରଣାରେ ଛଟପଟ ହେଉଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ମହିଳାମାନେ ଘରକାମରେ ସମୟ ବିତାଇବେ।

**ବୃଷ:** ଦୂରଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିପାରେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିପାରନ୍ତି। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହରେ ସମସ୍ୟା ଆସିପାରେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ। ମାନସମ୍ମାନ ବୃଦ୍ଧି ପାଇବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।


**କୁମ୍ଭ:** ବ୍ୟବସାୟକୁ ନେଇ ଦୂରଯାତ୍ରାକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୯ - ମାନବ କମ୍ପ୍ୟୁଟର ଶକୁନ୍ତଳା ଦେବୀଙ୍କ ଜନ୍ମ।
- ୧୯୪୭ - ମେଜର ସୋମନାଥ ଶର୍ମାଙ୍କୁ ମରଣୋତ୍ତର ପରମବୀର ଚକ୍ର ପ୍ରଦାନ କରାଗଲା।
- ୧୯୫୪ - ଦାର୍ଜିଲିଂରେ ହିମାଳୟ ପର୍ବତାରୋହଣ ସଂସ୍ଥାନର ସ୍ଥାପନା।
- ୨୦୦୮ - ଆମେରିକାର ରାଷ୍ଟ୍ରପତି ହେଲେ ବାରାକ୍ ଓବାମା।
- ୨୦୧୫ - ପାକିସ୍ତାନର ଲାହୋରରେ ଏକ କୋଠା ଭୁଶୁଡ଼ି ୪୫ ଜଣଙ୍କ ମୃତ୍ୟୁ ଓ ପାଖାପାଖି ୧୦୦ ଜଣ ଆହତ ହୋଇଥିଲେ।

## 'ରାମାୟଣ' ବିଭୀଷଣ ଭୂମିକାରେ ବିବେକ



ବଲିଉଡ୍‌ରେ ଏବେ ଫିଲ୍ମର କାହାଣୀ ଅପେକ୍ଷା ଏହାର ବଜେଟ୍‌କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ନୀତେଶ ତିୱାରୀଙ୍କ ଫିଲ୍ମ 'ରାମାୟଣ' ସମସ୍ତଙ୍କୁ ପଛରେ ପକାଇ ଦେଇଛି। ୪୦୦୦ କୋଟି ବ୍ୟୟରେ ନିର୍ମିତ ଏହି ଫିଲ୍ମ ଦୁଇଟି ପାର୍ଟରେ ଆସିବ। ଫିଲ୍ମର ବଜେଟ୍ ସହ ଏହାର କଳାକାରଙ୍କୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ରଣବୀର କପୁର, ସାଇପଲ୍ଲବୀ ଓ ଯଶ୍‌ଙ୍କ ବ୍ୟତୀତ ଏଥିରେ କାମ କରୁଥିବା ଅନ୍ୟ ଜଣେ କଳାକାରଙ୍କୁ ନେଇ ଚର୍ଚ୍ଚା ହେଉଛି। ଏହି ଫିଲ୍ମରେ ବିବେକ ଓବେରୟ ବିଭୀଷଣ ଭୂମିକାରେ ନଜର ଆସିବେ। ସବୁଠୁ ବଡ଼ କଥା ହେଉଛି, ବିବେକ ଏହି ଫିଲ୍ମ ପାଇଁ ଟଙ୍କାଟିଏ ମଧ୍ୟ ନେବେ ନାହିଁ। ନିକଟରେ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ ବିବେକ କହିଛନ୍ତି ଯେ, 'ରାମାୟଣ'ର ପ୍ରଯୋଜକ ନମିତ ମଲହୋତ୍ରାଙ୍କୁ ସେ କୌଣସି ପାରିଶ୍ରମିକ ନେବେ ନାହିଁ ବୋଲି କହିଥିଲେ। ଏହାସହ ସେ ତାଙ୍କର ପାରିଶ୍ରମିକ ବାବଦରେ ମିଳିବାକୁ ଥିବା ସମସ୍ତ ଅର୍ଥ କ୍ୟାନ୍ସର ପୀଡ଼ିତ ପିଲାଙ୍କ ପାଇଁ ଦାନ କରିବାକୁ ନମିତଙ୍କୁ କହିଛନ୍ତି। ବିବେକ ଆହୁରି ମଧ୍ୟ କହିଛନ୍ତି, ''ରାମାୟଣ' ଭାରତୀୟ ସିନେମାକୁ ଅନ୍ତର୍ଜାତୀୟ ସ୍ତରକୁ ନେଇଯିବ। ଏଥିରେ କାମ କରି ବେଶ୍ ଭଲ ଲାଗିଲା।' 'ରାମାୟଣ'ର ଦୁଇଟି ପାର୍ଟ ୨୦୨୬ ଓ ୨୦୨୭ ଦୀପାବଳିରେ ଆସିବ।

## ସର୍ଫିଂରେ ବିଶ୍ୱ ରେକର୍ଡ



ସର୍ଫିଂ ଏକ ଦୁଃସାହସିକ କ୍ରୀଡ଼ା ଭାବେ ଜଣାଯାଏ। ଏଥିରେ ଏକ ବୋର୍ଡ ଉପରେ ଛିଡ଼ା ହୋଇ ଲହଡ଼ିକୁ ଅତିକ୍ରମ କରିବାକୁ ହୋଇଥାଏ। ଏହା ହେଉଛି ଏକ ଆନନ୍ଦଦାୟକ ଜଳକ୍ରୀଡ଼ା। ଏଥିପାଇଁ ଜଳ ସହିତ ପବନର ମଧ୍ୟ ଆବଶ୍ୟକତା ରହିଛି। ପାଣି ଭିତରେ ପବନର ବେଗ ଯେତେ ବୃଦ୍ଧି ପାଇବ ସର୍ଫିଂ କରିବାର ମଜା ସେତେ ବଢ଼ିଯାଏ। ଅବଶ୍ୟ ସର୍ଫିଂ ନିର୍ଦ୍ଦିଷ୍ଟ କେତେ ସମୟ ପାଇଁ ହିଁ କରାଯାଇଥାଏ। କାରଣ ଏଥିରେ ବିପଦ ମଧ୍ୟ ଥାଏ। ନିକଟରେ ଅଷ୍ଟ୍ରିଆର ଜଣେ ବ୍ୟକ୍ତି ଅବିରତ ଆଠ ଘଣ୍ଟା ଧରି ସର୍ଫିଂ କରି ବିଶ୍ୱ ରେକର୍ଡ କରିଛନ୍ତି। ମ୍ୟାକ୍ସିମିଲିଆନ ନ୍ୟୁବକ୍ ନାମକ ବ୍ୟକ୍ତି ଏପରି ଦୁଃସାହସିକ କାର୍ଯ୍ୟ କରି ଦେଖାଇଛନ୍ତି। ନ୍ୟୁବକ୍ ୮ ଘଣ୍ଟା ୫ ମିନିଟ୍ ୪୪ ସେକେଣ୍ଡ ପର୍ଯ୍ୟନ୍ତ ସର୍ଫିଂ କରିଥିଲେ। ଅଧିକ ସମୟ ଧରି ସର୍ଫିଂ କରିଥିବା ପୁରୁଷ ହିସାବରେ ତାଙ୍କ ନାମ ଗିନିଜ୍ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛି। ଅତ୍ୟଧିକ ଥଣ୍ଡା ପରିବେଶରେ ବି ସେ ତାଙ୍କର ସର୍ଫିଂ ଜାରି ରଖିଥିଲେ। ଆଠଘଣ୍ଟା ପରେ ସେ କୂଳକୁ ଫେରିଥିଲେ।

## ସମୁଦ୍ରରୁ ପ୍ଲାଷ୍ଟିକ୍ କଣିକା ସଫା କରିବ ମାଛ

ପ୍ଲାଷ୍ଟିକ୍ ପ୍ରଦୂଷଣ ଏବେ ବୈଶ୍ୱିକ ସ୍ତରରେ ଚିନ୍ତା ବଢ଼ାଉଛି। ସମୁଦ୍ରରେ ଲୋକେ ପ୍ରତିଦିନ କୁଡ଼ କୁଡ଼ ପ୍ଲାଷ୍ଟିକ୍ ଫିଙ୍ଗୁଛନ୍ତି। ସମୁଦ୍ର ପ୍ଲାଷ୍ଟିକ୍ ଆବର୍ଜନାକୁ ମୁକ୍ତ କରିବାକୁ ଚୀନ୍, ସିଚୁଆନ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏକ ସ୍ୱତନ୍ତ୍ର ମାଛ ବିକଶିତ କରିଛନ୍ତି। ଏହି ମାଛଟି ପ୍ରକୃତରେ ଏକ ରୋବଟ୍ ମାଛ। ସ୍ୱୟଂଚାଳିତ ଏହି ରୋବଟ୍ ମାଛଟି ସମୁଦ୍ର ପାଣିରେ ଭାସି ଭାସି ତା'ର ଶରୀରରେ କ୍ଷୁଦ୍ର ପ୍ଲାଷ୍ଟିକ୍ କଣିକାକୁ ଶୋଷିନେବ। ମାଛଟି ମାତ୍ର ୧୩ ମିଲିମିଟର ଲମ୍ବା। ଏହା ତା'ର ଲାଞ୍ଜରେ ଲଗାଯାଇଥିବା ଲେଜର ପ୍ରଣାଳୀ ସାହାଯ୍ୟରେ ପାଖାପାଖି ୩୦ ମିଲିମିଟର ପ୍ରତି ସେକେଣ୍ଡ ଗତିରେ ପହଁରିପାରେ। ରୋବୋଟ୍ ମାଛକୁ ଏପରି ତିଆରି କରାଯାଇଛି ଯେ, ଏହା ୫ କେଜି ଓଜନର ଜିନିଷକୁ ବି ଟାଣିପାରେ। ବୈଜ୍ଞାନିକଙ୍କ କହିବାନୁସାରେ, ଏହି ମାଛଟି ଭବିଷ୍ୟତରେ ସମୁଦ୍ରଗୁଡ଼ିକରୁ ମାଇକ୍ରୋପ୍ଲାଷ୍ଟିକ୍‌କୁ ସହଜରେ ସଫା କରିପାରିବ। ଯଦି ପାଣି ଭିତରେ ଏହି ରୋବୋଟ୍ ମାଛଟି କୌଣସି କାରଣବଶତଃ କ୍ଷତିଗ୍ରସ୍ତ ହୁଏ ତାହେଲେ ଏହା ନିଜକୁ ଠିକ୍ ମଧ୍ୟ କରିପାରିବ। ବର୍ତ୍ତମାନ ଏହା ପ୍ରାରମ୍ଭିକ ସ୍ତରରେ ଅଛି। ଏହା ପ୍ରସ୍ତୁତ ହେବା ପରେ ରୋବଟ୍ ମାଛକୁ ସାଗର ଓ ମହାସାଗରରୁ ମାଇକ୍ରୋପ୍ଲାଷ୍ଟିକ୍ ସଫା କରିବାକୁ ବ୍ୟବହାର କରାଯାଇପାରିବ।



## ଲ୍ୟାଣ୍ଡରୋଭର ଗାଁ

ପ୍ରତ୍ୟେକ ଗାଁ'ର ପରମ୍ପରା ଓ ସଂସ୍କୃତି ଭିନ୍ନ ଭିନ୍ନ ହୋଇଥାଏ। ତନ୍ମଧ୍ୟରୁ କିଛି ଗାଁ ନିଜର ସ୍ୱତନ୍ତ୍ରତା ପାଇଁ ପ୍ରସିଦ୍ଧି ଲାଭ କରିଥାଏ। ଏମିତି ଏକ ଗାଁ ହେଉଛି ପଶ୍ଚିମବଙ୍ଗର ମାନେଭଜ୍ୟାଙ୍ଗ। ଏହି ଗାଁଟି ଭାରତ ଓ ନେପାଳ ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ। ଏହା ଦାର୍ଜିଲିଂରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ। ମାନେଭଜ୍ୟାଙ୍ଗ ଗାଁର ସ୍ୱତନ୍ତ୍ରତା ହେଉଛି ଦୀର୍ଘ ୬୦ ବର୍ଷରୁ ଅଧିକ ସମୟ ହେବ ଏଠାକାର ଲୋକଙ୍କ ଜୀବନରେ ଲ୍ୟାଣ୍ଡରୋଭର ଏକ ଅଂଶ ପାଲଟିଯାଇଛି। ଏଠାକାର ଲୋକେ ଟ୍ୟାକ୍ସି ଭଳି ଏହାକୁ ବ୍ୟବହାର କରନ୍ତି। ଗାଁର ପ୍ରତ୍ୟେକ ଘର ସମ୍ମୁଖରେ ଏହି ଗାଡ଼ି ଠିଆ ହୋଇଥିବାର ଦେଖିବାକୁ ମିଳିବ। ବ୍ରିଟିଶ ଶାସନ ସମୟରେ ଇଂରେଜମାନେ ଏହି ଗାଡ଼ି ଏଠାକୁ ଆଣିଥିଲେ। ଦେଶ ସ୍ୱାଧୀନ ହେବା ପରେ ଇଂରେଜମାନେ ଏହି ଗାଡ଼ିଗୁଡ଼ିକୁ ସ୍ଥାନୀୟ ଲୋକଙ୍କୁ ଦେଇ ଯାଇଥିଲେ। ଅପରପକ୍ଷରେ ଏହି ଅଞ୍ଚଳ ପାହାଡ଼ିଆ ହୋଇଥିବାରୁ ଏଠାରେ ଆଧୁନିକ ଯାନବାହନ ଚଳାଚଳ ସମ୍ଭବ ନୁହେଁ। ତେଣୁ ପାହାଡ଼ିଆ ରାସ୍ତା ପାଇଁ ଲ୍ୟାଣ୍ଡରୋଭର ବାହନ ଏକ ସାଧନ। ଯଦି ଏବେ ଏହି ଗାଡ଼ିଗୁଡ଼ିକୁ ନିଲାମ କରାଯାଏ ଏହା ଲକ୍ଷାଧିକ ଟଙ୍କାରେ ବିକ୍ରି କରାଯାଇପାରିବ। ଏହା ଆଜି ବି ସ୍ଥାନୀୟ ଲୋକଙ୍କର ସଂସ୍କୃତି ଏବଂ ଅର୍ଥବ୍ୟବସ୍ଥାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶବିଶେଷ।



# ସୁବର୍ଣ୍ଣା

## ଆଳୁର ସହଫସଲ

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଗ୍ରାମାଞ୍ଚଳର ଅଧିକାଂଶ ଲୋକ ଧାନ ଚାଷ ସହିତ ପନିପରିବା ଯଥା ଆଳୁ ଚାଷ କରୁଛନ୍ତି। ଆଳୁ ଚାଷ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଅଧିକ ଉର୍ବରଯୁକ୍ତ ମାଟିରେ ଏହି ଚାଷ ଭଲ ହୋଇଥାଏ। ଅଧୁନା ଚାଷୀଭାଇମାନେ ଆଳୁ ଫସଲ ସହିତ ସହଫସଲ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ସେମାନଙ୍କ ଆୟ ଦ୍ୱିଗୁଣିତ ହୋଇ ପାରୁଛି।



ଚାଷୀମାନେ ଆଳୁ ସହିତ ମୂଳା, ଗାଜର, ଶାଗ, ଶାଲଗମ ଆଦି ଚାଷ କରୁଛନ୍ତି। ଏଥିପାଇଁ ପ୍ରଥମେ ଜମିକୁ ତିନିରୁ ଚାରିଥର ଗଭୀର ଚାଷ କରାଯାଏ। ଏହାପରେ ସିଆର କରି ଖତ ଓ ରାସାୟନିକ ସାର ଦେଇ ଆଳୁ ଲଗାଯାଏ। ସମାନ ସମୟରେ ସଠିକ ଦୂରତ୍ୱ ଏବଂ ଗଭୀର ଅବଲମ୍ବନ କରି ମୂଳା, ଗାଜର ଓ ଶାଗ ଆଦି ଲଗାଇ ପାରିବେ। ଏହି ଫସଲ ଆଳୁ ଫସଲକୁ ପ୍ରଭାବିତ କରେ ନାହିଁ।

**ଆଳୁ ପଟାଳିରେ ଧନିଆ ଚାଷ:** ଆଳୁ ପଟାଳି ଚାରିପାଖରେ ଧନିଆ ଲଗାଇବା ଉତ୍ତମ ବିକଳ୍ପ। ଧନିଆ ପତ୍ର ଓ ମଞ୍ଜି ବିକ୍ରି କରି ଚାଷୀ ଲାଭ ପାଆନ୍ତି। ପଟାଳିରେ ଧନିଆ ଲଗାଇଲେ ଏହାର ସୁଗନ୍ଧରେ ବୁଲା ପ୍ରାଣୀଙ୍କ କବଳରୁ ଫସଲକୁ ସୁରକ୍ଷା ମିଳିପାରେ। ଏହା ପ୍ରାକୃତିକ ବାଡ଼ ପରି କାମ କରେ। ଶ୍ରମ ଲାଘବ ସହିତ ଖର୍ଚ୍ଚ କମ୍ ହୁଏ।

ଏହି ପଦ୍ଧତିରେ ଚାଷ କରିବା ଦ୍ୱାରା ମାଟିର ଉର୍ବରଶକ୍ତି ବଢ଼େ। ମୂଳା, ଗାଜର ଏବଂ ଶାଗ ଚାଷ ଦ୍ୱାରା ମାଟିରେ ବାୟୁଚଳାଚଳ ସହଜ ହୋଇପାରେ। ଧନିଆଗଛ ମାଟିର ପୋଷକତତ୍ତ୍ୱ ଉପଯୋଗରେ ବିବିଧତା ଆଣେ। ମାଟିର ଉର୍ବରତା ବଜାୟ ରହେ। ସହଫସଲ ଫସଲ ବୀମା ପରି ସାହାଯ୍ୟ କରେ। କୌଣସି କାରଣବଶତଃ ଆଳୁ ଫସଲ ନଷ୍ଟ ହେଲେ, ଚାଷୀ ମୂଳା, ଗାଜର ଏବଂ ଧଣିଆ ବିକ୍ରି କରି ଲାଭ ପାଇପାରନ୍ତି।

## ମାଟିର ଡାକ
## ବିଦେଶ ଚାକିରି ଛାଡି ଗାଁରେ ଚାଷ

ଆମେରିକା, କାଲିଫର୍ଣ୍ଣିଆର ସିଲିକନ୍ ଭ୍ୟାଲିରେ ସେମାନେ ଚାକିରି କରୁଥିଲେ। ମାସକୁ ଲକ୍ଷାଧିକ ଟଙ୍କା ଥିଲା ତାଙ୍କର ଦରମା। ନିଜ ଭିଟାମାଟିରେ ଜୈବିକ ଚାଷ କରିବାକୁ ସେମାନେ ଭାରତ ଫେରି ଆସିଲେ। ଗୁଜୁରାଟ, ନଡ଼ିୟାଦ ସହରର ବିବେକ ଶାହ ଏବଂ ତାଙ୍କ ପତ୍ନୀ ବୃନ୍ଦା ଶାହ ଏବେ ବିଭିନ୍ନ ଚାଷ ସହିତ ଲୋକଙ୍କୁ ଚାଷ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ବାଣ୍ଟି ଉଦାହରଣ ସୃଷ୍ଟି କରିଛନ୍ତି।

ଏହି ଦମ୍ପତିଙ୍କର ୧୦ ଏକର ଜମି ରହିଛି। ଜୈବିକ ଚାଷ କରିବାକୁ ଚିନ୍ତା କରି ପ୍ରଥମେ ସେମାନେ କୃଷି ସମ୍ପର୍କିତ କୋର୍ସ କରିଲେ। କୋର୍ସ ଶେଷ କରି ଜମିରେ ବାଜରା, ଗହମ, ଆଳୁ, କଦଳୀ, ଅମୃତଭଣ୍ଡା, ଜାମୁକୋଳି, ଧଣିଆ ଚାଷ ଆରମ୍ଭ କରିଥିଲେ। ଫସଲରେ ପାଣିର ଅଭାବ ଦୂର କରିବାକୁ ଜମିରେ ପୋଖରୀ ଖୋଳିଛନ୍ତି। ପୋଖରୀ ହୁଡାରେ ମଧ୍ୟ ସେମାନେ କିଛି ଗଛ ଲଗାଇଛନ୍ତି। ୨୦ ହଜାର ଲିଟରର ଜଳ ଅମଳ ପ୍ରଣାଳୀ ରହିଛି। ଫଳରେ ଜମିରେ ଦୀର୍ଘ ସମୟ ଧରି ଜଳ ଯୋଗାଣର ସମସ୍ୟା ରହୁନାହିଁ। ଫସଲରେ ରୋଗପୋକ ଦୂର ପାଇଁ ଅନ୍ତଃଫସଲ ଏବଂ ବିବିଧ ଫସଲ କୌଶଳକୁ ଆପଣାଇଛନ୍ତି। ଚାଷରେ ଜୈବିକ ଖତ ବ୍ୟବହାର କରନ୍ତି। ତୁଳସୀ ଏବଂ ଲେମନଗ୍ରାସ୍ ଚାଷରୁ ମଧ୍ୟ ସେମାନେ ଲାଭ ପାଉଛନ୍ତି। ମିଶ୍ରିତ ଚାଷରୁ ସେମାନଙ୍କ ଆୟ କେବଳ ବୃଦ୍ଧି ପାଇଛି ତାହା ନୁହେଁ, ସେମାନେ ଲୋକଙ୍କୁ ରୋଷେଇଶାଳା ବଗିଚା ବିଷୟରେ ଜ୍ଞାନ ମଧ୍ୟ ବାଣ୍ଟୁଛନ୍ତି।



## ବାଦାମ ଅମଳଯନ୍ତ୍ର



ବାଦାମ ଏକ ଅର୍ଥକରୀ ଫସଲ। ଅଧିକାଂଶ ଚାଷୀ ପନିପରିବା ସହିତ ବାଦାମ ଚାଷ କରିଥାନ୍ତି। ଯେଉଁମାନେ ଖରିଫ ଋତୁରେ ବାଦାମ ଚାଷ କରିଥିଲେ, ଏବେ ବାଦାମର ଅମଳ ସମୟ। ତେବେ ବାଦାମ ଚାଷରେ ସବୁଠୁ କଠିନ କାମ ହେଉଛି, ଗଛରୁ ମଞ୍ଜିକୁ ଅଲଗା କରିବା। ଏହି କାମ ମୁଖ୍ୟତଃ ଚାଷୀମାନେ ହାତରେ କରିଥାନ୍ତି। ଏଥିରେ ଅଧିକ ଶ୍ରମ ଦରକାର ପଡ଼େ। ଆଙ୍ଗୁଠି ଉପରେ ଚାପ ପଡ଼େ। ତେଣୁ କମ୍ ସମୟ ଓ ସୁବିଧାରେ ଅଧିକ ଅମଳ କରିବାକୁ ଏବେ ବାଦାମର ଅମଳ ଯନ୍ତ୍ର (ଥ୍ରେସର), ଉପଲବ୍ଧ ରହିଛି। ଏହା ବିଦ୍ୟୁତ, ଟ୍ରାକ୍ଟର କିମ୍ବା ପାୱାରଟିଲର ଦ୍ୱାରା ପରିଚାଳିତ ହୋଇଥାଏ। ଏହି ବାଦାମ ଅମଳ ଯନ୍ତ୍ରଟିରେ ଗୋଟିଏ କଣ୍ଟାଯୁକ୍ତ ଅବତଳ ରହିଥାଏ। ଅବତଳଟି ଘୂରିବା ସମୟରେ ବାଦାମର ଗଛରୁ ବାଦାମକୁ ଅଲଗା କରିଥାଏ। ତା ସହିତ ବାଦାମକୁ ସଫା କରି ସଂଗ୍ରହ କରାଯାଇଥାଏ। ତେବେ ଖୁସିର କଥା, ଓୟୁଏଟିରେ ଧାନ ଓ ବାଦାମ ଅମଳ ପାଇଁ ସୌରଚାଳିତ ଅମଳଯନ୍ତ୍ର ଉଦ୍ଭାବନ କରାଯାଇଛି। ଚାଷୀମାନେ ପ୍ରତି ବ୍ଲକ୍‌ରେ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରି ଏହି ଯନ୍ତ୍ର ବିଷୟରେ ସବିଶେଷ ଜ୍ଞାନ ପାଇପାରିବେ। ଏହାସହ ସେମାନେ ସବସିଡ୍ ମୂଲ୍ୟରେ ଯନ୍ତ୍ରଟି କିଣି ପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଅମଳ ଉପଯୋଗୀ ଫସଲ ଯଥା ପନିପରିବା ଏବଂ ଶସ୍ୟଜାତୀୟ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଫସଲରେ ପତ୍ର ପୋଡ଼ା, ଝାଉଁଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି ତେଣୁ ଶୁଖିଲା ପାଗ ଦେଖି ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବ ଓ ପ୍ଲାଣ୍ଟୋମାଇସିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ଉଚ୍ଚ –ମଧ୍ୟମ ଜମିରେ ମାଟିରେ ବତର ଦେଖି ରବି ଫସଲ ଯଥା ମୁଗ, ବିରି, ଝୁଡ଼ଙ୍ଗ, ମଟର, ଚିନାବାଦାମ, ରାଶି ଏବଂ ସୂର୍ଯ୍ୟମୁଖୀ ଚାଷ କରନ୍ତୁ।
- ମକାର ଉପର ଚୋପା ହଳଦିଆରୁ ବାଦାମି ରଙ୍ଗର ହୋଇ ଶୁଖିବା ପରେ ଅମଳ କରନ୍ତୁ।
- ଆଖୁରେ ନାଲିଶଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଏବଂ ମାଙ୍କୋଜେବର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## କୁକୁଡ଼ାଙ୍କୁ ମାରେକ୍ସ ରୋଗ



ଆମ ରାଜ୍ୟର ଅଧିକାଂଶ ଲୋକ କୁକୁଡ଼ା ପାଳନ କରୁଛନ୍ତି। କୁକୁଡା ପାଳନରେ ସେମାନଙ୍କର ଯତ୍ନ ନେବାର ଆବଶ୍ୟକତା ଅଧିକ ରହିଥାଏ। କାରଣ ବିଭିନ୍ନ ସମୟରେ କୁକୁଡ଼ାଙ୍କୁ ହେଉଥିବା ରୋଗ ଦ୍ୱାରା ଚାଷୀଭାଇଙ୍କୁ କ୍ଷତି ସହିବାକୁ ପଡ଼ିପାରେ। ତେବେ କୁକୁଡ଼ାଙ୍କୁ ମାରେକ୍ସ ରୋଗ ହେଲେ, ସେମାନଙ୍କଠାରେ ପକ୍ଷାଘାତ ଭଳି ଲକ୍ଷଣ ଦେଖାଯାଏ। କୁକୁଡ଼ା ଡେଣା, ଗୋଡ ମେଲାଇ ପଡ଼ିଯାଆନ୍ତି। ସେମାନେ ମୃତ୍ୟୁ ବରଣ କରନ୍ତି। ଏହା ଏକ ଭୂତାଣୁ ଜନିତ ରୋଗ। ରୋଗାକ୍ରାନ୍ତ କୁକୁଡାଠାରୁ ଅନ୍ୟ କୁକୁଡ଼ାଙ୍କୁ ଏହା ସହଜରେ ବ୍ୟାପିପାରେ। ବିଶେଷ କରି ଏହି ରୋଗର ନିର୍ଦ୍ଦିଷ୍ଟ ଉପଚାର ନାହିଁ। କେବଳ ଟିକାକରଣ ସୁବିଧା ରହିଛି। ତେଣୁ ଫାର୍ମରେ ଦିନିକିଆ ଚିଆଁଙ୍କୁ ସକାଳେ କିମ୍ବା ସନ୍ଧ୍ୟାରେ ଟିକା ଦିଆଯାଇଥାଏ। ଏହାକୁ ଚିଆଁଟିର ମୁଣ୍ଡର ଚର୍ମତଳେ ୦.୨ ମିଲି ମାତ୍ରାରେ ଦିଆଯାଇଥାଏ। ସାଧାରଣତଃ ଏହି ଟିକା ଫାର୍ମରେ ଦିଆଯାଇଥାଏ। ଯଦି ଫାର୍ମରେ ଟିକା ଦିଆଯାଇନଥାଏ, ଚାଷୀଭାଇ ନିଜେ ଟିକାକରଣ କରିପାରିବେ। କୁକୁଡାଙ୍କୁ ଏହା ଜୀବନବ୍ୟାପି ରୋଗ ପ୍ରତିରୋଧକ ଶକ୍ତି ଯୋଗାଇଥାଏ।

# ବିଶ୍ୱବିଜୟିନୀଙ୍କୁ ୫୧ କୋଟି ପୁରସ୍କାର

ନୂଆଦିଲ୍ଲୀ,୩।୧୧(ଏଜେନ୍ସି)



ଦକ୍ଷିଣ ଆଫ୍ରିକାକୁ ୫୨ ରନ୍‌ରେ ହରାଇ ଭାରତୀୟ ମହିଳା କ୍ରିକେଟ ଦଳ ଦିନିକିଆ ବିଶ୍ୱକପ୍ କ୍ରିକେଟ ଚାମ୍ପିଅନ ହୋଇଛି। ମହିଳା କ୍ରିକେଟର ଯେ କୌଣସି ଫର୍ମାଟ କିମ୍ବା ଆଇସିସି ଦ୍ୱାରା ଖେଳାଯାଉଥିବା ଯେ କୌଣସି ଟୁର୍ଣ୍ଣାମେଣ୍ଟରେ ଏହା ଭାରତର ପ୍ରଥମ ଟାଇଟଲ। ଏହି ଟାଇଟଲ ଜିତିବାରେ କେବଳ ଭାରତୀୟ କ୍ରିକେଟ ଖେଳାଳି କିମ୍ବା କର୍ମକର୍ତ୍ତା ନୁହଁନ୍ତି, ବରଂ କ୍ରୀଡ଼ାପ୍ରେମୀ ଭାରତୀୟ ଖୁସି ହେବା ସହ ଗର୍ବ ଅନୁଭବ କରୁଛନ୍ତି। ଖେଳାଳିମାନେ ଯେପରି ଦେଶକୁ ଗର୍ବିତ କରିଛନ୍ତି, ଠିକ୍ ସେହିପରି ଦେଶବାସୀ ସେମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଯାଏ ଭାରତୀୟ ମହିଳାଙ୍କ ଏହି ଉତ୍‌ଥାନରେ ଆନନ୍ଦ ପ୍ରକାଶ କରିଛନ୍ତି। ଏହି ଐତିହାସିକ, ଯୁଗାନ୍ତକାରୀ, ସୁଦୂରପ୍ରସାରୀ ଓ ସ୍ମରଣୀୟ ସଫଳତା ଲାଗି ଭାରତୀୟ କ୍ରିକେଟ ଦଳକୁ ବିଶ୍ୱର ବିତ୍ତଶାଳୀ କ୍ରିକେଟ ସଂଗଠନ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ପକ୍ଷରୁ ୫୧ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଘୋଷଣା କରିଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏ ସମ୍ପର୍କରେ ଘୋଷଣା କରି କହନ୍ତି, ଏହି ପୁରସ୍କାର ରାଶି ସମସ୍ତ ଖେଳାଳି, ସପୋର୍ଟ ଷ୍ଟାଫ୍ ଓ ସିଲେକ୍ଟରଙ୍କୁ ଦିଆଯିବ। କିଏ କେତେ ଟଙ୍କା ପାଇବେ ତାହା ଘୋଷଣା କରାଯାଇ ନ ଥିଲେ ମଧ୍ୟ ଜଣେ ଖେଳାଳି ୨.୫ରୁ ୩ କୋଟି ଓ ସପୋର୍ଟ ଷ୍ଟାଫ୍ ୨୫ରୁ ୩୦ ଲକ୍ଷ ଲେଖାଏଁ ଟଙ୍କା ପାଇବେ ବୋଲି ଆକଳନ କରାଯାଉଛି। କ୍ରିକେଟ ଖେଳର ଉନ୍ନତି ଲାଗି ବିସିସିଆଇ ସମସ୍ତ ପ୍ରକାର ସହଯୋଗ କରିବ ବୋଲି ସେ କହିଛନ୍ତି। ପୂର୍ବରୁ ପୁରୁଷଙ୍କ ଭଳି ମହିଳାଙ୍କୁ ସମାନ ମ୍ୟାଚ୍ ଫି ଦେବାକୁ ପୂର୍ବତନ ସମ୍ପାଦକ ତଥା ବର୍ତ୍ତମାନର ଆଇସିସି ଅଧ୍ୟକ୍ଷ ଘୋଷଣା କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। କିନ୍ତୁ ଆଇସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ପୁରୁଷଙ୍କ ଭଳି ମହିଳାଙ୍କୁ ସମାନ ପୁରସ୍କାର ଦେବାକୁ ସେ ଯେଉଁ ଘୋଷଣା କରିଥିଲେ ତାହା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତିଫଳିତ ହୋଇଛି।

ମହିଳା ଦିନିକିଆ ବିଶ୍ୱକପ୍‌ରେ ଏଥର ପୁରସ୍କାର ରାଶିକୁ ୧୩.୮୮ ନିୟୁତ ଡଲାର ବା ପାଖାପାଖି ୧୨୩ କୋଟିକୁ ବୃଦ୍ଧି କରାଯାଇଛି। ଯାହାକି ନ୍ୟୁଜିଲାଣ୍ଡରେ ଖେଳାଯାଇଥିବା ୨୦୨୨ ବିଶ୍ୱକପ୍‌ଠାରୁ ପାଖାପାଖି ୪ ଗୁଣା ଅଧିକ। ଏହି ରାଶି ମଧ୍ୟ ୨୦୨୩ ପୁରୁଷ ବିଶ୍ୱକପ୍ ରାଶିଠାରୁ ଅଧିକ। ୨୦୨୩ ପୁରୁଷ ବିଶ୍ୱକପ୍‌ରେ ୧୦ ନିୟୁତ ଡଲାର ବା ପାଖାପାଖି ୮୯ କୋଟି ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ରାଶି ବୃଦ୍ଧି ହେବା ଫଳରେ ଏଥର ଚାମ୍ପିଅନ ଭାରତକୁ ପାଖାପାଖି ୪୦ କୋଟି ଓ ରନର୍ସଅପ୍ ଦକ୍ଷିଣ ଆଫ୍ରିକାକୁ ୨୦ କୋଟି ଟଙ୍କାର ପୁରସ୍କାର ଦିଆଯାଇଛି। ଏଥର ସେମିଫାଇନାଲରେ ପରାଜିତ ଦୁଇ ଦଳକୁ ପାଖାପାଖି ୧୦ କୋଟି ଲେଖାଏଁ ଟଙ୍କା ମିଳିଛି। ୨୦୨୨ରେ ଚାମ୍ପିଅନ ଅଷ୍ଟ୍ରେଲିଆକୁ ୧୨ କୋଟି ଟଙ୍କା ମିଳିଥିଲା। ଏଣୁ ଏଥର ପୁରସ୍କାର ରାଶି କେତେ ପରିମାଣରେ ବୃଦ୍ଧି ପାଇଛି ତାହା ଏଥିରୁ ସ୍ପଷ୍ଟ ହେଉଛି। ସୂଚନାଯୋଗ୍ୟ ଗତକାଲି ବା ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୫୨ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ପ୍ରଥମ ଚାମ୍ପିଅନ ହୋଇଥିଲା। ୧୩ତମ ସଂସ୍କରଣ ପରେ ଭାରତ ତୃତୀୟଥର ଫାଇନାଲରେ ପ୍ରବେଶ କରି ପ୍ରଥମଥର ଟାଇଟଲ ଜିତିଥିଲା। ଫାଇନାଲରେ ଶେଫାଳି ବର୍ମା ୮୭ ରନ୍ କରିବା ସହ ୨ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନ୍ୟତମ ଖେଳାଳି ଦୀପ୍ତି ଶର୍ମା ୫୮ ରନ୍ କରିବା ସହ ୫ଟି ୱିକେଟ ନେଇ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୧୫ ରନ୍ କରିବା ସହ ୨୨ଟି ୱିକେଟ ନେଇଥିବା ଦୀପ୍ତି ଶର୍ମାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଆଇସିସି ଓ ବିସିସିଆଇ ବ୍ୟତୀତ ବିଭିନ୍ନ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ଖେଳାଳିମାନଙ୍କୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରସ୍କୃତ କରାଯିବାକୁ ଘୋଷଣା କରାଯାଇଛି। ଦଳର ଫାଷ୍ଟ ବୋଲର ରେଣୁକା ସିଂଙ୍କୁ ତାଙ୍କ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କୋଟି ଟଙ୍କା ପୁରସ୍କାର ଦେବାକୁ ମଧ୍ୟ ଘୋଷଣା କରାଯାଇଛି। ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ରେଣୁକାଙ୍କୁ ଏକ କୋଟି ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି। ସେହିପରି ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ନିଜ ରାଜ୍ୟର ଖେଳାଳି ତଥା ଅନ୍ୟତମ ଫାଷ୍ଟ ବୋଲର କ୍ରାନ୍ତି ଗୌଡାଙ୍କୁ ଏକ କୋଟି ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି।

## ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ଖେଳାଳି

ବିଶ୍ୱବିଜୟିନୀ ଭାରତୀୟ ମହିଳା କ୍ରିକେଟ ଦଳର ଖେଳାଳିମାନେ ବୁଧବାର ବା ନଭେମ୍ବର ୫ରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ବୋଲି ଜଣାଯାଇଛି। ଏ ସମ୍ପର୍କରେ ପିଏମ୍‌ଓ ବା ପ୍ରଧାନମନ୍ତ୍ରୀଙ୍କ ଅଫିସ ପକ୍ଷରୁ ବିସିସିଆଇକୁ ନିମନ୍ତ୍ରଣ କରାଯାଇଛି। ବିଶ୍ୱକପ୍ ଜିତିବା ପରେ ଖେଳାଳିମାନେ ଏବେ ମୁମ୍ବଇରେ ଅବସ୍ଥାନ କରୁଛନ୍ତି। ସେମାନେ ଆସନ୍ତାକାଲି ବା ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ନୂଆଦିଲ୍ଲୀରେ ପହଞ୍ଚିବେ ବୋଲି ଆଶା କରାଯାଇଛି। ମଙ୍ଗବାର ସେମାନେ ଦିଲ୍ଲୀରେ ରହିବେ ଓ ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ବୋଲି ସ୍ଥିର ହୋଇଛି। ଏହା ପରେ ଖେଳାଳିମାନେ ନିଜ ନିଜ ରାଜ୍ୟକୁ ଫେରିଯିବେ। ଏହା ମଧ୍ୟରେ ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କ ବିବାହ ଏହା ମଧ୍ୟରେ ଅନୁଷ୍ଠିତ ହେବ। ସେ ନଭେମ୍ବର ୨୦ରେ ମଧ୍ୟପ୍ରଦେଶ ଇନ୍ଦୋରର ସଂଗୀତଜ୍ଞ ପଲାଶଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହେବେ।

## ଅନମୋଲ୍ ମଜୁମ୍‌ଦାର

### କୌର ବାହିନୀଙ୍କ ଦ୍ରୋଣାଚାର୍ଯ୍ୟ



ମୁମ୍ବଇ : ଭାରତ ପକ୍ଷରୁ କେବେ ମଧ୍ୟ ଖେଳିବାର ସୁଯୋଗ ପାଇ ନ ଥିଲେ। କେବଳ ଘରୋଇ କ୍ରିକେଟ୍‌ରେ ସୀମିତ ରହିଯାଇଥିଲେ। ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ୧୭୧ ଓ ଲିଷ୍ଟ-ଏ’ରେ ୧୧୩ ମ୍ୟାଚ୍ ଖେଳିବାର ରହିଥିଲା ଅଭିଜ୍ଞତା। ଜୀବନରେ ଭାରତୀୟ ଦଳର ନୀଳ ଜର୍ସି ପରିଧାନ କରିବାର ସ୍ୱପ୍ନ ଅଧୁରା ରହିଯାଇଥିଲେ ମଧ୍ୟ ଏବେ ସେ ପାଲଟିଯାଇଛନ୍ତି ଜାତୀୟ ହିରୋ। ଭାରତୀୟ ମହିଳା କ୍ରିକେଟ୍ ଦଳକୁ ସର୍ବପ୍ରଥମ ବିଶ୍ୱକପ୍ ଟ୍ରଫି ଜିତାଇ ରାତାରାତି ଚର୍ଚ୍ଚାର ପରିସରକୁ ଆସିଛନ୍ତି ଅନମୋଲ୍ ମଜୁମଦାର। ଗତକାଲି ନଭି ମୁମ୍ବଇର ଡିୱାଇ ପାଟିଲ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ପରାସ୍ତ କରି ଭାରତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଦୀର୍ଘ ପାଞ୍ଚ ଦଶନ୍ଧିର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତୀୟ ଦଳକୁ ଏହି ବିଶ୍ୱବିଜୟିନୀ ଟୀକା ପିନ୍ଧାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ମୁଖ୍ୟ ପ୍ରଶିକ୍ଷକ ୫୦ ବର୍ଷୀୟ ଅନମୋଲ୍। ତାଙ୍କୁ ଏବେ ‘ଗୁରୁଦ୍ରୋଣ’ ଭାବେ ଆଖ୍ୟା ଦିଆଯାଇଛି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଅନମୋଲଙ୍କୁ ବଲିଉଡ୍ ଫିଲ୍ମ ‘ଚକ୍ ଦେ ଇଣ୍ଡିଆ’ର ହକି କୋଚ୍ କବୀର ଖାନଙ୍କ ସହ ତୁଳନା କରାଯାଇଛି। ଭାରତ ଚାମ୍ପିଅନ ହେବାପରେ ଅଧିନାୟିକା ହରମନପ୍ରୀତ୍ କୌର ପଡ଼ିଆ ମଧ୍ୟରେ ଅନମୋଲଙ୍କ ପାଦ ଛୁଇଁ ଭାବବିହ୍ୱଳ ହୋଇ କାନ୍ଦି ପକାଇବାର ଦୃଶ୍ୟ କ୍ରିକେଟପ୍ରେମୀଙ୍କ ଆଖିରେ ଲୁହ ଆଣିଦେଇଥିଲା।

ମୁମ୍ବଇ ଜନ୍ମିତ ଅନମୋଲ୍ ପ୍ରଥମଶ୍ରେଣୀରେ ୩୦ ଶତକ ସହ ୧୧,୧୬୭ ରନ ଓ ଲିଷ୍ଟ-ଏ’ରେ ୩୨୮୬ ରନ ସଂଗ୍ରହ କରିଛନ୍ତି। ଘରୋଇ କ୍ରିକେଟ୍‌ରେ ସେ ଜଣେ ଦକ୍ଷ ବ୍ୟାଟର୍ ଭାବେ ବିବେଚିତ ହେଉଥିଲେ। କିନ୍ତୁ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ୍, ଭିଭିଏସ୍ ଲକ୍ଷ୍ମଣ ଓ ସୌରଭ ଗାଙ୍ଗୁଲିଙ୍କ ଭଳି ମହାନ ବ୍ୟାଟରଙ୍କ ସମୟରେ ଖେଳିବା ତାଙ୍କ ପାଇଁ ଅଭିଶପ୍ତ ସଦୃଶ ହୋଇଥିଲା। ଯେଉଁଥି ପାଇଁ ଘରୋଇ କ୍ରିକେଟରେ ଏତେ ଭଲ ପ୍ରଦର୍ଶନ ସତ୍ତ୍ୱେ ସେ ଭାରତୀୟ ଦଳରୁ ଖେଳିବାର ସୁଯୋଗ ପାଇପାରି ନ ଥିଲେ। କିନ୍ତୁ ଅବସର ପରେ କୋଚ୍ ଭାବେ ସେ ଯେଉଁ ସଫଳତା ଏବେ ପାଇଛନ୍ତି ତାହା ତାଙ୍କର ଭାରତୀୟ ଦଳରୁ ଖେଳି ନ ପାରିବାର ଅଧୁରା ସ୍ୱପ୍ନକୁ ପୂରଣ କରିପାରିଥିବା କୁହାଯାଉଛି।

## ହୀରା ଗହଣା ଓ ସୋଲାର ପ୍ୟାନେଲ ଦେବେ ଶିଳ୍ପପତି

ଗୁଜରାଟର ରାଜ୍ୟସଭା ସାଂସଦ ତଥା ହୀରା ବ୍ୟବସାୟୀ ଗୋବିନ୍ଦ ଢ଼ୋଲକିଆ ଚାମ୍ପିଅନ ଭାରତୀୟ ଖେଳାଳିମାନଙ୍କୁ ହୀରା ଖଚିତ ଗହଣା ଓ ସେମାନଙ୍କ ଘରେ ସୋଲାର ପ୍ୟାନେଲ ଲଗାଇବାକୁ ଘୋଷଣା କରିଛନ୍ତି। ଏ ସମ୍ପର୍କରେ ସେ ବିସିସିଆଇ ଉପସଭାପତି ରାଜୀବ ଶୁକ୍ଲାଙ୍କୁ ଚିଠି ଲେଖି ଏହି ପ୍ରସ୍ତାବ ଦେଇଛନ୍ତି। ବିସିସିଆଇ ମଧ୍ୟ ଏହାକୁ ସକରାତ୍ମକ ଭାବେ ଗ୍ରହଣ କରିଛି ଓ ଏକ ଶୁଭଦିନ ଦେଖି ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଶୁକ୍ଲା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ବ୍ୟାଟିଂରେ ଲୌରାଙ୍କ ବିଶ୍ୱରେକର୍ଡ

ନଭି ମୁମ୍ବଇ : ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ବିଜୟୀ ହୋଇପାରି ନ ଥିଲେ ମଧ୍ୟ ଦଳର ଅଧିନାୟିକା ଲୌରା ୱଲଭର୍ଟଙ୍କ ପାଇଁ ଏହି ସଂସ୍କରଣ ସ୍ମରଣୀୟ ହୋଇରହିବ। ଲୌରା ଏହି ବିଶ୍ୱକପ୍‌ରେ ୯ ମ୍ୟାଚ୍ ଖେଳି ୨ ଶତକ ଓ ୩ ଅର୍ଦ୍ଧଶତକ ସହ ୭୧ରୁ ଉର୍ଦ୍ଧ୍ୱ ହାରରେ ୫୭୧ ରନ ସଂଗ୍ରହ କରିଥିଲେ। ମହିଳା ଦିନିକିଆ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହ କରିବାରେ ଏହା ରେକର୍ଡ ହୋଇଛି। ପୂର୍ବରୁ ୨୦୨୨ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ଆଲିସା ହେଲୀ ୫୦୫ ରନ କରିଥିଲେ। ସେହିଭଳି ଏହି ବିଶ୍ୱକପ୍‌ରେ ଲୌରା ଟପ୍ ସ୍କୋରର୍ ରହିଥିଲେ। ତାଙ୍କ ପଛକୁ ଭାରତର ସ୍ମୃତି ମନ୍ଧାନା (୪୩୪ ରନ), ଅଷ୍ଟ୍ରେଲିଆର ଆସଲେ ଗାର୍ଡନର (୩୨୮), ପ୍ରତୀକା ରାୱଲ (୩୦୮) ଓ ଦକ୍ଷିଣ ଆଫ୍ରିକାର ଫୋଏବି ଲିଚଫିଲ୍ଡ (୩୦୪) ଯଥାକ୍ରମେ ପରବର୍ତ୍ତୀ ୪ଟି ସ୍ଥାନରେ ରହିଥିଲେ। ଅପରପକ୍ଷରେ ବୋଲିଂରେ ଭାରତର ଦୀପ୍ତି ଶର୍ମା ଏଥର ସର୍ବାଧିକ ୱିକେଟ୍ ହାସଲ କରିଛନ୍ତି। ଦୀପ୍ତି ୯ଟି ମ୍ୟାଚରୁ ୨୨ଟି ୱିକେଟ୍ ନେଇଛନ୍ତି।

### ସର୍ବାଧିକ ରନ୍

| ବ୍ୟାଟର୍ | ଦେଶ | ମ୍ୟାଚ୍ | ରନ୍ | ୧୦୦/୫୦ |
|---|---|---|---|---|
| ଲୌରା ୱଲଭର୍ଟ | ଦ.ଆଫ୍ରିକା | ୯ | ୫୭୧ | ୨/୩ |
| ସ୍ମୃତି ମନ୍ଧାନା | ଭାରତ | ୯ | ୪୩୪ | ୧/୨ |
| ଆସଲେ ଗାର୍ଡନର | ଅଷ୍ଟ୍ରେଲିଆ | ୭ | ୩୨୮ | ୨/୧ |
| ପ୍ରତୀକା ରାୱଲ | ଭାରତ | ୭ | ୩୦୮ | ୧/୧ |
| ଫୋଏବି ଲିଚଫିଲ୍ଡ | ଅଷ୍ଟ୍ରେଲିଆ | ୭ | ୩୦୪ | ୧/୧ |

### ସର୍ବାଧିକ ୱିକେଟ୍


| ବୋଲର | ଦେଶ | ମ୍ୟାଚ୍ | ୱିକେଟ | ଶ୍ରେଷ୍ଠ |
|---|---|---|---|---|
| ଦୀପ୍ତି ଶର୍ମା | ଭାରତ | ୯ | ୨୨ | ୫/୩୯ |
| ଆନାବେଲ୍ ସଦରଲାଣ୍ଡ | ଅଷ୍ଟ୍ରେଲିଆ | ୭ | ୧୭ | ୫/୪୦ |
| ସୋଫି ଇକଲେଷ୍ଟୋନ | ଇଂଲଣ୍ଡ | ୭ | ୧୬ | ୪/୧୬ |
| ଶ୍ରୀ ଚରଣି | ଭାରତ | ୯ | ୧୪ | ୩/୪୧ |
| ଆଲାନ କିଙ୍ଗ | ଅଷ୍ଟ୍ରେଲିଆ | ୭ | ୧୩ | ୭/୧୮ |

## ଜମ୍ମୁ-କଶ୍ମୀରରେ ଅଟକିଛନ୍ତି ଗେଲ୍ ଓ ସାକିବ୍

# ଖେଳାଳିଙ୍କୁ ଛାଡ଼ି ଆୟୋଜକ ଫେରାର

ଶ୍ରୀନଗର,୩।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରରେ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳିଙ୍କୁ ନେଇ ଏଭ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏଠାରେ ମୋହାଲିର ଯୁବା ସୋସାଇଟି ପକ୍ଷରୁ ନଭେମ୍ବର ୮ ଯାଏ ଖେଳାଯିବାକୁ ଥିବା ଇଣ୍ଡିଆନ୍ ହେଭେନ୍ ପ୍ରିମିୟର ଲିଗ୍‌ରେ ଖେଳିବାକୁ ଆସିଥିବା ଅର୍ନ୍ତର୍ଜାତୀୟ ଖେଳାଳିଙ୍କୁ ଛାଡ଼ି ଆୟୋଜକ ଫେରାର ହୋଇଯାଇଛନ୍ତି। ଏହା ଫଳରେ ହୋଟେଲ ବିଲ୍ ଦେଇ ନ ପାରି ଦେଶ ବିଦେଶରୁ ଆସିଥିବା ଖେଳାଳି ଓ ଅମ୍ପାୟାରମାନେ ହୋଟେଲରେ ଅଟକି ରହିଛନ୍ତି। ସେମାନଙ୍କ ମଧ୍ୟରେ କ୍ରିସ୍ ଗେଲ, ଷ୍ଟିଭେନ ସ୍ମିଥ୍, ଜେସେ ରାଇଡର ଓ ସାକିବ-ଅଲ-ହସନ ରହିଛନ୍ତି। ଇଂଲଣ୍ଡରୁ ଆସିଥିବା ଅମ୍ପାୟାର ମେଲିସା ଜୁନିପର ଏହା ପ୍ରକାଶ କରିବା ପରେ ଘଟଣା ପଦାକୁ ଆସିଥିଲା। ଗତବର୍ଷ ଏପରି ଏକ ଟୁର୍ଣ୍ଣାମେଣ୍ଟ ଜମ୍ମୁ-କଶ୍ମୀରରେ ଆୟୋଜିତ ହୋଇଥିଲା। ଏହି ମ୍ୟାଚ୍ ଦେଖିବାକୁ ଜନଗହଳି ହୋଇଥିଲା। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟ ଦେଖିବାକୁ ଦର୍ଶକ ଆସି ନ ଥିଲେ। ଫଳରେ ପ୍ରାୟୋଜକମାନେ ଅର୍ଥ ଦେବାକୁ ମନା କରିଦେଇଥିଲେ। ଶନିବାର ଖେଳାଳିମାନେ ପାଉଣା ପାଇ ନ ଥିବାରୁ ଖେଳିବାକୁ ମନା କରିଦେଇଥିଲେ। ଏହା ପରେ ଆୟୋଜକମାନେ ହୋଟେଲ୍‌କୁ ବିଲ ଦେଇ ପାରି ନ ଥିଲେ। ଖେଳାଳିମାନେ ଖେଳିବାକୁ ନ ଆସିବାରୁ ଆୟୋଜକ ଟୁର୍ଣ୍ଣାମେଣ୍ଟ ଛାଡି ପଳାଇଛନ୍ତି। ଖେଳାଳି ଓ କର୍ମକର୍ତ୍ତା ସେଠାରେ ଅଟକି ରହିଥିଲାବେଳେ ଏହାର ସମାଧାନ କରିବାକୁ ଜମ୍ମୁ-କଶ୍ମୀର କ୍ରିକେଟ ସଂଘ ଚେଷ୍ଟା ଚଳାଇଛି।

## ରାନୀ-ପଙ୍କଜ ଜୀବନସାଥୀ



କୁରୁକ୍ଷେତ୍ର, ୩।୧୧ (ଏଜେନ୍ସି): ହକି ଆଇକନ୍ ତଥା ଭାରତୀୟ ମହିଳା ଦଳର ପୂର୍ବତନ ଅଧିନାୟିକା ରାଣୀ ରାମପଲ୍ ଜୀବନର ଦ୍ୱିତୀୟ ପାଳି ଆରମ୍ଭ କରିଛନ୍ତି। ଚାଟାର୍ଡ ଆକାଉଣ୍ଟାଟ୍ ପଙ୍କଜ ସରୋହାଙ୍କ ସହ ରବିବାର ରାଣୀଙ୍କ ବିବାହ ଅନୁଷ୍ଠିତ ହୋଇଛି। ହରିୟାଣାର କୁରୁକ୍ଷେତ୍ରରେ ଅନୁଷ୍ଠିତ ଏହି ଚର୍ଚ୍ଚିତ ବିବାହରେ ରାଣୀଙ୍କ ଅସୁସ୍ଥ ପିତା ହ୍ୱିଲଚେୟାରରେ ବିବାହ ମଣ୍ଡପକୁ ଆସି ବର-କନ୍ୟାଙ୍କୁ ଆଶୀର୍ବାଦ ଦେବା ସମସ୍ତଙ୍କୁ ଭାବୁକ କରିଦେଇଥିଲେ। ମାତ୍ର ୧୪ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ରାଣୀ ଭାରତ ପାଇଁ ୨୫୪ଟି ମ୍ୟାଚ୍ ଖେଳି ୧୨୦ଟି ଗୋଲ୍ ଦେଇଛନ୍ତି।

## ଡଃ ଜନାର୍ଦ୍ଦନ ଦାଶଙ୍କ ପରଲୋକ



କଟକ,୩।୧୧(ସମିସ): ଓଡ଼ିଶା ଅଲିମ୍ପିକ ସଂଘର ଉପସଭାପତି ଡଃ ଜନାର୍ଦ୍ଦନ ଦାଶଙ୍କ ୭୫ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘବର୍ଷ ଧରି ରାଜ୍ୟ କ୍ରୀଡ଼ା ଜଗତ ସହ ଜଡିତ ଥିବା ଜନାର୍ଦ୍ଦନ ଜଣେ ଦକ୍ଷ କ୍ରୀଡ଼ା ସଂଗଠକ ଭାବେ ସୁଖ୍ୟାତି ହାସଲ କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନ, ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ପ୍ରାକ୍ତନ ଉପସଭାପତି ପଦରେ ରହିବା ସେ ମୃତ୍ୟୁ ପର୍ଯ୍ୟନ୍ତ ସେ କେନ୍ଦୁଝରେ ଜିଲ୍ଲା ଆଥଲେଟିକ ସଂଘର ସମ୍ପାଦକ ପଦରେ ଅବସ୍ଥାପିତ ରହିଥିଲେ। ଡଃ ଦାଶଙ୍କ ବିୟୋଗରେ ବିଭିନ୍ନ ବର୍ଗରେ ଶୋକ ପ୍ରକାଶ ପାଇଛି। ଜନାର୍ଦ୍ଦନଙ୍କ ବିୟୋଗ ରାଜ୍ୟ କ୍ରୀଡ଼ା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଶୋକବାର୍ତ୍ତାରେ ଜଣାଇଛନ୍ତି।

## ସିକେ ନାଇଡୁ ଟ୍ରଫି: ବିଦର୍ଭ ଇନିଂସ୍ ଆଗୁଆ

କଟକ,୩।୧୧(ସମିସ): ୨୩ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ବିର୍ଦଭକୁ ଭେଟିଛି। କପୁରସିଂହସ୍ଥିତ ଏମଜିଏମ ଗ୍ରାଉଣ୍ଡରେ ଚାଲିଥିବା ଏହି ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଦଳ ବିପକ୍ଷରେ ବିଦର୍ଭର ସ୍ଥିତି ଦୃଢ଼ ରହିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ୧୬୬ରନରେ ଅଲଆଉଟ ହୋଇଥିଲା। ଜବାବରେ ରବିବାର ଖେଳର ପ୍ରଥମ ଦିବସରେ ଓଡ଼ିଶା ୬ ୱିକେଟ ବିନିମୟରେ ୭୫ରନ କରିଥିଲା। ଆଜି ୫୩ରନରେ ଅବଶିଷ୍ଟ ୪ ୱିକେଟ ହରାଇ ଓଡ଼ିଶା ଇନିଂସ୍ ପଛୁଆ ରହିଛି। ଜବାବରେ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ବିଦର୍ଭ ଅଭିଷେକ ଅଗ୍ରୱାଲଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ସହାୟତାରେ ୪ ୱିକେଟ ହରାଇ ୧୮୩ରନ ସଂଗ୍ରହ କରିଛି। ଦଳକୁ ୨୨୧ରନର ଅଗ୍ରଣୀ ମିଳିଛି। ବିଦର୍ଭ ପକ୍ଷରୁ ଜଗଜୋତ ୫୪ରନରେ ଆଉଟ ହୋଇଥିବା ବେଳେ ବରୁଣ ବିଷ୍ଟ ୨୦ରନରେ ଅପରାଜିତ ରହିଛନ୍ତି। ଓଡ଼ିଶାର ସୌମ୍ୟରଞ୍ଜନ ଲେଙ୍କା, ଆଶୁତୋଷ ଛୁରିଆ, ଆୟୁଷ ବାରିକ ଏବଂ ରିତେଶ ପ୍ରିୟରଞ୍ଜନ ଗୋଟିଏ ଲେଖାଏ ୱିକେଟ ହାସଲ କରିଛନ୍ତି।

## ରଣଜୀ ଟ୍ରଫି

# ପରାଜୟ ଏଡ଼ାଇବା ଲକ୍ଷ୍ୟରେ ଓଡ଼ିଶା

କଟକ,୩।୧୧(ସମିସ)





ବାରବାଟୀରେ ଖେଳାଯାଉଥିବା ରଣଜୀ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ଠାରୁ ଫଲୋଅନ ପାଇ ଘରୋଇ ଓଡ଼ିଶା ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଛି। ଭ୍ରମଣକାରୀ ଆନ୍ଧ୍ରପ୍ରଦେଶର ପ୍ରଥମ ଇନିଂସ୍ ୪୭୫/୭(ପାଳି ଘୋଷଣା) ଜବାବରେ ଓଡ଼ିଶାର ପ୍ରଥମ ପାଳି ୧୫୧ରନରେ ସୀମିତ ରହିଥିଲା। ସୋମବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ପାଳିରେ ୨ ୱିକେଟ ହରାଇ ୧୯୦ରନ ସଂଗ୍ରହ କରିଛି। ଏବେ ବି ଦଳ ୧୩୪ରନ ପଛରେ ରହିଛି। ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିନରେ ଓଡ଼ିଶା କଳେବଳେ ମ୍ୟାଚ୍‌କୁ ଡ୍ର ରଖି ଅତିକମ୍‌ରେ ୧ ପଏଣ୍ଟ ହାସଲ କରିବାକୁ ଉଦ୍ୟମ କରିବ। ଚଳିତ ରଣଜୀ ସଂସ୍କରଣରେ ଓଡ଼ିଶାର ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ ଲାଗି ରହିଛି। ଅସମାପ୍ତ ପ୍ରଥମ ପାଳି ୮୦/୪ରୁ ଆଜି ଓଡ଼ିଶା ବ୍ୟାଟିଂ ଆରମ୍ଭ କରିଥିଲା। ସନ୍ଦୀପ ପଟ୍ଟନାୟକ ୨୪ରନ ଏବଂ ଗୋବିନ୍ଦ ପୋଦ୍ଦାର ୧ରନରେ ଅପରାଜିତ ଥିଲେ। ଆଜି ଖେଳର ୬ଷ୍ଠ ଓଭରରେ ଓଡ଼ିଶାର ୫ମ ୱିକେଟ ପତନ ଘଟିଥିଲା। ଅଭିଜ୍ଞ ଗୋବିନ୍ଦ ୧୪ରନରେ କାଭୁରି ସୈତେଜାଙ୍କ ୩ୟ ଶିକାର ପାଲଟିଥିଲେ। ନବାଗତ ସମ୍ବିତ ବରାଳ ଖାତା ଖୋଲିବା ଆଗରୁ ରନଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ୧୩୧ବଲରୁ ୫୮ ରନ ସଂଗ୍ରହ କରି କ୍ରିଜରେ ତିଷ୍ଠି ଆସୁଥିବା ସନ୍ଦୀପଙ୍କୁ ଆଉଟ କରି ତ୍ରିପୁରନ ବିଜୟ ଓଡ଼ିଶାକୁ ଫଲୋଅନ ଦ୍ୱାର ଦେଶରେ ଛିଡ଼ା କରି ଦେଇଥିଲେ। ସନ୍ଦୀପ କ୍ରିଜ ଛାଡ଼ିବା ବେଳକୁ ଓଡ଼ିଶାର ଦଳୀୟ ସ୍କୋର ୧୪୦ ରହିଥିଲା। ୧୧ରନରେ ଦଳ ଶେଷ ୩ଟି ୱିକେଟ ହରାଇଥିଲା। ଆନ୍ଧ୍ର ପକ୍ଷରୁ କାଭୁରି ସୈତେଜା, ସୌରଭ କୁମାର ଏବଂ ତ୍ରିପୁରନ ବିଜୟ ୩ଟି ଲେଖାଏ ୱିକେଟ ହାସଲ କରିଛନ୍ତି। ତେବେ ଦ୍ୱିତୀୟ ପାଳିରେ ଓଡ଼ିଶା ଦୃଢ଼ତାର ସହ ବ୍ୟାଟିଂ କରିଥିବା ଦେଖିବାକୁ ମିଳିଛି। ଗୌରବ ଚୌଧୁରୀ ଓ ସ୍ୱସ୍ତିକ ସାମଲ ଓପନିଂ ଭାଗିଦାରୀରେ ୬୬ରନ ସଂଗ୍ରହ କରିଥିଲେ। ୭ଟି ଚୌକା ସହାୟତାରେ ୩୬ରନ କରିଥିବା ସ୍ୱସ୍ତିକ ଦୁର୍ଭାଗ୍ୟବଶତଃ ରନଆଉଟ ହୋଇଥିଲେ। ପ୍ରଥମ ପାଳିରେ ଅର୍ଦ୍ଧଶତକ ହାସଲ କରିଥିବା ସନ୍ଦୀପ ଏବଂ ଗୌରବ ୨ୟ ୱିକେଟରେ ୧୧୦ରନ ସଂଗ୍ରହ କରି ଓଡ଼ିଶାର ସ୍ଥିତିକୁ ମଜବୁତ କରିଥିଲେ। ମାତ୍ର ଷ୍ଟମ୍ପ ଅପସାରଣର କିଛି ସମୟ ପୂର୍ବରୁ ସନ୍ଦୀପଙ୍କ ୱିକେଟ ପତନ ଘଟିଥିଲା। ୧୨୫ବଲରୁ ୬ଟି ଚୌକା ଏବଂ ୨ଟି ଛକା ସହାୟତାରେ ୬୩ରନ କରି ସନ୍ଦୀପ ସୌରଭ କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଗୌରବ ୭୯ରନ ଏବଂ ଗୋବିନ୍ଦ ୪ରନରେ ଅପରାଜିତ ରହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS